

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.117, Saturday, 15 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୭, ଶନିବାର, ୧୫ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.117, Saturday, 15 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୭, ଶନିବାର, ୧୫ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା




FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

# ଅମୃତ ଦୁନିଆ

The Amruta Dunia

▸ RNI No. ODIODI / 2014 / 56157 ▸ www.amrutadunia.org

■ Vol.13, Issue.117, Saturday, 15 August 2026, Puri, Pages - 25, Rs. 9/-   ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୭, ଶନିବାର, ୧୫ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ଶୁଭେଚ୍ଛା।

୮୦ତମ ସ୍ୱାଧୀନତା ଦିବସ ଅବସରରେ ଅମୃତ ଦୁନିଆର ଅଗଣିତ ପାଠକପାଠିକା, ବିଜ୍ଞାପନଦାତା, ଖବରଦାତା, ପୃଷ୍ଠପୋଷକ ଓ ଶୁଭେଚ୍ଛୁଙ୍କୁ ଆନ୍ତରିକ ଶୁଭେଚ୍ଛା ।

### ଛୁଟି ଘୋଷଣା

୮୦ତମ ସ୍ୱାଧୀନତା ଦିବସ ଅବସରରେ ଅମୃତ ଦୁନିଆ କାର୍ଯ୍ୟାଳୟ ୧୫ ତାରିଖରେ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

ପରିଚାଳକ

## ସ୍ୱାଧୀନତା ଦିବସ ଅବସରରେ ଦେଶବାସୀଙ୍କୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ଭାରତକୁ ସର୍ବଶ୍ରେଷ୍ଠ ରାଷ୍ଟ୍ର କରିବା : ମହାମହିମ

- ଯୁବବର୍ଗ ଦେଶର ସବୁଠୁ ମୂଲ୍ୟବାନ ସମ୍ପତ୍ତି
- ଭାରତ ନକ୍ସଲ ମୁକ୍ତ ହେବା ଜାତୀୟ ସଫଳତା
- ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଦେଶ ଆଗଉଛି

ନୂଆଦିଲ୍ଲୀ

ଦେଶର ୮୦ତମ ସ୍ୱାଧୀନତା ଦିବସର ଦିନକ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ସ୍ୱାଧୀନତା ଦିବସ ଅଭିଭାଷଣରେ ସିନ୍ଧୁ ଜଳ ଚୁକ୍ତି ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶ କଥା ଉଠାଇଛନ୍ତି। ଯଦିଓ ପାକିସ୍ତାନ ନାଁ ସେ ତୁଣ୍ଡରେ ଧରି ନାହାନ୍ତି, ତେବେ ପରୋକ୍ଷରେ ଇସଲାମାବାଦ ଆତଙ୍କବାଦୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଥିବା କହିଛନ୍ତି। ତାଙ୍କ କହିବା କଥା ଯେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଗୋଟିଏ ଦେଶ ସହ ସିନ୍ଧୁ ଜଳ ଚୁକ୍ତି ବାତିଲ କରିବା ଜାତୀୟ ସ୍ୱାର୍ଥ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ଥିଲା। ବିଶେଷ କରି ଏହା ଚାଷୀଙ୍କ ସ୍ୱାର୍ଥକୁ ବେଶ ଫାଇଦା ଦେଇଥିବା ମହାମହିମ ରାଷ୍ଟ୍ରପତି କହିଛନ୍ତି। ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଶକ୍ତି ଯେଉଁଠି ଲୁଚିଲେ ମଧ ସେମାନଙ୍କୁ ପରିଣାମ ଭୋଗିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି। ଅପରେସନ୍ ସିନ୍ଦୂର ଆତଙ୍କବାଦୀ ନେଟୱର୍କ ବିରୋଧରେ ସଠିକ୍ ଆକ୍ରମଣ କରିବାରେ ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତାକୁ ପ୍ରମାଣିତ କରିଛି ବୋଲି ସେ କହିଛନ୍ତି।ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, "ଆତଙ୍କବାଦକୁ ଆଶ୍ରୟ ଦେଉଥିବା ଦେଶ ସହ ସିନ୍ଧୁ ଜଳ ଚୁକ୍ତିକୁ



ସ୍ଥଗିତ କରିବା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଗୋଟିଏ ନିର୍ଣ୍ଣାୟକ ପଦକ୍ଷେପ ଥିଲା।" ସିନ୍ଧୁ ନଦୀର ଜଳ ବଣ୍ଟନ ସମ୍ପର୍କରେ ଭାରତ ଓ ପାକିସ୍ତାନ ମଧ୍ୟରେ ଗୋଟିଏ ଚୁକ୍ତି ୬୦ ଦଶକରେ ହୋଇଥିଲା। କିନ୍ତୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଏହି ଚୁକ୍ତିକୁ ସ୍ଥଗିତ କରି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଆଜି ଏପରି କହିଛନ୍ତି। ରାଷ୍ଟ୍ରପତି ମୁର୍ମୁ ଭାରତକୁ ନକ୍ସଲମୁକ୍ତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ବଡ଼ ଜାତୀୟ ସଫଳତା ବୋଲି ମଧ କହିଛନ୍ତି। ଦେଶର ଅର୍ଥନୀତି ସମ୍ପର୍କରେ ରାଷ୍ଟ୍ରପତି କହିଛନ୍ତି ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧ, ଅସ୍ଥିରତା ଓ ଅନିଶ୍ଚିତତା ଜାରି ରହିଥିଲେ ମଧ ଭାରତର ଅର୍ଥନୀତିର ଅଭିବୃଦ୍ଧି ହାର ବିଶ୍ୱର ହାରାହାରି ଅଭିବୃଦ୍ଧି ହାର ଠାରୁ ଦୁଇ ଗୁଣାରୁ ଅଧିକ ହେବ ବୋଲି ଆକଳନ କରାଯାଉଛି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ୨୫ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟ ସୀମା ରେଖାରୁ ବାହାରି ପାରିଥିବା ସେ କହିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ନ୍ୟାୟିକ ଅଧିକାରକୁ ମଧ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ସମ୍ବଳର ଅଭାବ ଥିବା ଲୋକଙ୍କ ପ୍ରତି ନ୍ୟାୟ ବ୍ୟବସ୍ଥାର ଦାୟିତ୍ୱ ରହିଛି ବୋଲି ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ସମ୍ବଳର ଅଭାବ ଯୋଗୁ କୌଣସି ବ୍ୟକ୍ତି ଯେପରି ନ୍ୟାୟରୁ ବଞ୍ଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ନ୍ୟାୟ ବ୍ୟବସ୍ଥା ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ■ ପୃଷ୍ଠା-୧୫

## ସୁପ୍ରିମକୋର୍ଟଙ୍କ ରୋକ୍

# ଭାରପ୍ରାପ୍ତ ଡିଜିପି ହେଲେ ବିନୟତୋଷ ମିଶ୍ର

- ଅଗଷ୍ଟ ୧୬ରୁ ସମ୍ଭାଳିବେ ଦାୟିତ୍ୱ
- ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ପ୍ରାଥମିକତା ଦେବି
- ୱାଇବି ଖୁରାନିଆ ୧୬ ରେ ଅବସର ଗ୍ରହଣ କରିବେ

ଭୁବନେଶ୍ୱର(ବ୍ୟୁରୋ)



୧୯୯୩ ବ୍ୟାଚ ଆଇପିଏସ୍ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ରଙ୍କୁ ରାଜ୍ୟ ପୁଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୁଲିସ ଡିଜି ୱାଇବି ଖୁରାନିଆ ଆସନ୍ତା ୧୬ ତାରିଖରେ ଅବସର ଗ୍ରହଣ କରୁଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ମିଶ୍ର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ପୁଲିସ ଡିଜି ଚୟନ ବିବାଦ ଯୋଗୁ ମାମଲା ଏବେ ସୁପ୍ରିମକୋର୍ଟରେ ରହିଛି ଓ ପରବର୍ତ୍ତୀ ଶୁଣାଣି ୧୮ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ନକରିବାକୁ ୟୁପିଏସସିକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ଗୁରୁବାର ସୁପ୍ରିମକୋର୍ଟ ରୋକ୍ ଲଗାଇବା ପରେ ଶ୍ରୀ ମିଶ୍ର ରାଜ୍ୟର ପରବର୍ତ୍ତୀ ଭାରପ୍ରାପ୍ତ ଡିଜି ହେବେ ବୋଲି ଚର୍ଚ୍ଚା ହେଉଥିଲା। ବିହାରର ମଧୁବନୀ ଜିଲ୍ଲାରେ ୧୯୬୬ ନଭେମ୍ବର ୩ତାରିଖରେ ଜନ୍ମ ଗ୍ରହଣ କରିଥିବା ଜନ୍ମଗ୍ରହଣ କରିଥିବା ଶ୍ରୀ ମିଶ୍ର ପୁଲିସ ମ୍ୟାନେଜମେଣ୍ଟରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି । ସେ ଗତ ୨୦୨୫ ଜାନୁୟାରୀରୁ ରାଜ୍ୟରେ ଡିଜି ପାହ୍ୟାରେ କାର୍ଯ୍ୟ କରୁଛନ୍ତି। ତାଙ୍କର କାର୍ଯ୍ୟକାଳ ୬ ମାସରୁ କମ୍ ଥିବାରୁ ୟୁପିଏସସି ନିୟମାବଳୀ ଅନୁଯାୟୀ ତାଙ୍କୁ ସ୍ଥାୟୀ ଡିଜିପି ଚୟନ ■ ପୃଷ୍ଠା-୧୫

## ଭୁବନେଶ୍ୱରରେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହେଲେ କୋଭିଡ୍ ଆକ୍ରାନ୍ତ। ଏକ ଘରୋଇ ହସ୍ପିଟାଲରେ ସେ ଭର୍ତ୍ତି ହୋଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ଉକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ।ଏହି କୋଭିଡ୍ ଆକ୍ରାନ୍ତଙ୍କ ଘର ବରମୁଣ୍ଡା ଅଞ୍ଚଳରେ। ତାଙ୍କୁ ୫୦ ବର୍ଷ ହୋଇଛି। ଏହା ପୂର୍ବରୁ ଗତ ମାସରେ ଗଞ୍ଜାମ ଜିଲ୍ଲାରେ ଜଣେ ମହିଳା କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଥଣ୍ଡାଜ୍ୱର ଲାଗି ରହିଥିବାରୁ ସେ ଏମକେସିଜିରେ ବେଶ୍ କିଛି ଦିନ ହେବ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର କରୋନା ଟେଷ୍ଟ କରା ଯାଇଥିଲା। ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭି ଆସିଥିଲା।

## ଜୀବନ ହାରିଲେ ଦିଗପହଣ୍ଡି ଜେଲ୍ ୱାର୍ଡେନ୍

ଗଞ୍ଜାମ(ଅମୃତ ମିଡ଼ିଆ)

ଗଂଜାମ ଜିଲ୍ଲା ପାଟପୁର ଥାନା ଅଧୀନ ସାହାସପୁର ହାଟପଦା ନିକଟସ୍ଥ ଦିଗପହଣ୍ଡି ସବ୍‌ଜେଲ ପରିସର କ୍ୱାର୍ଟସରୁ ୱାର୍ଡେନ୍ ଶିବାନନ୍ଦ ସ୍ୱାଇଁ(୪୦)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାରକରାଯାଇଛି। ମୃତ ଶିବାନନ୍ଦଙ୍କ ଘର ଆସିକା ନିକଟ କୋଟିନଡ଼ା ଗ୍ରାମରେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିବାନନ୍ଦଙ୍କ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ କୋଟିନଡା ଗ୍ରାମର ପ୍ରକାଶ ସ୍ୱାଇଁଙ୍କ ପୁଅ ଶିବାନନ୍ଦ ଗତ ୮ ଦିନ ତଳେ ପୁରୀ ଜେଲରୁ ଦିଗପହଣ୍ଡି ସବ୍‌ଜେଲକୁ ବଦଳି ହୋଇ ଆସିଥିଲେ।

## ସରକାରୀ ଜମିରେ ଗଞ୍ଜେଇ ଚାଷ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

# ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ସରକାରୀ ଜମିରେ ଅବୈଧ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କ୍ଷେତ୍ରସ୍ତରରେ ନିରନ୍ତର ଓ ସମନ୍ୱିତ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। ଏ ସଂକ୍ରାନ୍ତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲ୍ଲାର କ୍ଷେତ୍ରସ୍ତରୀୟ ରାଜସ୍ୱ ଅଧିକାରୀମାନଙ୍କୁ ସଜାଗ ରହିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି । ୨୦୨୫-୨୬ ଫସଲ ଋତୁରେ ଚାଲିଥିବା ଗଞ୍ଜେଇ ନଷ୍ଟ ଅଭିଯାନ ସମୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ଉପରୋକ୍ତ ୬ଟି ଚିହ୍ନଟ ଜିଲ୍ଲାର ୪୧ଟି ଥାନା ଅଧୀନରେ ମୋଟ ୩୬,୫୦୮.୭୯୨ ଏକର ଅଞ୍ଚଳରେ ଥିବା ୧,୬୩୧ଟି ଜିପିଏସ-ମ୍ୟାପ୍‌ଡ୍ ଜମି ଖଣ୍ଡରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି ଏଥିମଧ୍ୟରୁ ୬,୬୩୨.୧୯୭ ଏକର ଜମି ସରକାରୀ ରାଜସ୍ୱ ଜମି ବୋଲି ଚିହ୍ନଟ ହୋଇଛି। ୨୦୨୫ ନଭେମ୍ବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା । ବିଶେଷକରି ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଅବୈଧ ଗଞ୍ଜେଇ ଚାଷରେ ଜଡ଼ିତ ବ୍ୟକ୍ତିମାନେ ପ୍ରତିବର୍ଷ ସମାନ ସରକାରୀ ରାଜସ୍ୱ ଜମିକୁ ପୁନର୍ବାର ଚାଷ ପାଇଁ ବ୍ୟବହାର କରିବାର ପ୍ରବଣତା ରହିଥିବାରୁ ଏଥିପ୍ରତି ସଜାଗ ରହିବାକୁ ରାଜସ୍ୱ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।୨୦୨୬-୨୭ ଫସଲ ଋତୁ ଆରମ୍ଭ ହୋଇଥିବାରୁ ପୂର୍ବରୁ ଚାଷ ନଷ୍ଟ କରାଯାଇଥିବା ଜମିରେ ପୁନର୍ବାର ଗଞ୍ଜେଇ ଚାଷ ହେବାର ଆଶଙ୍କା ରହିଥିବାରୁ ଏହି ଅଞ୍ଚଳଗୁଡ଼ିକରେ ବିଶେଷ ନଜର ରଖିବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଫୁଲୁଛି ବୈତରଣୀ, ଜଳକା ଓ ସାଳନ୍ଦୀ

# ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା

- ୪୫ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ
- ମୁକାବିଲା ପାଇଁ ଏନଡ଼ିଆରଏଫ ଟିମ୍ ମୁତୟନ
- ଉତ୍ତର ଓଡ଼ିଶାର ବନ୍ୟା ସ୍ଥିତି ଉପରେ ନଜର

ଭୁବନେଶ୍ୱର(ବ୍ୟୁରୋ)

ଉତ୍ତର ଓଡ଼ିଶାର ବନ୍ୟା ସ୍ଥିତି ଉପରେ ନଜର ରଖାଯାଇଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଥିବାରୁ ଗ୍ରାଉଣ୍ଡରେ ଅଧିକାରୀମାନେ ମୁତୟନ ଅଛନ୍ତି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସ୍ଥାନାନ୍ତରଣ ମଧ ଆରମ୍ଭ ହୋଇଛି। ଏନେଇ ଏସଆରସି ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି। ଜଳକା ଓ ସାଳନ୍ଦୀ ନଦୀରେ ବନ୍ୟା ସ୍ଥିତି ରହିଥିବା ବେଳେ ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ମଧ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଥିବାରୁ ବାଲେଶ୍ୱର ଜିଲ୍ଲା ପ୍ରତି ବିପଦ ବଢ଼ିଛି। ତେବେ ବାରିପଦାରେ ବୁଢ଼ାବଳଙ୍ଗର ଜଳସ୍ତର କମିଥିବା ସୂଚନା ମିଳିଛି। ବାଲେଶ୍ୱର ସଦର ଓ ରେମୁଣା ବ୍ଲକର ପ୍ରାୟ ୧୫ଟି ପଞ୍ଚାୟତରେ ବନ୍ୟାର ପ୍ରଭାବ ରହିଛି। ଭୋଗରାଇ ଓ ବସ୍ତା ବ୍ଲକକୁ ମଧ ସତର୍କ କରାଯାଇଛି। ଝାଡ଼ଖଣ୍ଡରେ ଅଧିକ ବର୍ଷା ହୋଇଥିବାରୁ ସୁବର୍ଣ୍ଣରେଖା ସମେତ କିଛି ନଦୀର ଜଳସ୍ତର ଉପରେ ଏହାର ପ୍ରଭାବ ପଡ଼ିପାରେ। ଯାଜପୁରରେ ମଧ ଜଳସ୍ତର ବଢ଼ିଥିବା ବେଳେ ଆନନ୍ଦପୁରରେ ନଦୀ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି।



ମୟୂରଭଞ୍ଜ ଓ କେନ୍ଦୁଝରର କିଛି ଅଞ୍ଚଳରେ ବର୍ଷା ଜାରି ରହିଛି। ବେତନଟୀରେ ମଧ୍ୟାହ୍ନ ପରେ ଜଳସ୍ତର କମିବା ଆଶା କରାଯାଉଛି। ବନ୍ୟା ମୁକାବିଲା ପାଇଁ ଓଡ୍ରାଫ ଓ ଏନଡିଆରଏଫ ଟିମ୍‌ଗୁଡ଼ିକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ବାଲେଶ୍ୱରରେ ୮ଟି ଟିମ୍, ଯାଜପୁରରେ ୨ଟି ଓଡ୍ରାଫ ଓ ଗୋଟିଏ ଏନଡିଆରଏଫ ଟିମ୍, ଭଦ୍ରକରେ ୨ଟି ଏବଂ କେନ୍ଦୁଝରରେ ଗୋଟିଏ ଟିମ୍ ମୁତୟନ ଥିବା ସୂଚନା ମିଳିଛି। ଅତିରିକ୍ତ ୪ଟି ଟିମ୍‌କୁ ମଧ ପ୍ରସ୍ତୁତ ରଖାଯାଇଛି। ପ୍ରଭାବିତ ପଞ୍ଚାୟତ ଗୁଡ଼ିକରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଉପରେ ନଜର ରଖିଛନ୍ତି। ମଧ୍ୟମ ଧରଣର ବନ୍ୟା ଆଶଙ୍କା ଥିଲେ ମଧ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କୁହାଯାଇଛି।

# ୧୦୫୭ ଜଣଙ୍କୁ ସାହସିକତା ଓ ସେବା ପଦକ ଘୋଷଣା

ନୂଆଦିଲ୍ଲୀ

ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ପୁଲିସ, ଅଗ୍ନିଶମ ସେବା, ହୋମଗାର୍ଡ ଓ ସିଭିଲ୍ ଡିଫେନ୍ସ ଏବଂ କାରାଗାର ସେବାର ମୋଟ ୧୦୫୭ ଜଣ କର୍ମଚାରୀଙ୍କୁ ସାହସିକତା ଓ ସେବା ପଦକ ପ୍ରଦାନ କରାଯାଇଛି। ଏଥିରେ ଛତିଶଗଡ଼ ପୁଲିସର ଦୁଇ କନଷ୍ଟେବଲ ନିତେଶ ଏକ୍କା ଓ ରମେଶ କୋରେଟି ଏବଂ ଉତ୍ତରପ୍ରଦେଶ ପୁଲିସର ଇନ୍ସପେକ୍ଟର ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ ସାହସିକତା ପଦକ ଦିଆଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶୁକ୍ରବାର ଏହି ପଦକ ଘୋଷଣା କରିଛି। ମୋଟ ୧୦୫୭ ପଦକ ମଧ୍ୟରୁ ୩୦୧ଟି ସାହସିକତା ପଦକ, ଉଲ୍ଲେଖନୀୟ ସେବା ପାଇଁ ୯୨ଟି ରାଷ୍ଟ୍ରପତି ପଦକ ଏବଂ ୬୬୪ଟି ମେରିଟୋରିୟସ୍ ସର୍ଭିସ୍ ପଦକ ରହିଛି। ସାହସିକତା ପଦକ ଜୀବନ ଓ ସମ୍ପତ୍ତି ରକ୍ଷା, ଅପରାଧ ରୋକିବା କିମ୍ବା ଅପରାଧୀଙ୍କୁ ଗିରଫ କରିବା ସମୟରେ ଅସାଧାରଣ ସାହସ ପ୍ରଦର୍ଶନ ପାଇଁ ଦିଆଯାଏ। ୩୦୧ ସାହସିକତା ପଦକ



ମଧ୍ୟରୁ ୨୭୨ଟି ପୁଲିସ କର୍ମଚାରୀ ଓ ୨୯ଟି ଅଗ୍ନିଶମ ସେବା କର୍ମଚାରୀଙ୍କୁ ମିଳିଛି। ଏହି ପଦକ ପାଇଥିବା ୩୦୧ ଜଣଙ୍କ ମଧ୍ୟରୁ ୧୯୭ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର, ୫୧ ଜଣ ଜମ୍ମୁ-କାଶ୍ମୀର ■ ପୃଷ୍ଠା-୧୫

## ଓଡ଼ିଶାର ୧୭ ଜଣଙ୍କୁ ପୋଲିସ ସେବା ପୁରସ୍କାର

### ଏଡିଜି ସଞ୍ଜୀବ ପଣ୍ଡା ଓ ଡିଏସପି ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତି ପଦକ

ପୁଲିସ ସେବା ପୁରସ୍କାର ଘୋଷଣା। ୨୦୨୬ ପାଇଁ ପୁଲିସ ସେବା ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଶାର ୧୭ ଜଣଙ୍କୁ ମିଳିବ ପୁଲିସ ସେବା ପୁରସ୍କାର। ୫ ଜଣଙ୍କୁ ସାହାସିକତା, ୨ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ୧୦ ଜଣଙ୍କୁ ମିଳିବ ପ୍ରଶଂସନୀୟ ସେବା ପଦକ। ଡ଼ିଜି ପାହ୍ୟା ଅଧିକାରୀ ସଂଜୀବ ପଣ୍ଡାଙ୍କୁ ମିଳିବ ରାଷ୍ଟ୍ରପତି ପଦକ। ଡ଼ିଏସପି ପାହ୍ୟାର ଅଧିକାରୀ ସ୍ମିତାରାଣୀ ମହାନ୍ତିଙ୍କୁ ମଧ ମିଳିବ ରାଷ୍ଟ୍ରପତି ପଦକ। ପ୍ରଶଂସନୀୟ ସେବା ପାଇଁ ଡ଼ିଏସପି ମନୋରଂଜନ ପାଇକରାୟ, ଡ଼ିଏସପି ସୁରେଶ କୁମାର ବଳ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଡେପୁଟୀ କମାଣ୍ଡାଣ୍ଟ ଭବେଶ କୁମାର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପରେଶ କୁମାର ମୀନତିନନ୍ଦନ ପତି, କନଷ୍ଟେବଲ ଶ୍ୟାମଳି ବିଶ୍ୱାସ, ସବ୍ ଇନ୍ସପେକ୍ଟର ବରୁଣ କୁମାର ନାୟକ, ହାବିଲଦାର ସୁବାସ ଚନ୍ଦ୍ର ତ୍ରନାଥ ଗୌଡ, କନଷ୍ଟେବଲ ମୁସ୍ତାକ ଅଲ୍ଲୀ ଖାଁ, ହାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳଙ୍କୁ ପୁରସ୍କୃତ କରାଯିବ।ସେହିପରି ସବ୍ ଇନ୍ସପେକ୍ଟର ମନ୍ମଥ ମହାପାତ୍ର, ହାବିଲଦାର ନିରାକାର ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, କମାଣ୍ଡୋ ସୁମନ ପୁନ, କମାଣ୍ଡୋ ସୁରେଶ ଚନ୍ଦ୍ର ପୁତଙ୍କୁ ମିଳିବ ସାହସିକତା ପୁରସ୍କାର।ଅଗ୍ନିଶମ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତି ଓ ୨ ଜଣଙ୍କୁ ସାହସିକତା ପଦକ ମିଳିବ। ଅଗ୍ନିଶମ ସେବାରେ ଏଏସଓ ମଳୟ ମହାନ୍ତିଙ୍କୁ ରାଷ୍ଟ୍ରପତି ପଦକ ମିଳିବ। ଅମିତାଭ ରାଜ ଓ ନିଏଲ କେରକେଟାଙ୍କୁ ସାହସିକତା ପଦକ ମିଳିବ।ସେହିପରି ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ସେବାରେ ଜଣଙ୍କୁ ସାହସିକତା ପଦକ ମିଳିବ। ଗୃହରକ୍ଷୀ ସେବାରେ ଅଭିରାମ ସେଠୀଙ୍କୁ ସାହସିକତା ପଦକ ମିଳିବ। ■ ପୃଷ୍ଠା-୧୫



**ଜେଲରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମୃତ୍ୟୁ ହୋଇଛି ବୋଲି ସୋସିଆଲ ମିଡିଆରେ ଏହି ଦାବି କରାଯାଉଛି । ଏହି ଦାବି ଇମ୍ରାନ ଖାନ ଏବଂ ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ୍ (ପିଟିଆଇ)ଙ୍କ ନିକଟତର ବୋଲି ବିବେଚନା କରାଯାଉଥିବା ଜଣେ ପାକିସ୍ତାନୀ ସାମ୍ବାଦିକ କରିଛନ୍ତି । ଏହି ସମୟରେ, ଇମ୍ରାନ ଖାନଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଅନୁମତି ଦିଆଯାଉନାହିଁ । ପାକିସ୍ତାନରେ ସେନା ଶାସନ ଚାଲିଥିବା ବେଳେ ଏକଛତ୍ରବାଦୀ ନୀତି ଗ୍ରହଣ କରାଯାଉଛି । ଏଭଳି ସ୍ଥିତିରେ ଇମ୍ରାନଙ୍କୁ ବିଭିନ୍ନ ମାମଲାରେ ଛନ୍ଦିଦିଆଯାଇ ଜେଲର କଳା କୋଠରି ଭିତରେ ରଖାଯାଇଛି । ଇମ୍ରାନଙ୍କ ପରିବାର ଲୋକ ଓ ଦଳୀୟ ସମର୍ଥକମାନଙ୍କୁ ଦେଖିବାର ସୁଯୋଗ ଦିଆଯାଉନି । ସେ କିଭଳି ଅବସ୍ଥାରେ ଅଛନ୍ତି, କ'ଣ କରୁଛନ୍ତି, ସେ ବିଷୟରେ ସମସ୍ତେ ସନ୍ଦିହାନ । ଏଭଳି ସ୍ଥିତିରେ ଇମ୍ରାନ ପ୍ରକୃତରେ ଜୀବିତ କି ମୃତ କହିବା ବି ମୁସ୍କିଲ ।**



# ଇମ୍ରାନ ମୃତ ନା ଜୀବିତ

ସୁଶାନ୍ତ କୁମାର ଦାସ

ପୋ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଅଗଷ୍ଟ ୫, ୨୦୨୩ ଠାରୁ ରାୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି । ସେ ୧୫୦ରୁ ଅଧିକ ଆଇନଗତ ମାମଲା ଏବଂ ତୋଶାଖାନା ରାଜ୍ୟ-ଉପହାର ମାମଲା, ଅଲ-କାଦିର ଟ୍ରଷ୍ଟ ଦୁର୍ନୀତି ମାମଲା ଏବଂ ରାଷ୍ଟ୍ରୀୟ ଗୋପନୀୟତା ଅଭିଯୋଗ ସମେତ ଏକାଧିକ ଦୋଷୀ ସାଧାରଣ ଦଣ୍ଡାଦେଶର ସମ୍ମୁଖୀନ ହେଉଛନ୍ତି, ଯାହା ବ୍ୟାପକ କାରାଦଣ୍ଡରେ ପରିଣତ ହୋଇଛି । ଖାନ ଏବଂ ତାଙ୍କ ଦଳ ପାକିସ୍ତାନ ତେହ୍ରିକ୍-ଏ-ଇନସାଫ (ପିଟିଆଇ) ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ସମସ୍ତ ଅଭିଯୋଗ ରାଜନୈତିକ ଭାବେ ପ୍ରେରିତ ।



## ପ୍ରମୁଖ ଜେଲ ମାମଲା ଏବଂ ଦୋଷ

ତୋଶାଖାନା ମାମଲା: ଅନ୍ତର୍ଜାତୀୟ ଗସ୍ତ ସମୟରେ ପ୍ରାପ୍ତ ରାଜ୍ୟ ଉପହାର (ଯେପରିକି ଅଳଙ୍କାର ଏବଂ ଘଣ୍ଟା) କ୍ରୟ ଏବଂ ବେଆଇନ ଭାବେ ବିକ୍ରୟ କରିବା ପାଇଁ ପ୍ରଧାନମନ୍ତ୍ରୀ ପଦର ଅପବ୍ୟବହାର କରିଥିବା ଅଭିଯୋଗ, ଯାହା ତାଙ୍କ ପତ୍ନୀ ବୁଶ୍ରା ବିବିଙ୍କ ସହିତ ପ୍ରାରମ୍ଭିକ ୩ ବର୍ଷ ଏବଂ ପରବର୍ତ୍ତୀ ମିଳିତ ୧୭ ବର୍ଷର ଦଣ୍ଡାଦେଶକୁ ନେଇ ଆସିଥିଲା । ସେହିପରି ଅଲ୍-କାଦିର ଟ୍ରଷ୍ଟ ମାମଲାରେ ଜଣେ ସମ୍ପତ୍ତି ବ୍ୟବସାୟୀଙ୍କୁ ଜଡ଼ିତ କରି କ୍ଷମତାର ଅପବ୍ୟାହାର ଏବଂ ଜମି ଅଧିଗ୍ରହଣ ସହିତ ଜଡ଼ିତ ଦୋଷୀ ସାଧାରଣ ଏବଂ ୧୪ ବର୍ଷର ଜେଲ ଦଣ୍ଡାଦେଶ । ଅନ୍ୟପକ୍ଷରେ ସାଇଫର ମାମଲାରେ କୂଟନୈତିକ ଚିଠିପତ୍ରରୁ ରାଷ୍ଟ୍ରୀୟ ଗୋପନୀୟତା ଲିକ୍ କରିଥିବା ଅଭିଯୋଗ ସମ୍ପର୍କିତ ମାମଲା । ସେହିପରି ବେଆଇନ ବିବାହ ମାମଲାରେ ୨୦୨୪ ମସିହାର ପ୍ରାରମ୍ଭରେ ଇଦ୍ଦତ୍ ଅବଧି ସମ୍ବନ୍ଧୀୟ ଇସଲାମିକ ଆଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ୭ ବର୍ଷର କ୍ଷଣସ୍ଥାୟୀ ଦଣ୍ଡାଦେଶ, ଯାହା ପରେ ଚ୍ୟାଲେଞ୍ଜ କରାଯାଇ ସ୍ଥଗିତ ରଖାଯାଇଥିଲା ।

## ଜେଲ ଅବସ୍ଥା ଏବଂ ଅନ୍ତର୍ଜାତୀୟ ପ୍ରତିକ୍ରିୟା

ଏକାନ୍ତ କାରାବାସ ଏବଂ ନଜରଦାରି: ମିଳିତ ଜାତିସଂଘର ଇଚ୍ଛାଧୀନ ବନ୍ଦୀ ଉପରେ କାର୍ଯ୍ୟକାରୀ ଗୋଷ୍ଠୀ ଏବଂ ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ ସମେତ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ତାଙ୍କର ବନ୍ଦୀ ଅବସ୍ଥାକୁ ସମାଲୋଚନା କରିଛନ୍ତି । ଦୀର୍ଘକାଳୀନ ଏକାନ୍ତବାସ ଏବଂ ସୀମିତ ଶାରୀରିକ ଗତିବିଧିକୁ ଆଲୋକପାତ କରି ଆଇନଗତ ପରାମର୍ଶଦାତା ଏବଂ ପରିବାରକୁ ତାଙ୍କର ତୁରନ୍ତ ପ୍ରବେଶ ପାଇଁ ଆହ୍ୱାନ କରିଛନ୍ତି ।

ସ୍ୱାସ୍ଥ୍ୟ ଏବଂ ମେଡିକାଲ ଯାଞ୍ଚ: ତାଙ୍କର ସ୍ୱାସ୍ଥ୍ୟ ଏବଂ ଦୃଷ୍ଟିଶକ୍ତି ସମ୍ବନ୍ଧୀୟ ଚିନ୍ତାଗୁଡ଼ିକ ସମୟ ସମୟରେ ସାମାଜିକ ଗଣମାଧ୍ୟମ ଏବଂ ଗଣମାଧ୍ୟମକୁ ଆସିଛି, ଯାହା ପାକିସ୍ତାନର ସୁପ୍ରିମକୋର୍ଟଙ୍କ ଦ୍ୱାରା ସ୍ୱାଧୀନ ମେଡିକାଲ ବୋର୍ଡ ମୂଲ୍ୟାୟନ ପାଇଁ ହସ୍ତକ୍ଷେପ ଏବଂ ନିର୍ଦ୍ଦେଶକୁ ପ୍ରୋତ୍ସାହିତ କରିଛି ।



## ଚକ୍କିତ କରିଛି ପାକ୍ ସାମ୍ବାଦିକଙ୍କ ଭିଡିଓ

ୱାଜାହତ ଭିଡିଓରେ ଆହୁରି କହିଛନ୍ତି, ତିନି ଜଣ ବରିଷ୍ଠ ଅଧିକାରୀ ଭିନ୍ନଭିନ୍ନ ଭାବରେ କହିଛନ୍ତି ଯେ, ଇମ୍ରାନ ଖାନ ଆଉ ଆମ ସହିତ ନାହାନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଇମ୍ରାନ ଖାନ ବୋଧହୁଏ ଆଉ ଜେଲରେ ନାହାନ୍ତି । ପାକିସ୍ତାନ ସେନା ଏବଂ ସେନା ମୁଖ୍ୟ ତାଙ୍କୁ ଦେଶର ଅନ୍ୟ ଅଂଶରୁ ଦୂରେଇ ରଖିବାର କାରଣ ହୋଇପାରେ । ଏହା ଏକ ଗମ୍ଭୀର ବିଷୟ । ମୁଁ ଆଶା କରୁଛି ଏହା ସତ୍ୟ ନୁହେଁ । ଏହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ ।

## ଦାବି କରୁଥିବା ସାମ୍ବାଦିକ ୱାଜାହତ କିଏ

ଦାବି କରୁଥିବା ସାମ୍ବାଦିକଙ୍କ ପୂର୍ଣ୍ଣ ନାମ ୱାଜାହତ ସଇଦ ଖାନ । ସେ ପାକିସ୍ତାନର ଜଣେ ପ୍ରସିଦ୍ଧ ମଲ୍ଟିମିଡିଆ ଏବଂ ତଦନ୍ତକାରୀ ସାମ୍ବାଦିକ । ତାଙ୍କୁ ପ୍ରାୟତଃ ପାକିସ୍ତାନୀ ସେନା, ଆଭ୍ୟନ୍ତରୀଣ ରାଜନୀତି, ସୁରକ୍ଷା ଏବଂ ଆତଙ୍କବାଦ ସହିତ ଜଡିତ ପ୍ରସଙ୍ଗରେ ପ୍ରମୁଖ ପ୍ରକାଶ କରୁଥିବାର ଦେଖାଯାଇପାରେ । ୱାଜାହତ ଜିଓ ନ୍ୟୁଜ୍, ଡନ୍ ନ୍ୟୁଜ୍ ଭଳି ପ୍ରମୁଖ ଗଣମାଧ୍ୟମ ସଂସ୍ଥା ସହିତ କାମ କରିଛନ୍ତି । ତାଙ୍କୁ ଇମ୍ରାନ ଖାନଙ୍କ ଦଳ ପିଟିଆଇର ନିକଟତର ବୋଲି ମଧ୍ୟ କୁହାଯାଏ । ଯେତେବେଳେ ଇମ୍ରାନ ଖାନଙ୍କୁ କ୍ଷମତାରୁ ବାହାର କରାଯାଇଥିଲା, ତାଙ୍କୁ ଅନ୍ୟମାନଙ୍କ ପରି ପାକିସ୍ତାନ ଛାଡିବାକୁ ପଡିଥିଲା । ସେ ଇମ୍ରାନଙ୍କର ଜଣେ ଭଲ ପ୍ରଶଂସକ ବୋଲି କୁହାଯାଉଛି ।

## ୨୦୧୮ରେ ପ୍ରଧାନମନ୍ତ୍ରୀ ହୋଇଥିଲେ ଇମ୍ରାନ

୨୦୧୮ରେ ଇମ୍ରାନ ଖାନ କ୍ରିକେଟରରୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇଥିଲେ । ତଥାପି, ସେ ତାଙ୍କର ପାଞ୍ଚ ବର୍ଷର କାର୍ଯ୍ୟକାଳ ପୂରଣ କରିବା ପୂର୍ବରୁ, ସଂସଦରେ ତାଙ୍କ ବିରୁଦ୍ଧରେ ଏକ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା, ଯାହା ତାଙ୍କ ସରକାରର ପତନ ଘଟାଇଥିଲା । ପତନ ପରେ, ନୂତନ ସରକାର ଏବଂ ପାକିସ୍ତାନୀ ସେନା ସହିତ ତାଙ୍କର ବିବାଦ ଜାରି ରହିଥିଲା ଏବଂ ତାଙ୍କ ବିରୁଦ୍ଧରେ ଅନେକ ମାମଲା ଦାୟର ହୋଇଥିଲା । ଏଥିରେ ଇମ୍ରାନ ଛନ୍ଦି ହୋଇପଡ଼ିଥିଲେ । ଅନେକ ମାମଲା ତାଙ୍କ ବିରୋଧରେ ଅଣାଯାଇ ଜେଲକୁ ପଠାଇ ଦିଆଗଲା । ଇମ୍ରାନଙ୍କ ଦଳ ପିଟିଆଇର ସମର୍ଥକମାନେ ଏହାକୁ ଦୃଢ ବିରୋଧ କରି ବିକ୍ଷୋଭ କରିଥିଲେ ବି କିଛି ସୁଫଳ ମିଳିନଥିଲା ।

## ମେ ୯ରେ ଇମ୍ରାନ ଗିରଫ ହୋଇଥିଲେ

ମେ ୯, ୨୦୨୩ରେ, ଇମ୍ରାନ ଖାନଙ୍କୁ ଅଲ-କାଦିର ଟ୍ରଷ୍ଟ ମାମଲା ସହିତ ଇସ୍ଲାମାବାଦ ହାଇକୋର୍ଟ ପରିସରରୁ ଗିରଫ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଥିବା ସମୟରେ ଜଣେ ବ୍ୟବସାୟୀଙ୍କ ସହ ଜଡ଼ିତ ଏକ ମାମଲାରେ ତାଙ୍କ ଉପରେ କୋଟି କୋଟି ଟଙ୍କାର ଜମି ଏବଂ ଲାଭ ହଡ଼ପ କରିବାର ଅଭିଯୋଗ ଥିଲା । ତାଙ୍କ ପତ୍ନୀ ବୁଶ୍ରା ବିବିଙ୍କୁ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ କରାଯାଇଥିଲା । ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା, ଅପରାଧୀମାନେ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ଯଥେଷ୍ଟ କ୍ଷତି ପହଞ୍ଚାଇଥିଲେ ।

## ତୋଶାଖାନା ମାମଲାରେ ଦଣ୍ଡାଦେଶ

ପରବର୍ତ୍ତୀ ସମୟରେ, ଇମ୍ରାନ ଖାନଙ୍କୁ ଅଗଷ୍ଟ ୪, ୨୦୨୩ରେ ପୁଣି ଗିରଫ କରାଯାଇଥିଲା ଏବଂ ସେବେଠାରୁ ତାଙ୍କୁ ଜେଲଦଣ୍ଡ ଦିଆଯାଇଥିଲା । ଅଗଷ୍ଟ ୫, ୨୦୨୩ ରେ, ଇମ୍ରାନ ଖାନଙ୍କୁ ତୋଶାଖାନା ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ତିନି ବର୍ଷ ଜେଲଦଣ୍ଡ ଦିଆଯାଇଥିଲା । ଅଭିଯୋଗ ଥିଲା ଯେ, ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ, ସେ ନିୟମ ଉଲ୍ଲଂଘନ କରି କମ ମୂଲ୍ୟରେ ସରକାରୀ ଉପହାର କିଣିଥିଲେ ଏବଂ ପରେ ସେଗୁଡ଼ିକୁ ବିକ୍ରି କରିଥିଲେ ।

## ପିଟିଆଇର ସମର୍ଥକ ବିକ୍ଷୋଭ ଲାଗି ପ୍ରସ୍ତୁତ

ଇମ୍ରାନଙ୍କ ମୃତ୍ୟୁ ଖବର ଭାଇରାଲ ହେବା ଓ ସାମ୍ବାଦିକ ଏନେଇ ଦାବି କରିବା ପରେ ହଇଚଇ ସୃଷ୍ଟିହୋଇଛି । ଏହି ଖବର ଏବେ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଖାୟବର ପାଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ତଥା



ପିଟିଆଇ ନେତା ଶୋହେଲ ଆଫ୍ରିଦି ଦାବି କରିଛନ୍ତି ଯେ, ରାଜରାସ୍ତାକୁ ଓହ୍ଲାଇବା ପାଇଁ ୨୦ ଲକ୍ଷ ଲୋକ ପ୍ରସ୍ତୁତ ରହିଛନ୍ତି । ପାକିସ୍ତାନର ହାଇବ୍ରିଡ ଶାସକ ଦେଶର ଯୁବଗୋଷ୍ଠୀର କ୍ରୋଧକୁ ସମ୍ଭାଳିବାକୁ ସକ୍ଷମ ହେବେ ନାହିଁ ବୋଲି ସେ ଚେତାବାନୀ ଦେଇଛନ୍ତି । ଯଦି ଇମ୍ରାନ ଖାନଙ୍କ ପରିବାର ଓ ଡାକ୍ତରମାନଙ୍କୁ ଜେଲ ଭିତରେ ପ୍ରକୃତ ଘଟଣା ଯାଞ୍ଚ ପାଇଁ ନ ଛଡ଼ାଯିବ, ତା'ହେଲେ ପିଟିଆଇ ସେପ୍ଟେମ୍ବର ୨୭ରେ ଇସଲାମାବାଦ ଅଭିମୁଖେ ବଡ଼ ଶୋଭାଯାତ୍ରା କରିବ । ଯୋଜନା ପୂର୍ବରୁ ମଧ୍ୟ ଦଳ ଶୋଭାଯାତ୍ରା କରିପାରେ ବୋଲି ମଧ୍ୟ ଆଫ୍ରିଦି ଘୋଷଣା କରିଛନ୍ତି ।

## ପାକ୍ ଉପରେ ବଢ଼ୁଛି ବିଦେଶୀ ଚାପ

ଇମ୍ରାନ ଖାନଙ୍କୁ ନେଇ ପାକିସ୍ତାନ ଉପରେ ଦେଶ ବାହାରୁ ମଧ୍ୟ ଚାପ ବଢ଼ିବାରେ ଲାଗିଛି । ଇମ୍ରାନ ଖାନ ଓ ତାଙ୍କ ପତ୍ନୀ ବୁଶ୍ରା ବିବିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଇସଲାମାବାଦ ସହ କଥା ହେବାକୁ ୧୩ ଜଣ ଆମେରିକୀୟ ସାଂସଦ ଦେଶର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓଙ୍କୁ ଚିଠି ଲେଖିଛନ୍ତି । ସେମାନେ ୨୦୨୩ ଅଗଷ୍ଟ ୫ରୁ ଜେଲରେ ବନ୍ଦୀ ଥିବା ଇମ୍ରାନ ଓ ବୁଶ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସେମାନେ ଚିନ୍ତା ପ୍ରକଟ କରିଛନ୍ତି । ଭାରତ ସମେତ ଅନେକ ଦେଶ ବି ଏନେଇ ଆପତ୍ତି ଉଠାଇଛନ୍ତି । ପାକିସ୍ତାନର ଏଭଳି ଏକଛତ୍ରବାଦୀ ଶାସନକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି । ତୁରନ୍ତ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯା ଓ ପରିବାରବର୍ଗଙ୍କ ସହ ସାକ୍ଷାତ ଲାଗି ଦାବି କରାଯାଉଛି ।

## ସ୍ପଷ୍ଟକଲେ ଜେଲ୍ କର୍ତ୍ତୃପକ୍ଷ

ବିଶ୍ୱର ମହାନ କ୍ରିକେଟର ତଥା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୃତ୍ୟୁ ନେଇ ହୋଇଆସୁଥିବା ରିପୋର୍ଟଗୁଡ଼ିକର କୌଣସି ସତ୍ୟତା ନାହିଁ । ଜେଲ୍ କର୍ତ୍ତୃପକ୍ଷ, ସାମରିକ କର୍ତ୍ତୃପକ୍ଷ ଏବଂ ସ୍ୱାଧୀନ ଯାଞ୍ଚରୁ ସ୍ପଷ୍ଟ ହୋଇଛି ଯେ, ସେ ଜୀବିତ ଅଛନ୍ତି ଏବଂ ଆଦିଆଲା ଜେଲରେ ବନ୍ଦୀ ଅଛନ୍ତି । ସୋସିଆଲ ମିଡିଆ ମନ୍ତବ୍ୟ ପରେ ଅନଲାଇନରେ ଗୁଜବ ବ୍ୟାପିଥିଲା, କିନ୍ତୁ କର୍ତ୍ତୃପକ୍ଷ ଏହି ଦାବିଗୁଡ଼ିକୁ ଭିତ୍ତିହୀନ ବୋଲି କହି ଖଣ୍ଡନ କରିଛନ୍ତି । ପ୍ରତ୍ୟକ୍ଷ ତଥ୍ୟ ପରିବର୍ତ୍ତେ ସାଧାରଣ ସୁରକ୍ଷା ଚିନ୍ତାକୁ ଆଧାର କରି ସୋସିଆଲ ମିଡିଆ ପୋଷ୍ଟ ଏବଂ ଅନୁମୋଦିତ ହୋଇନଥିବା ମନ୍ତବ୍ୟରୁ ଏଭଳି କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା । ଆଦିଆଲା ଜେଲରେ ପ୍ରଶାସନିକ ଅଧିକାରୀ ଏବଂ ସେନା ଜନସମ୍ପର୍କ ବିଭାଗ ସ୍ପଷ୍ଟ କରିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଜୀବିତ ଅଛନ୍ତି ଏବଂ ସୁସ୍ଥ ଅଛନ୍ତି । ତାଙ୍କ ଜେଲ୍ କୋଠରୀକୁ ପରିବାର ଏବଂ ଆଇନଜୀବୀଙ୍କ ଭେଟ ଉପରେ ଲାଗିଥିବା କଟକଣା ଯୋଗୁଁ ତାଙ୍କ ସୁରକ୍ଷାକୁ ନେଇ ବାରମ୍ବାର ଉଦବେଗ ଏବଂ ଅସତ୍ୟ ଗୁଜବ ସୃଷ୍ଟି କରାଯାଉଛି ।






# ହୀରାକୁଦରୁ ୨୪କ୍ୟୁସେକ ପାଣି ଟାଣିବ କୋଇଲା ଗ୍ୟାସିଫିକେସନ୍ ପ୍ରକଳ୍ପ



**ଝାରସୁଗୁଡ଼ା (ଅମୃତ ମିଡିଆ) :** ଜିଲ୍ଲାର ଲଖନପୁର ବ୍ଲକର ବନ୍ଧ ବାହାଲରେ ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ କେମିକାଲସ ଲିମିଟେଡ୍ ଏକ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ ସ୍ଥାପନ କରୁଛି। ଏହି ପ୍ରକଳ୍ପ ପାଇଁ କମ୍ପାନି ହୀରାକୁଦ ଜଳଭଣ୍ଡାରରୁ ୨୪.୨୦ କ୍ୟୁସେକ୍ ? ପାଣି ଟାଣିବ। ରାଜ୍ୟ ସରକାରଙ୍କ ଗୋ-ସ୍ୱିଫ୍ଟ ପୋର୍ଟାଲରେ କମ୍ପାନି ସେଥିପାଇଁ ଆବେଦନ କରିଥିଲା। ଉକ୍ତ ଆବେଦନ ସମ୍ପର୍କରେ ଚଳିତ ମାସ ୧୨ ତାରିଖରେ ଅନୁଷ୍ଠିତ ୧୫୯ତମ ଜଳ ଆବଣ୍ଟନ କମିଟି ବୈଠକରେ ଆଲୋଚନା ହୋଇଥିଲା। କମ୍ପାନିର ଆବେଦନକୁ ବୈଠକରେ ମଞ୍ଜୁର କରାଯାଇଥିଲା। ମିଳିଥିବା ସୂଚନା ଅନୁସାରେ, କୋଲ୍ ଇଣ୍ଡିଆ ଓ ଭେଲ୍‌ର ଯୌଥ ଉଦ୍ୟୋଗ ବିସିଜିସିଏଲ୍ ତିନିଟି ପର୍ଯ୍ୟାୟରେ ହୀରାକୁଦରୁ ପାଣି ନେବ। ୨୦୨୮ ଜାନୁଆରିରୁ ଡିସେମ୍ବର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ କମ୍ପାନି ୧୦ କ୍ୟୁସେକକୁ ସଂଗ୍ରହ କରିବ। ୨୦୨୯ ଜାନୁଆରିରୁ ଡିସେମ୍ବର ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ୧୯.୬୨ କ୍ୟୁସେକ୍ ଜଳ ନେବ। ୨୦୩୦ ଜାନୁଆରିରୁ ୨୦୫୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କମ୍ପାନି ତୃତୀୟ ପର୍ଯ୍ୟାୟରେ ୨୪.୨୦ କ୍ୟୁସେକ୍ ଜଳ ସଂଗ୍ରହ କରିବ। ଶିଳ୍ପ ବ୍ୟବହାର ନିମନ୍ତେ କମ୍ପାନିକୁ ଏହି ପରିମାଣର ପାଣି ଆବଣ୍ଟନ କରିବାକୁ ଇପିକଲ୍ ତରଫରୁ ଚଳିତ ବର୍ଷ ଜୁନ୍ ୨୯ରେ ସୁପାରିସ କରାଯାଇଥିଲା। ବିସିଜିସିଏଲ୍ ମାଗିଥିବା ପରିମାଣର ଜଳ ଦେବା ସମ୍ପର୍କରେ ମହାନଦୀ ଅବବାହିକା, ବୁର୍ଲାର ମୁଖ୍ୟଯନ୍ତ୍ରୀଙ୍କ ମତ ଲୋଡ଼ାଯାଇଥିଲା। ମୁଖ୍ୟଯନ୍ତ୍ରୀ ଜଣାଇଥିଲେ ଯେ କମ୍ପାନିକୁ ଆବଶ୍ୟକ ପରିମାଣ ପାଣି ଆବଣ୍ଟନ କରାଯାଇପାରିବ। କିନ୍ତୁ କୌଣସି ପରିସ୍ଥିତିରେ କମ୍ପାନି ଆରଏଲ୍ ?-୫୦୦ ଫୁଟ ତଳକୁ ଏବଂ ଜଳଭଣ୍ଡାରରେ ଅଳ୍ପ ପାଣି ଥିବା ସମୟରେ ପାଣି ନେଇପାରିବ ନାହିଁ। ନିଜ ତିନି ମାସର ପାଣି ଆବଶ୍ୟକତା ପୂରଣ କରିବାକୁ ପ୍ରକଳ୍ପ ପରିସରରେ ବ୍ୟବସ୍ଥା କରିବାକୁ ମଧ୍ୟ ବିସିଜିସିଏଲ୍‌କୁ ପରାମର୍ଶ ଦିଆଯାଇଥିଲା। ଜଳଭଣ୍ଡାରରେ କମ୍ ପାଣି ଥିବା ସମୟ ପାଇଁ ଜଳ ପରିଚାଳନା ଯୋଜନାକୁ କମ୍ପାନି ଦାଖଲ କରିନାହିଁ। ଏଥି ସହିତ ପ୍ରକଳ୍ପ ଭିତରେ ତିନି ମାସର ପାଣି ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ହୀରାକୁଦ ଜଳ ଭଣ୍ଡାରରୁ ଶିଳ୍ପ ସଂସ୍ଥାଗୁଡ଼ିକୁ ୬୩୦୦ କ୍ୟୁସେକ୍ ପର୍ଯ୍ୟନ୍ତ ଜଳ ସଂଗ୍ରହ କରିବାକୁ ଅନୁମତି ଦିଆଯାଇଛି। କିନ୍ତୁ ବାସ୍ତବରେ ସେମାନେ ନେଉଥିବା ପାଣି ୨୦୦-୨୬୦ କ୍ୟୁସେକ୍ ପାଖାପାଖି ରହୁଛି। ବିସିଜିସିଏଲ୍ ମାଗିଥିବା ପାଣି ବର୍ତ୍ତମାନ ସମୟରେ ସବୁ ଶିଳ୍ପ ସଂସ୍ଥା ନେଉଥିବା ପାଣିର ୧୦ ପ୍ରତିଶତ ପାଖାପାଖି ରହୁଛି। ପଶ୍ଚିମ ଓଡ଼ିଶାରେ ଥିବା ଆଲୁମିନିୟମ, ଇସ୍ପାତ, ପାୱାର ପ୍ଲାଣ୍ଟ ଓ ସିମେଣ୍ଟ ଶିଳ୍ପଗୁଡ଼ିକ ହୀରାକୁଦ ଜଳଭଣ୍ଡାରର ପାଣି ବ୍ୟବହାର କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଲଖନପୁରରେ ୨୫,୦୧୬ କୋଟି ଟଙ୍କା ନିବେଶରେ କୋଇଲା ଗ୍ୟାସିଫିକେସନ ପ୍ରକଳ୍ପ ସ୍ଥାପନ କରାଯାଉଛି। ଚଳିତ ବର୍ଷ ଜୁନ ୨୦ରେ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ୨୦୩୦ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ଦୈନିକ ୨୦୦୦ ଟନ୍ ଆମୋନିଅମ ନାଇଟ୍ରେଟ୍ ଉତ୍ପାଦନ କରାଯିବ।

# ପାନୀୟଜଳ ପାଇଁ ଯିବାକୁ ପଡୁଛି ୨ କିମି



**କେସିଙ୍ଗା (ଅମୃତ ମିଡିଆ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ମଖାପଲା ଗ୍ରାମରେ ଦୀର୍ଘଦିନରୁ ପାନୀୟଜଳ ସମସ୍ୟା ରହିଛି। ଏହି ଅଞ୍ଚଳରେ ନଳକୂପ ଖୋଳିଲେ ମଧ୍ୟ ପାଣି ବାହାରୁନାହିଁ। ଗ୍ରାମରୁ ପ୍ରାୟ ୨ କିମି ହେବ ଗୋଟିଏ ନଳକୂପ ରହିଛି। ସେଥିରୁ ଭଲ ପାଣି ବାହାରୁ ଥିବାରୁ ଗ୍ରାମର ମହିଳାମାନେ ପାନୀୟ ଜଳ ପାଇଁ ପାଣି ଆଣିବାକୁ ଯାଇଥାଆନ୍ତି। ବସ୍ତି ଭିତରେ ୩ଟି ନଳକୂପରୁ ପାଣି ବାହାରୁଛି। କିନ୍ତୁ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ୩ଟି ନଳକୂପ ଯଥେଷ୍ଟ ନୁହେଁ। ମଖାପଲା ଗ୍ରାମରେ ୧ ହଜାରରୁ ଊର୍ଦ୍ଧ୍ୱ ?ବ ଲୋକ ଅଛନ୍ତି। ଗାଁରେ ରହିଛି ବସୁଧା ଯୋଜନାର ଓଭର ହେଡ୍ ଟ୍ୟାଙ୍କ। ହେଲେ ଯାନ୍ତ୍ରିକ ତ୍ରୁଟି ଓ ବିଦ୍ୟୁତ୍ ବାରମ୍ବାର ବିଭ୍ରାଟ ଯୋଗୁ ପାଣି ସମସ୍ୟାର ରହିଛି। ବର୍ତ୍ତମାନ ୧୦ ଦିନରୁ ଊର୍ଦ୍ଧ୍ୱ ହେଲା ପାଣି ଯୋଗାଣ ବନ୍ଦ ହେବାରୁ ଲୋକେ ହାହାକାର ହୋଇ ଉଠିଛନ୍ତି। ନଳକୂପ ଏତେ ଦୂର ଯେ କିଏ ସାଇକେଲ ତ କିଏ ବାଇକ୍‌ରେ ଯାଇ ପାଣି ଆଣୁଛି। ଗାଧୋଇବା ପାଇଁ ଗାଁରୁ ୪ କିମି ଦୂରରେ ଥିବା ନାଳକୁ ଯାଇ ଦୈନନ୍ଦିନ ଗାଧୋଇ ଆସୁଛନ୍ତି। ଗ୍ରାମରେ ଥିବା ଓଭର ହେଡ୍ ଟ୍ୟାଙ୍କରୁ ବର୍ଷାଦିନେ ଗୋଳିଆ ପାଣି ଆସିଥାଏ। ଏଣୁ ସେମାନେ ବାଧ୍ୟ ହୋଇ ଏହି ନଳକୂପ ଉପରେ ନିର୍ଭର କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ନେଇ ଗ୍ରାମବାସୀ, ବିଭାଗୀୟ ଅଧିକାରୀ, କେସିଙ୍ଗା ବିଡିଓଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁ ଏସ୍ଏସ୍‌ର ସହକାରୀ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠୀଙ୍କୁ ପଚାରିବାରୁ ଆଜି ଓଭର ହେଡ୍‌ରେ ବିଦ୍ୟୁତ ସଂଯୋଗ ଦିଆଯିବ ଏବଂ ପାନୀୟଜଳ ସମସ୍ୟା ଦୂର ହେବ। ଏହି ଅଞ୍ଚଳରେ ପାଣି ବାହାରୁନାହିଁ, ଗାଁ ଭିତରେ ୩ଟି ନଳକୂପ ମଧ୍ୟ ଅଛି ବୋଲି ପ୍ରକାଶ କରିଥିଲେ।

# ଜିଲ୍ଲା କାରାଗାରରେ ସ୍ୱାସ୍ଥ୍ୟ ଶିବିର

## ଦୁଇ ପର୍ଯ୍ୟାୟରେ ୩୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କ ରକ୍ତ ଓ କଫ ନମୁନା ସଂଗ୍ରହ




**କଳାହାଣ୍ଡି (ଅମୃତ ମିଡ଼ିଆ) :** କାରାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସଂକ୍ରାମକ ରୋଗର ପ୍ରାଥମିକ ଚିହ୍ନଟକୁ ଗୁରୁତ୍ୱ ଦେଇ ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲ୍ଲା କାରାଗାର ପରିସରରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ହିନ୍ଦୁସ୍ତାନ ଲାଟେକ୍ସ ଫ୍ୟାମିଲି ପ୍ଲାନିଂ ପ୍ରମୋସନ ଟ୍ରଷ୍ଟର ମିଳିତ ସହଯୋଗରେ ଏକ ବ୍ୟାପକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଜିଲ୍ଲା କାରାଗାରର ଅନ୍ତେବାସୀମାନଙ୍କ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଆବଶ୍ୟକୀୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ପ୍ରଦାନ କରାଯାଇଥିଲା। ଏଥିସହ ଏଚ୍ଆଇଭି, ସିଫିଲିସ୍, ଟିବି ଓ ହେପାଟାଇଟିସ୍ ଭଳି ସଂକ୍ରାମକ ରୋଗର ସ୍କ୍ରିନିଂ ଓ ପରୀକ୍ଷା ପାଇଁ ଅନ୍ତେବାସୀମାନଙ୍କଠାରୁ ରକ୍ତ ଓ କଫ ନମୁନା ସଂଗ୍ରହ କରାଯାଇଥିଲା। ଜିଲ୍ଲା କାରାଗାର ଅଧୀକ୍ଷକ ସରୋଜ କୁମାର ବିଶ୍ୱାଳ, କାରାପାଳ ନିରଞ୍ଜନ କିସାନ, ବରିଷ୍ଠ ଫାର୍ମାସିଷ୍ଟ ଜ୍ଞାନେନ୍ଦ୍ର କୁମାର ମିଶ୍ର ଓ ଜେଲରଙ୍କ ତତ୍ତ୍ୱାବଧାନରେ ଶିବିରଟି ଅନୁଷ୍ଠିତ ହୋଇଥିଲା। ଶିବିରରେ ଐଖରଚଟଞ୍ଚର ପ୍ରିଜନ୍ କୋ-ଅର୍ଡିନେଟର ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ମାଇକ୍ରୋବାୟୋଲୋଜିଷ୍ଟ ରାହୁଲ ମେହେର, ଲାବୋରେଟୋରୀ ଟେକ୍ନିସିଆନ୍ ଅନୁପ ଅଗସ୍ତି, ଟିବି ଲାବ୍ ସୁପରଭାଇଜର ବିଶ୍ୱରଞ୍ଜନ ବଳିୟାରସିଂହ, ଟିବି ଟ୍ରିଟମେଣ୍ଟ ସୁପରଭାଇଜର ରୁପେଶ ମୁଣ୍ଡ, ରେଡିଓଗ୍ରାଫର ଖଗପତି ରଣା ଏବଂ ଡିଇଓ ପ୍ରବୀର ତାଣ୍ଡି ପ୍ରମୁଖ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏହି ଅବସରରେ ବରିଷ୍ଠ ଫାର୍ମାସିଷ୍ଟ ଜ୍ଞାନେନ୍ଦ୍ର କୁମାର ମିଶ୍ର ଓ ପ୍ରିଜନ୍ କୋ-ଅର୍ଡିନେଟର ପ୍ରଶାନ୍ତ କୁମାର ମାଝୀ ଅନ୍ତେବାସୀମାନଙ୍କୁ ଏଚ୍ଆଇଭି/ଏଡ୍ସ, ଯୌନ ସଂକ୍ରମିତ ରୋଗର ପ୍ରତିରୋଧ, ବ୍ୟକ୍ତିଗତ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ସଚେତନତା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ସଚେତନତା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସ୍ୱାସ୍ଥ୍ୟ ଶିବିରର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୩୦୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କଠାରୁ ରକ୍ତ ଓ କଫ ନମୁନା ସଂଗ୍ରହ କରାଯାଇଛି। ସଂକ୍ରାମକ ରୋଗର ପ୍ରାଥମିକ ଚିହ୍ନଟ ସହ କାରାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି ପଦକ୍ଷେପ ଏକ ପ୍ରଶଂସନୀୟ ଉଦ୍ୟମ ବୋଲି ମତ ପ୍ରକାଶ ପାଇଛି। ଶିବିର ଶେଷରେ ଅନ୍ତେବାସୀମାନେ ଏଭଳି ଜନହିତକର ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, HLFPPT ଏବଂ କାରାଗାର କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ।

## ବ୍ଲକସ୍ତରୀୟ ସାମ୍ବିଧାନିକ କର୍ମଶାଳା

ବଲାଙ୍ଗୀର (ଅମୃତ ମିଡିଆ) : ଦେଓଗାଁ ସ୍ଥିତ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଦେଓଗାଁ ବ୍ଲକ୍ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକସ୍ତରୀୟ ସାମ୍ବିଧାନିକ କର୍ମଶାଳା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦେଓଗାଁ ବ୍ଲକ୍ ସଭାପତି ଅମ୍ବରିଶ ଭୋଇ, ରାଜ୍ୟ ଉପସଭାପତି ସୁଧୀର ନାଏକ, ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ, ଜିଲ୍ଲା ସମ୍ପାଦକ ଶଙ୍କର ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅନିଲ ସାହୁ, ବ୍ଲକ୍ ଓଷ୍ଟା ସମ୍ପାଦକ ପ୍ରେମରାଜ ପ୍ରଧାନ ମଞ୍ଚାସୀନ ହୋଇଥିଲେ। ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଟିଟିଲାଗଡ ଓଷ୍ଟା ସମ୍ପାଦକ ଗୋବର୍ଦ୍ଧନ ସାହୁ, ବଲାଙ୍ଗିର ବ୍ଲକ୍ ସମ୍ପାଦକ ସଞ୍ଜୟ ତ୍ରିପାଠୀ, ସଇଁତଳା ବ୍ଲକ ସମ୍ପାଦକ ମନୋଜ ବେହେରା ଯୋଗ ଦେଇଥିଲେ। ଏହି ବୈଠକରେ ଦେଓଗାଁ ବ୍ଲକ୍ ଓଷ୍ଟା କମିଟିର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଥିବାରୁ ନୂତନ ଭାବେ କମିଟି ନିର୍ବାଚନ କରାଯାଇଥିଲା। ନୂତନ କମିଟିରେ ସଭାପତି ଭାବେ ବଡ଼ବାହାଲ ହାଇସ୍କୁଲର ସତ୍ୟନାରାୟଣ ରଣା ସଭାପତି ଭାବେ ଚୟନ ହୋଇଥିବା ବେଳେ ଯୁଗ୍ମ ଭାବେ ଉପ ସଭାପତି ଶିରାବାହାଲ ହାଇସ୍କୁଲର ବାସୁଦେବ ପୋଢ ଏବଂ ଦେଓଗାଁ ହାଇସ୍କୁଲର ସୁଜାତା ମେହେର ଚୟନ ହୋଇଥିଲେ। ଶେଷରେ ସାରସମାଲ ବିଦ୍ୟାଳୟର ପବିତ୍ର ବୁଡେକ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର




**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ୮୦ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଧର୍ମଗଡ଼ ଉପଖଣ୍ଡରେ ଉପଜିଲ୍ଲାପାଳ ମିସ୍ ପ୍ରେକ୍ଷ୍ୟା ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଏକ ବ୍ୟାପକ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମେଗା ଜନଶୁଣାଣି, ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମରେ ଧର୍ମଗଡ଼ ଉପଖଣ୍ଡ ଅଧୀନ ସମସ୍ତ ତହସିଲଦାର, ବିଡିଓ, ସିଡିପିଓଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଆବେଦନ ଶୁଣାଣି କରିଥିଲେ। ଏହି ଜନଶୁଣାଣିରେ ମୋଟ ୧୧୫ଟି ଅଭିଯୋଗ ଗ୍ରହଣ କରାଯାଇ ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୧୫୦ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶେଷ ଭାବେ ଧର୍ମଗଡ଼ ଏନ୍ଏସିର ସମସ୍ତ ସଫେଇ କର୍ମଚାରୀଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟ ପରୀକ୍ଷାରେ ସାମିଲ କରାଯାଇଥିଲା। ଅନୁଷ୍ଠିତ ରକ୍ତଦାନ ଶିବିରରେ ମଧ୍ୟ ଜନସାଧାରଣ ଓ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଶିବିରରୁ ମୋଟ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ଅନ୍ୟମାନଙ୍କ ଜୀବନ ରକ୍ଷାରେ ସହଯୋଗ କରିବା ପାଇଁ ଉପସ୍ଥିତ ରକ୍ତଦାତାମାନେ ଆଗେଇ ଆସିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି ସମସ୍ତ କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସଫେଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଜନସାଧାରଣଙ୍କ ସମସ୍ୟା ଶୁଣିବା, ସେମାନଙ୍କୁ ତ୍ୱରିତ ପ୍ରଶାସନିକ ସେବା ଯୋଗାଇବା ସହିତ ସ୍ୱାସ୍ଥ୍ୟ ସଚେତନତା ଓ ରକ୍ତଦାନ ଭଳି ସାମାଜିକ କାର୍ଯ୍ୟକୁ ଏକତ୍ରିତ କରି ଏପରି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଧର୍ମଗଡ଼ ଉପଖଣ୍ଡବାସୀ ଉପଜିଲ୍ଲାପାଳଙ୍କ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏପରି ଜନମୁଖୀ ଓ ମାନବିକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତକୁ ଦୃଷ୍ଟିରେ ରଖି ବିଭିନ୍ନ ଦାବି ରଖିଲା ବିଜୁ ଛାତ୍ର ଜନତାଦଳ



ବଲାଙ୍ଗୀର (ଅମୃତ ମିଡିଆ) : ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତକୁ ଦୃଷ୍ଟିରେ ରଖି ବିଜୁ ଛାତ୍ର ଜନତା ଦଳ ବଲାଙ୍ଗିର ପକ୍ଷରୁ ଏକ ପ୍ରେସ୍‌ମିଟ୍ ଆୟୋଜିତ ହୋଇଥିଲା। ଏଥିରେ ବଲାଙ୍ଗିର ସଭାପତି ସୁମନ କୁମାର ନନ୍ଦ ବଲାଙ୍ଗିରର ଉଚ୍ଚଶିକ୍ଷା, ଭିତ୍ତିଭୂମି ଓ ଐତିହ୍ୟର ବିକାଶ ସମ୍ପର୍କରେ ସରକାରଙ୍କ ନିକଟରେ ୧୧ ଦଫା ଦାବି ଉପସ୍ଥାପନ କରିଥିଲେ। ପ୍ରେସ୍‌ମିଟ୍‌ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସମେତ ବଲାଙ୍ଗିରର ସମସ୍ତ ସରକାରୀ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଭାବ ଦୂର କରିବା ସହ ଆବଶ୍ୟକ ସଂଖ୍ୟକ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଦାବି କରାଯାଇଥିଲା। ଏଥିସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୫୦ ଏକର ଜମି ଆବଣ୍ଟନ, ବିଶ୍ୱବିଦ୍ୟାଳୟ ପରିସରରେ ଖୋଲାମଞ୍ଚ ଅଡିଟୋରିୟମ୍ ନିର୍ମାଣ ଏବଂ ଗବେଷଣା ଓ ସୌନ୍ଦର୍ଯ୍ୟକରଣ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ଦାବି ରଖାଯାଇଥିଲା। ବଲାଙ୍ଗିର କଲେଜର ଭିତ୍ତିଭୂମି ବିକାଶ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଣ୍ଟନ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ କେନ୍ଦ୍ରୀୟ ପାଠାଗାର ଓ ଅଡିଟୋରିୟମ୍ ନିର୍ମାଣ ସହ ବାଣିଜ୍ୟ ବିଭାଗ ଆରମ୍ଭ କରିବାକୁ ମଧ୍ୟ ଦାବି ହୋଇଥିଲା। ଏହା ସହିତ ବଲାଙ୍ଗିରର ସ୍ଥାନୀୟ କଳାକାର, ଲୋକକଳା ପରିବେଷକ, ନାଟ୍ୟଦଳ ଓ ସାଂସ୍କୃତିକ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଓ ନିୟମିତ ଅନୁଦାନ ପ୍ରଦାନ, ଐତିହାସିକ ସ୍ମାରକ ଓ ଐତିହ୍ୟସ୍ଥଳୀଗୁଡ଼ିକର ବିକାଶ ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝୀ ମାନ୍ଧାତାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମଧ୍ୟ ଦାବି ଉପସ୍ଥାପିତ ହୋଇଥିଲା। ସୁମନ କୁମାର ନନ୍ଦ କହିଥିଲେ ଯେ, ବଲାଙ୍ଗିରର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷାର ସୁଯୋଗ ବୃଦ୍ଧି, ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଜିଲ୍ଲାର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ଏହି ଦାବିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚଶିକ୍ଷା ମନ୍ତ୍ରୀ ବଲାଙ୍ଗିର ଗସ୍ତ ସମୟରେ ଏହି ଦାବିଗୁଡ଼ିକ ଉପରେ ଗୁରୁତ୍ୱର ସହ ବିଚାର କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ପ୍ରେସ୍‌ମିଟ୍‌ରେ ଛାତ୍ର ନେତା ଚିରଞ୍ଜିବୀ ପ୍ରଧାନ, ମନୀଷ ସାଏ, ଆଦର୍ଶ ପୁରୋହିତ, ପ୍ରତ୍ୟୁଷ ପାଲଟା, ବାବଲୁ ଓ ଶୁଭ୍ରାଂଶୁ ବେହେରାଙ୍କ ସମେତ ଅନ୍ୟ ଛାତ୍ର ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ରକେଟ ଗାର୍ଲ୍ ପ୍ରୀତିଶା ବାନାର୍ଜୀ ସମ୍ବର୍ଦ୍ଧିତ



**ବଲାଙ୍ଗୀର (ଅମୃତ ମିଡିଆ) :** ଟିଟିଲାଗଡ ଓମ ଭ୍ୟାଲି ସ୍କୁଲରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଭାବେ ବର୍ଷ (୨୦୧୪-୧୬) ପାଠ ପଢ଼ିବା ପରେ ବାହାରକୁ ପଢ଼ିବାକୁ ଯାଇଥିଲେ ପ୍ରିତିଶା। ତେବେ ସ୍କାଇରୁଟ୍ ଏରୋସ୍ପେସ୍‌ରେ ଏଭିଓନିକ୍ସ ସଫ୍ଟୱେର୍ ରିଲାଏବିଲିଟି ଇଞ୍ଜିନିୟର୍ ଭାବେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ, ଏବଂ ଭାରତର ପ୍ରଥମ ବେସରକାରୀ ଭାବେ ବିକଶିତ କକ୍ଷପଥ ରକେଟ୍ ବିକ୍ରମ-୧ର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ତଥା ଅଞ୍ଚଳର ନା କରିଛନ୍ତି ପ୍ରିତିଶା। ଏହି ପରିପ୍ରେକ୍ଷୀରେ ଆଜି ଟିଟିଲାଗଡକୁ ଆସିଥିବା ବେଳେ ତାଙ୍କୁ ଓମ ଭ୍ୟାଲି ସ୍କୁଲ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଥମେ ସ୍କୁଲର ସମ୍ମିଳନୀ କକ୍ଷକୁ ପାଛୋଟି ନେବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ତାଙ୍କ ପିତାମାତାଙ୍କୁ ମଧ୍ୟ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ଶୋଭାଗିନୀ ପୃଷ୍ଟି, ଆଶିଷ ଏନଭି ନାଏକ ଓ ଆରାଧନା ପ୍ରସାଦ। ଏହି ଅବସରରେ ପ୍ରିତିଶା କିପରି ଏହି ସଫଳତା ହାସଲ କରିଥିଲେ ସେ ବିଷୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ତେବେ ସେ ପାଠପଢ଼ାରେ ଜଣେ ଟପ୍ପର ନ ଥିଲେ। ମୁଁ ଜଣେ ଏଭ୍‌ରେଜ୍ କେଟାଗୋରିର ଛାତ୍ରୀ ଥିଲି, ହଁ ମୁଁ ଯେତେ ଥର ସଫଳତା ହାସଲ କରୁ ନ ଥିଲି ଚେଷ୍ଟା କରିବା ବି ଛାଡ଼ୁ ନ ଥିଲି ବୋଲି ନିଜ ଉଦ୍‌ବୋଧନରେ କହିବା ସହ ଯେଉଁ ବିଷୟରେ ରୁଚି ଅଛି ସେ ଦିଗରେ ଆଗକୁ ବଢ଼ିବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ତା' ସହିତ ଯୁକ୍ତ ଦୁଇ ପଢିବା ବେଳେ ସ୍କୁଲର ଚେୟାରମେନ୍ ଲାୟନ ଦୀପକ କୁମାର ସାହୁ, ଏମ୍ ଡି. ବିଭାରାଜ ଗୁପ୍ତା, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୋତେ ବହୁତ ସଠିକ ଶିକ୍ଷା ପ୍ରଦାନ କରିବା ସହ ଉତ୍ସାହିତ କରିବା ଯୋଗୁଁ ଆଜି ଏହି ସଫଳତା ହାସଲ କରିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଏବଂ ଉତ୍ସାହ ପ୍ରତ୍ୟେକ ଆଉମାଇଟ୍‌ଙ୍କ ବଡ଼ ସ୍ୱପ୍ନ ଦେଖିବା ଏବଂ ତାରାମଣ୍ଡଳ ଦିଗରେ ପହଞ୍ଚିବା ପାଇଁ ପ୍ରେରଣା ଯୋଗାଇଛି, ଆଗାମୀ ଜୀବନ ଯାତ୍ରାରେ ନିରନ୍ତର ସଫଳତା ହାସଲ କରନ୍ତୁ ବୋଲି ସ୍କୁଲର ପ୍ରିନ୍ସିପାଲ ଏମ୍ ନାଗା ମଲେଶ୍ୱର୍ ରାଓ, ସ୍କୁଲର ଚିଫ ଏଡ଼ଭାଇଜର ଡ. ରୋବିନ ଚନ୍ଦ୍ର ପରମାଣିକ, ସ୍କୁଲର ଭାଇସ ପ୍ରିନ୍ସିପାଲ ସରିତା ମହାପାତ୍ର କହିବା ସହ ଶୁଭେଚ୍ଛା ଜଣାଇଥିଲେ। ପ୍ରିତିଶାଙ୍କ ମା ଓ ବାପା ଉଭୟେ ଓମ ଭ୍ୟାଲି ସ୍କୁଲରେ ଦିଆଯାଉଥିବା ଶିକ୍ଷା ଓ ଶିକ୍ଷକମାନଙ୍କୁ ବହୁତ ପ୍ରଶଂସା କରିଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର



**ବଲାଙ୍ଗୀର (ଅମୃତ ମିଡିଆ) :** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖା ଓ କେନ୍ଦ୍ରିୟ ବିଦ୍ୟାଳୟ ବଲାଙ୍ଗିର ର ମିଳିତ ସହଯୋଗ ରେ ଏକ ଆଲୋଚନା ଚକ୍ର ହୋଇଥିଲା। ଶୀର୍ଷକ - ଆମେ ପରିବେଶର ସୁରକ୍ଷା କରିବା କିପରି ? ଏହା ଛଡା ଛାତ୍ରମାନଙ୍କର ସୃଜନୀ ଶକ୍ତିର ବିକାଶ ପାଇଁ ଏକ ବର୍ଷା ଋତୁ ଉପରେ କବିତା ପାଠୋତ୍ସବ ହୋଇଥିଲା। ଏହି କବିତା ପାଠୋତ୍ସବ ରେ ସୃଜନୀ ଶକ୍ତିର ବିକାଶ ହୋଇଥାଏ। ଏହି କ୍ରମରେ ଅନେକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମାନେ ହେଲେ ସଂଜନା ମିଶ୍ର, କ୍ଷୀରବ୍ଧି ତନୟା ପଣ୍ଡା, ସ୍ମୃତି ସାନ୍ଧାୟା ଗୁରୁ, ସ୍ୱାରାଜ ସାହୁ, ସ୍ୱସ୍ତିକ ଶତପଥି, ଅନିସା ମିଶ୍ର, ଡାକୁଆ, ପ୍ରତିକ ପି ମେହେର, ତାତ୍ତ୍ୱିକ ଦାଶ, ଜଗନମୟୀ ଦାଶ, ଦିବ୍ୟ ଜ୍ୟୋତି ମହାପାତ୍ର, ଆଦ୍ୟାସାରାଣୀ ସରାଫ, ଆରାଧ୍ୟ, ପୁନୟ ତୋୟ, ସ୍ମୃତି ବିନ୍ଦୁ ଝାଙ୍କର, କାନୁ ପ୍ରିୟା, ଅତିଭା ପଣ୍ଡା, ଅନୁଷ୍କା ପଟେଲ, ସୁଭଶ୍ରୀ ସାମଲ, ଆରାଧ୍ୟା ସାମଲ, ଶ୍ରୀୟାସି ସାମଲ, ଶ୍ରୀୟାସି ଶତପଥି, ସମୀକ୍ଷା ପ୍ରଧାନ। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଆଗରୁ ବିଦ୍ୟାଳୟରେ ଗଛ ଲଗାଯାଇଥିଲା। ମଂଚ ପରିଚାଳକ ଭାବରେ ଡିଲେଶ୍ୱର ପାତ୍ର ଶିକ୍ଷକ ମଂଚ ପରିଚାଳନା କରିଥିଲେ। ସଭାପତିତ୍ୱ କରିଥିଲେ ଡକ୍ଟର ଭବାନୀ ଶଙ୍କର ପଟେଲ, ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ଗଣେଷ ପଧାନ, ସମ୍ମାନିତ ଅତିଥି ଭାବରେ କ୍ଷମାନିଧି ଝାଙ୍କରଙ୍କୁ ସମ୍ମାନିତ କରାଯଇଥିଲା। ମାନପତ୍ର ପଢିଥିଲେ ରଶ୍ମି ପାତ୍ର। ବକ୍ତା ଭାବରେ ଯଥାକ୍ରମେ ପ୍ରବୀର ମେହେର ଶିକ୍ଷକ ଜୀବ ବିଜ୍ଞାନ ଓ ନୀଳକଣ୍ଠ ମିଶ୍ର ଆସିନ ଥିଲେ। ସଂପାଦକ ରାମଚନ୍ଦ୍ର ପଟେଲ ସଭାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। କବିତା ସଂଯୋଜନା କରିଥିଲେ ରଶ୍ମୀ ପାତ୍ର, ରାମ ଶଙ୍କର ଶତପଥି ଓ ସରସ୍ୱତୀ ମିଶ୍ର, ବର୍ଷା କବିତା ପଠନ କରିଥିଲେ ବଳିଷ୍ଠ ପ୍ରଧା, ରାମ ଶଙ୍କର ଶତପଥି, ସରସ୍ୱତୀ ମିଶ୍ର, ରଶ୍ମି ପାତ୍ର, ଅନୁପ୍ରିୟା ମିଶ୍ର।

## ସମ୍ପାଦକୀୟ...

# ପୁନଃନିର୍ଦ୍ଧାରଣ ସମସ୍ୟା

ଚଳିତ ମୌସୁମୀ ଅଧିବେଶନରେ କେନ୍ଦ୍ର ସରକାର ପକ୍ଷରୁ ସୀମା ପୁନଃନିର୍ଦ୍ଧାରଣ ବିଲ ଆଗତ କରିବା ପାଇଁ ଯେଉଁଭଳି ଭାବେ ଯୋଜନା କରିଥିଲେ, ତାହା ପୂରାପୂରି ଭାବେ ଫସର ଫାଟିଯାଇଛି। ବିଲ୍ ଆଗତ ପୂର୍ବରୁ ହିଁ ଆରମ୍ଭ ହୋଇଯାଇଥିଲା ହଲ୍ଲାବୋଲ୍ ଯାହାକି ଭାରତୀୟ ରାଜନୈତିକ ସଂସ୍କୃତି ପରମ୍ପରାର ଅତି ଚିରାଚରିତ ନିୟମ! ଏମିତିରେ ଅବଶ୍ୟ କିଛିଟା ଅସମ୍ମାନ ପ୍ରଦର୍ଶନ ହେଇପାରେ, ଭାରତୀୟ ରାଜନୈତିକ ପାଣିପାଗ ମଧ୍ୟ ବିଗିଡ଼ିଯାଇପାରେ। ହେଲେ ଯାହାଟା ସତ୍ୟ, ତାହା ହିଁ ତଥ୍ୟ ଏବଂ ଯାହାକି ସାମ୍ପ୍ରତିକ ପରିସ୍ଥିତିରେ ଆମ ରାଜନୈତିକ ପରିବେଶର ବାସ୍ତବ ଚିତ୍ର । କେନ୍ଦ୍ରର ସଂସଦୀୟ ପରିବେଶରେ ଦେଶର ବିଭିନ୍ନ ମୁଦ୍ଦା ଉପରେ, ଜାତୀୟ ସ୍ତରର ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ହେଉ ଅବା କୌଣସି ବି ସେମିତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସଂସଦରେ ସେ ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା ଏକ ସାଧାରଣ ରାଜନୈତିକ ପରମ୍ପରା ଯାହା ସହିତ କେବଳ ରାଜନେତା ନୁହଁନ୍ତି,ଦେଶର ସାଧାରଣ ଜନତା ମଧ୍ୟ ପରିଚିତ। ଯେହେତୁ ସେମାନେ ମଧ୍ୟ ସେମାନଙ୍କ ଜନପ୍ରତିନିଧିଙ୍କୁ ଯେବେ ଭୋଟ ଦେଇଛନ୍ତି ସେଣୁ ସେମାନଙ୍କର ସେମିତି କିଛି ଅଧିକାର ରହିଛି ଦେଶର ରାଜନେତା ଏବଂ ଦେଶର ରାଜନୈତିକ ପରିସ୍ଥିତି ବିଷୟରେ ଅବଗତ ହେବାପାଇଁ। ହେଲେ ବିଶେଷ କିଛି ଲାଭ ନାହିଁ। କାରଣ ହେଉଛି ଅନେକ ସମୟରେ ହେଉଥିବା ଶସ୍ତା ରାଜନୀତି,କାରଣ ହେଉଛି ଅଧିକାଂଶ ସମୟରେ ଭାରତୀୟ ରାଜନୀତିରେ ପରିଲକ୍ଷିତ ହେଉଥିବାସ୍ୱାର୍ଥ ପ୍ରଣୋଦିତ ରାଜନୀତି। କେତେକ ହାତଗଣତି ରାଜ୍ୟଙ୍କୁ ବାଦଦେଲେ ଅଧିକାଂଶ ରାଜ୍ୟର ରାଜନୈତିକ ପାଣିପାଗ ଏକଦମ୍ ଖରାପ ବୋଲି କୁହାଯାଇପାରେ। ଯେଉଁଥିରେ ପୂର୍ବଭାରତର ବିହାର ବେଙ୍ଗଲ ଥିଲାବେଳେ ଦକ୍ଷିଣ ଭାରତର କେରଳ ରାଜ୍ୟ ରହିଛି ଯାହାର ନାମ ପରିବର୍ତ୍ତନ ନେଇ ସଂସଦରେ ଏବେ ଏବେ ପାସ୍ ହୋଇଛି ବିଲ୍ ଯାହାପରେ ରାଜ୍ୟର ନାମ ପରିବର୍ତ୍ତନ ହୋଇ କେରଳମ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଯାହା ଏକ ସର୍ବସମ୍ମତ ମତ। ପଶ୍ଚିମ ଏବଂ ଉତ୍ତର ଭାରତୀୟ ରାଜ୍ୟରେ ମଧ୍ୟ ରହିଛି ନାନା ସମସ୍ୟା ତେବେ ସମୟ ସମୟରେ କେତେକ ସମସ୍ୟା ଉଭୟ ଆଞ୍ଚଳିକ ଏବଂ ଜାତୀୟ ସ୍ତରକୁ ମଧ୍ୟ ପ୍ରଭାବିତ କରିଥାଏ ଅତି ମାତ୍ରାରେ। ଏବେ ସେମିତି ଏକ ସମସ୍ୟା ଏବେ ଉପନୀତ ହୋଇଛି ସରକାରଙ୍କ ସାମ୍ନାରେ । ସୀମା ପୁନଃ ନିର୍ଦ୍ଧାରଣ ସମସ୍ୟା। ଯାହାକୁ ନେଇ ଜାତୀୟ ରାଜନୀତି ଏକବାର ସରଗରମ ହୋଇପଡ଼ିଛି । ଦେଶର ବିଭିନ୍ନ ରାଜ୍ୟରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଏବେ ବିରୋଧ କରାଯାଇଛି। ଯହା ପଛରେ କାରଣ ଅତି ସାଧାରଣ। ସୀମା ପୁନଃ ନିର୍ଦ୍ଧାରଣର ଅର୍ଥ ରାଜ୍ୟମାନଙ୍କ୍ ମଧ୍ୟରେ ସୃଷ୍ଟି ହୋଇପାରେ ବାଦ ବିବାଦ। କାହା ଭାଗରୁ କିଛି କଟିପାରେ ଅବା କାହା ଭାଗରେ କିଛି ଯୋଡ଼ା ହୋଇପାରେ। କେନ୍ଦ୍ର ସରକାର ଏବେ ଅଣ୍ଟା ଭିଡ଼ିଛନ୍ତି ରାଜର ପୁନଃ ସୀମା ନିର୍ଦ୍ଧାରଣ କରିବା କୁ ଯାହାକୁ ନେଇ ଦକ୍ଷିଣୀ ରାଜ୍ୟ ତାମିଲନାଡୁ ରାଜନୀତି କିନ୍ତୁ ପୂରାପୂରି ସରଗରମ । କାରଣ ସେହି ଆଳରେ କେନ୍ଦ୍ର ସରକାର କାଲେ ଲୋକସଭାରେ ଆସନ ସଂଖ୍ୟା ୫୪୩କୁ ବୃଦ୍ଧି କରିପାରନ୍ତି ଯାହାକୁ କିନ୍ତୁ ତୀବ୍ର ବିରୋଧ କରିଛି ତାମିଲନାଡୁର ଶାସକ ଦଳ ଟିଭିକେ। ଯାହାକୁ ସମର୍ଥନ କରିଛି କେବଳ ଡିଏମ୍‌କେ। ଆସନ ବୃଦ୍ଧି ପଛର ଶସ୍ତା ରାଜନୀତି ହେଉଛି ସେହି ଆଳରେ ବିଜେପି ତା'ର ସମର୍ଥନରେ କିଛି ଅଣବିଜେପି ସାଂସଦ ତିଆରି କରିପାରେ ଭବିଷ୍ୟତରେ ଦଳ ସପକ୍ଷରେ ଯେଉଁମାନେ ବିଜେପି ପାଇଁ ରାଜ୍ୟ ରାଜନୀତିରେ ବିଜୟର ମଙ୍ଗ ଧରିବେ । ହେଲେ ମୁଖ୍ୟମନ୍ତ୍ରୀ ବିଜୟ କିନ୍ତୁ ଭାରୀ ଧୂରନ୍ଧର। ବିଜେପିର ବିଜୟ ପଥରେ ମୁଖ୍ୟ ପ୍ରତିବନ୍ଧକ। ଜୋସେଫ୍ ବିଜୟଙ୍କ ପଛରେ କିନ୍ତୁ ଆହୁରି ଧୂରନ୍ଧର ବ୍ୟକ୍ତିତ୍ୱ ଜଣେ ମିଷ୍ଟର ଏମ୍ କେ ଷ୍ଟାଲିନ୍.. ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଯେ କି ବିଜୟଙ୍କ ପଛରେ ଛାଇ ପରି ରହିଛନ୍ତି। ତାଙ୍କର ସହାୟତା ପାଇଁ ନୁହେଁ ବରଂ ତାଙ୍କୁ ଗାଦିରୁ ହଟାଇବା ପାଇଁ । ମୁଖ୍ୟମନ୍ତ୍ରୀ ବିଜୟଙ୍କ ଶାସନ ସମୟର ଷ୍ଟାଲିନ ହେଉଛନ୍ତି ବଡ଼ ରାଜନୀତିକ ପ୍ରତିବନ୍ଧକ , ମୁଖ୍ୟ ବିରୋଧୀ ଯାହାଙ୍କୁ ସାମ୍ନା କରିବା ପାଇଁ ବିଜୟ ରାଜ୍ୟର ବାକିସବୁ ବିରୋଧୀଙ୍କୁ ପଛରେ ପକାଇବାର କଳା କୌଶଳ ଆପଣାଇପାରନ୍ତି ଯାହା କି ତାଙ୍କ ପଦର ସୁରକ୍ଷା ପାଇଁ ଅବଶ୍ୟ ଜରୁରୀ।

## ଜ୍ଞାନାମୃତ

# ଭାଳେଣି

ଜଣେ ରାଜା ଥରେ ବିନା କାରଣରେ ତାଙ୍କର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ବି ତାଙ୍କ କଥା ଶୁଣିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦଙ୍କୁ କଠାର ରୁ ଅତି କଠୋର ଦଣ୍ଡରେ ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମାହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ୍ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧା ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ , ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରିଚାଲିଲେ ଧୀରେ ଧୀରେ। ସେମିତି ବି ସମୟ ଆସିଲା ଥରେ ଯେବେ ସେହି ପାରିଷଦ ପୁତ୍ର ସୁଯୋଗ ଦେଖି ରାଜାଙ୍କ୍ ଏକମାତ୍ର ଅଲିଅଳୀ କନ୍ୟାକୁ ଫୁସୁଲେଇ ଫାସଲେଇ ଅନ୍ଧାର ରାତିରେ ଗାୟବ କରିଦେଲେ। ରାତି ପାହିଲାରୁ ରାଜ ଦରବାରରେ ଭାଳେଣି ପଡ଼ିଗଲା। ଅବଶ୍ୟ ପରେ ରାଜା ତାଙ୍କ କନ୍ୟାକୁ ଫେରି ପାଇଲେ।

# ସ୍ୱାଧୀନତା ଦିବସ ଓ ଯୁବ ସମାଜର କର୍ତ୍ତବ୍ୟ



ଡ. ଅମୂଲ୍ୟ କୁମାର ପଣ୍ଡା



ସ୍ୱାଧୀନତା ଶବ୍ଦଟି ଭାରତୀୟ ଇତିହାସରେ କେବଳ ଏକ ଶବ୍ଦ ନୁହେଁ, ଏହା ଅସଂଖ୍ୟ ତ୍ୟାଗ, ସଂଘର୍ଷ, ବଳିଦାନ ଓ ଦେଶପ୍ରେମର ଏକ ଅମୂଲ୍ୟ ପରିଣାମ। ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖରେ ଆମେ ସ୍ୱାଧୀନତା ଦିବସ ପାଳନ କରୁ। ୧୯୪୭ ମସିହାର ଏହି ଐତିହାସିକ ଦିନରେ ଭାରତ ଦୀର୍ଘଦିନର ପରାଧୀନତାରୁ ମୁକ୍ତିଲାଭ କରିଥିଲା। ଏହି ସ୍ୱାଧୀନତା ପଛରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଭଗତ ସିଂହ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଲାଲା ଲଜପତ ରାୟ, ବାଳ ଗଙ୍ଗାଧର ତିଳକ, ରାଣୀ ଲକ୍ଷ୍ମୀବାଈଙ୍କ ସମେତ ଅସଂଖ୍ୟ ଜଣା-ଅଜଣା ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ରହିଛି। ଆଜିର ଭାରତର ଯୁବ ସମାଜ ସେହି ସ୍ୱାଧୀନତାର ଉତ୍ତରାଧିକାରୀ। ତେଣୁ ସ୍ୱାଧୀନତା ଦିବସ କେବଳ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ କିମ୍ବା ଉତ୍ସବ ପାଳନର ଦିନ ନୁହେଁ। ଏହା ଆମକୁ ଆମର ଦାୟିତ୍ୱ, କର୍ତ୍ତବ୍ୟ ଓ ଦେଶ ପ୍ରତି ଆମର ଭୂମିକା ସ୍ମରଣ କରାଇଥାଏ। ବିଶେଷକରି ଯୁବ ସମାଜ ପାଇଁ ଏହି ଦିନ ଏକ ନୂଆ ସଂକଳ୍ପ ନେବାର ଦିନ। ଭାରତର ସ୍ୱାଧୀନତା ହଠାତ୍ ମିଳିନଥିଲା। ଦୀର୍ଘ ସମୟ ଧରି ଭାରତୀୟମାନେ ବିଦେଶୀ ଶାସନ ବିରୋଧରେ ସଂଗ୍ରାମ କରିଥିଲେ। କେହି ଅହିଂସାର ପଥ ଅନୁସରଣ କରିଥିଲେ, ଆଉ କେହି ବିପ୍ଲବୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ଅନେକ ଲୋକ କାରାବରଣ କରିଥିଲେ, ନିର୍ଯାତନା ସହିଥିଲେ ଓ ନିଜ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ। ତେଣୁ ଯୁବପିଢ଼ି ବୁଝିବା ଆବଶ୍ୟକ ଯେ ସ୍ୱାଧୀନତା ଏକ ମହାନ ଦାୟିତ୍ୱ। ଦେଶ ସ୍ୱାଧୀନ ହୋଇଛି, କିନ୍ତୁ ଦେଶ ଗଠନର କାର୍ଯ୍ୟ ଏବେ ମଧ୍ୟ ଚାଲିଛି। ଦାରିଦ୍ର୍ୟ, ଅଶିକ୍ଷା, ବେକାରି, ଦୁର୍ନୀତି, ଅନ୍ଧବିଶ୍ୱାସ, ପରିବେଶ ପ୍ରଦୂଷଣ ଓ ସାମାଜିକ ବିଭେଦ ଭଳି ସମସ୍ୟାଗୁଡ଼ିକ ବିରୋଧରେ ଆମକୁ ଲଢ଼ିବାକୁ ପଡ଼ିବ।

ଯୁବକ ଓ ଯୁବତୀମାନେ ହେଉଛନ୍ତି ଦେଶର ଶକ୍ତି। ଯୁବାବସ୍ଥାରେ ମଣିଷର ଚିନ୍ତାଧାରା, ଶକ୍ତି, ସୃଜନଶୀଳତା ଓ ସାହସ ସର୍ବାଧିକ ଥାଏ। ତେଣୁ ଦେଶର ଭବିଷ୍ୟତ୍ ଗଢ଼ିବାରେ ଯୁବ ସମାଜର ଭୂମିକା ଅତ୍ୟନ୍ତ ବଡ଼। ଆଜିର ଯୁବକ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ହେବା ଉଚିତ୍ ନୁହେଁ; ସେ ନୂଆ ସୁଯୋଗ ସୃଷ୍ଟି କରୁଥିବା ଉଦ୍ୟୋଗୀ, ବୈଜ୍ଞାନିକ, ଶିକ୍ଷକ, କୃଷକ, ଇଞ୍ଜିନିୟର, ଡାକ୍ତର, କଳାକାର, କ୍ରୀଡ଼ାବିତ୍ ଓ ସମାଜସେବୀ ଭାବରେ ଦେଶର ବିକାଶରେ ଯୋଗଦାନ କରିପାରେ। ଆଧୁନିକ ଯୁଗରେ ଜ୍ଞାନ ହେଉଛି ସବୁଠାରୁ ବଡ଼ ଶକ୍ତି। ତେଣୁ ଯୁବ ସମାଜ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ନମ୍ବର ପାଇବାର ମାଧ୍ୟମ ଭାବେ ନ ଦେଖି ଜୀବନକୁ ବୁଝିବା ଓ ସମାଜକୁ ଉନ୍ନତ କରିବାର ମାଧ୍ୟମ ଭାବେ ଗ୍ରହଣ କରିବା ଆବଶ୍ୟକ। ବିଜ୍ଞାନ, ପ୍ରଯୁକ୍ତି, ଇତିହାସ, ସାହିତ୍ୟ, କଳା, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ଜ୍ଞାନ ଆହରଣ କରିବା ଦରକାର। ଡିଜିଟାଲ ଯୁଗରେ ଇଣ୍ଟରନେଟ୍ ଓ ପ୍ରଯୁକ୍ତିକୁ ଜ୍ଞାନ ଅର୍ଜନ ଓ ସୃଜନଶୀଳ କାର୍ଯ୍ୟରେ ବ୍ୟବହାର କରିବା ଉଚିତ୍। ଦେଶପ୍ରେମ କେବଳ ଜାତୀୟ ପତାକା ଧରିବା କିମ୍ବା ଦେଶଭକ୍ତିର ସ୍ଲୋଗାନ ଦେବା ନୁହେଁ। ନିଜ କାର୍ଯ୍ୟକୁ ସତ୍ୟନିଷ୍ଠାର ସହିତ କରିବା ମଧ୍ୟ ଦେଶପ୍ରେମ। ରାସ୍ତାରେ ଅଳିଆ ନ ପକାଇବା, ସରକାରୀ ସମ୍ପତ୍ତିକୁ ନଷ୍ଟ ନ କରିବା, ନିୟମ ମାନିବା, ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ଓ ଦୁର୍ନୀତିରୁ ଦୂରେ ରହିବା ମଧ୍ୟ ଦେଶପ୍ରେମର ଅଂଶ। ଯୁବ ସମାଜ ନିଜ ଜୀବନରେ ଶୃଙ୍ଖଳା, ସତ୍ୟ, ନ୍ୟାୟ ଓ ଦାୟିତ୍ୱବୋଧକୁ ଗ୍ରହଣ କଲେ ଦେଶ ନିଶ୍ଚିତ ଭାବେ ଶକ୍ତିଶାଳୀ ହେବ।

ଭାରତ ବିଭିନ୍ନତାର ଦେଶ। ଏଠାରେ ଅନେକ ଭାଷା, ଧର୍ମ, ଜାତି, ପରମ୍ପରା ଓ ସଂସ୍କୃତିର ଲୋକ ଏକାଠି ବାସ କରନ୍ତି। ଏହି ବିଭିନ୍ନତା ହିଁ ଭାରତର ଶକ୍ତି। ଯୁବ ସମାଜ ଜାତି, ଧର୍ମ, ଭାଷା ଓ ଅଞ୍ଚଳ ଆଧାରରେ ଭେଦଭାବକୁ ଦୂର କରି ଏକତାରେ ବିବିଧତାର ଆଦର୍ଶକୁ ମଜବୁତ କରିବା ଆବଶ୍ୟକ। ସୋସିଆଲ୍ ମିଡିଆରେ ଘୃଣା, ମିଥ୍ୟା ଖବର ଓ ଉତ୍ତେଜନାମୂଳକ ବାର୍ତ୍ତା ପ୍ରଚାର ନକରି ଭାଇଚାରା ଓ ସଦ୍‌ଭାବର ବାର୍ତ୍ତା ପ୍ରସାର କରିବା ଉଚିତ୍। ଯୁବାବସ୍ଥା ଜୀବନର ଏକ ମୂଲ୍ୟବାନ ସମୟ। ଏହି ସମୟକୁ ଭୁଲ ଅଭ୍ୟାସରେ ନଷ୍ଟ କରିବା ଉଚିତ୍ ନୁହେଁ। ନିଶା, ହିଂସା, ଅପରାଧ, ଅନଲାଇନ୍ ଠକେଇ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟ ଯୁବକଙ୍କ ଭବିଷ୍ୟତ୍‌କୁ ନଷ୍ଟ କରିପାରେ। ଏହା ପରିବର୍ତ୍ତେ ଖେଳ, ପାଠପଢ଼ା, ସାହିତ୍ୟ, ସଙ୍ଗୀତ, କଳା, ବିଜ୍ଞାନ ଓ ସମାଜସେବା ଭଳି ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଦରକାର। ଆଜି ପରିବେଶ ପ୍ରଦୂଷଣ, ଜଙ୍ଗଲ ନଷ୍ଟ, ଜଳ ସଙ୍କଟ ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ମାନବ ସମାଜ ପାଇଁ ବଡ଼ ଚ୍ୟାଲେଞ୍ଜ। ଯୁବ ସମାଜ ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ନେଇପାରେ। ଗଛ ଲଗାଇବା, ଜଳ ସଂରକ୍ଷଣ କରିବା, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଅଳିଆକୁ ଠିକ୍ ଭାବରେ ପରିଚାଳନା କରିବା ଓ ପରିବେଶ ସଚେତନତା ବଢ଼ାଇବା ଆମର ଦାୟିତ୍ୱ। ଆଜିର ଯୁବପିଢ଼ି ପରିବେଶକୁ ସୁରକ୍ଷିତ ରଖିଲେ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଭାରତ ଗଢ଼ିପାରିବ।ଆତ୍ମନିର୍ଭରତା ହେଉଛି ଦେଶର ଅର୍ଥନୈତିକ ଶକ୍ତିର ଏକ ମୁଖ୍ୟ ଆଧାର। ଯୁବକମାନେ ନୂଆ ଚିନ୍ତାଧାରା, ଉଦ୍ୟମ ଓ ପ୍ରଯୁକ୍ତି ମାଧ୍ୟମରେ ନୂଆ ରୋଜଗାର ସୃଷ୍ଟି କରିପାରନ୍ତି। କୃଷି, ଶିଳ୍ପ, ହସ୍ତଶିଳ୍ପ, ଷ୍ଟାର୍ଟଅପ୍, ଡିଜିଟାଲ ସେବା ଓ ବିଜ୍ଞାନ-ପ୍ରଯୁକ୍ତି କ୍ଷେତ୍ରରେ ଯୁବମାନଙ୍କ ଅବଦାନ ଦେଶର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିପାରେ। ବର୍ତ୍ତମାନ ସୋସିଆଲ୍ ମିଡିଆ ଯୁବପିଢ଼ିର ଜୀବନର ଏକ ବଡ଼ ଅଂଶ ହୋଇପାରିଛି। ଏହାର ଭଲ ଦିଗକୁ ଗ୍ରହଣ କରି ଶିକ୍ଷା, ଜ୍ଞାନ, ରୋଜଗାର ଓ ସୃଜନଶୀଳତା ପାଇଁ ବ୍ୟବହାର କରିବା ଉଚିତ୍। କୌଣସି ଖବର ମିଳିଲେ ତାହାକୁ ଯାଞ୍ଚ ନକରି ଅନ୍ୟମାନଙ୍କୁ ପଠାଇବା ଠିକ୍ ନୁହେଁ। ମିଥ୍ୟା ଖବର ସମାଜରେ ଅଶାନ୍ତି ସୃଷ୍ଟି କରିପାରେ। ଯୁବପିଢ଼ି ଡିଜିଟାଲ ମାଧ୍ୟମରେ ଦାୟିତ୍ୱଶୀଳ ନାଗରିକର ଭୂମିକା ପାଳନ କରିବା ଦରକାର।

ଭାରତର ସମ୍ବିଧାନ ଆମକୁ ଅଧିକାର ଦେଇଥାଏ, କିନ୍ତୁ ସେହି ସହିତ ଆମକୁ କର୍ତ୍ତବ୍ୟ ମଧ୍ୟ ଦେଇଛି। ଯୁବ ସମାଜ ଦେଶର ସଂବିଧାନ, ଗଣତନ୍ତ୍ର, ଆଇନ ଓ ନାଗରିକ ମୂଲ୍ୟବୋଧ ପ୍ରତି ସମ୍ମାନ ରଖିବା ଉଚିତ୍। ନିଜ ଅଧିକାର ପାଇଁ ସଚେତନ ହେବା ସହିତ ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ମଧ୍ୟ ଆବଶ୍ୟକ। ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସଚେତନ ଓ ଦାୟିତ୍ୱଶୀଳ ଭାବରେ ଅଂଶଗ୍ରହଣ କରିବା ଦରକାର। ସ୍ୱାଧୀନତା ଦିବସରେ ଆମେ ଶହୀଦମାନଙ୍କୁ ସ୍ମରଣ କରୁ। କିନ୍ତୁ ସେମାନଙ୍କ ପ୍ରତି ସତ୍ୟ ଶ୍ରଦ୍ଧାଞ୍ଜଳି କେବଳ ଫୁଲମାଳା ଅର୍ପଣ କରିବା ନୁହେଁ। ସେମାନଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଦେଶ ପାଇଁ ସତ୍ୟନିଷ୍ଠ ଭାବରେ କାମ କରିବା, ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା, ଦୁର୍ବଳଙ୍କୁ ସାହାଯ୍ୟ କରିବା ଓ ସମାଜର ଉନ୍ନତି ପାଇଁ ନିଜର ଯୋଗଦାନ ଦେବା ହେଉଛି ଶହୀଦମାନଙ୍କ ସ୍ୱପ୍ନର ଭାରତ ଗଢ଼ିବାର ପଥ। ସ୍ୱାଧୀନତା ଦିବସ ଆମକୁ ଅତୀତର ଗୌରବ ସ୍ମରଣ କରାଇବା ସହିତ ଭବିଷ୍ୟତ୍ ପାଇଁ ନୂଆ ଦାୟିତ୍ୱ ଦେଇଥାଏ। ଆଜିର ଯୁବ ସମାଜ ହେଉଛି ଆସନ୍ତା ଭାରତର ନିର୍ମାତା। ଯୁବପିଢ଼ି ଯେତେ ଶିକ୍ଷିତ, ଦକ୍ଷ, ସଚେତନ, ଶୃଙ୍ଖଳିତ ଓ ଦେଶପ୍ରେମୀ ହେବ, ଭାରତର ଭବିଷ୍ୟତ୍ ସେତେ ଉଜ୍ଜ୍ୱଳ ହେବ। ଆମ ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ଭାରତର ସ୍ୱପ୍ନ ଦେଖିଥିଲେ ଯେ ଏକ ସମୃଦ୍ଧ, ଶିକ୍ଷିତ, ସ୍ୱାବଲମ୍ବୀ, ନ୍ୟାୟପୂର୍ଣ୍ଣ ଓ ଏକତାବଦ୍ଧ ଭାରତ ଆଉ ତାହାକୁ ସାକାର କରିବାର ଦାୟିତ୍ୱ ଆଜିର ଯୁବପିଢ଼ିର। ତେଣୁ ଏହି ସ୍ୱାଧୀନତା ଦିବସରେ ଆମର ବାର୍ତ୍ତା ହେଉ ଯେ ଦେଶ କେବଳ ଆମକୁ କ'ଣ ଦେଇଛି ତାହା ନୁହେଁ, ଆମେ ଦେଶ ପାଇଁ କ'ଣ କରିପାରିବା । ଏହି ଚିନ୍ତା ହିଁ ପ୍ରକୃତ ଦେଶପ୍ରେମ ହୋଇପାରିବ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# କର୍ତ୍ତବ୍ୟନିଷ୍ଠାରେ ରହିଛି ରାଷ୍ଟ୍ରଭକ୍ତି



ଅଧ୍ୟାପକ ଗୋପବନ୍ଧୁ

ପ୍ରାଥମିକ ସ୍କୁଲରେ ପଢ଼ିବା କାଳରେ ରାଷ୍ଟ୍ରଭକ୍ତି କଣ, ରାଷ୍ଟ୍ରଭକ୍ତ କିଏ, ରାଷ୍ଟ୍ର ବିରୋଧି କିଏ ଏ ସମସ୍ତ ବିଷୟରେ ଏବେ ଯେଉଁ ବ୍ୟାପକ ଚର୍ଚ୍ଚା ହେଉଛି ସେ ବିଷୟରେ ବିଶେଷ ଧାରଣା ନଥିଲା। ଆମେ ଜାଣିଥିଲୁ ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀ ଥିଲେ ସେମାନେ ରାଷ୍ଟ୍ରଭକ୍ତ ଓ ସୀମାରେ ଯେଉଁମାନେ ଭାରତପାଇଁ ଲଢୁଛନ୍ତି ସେମାନେ ରାଷ୍ଟ୍ରଭକ୍ତ। ଦେଶ ବିରୁଦ୍ଧରେ ଯେଉଁମାନେ କାମ କରୁଛନ୍ତି ସେମାନେ ରାଷ୍ଟ୍ରଦ୍ରୋହୀ। ରାଷ୍ଟ୍ରଭକ୍ତ ଓ ରାଷ୍ଟ୍ରଦ୍ରୋହୀର ନିର୍ଣ୍ଣୟ ଧର୍ମ ଓ ରାଜନୀତିର ରେଖା ଟାଣି ନିର୍ଣ୍ଣୟ କରାଯାଇ ପାରେ ଏହା ମଧ୍ୟ ଅକଳ୍ପନୀୟ ଥିଲା। ସେ ସମୟରେ ଶହୀଦ ଭଗତ୍ ସିଂଙ୍କ ସ୍ୱାଧୀନତା ସଂଗ୍ରାମ ଆମକୁ ଯେଉଁପରି ରୋମାଞ୍ଚିତ କରୁଥିଲା, ବୀର ଅବଦୁଲ୍ ହମିଦଙ୍କ ବୀରଗାଥା ସେହିପରି ଦେହରେ ଶିହରଣ ଖେଳାଇ ଦେଉଥିଲା। ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖରେ ପ୍ରଧାନଶିକ୍ଷକ ଯେତେବେଳେ ଜାତୀୟ ପତାକା ଉତ୍ତୋଳନ କରୁଥିଲେ ଓ ଅଭିଭାଷଣ ଦେଉଥିଲେ ଆମ ମଧ୍ୟରେ ଏକପ୍ରକାର ନୂଆଭାବନା ସୃଷ୍ଟି ହେଉଥିଲା ଦେଶପାଇଁ କାମ କରିବାର, ଦେଶକୁ ଆଗେଇ ନେବାର, ଆବଶ୍ୟକ ହେଲେ ଦେଶପାଇଁ ଜୀବନ ଦେବାର। ଏହାହିଁ ଥିଲା ବୋଧହୁଏ ରାଷ୍ଟ୍ରଭକ୍ତି, ଯାହା ଆପେ ହୃଦୟ ଭିତରୁ ନିଃସୃତ ହେଉଥିଲା।

ଅନେକ ଦିନ ପର୍ଯ୍ୟନ୍ତ ମୋର ଧାରଣା ଥିଲା ଯେ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ତାରିଖ ଦିନ ଜାତୀୟ ପତାକା ଉଡାଇବା, ସ୍ୱାଧୀନତା ସେନାନୀଙ୍କ ସପକ୍ଷରେ ଜୟଧ୍ୱନି ପକାଇବା ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ହିଁ ରାଷ୍ଟ୍ରଭକ୍ତି। ପରେ ମନକୁ ପ୍ରଶ୍ନ ଆସିଥିଲା ଏଗୁଡ଼ିକୁ ନିଷ୍ଠାର ସହିତ ପାଳନ କରିବା ଦ୍ୱାରା ଗୋଟିଏ ଦେଶ ଆଗକୁ ବଢ଼ିବ କିପରି ? ଗୋଟିଏ ରାଷ୍ଟ୍ରର ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ଅବସ୍ଥାରେ ବିକାଶ ଆସିବ କିପରି ? ପରେ ହୃଦବୋଧ ହେଲା ଯେ ଏ ସମସ୍ତ କାର୍ଯ୍ୟକ୍ରମ ରାଷ୍ଟ୍ରଭକ୍ତିର ଆନୁସାଙ୍ଗିକ ବିଷୟ। ପ୍ରକୃତ ରାଷ୍ଟ୍ରଭକ୍ତି ଅନ୍ୟକିଛି। ସେହି ଲକ୍ଷ୍ୟ ହାସଲ ପାଇଁ ଏହି ଦିନମାନଙ୍କରେ ଏତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ରାଷ୍ଟ୍ରଭକ୍ତି ଏକ ଅନ୍ତର୍ନିହିତ ଚେତନା। ଏହି ଚେତନାକୁ ଉଦ୍ଜୀବିତ କରିବା ପାଇଁ ଏତେସବୁ କାର୍ଯ୍ୟକ୍ରମ। ରାଷ୍ଟ୍ରଭକ୍ତି ହେଉଛି ଛଳନାମୁକ୍ତ ଗଭୀର ଦେଶପ୍ରେମର ଭାବନା। ଏହା ଜାତୀୟ ପତାକା ଉତ୍ତୋଳନ, ଜୟଧ୍ୱନି ଓ ରାଷ୍ଟ୍ରୀୟ ସଙ୍ଗୀତ ଗାନ ମଧ୍ୟରେ ସୀମିତ ନୁହେଁ।

ବାସ୍ତବପକ୍ଷେ ରାଷ୍ଟ୍ରପ୍ରତି ସମର୍ପିତ କର୍ମ ହେଉଛି ପ୍ରକୃତ ଦେଶଭକ୍ତି। ଜଣକର ରାଷ୍ଟ୍ରପ୍ରେମ ତାହାର କର୍ତ୍ତବ୍ୟ ପରାୟଣତାରୁ ପରିପୁଷ୍ଟ ହୁଏ। ରାଷ୍ଟ୍ର ତାକୁ ଯେଉଁ ଦାୟିତ୍ୱ ଦେଇଛି, ତାକୁ ସେ କେତେ ସୂଚାରୁ ରୂପେ ସମ୍ପାଦନ କରୁଛି ତାହାହିଁ ତାର ରାଷ୍ଟ୍ରଭକ୍ତିର ପରିମାପକ। ରାଷ୍ଟ୍ରଭକ୍ତି ସହିତ ସ୍ୱଚ୍ଛୋଟତା, କର୍ମଠତା, କର୍ତ୍ତବ୍ୟପରାୟଣତା, ସମୟବଦ୍ଧତା, ସମାଜପ୍ରୀତି, ସମାନତାରେ ବିଶ୍ୱାସୀ ଓ ସର୍ବୋପରି ଗଣତାନ୍ତ୍ରିକ ବିଚାରଧାରାର ଅନୁଗାମୀ ହେବା ଜଡିତ ହୋଇ ରହିଛି। ଏହା ଜଣକର ପ୍ରକୃତ ଦେଶଭକ୍ତ ହେବାର ପରିଚୟ ଦିଏ। ଜଣେ ଭ୍ରଷ୍ଟାଚାରୀ, କର୍ତ୍ତବ୍ୟବିମୁଖ, ଅସାମାଜିକ ବ୍ୟକ୍ତି, ସମାନତାର ବିରୋଧି ତଥା ଗଣତାନ୍ତ୍ରିକ ମୂଲ୍ୟବୋଧରେ ଅବିଶ୍ୱାସୀ ଲୋକ କେବେବି ରାଷ୍ଟ୍ରଭକ୍ତ ହୋଇପାରିବ ନାହିଁ। ଏମାନେ କଦାପି ରାଷ୍ଟ୍ରବାଦୀ ନୁହଁନ୍ତି। ଏମାନଙ୍କ ଜାତୀୟ ପତାକା ଉତ୍ତୋଳନ ଓ ଜାତୀୟ ସଙ୍ଗୀତ ଗାନ ଛଳନା ମାତ୍ର। ଏହିପ୍ରକାର ଲୋକ ନିଜକୁ ଯେତେ ବଡ ରାଷ୍ଟ୍ରଭକ୍ତ ବୋଲି ପ୍ରଦର୍ଶିତ କଲେବି କଦାପି ରାଷ୍ଟ୍ରବାଦୀ ହୋଇପାରିବେ ନାହିଁ।



ଜଣେ ରାଜନେତା ସ୍ୱଚ୍ଛୋଟ, ଭ୍ରଷ୍ଟାଚାର ମୁକ୍ତ, ନିରପେକ୍ଷ ଓ ଦରଦୀ ବ୍ୟକ୍ତିବିଶେଷ ହେବା ଆବଶ୍ୟକ। କୌଣସି ରାଜନେତା ଯଦି ଭ୍ରଷ୍ଟାଚାରରେ ଲିପ୍ତ ଥାଏ, ରାଷ୍ଟ୍ର ବିରୋଧି କାର୍ଯ୍ୟ କରୁଥାଏ ଓ ଜନବିରୋଧୀ ପଦକ୍ଷେପ ନେଉଥାଏ ତେବେ ସେ କଦାପି ରାଷ୍ଟ୍ରଭକ୍ତ ନୁହେଁ। ସେହିପରି ଜଣେ ପ୍ରଶାସନିକ ଅଧିକାରୀ କିମ୍ବା ସାଧାରଣ କର୍ମଚାରୀ ନିଜ ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିବା ହିଁ ତାର ରାଷ୍ଟ୍ରଭକ୍ତି। ଶ୍ରମିକ, କୃଷକ, କାରିଗର, ଶିକ୍ଷକ, ଡାକ୍ତର, ଇଂଜିନିୟର, ସର୍ବୋପରି ସମସ୍ତେ ଯିଏ ଯାହା କରୁଛନ୍ତି ତାହାକୁ ରାଷ୍ଟ୍ରୀୟ ଦାୟିତ୍ୱଭାବେ ଗ୍ରହଣ କରି ସୁଚାରୁରୂପେ ସମ୍ପାଦନ କରିବା ହିଁ ରାଷ୍ଟ୍ରଭକ୍ତି। ଏଗୁଡ଼ିକ କେବଳ ଜୀବିକା ନୁହେଁ। ଏଗୁଡିକ ରାଷ୍ଟ୍ର ପ୍ରଦତ୍ତ କାର୍ଯ୍ୟ। ଶିକ୍ଷକ ଠିକ୍ ସମୟରେ ସ୍କୁଲରେ ପହଂଚିବା, ଠିକ୍ ସମୟରେ କ୍ଲାସକୁ ଯିବା, ଛାତ୍ରମାନଙ୍କ ପାଇଁ ନିଜକୁ ଆଦର୍ଶ ବ୍ୟକ୍ତିଭାବେ ପ୍ରତିଷ୍ଠିତ କରିବା ଓ ଉନ୍ନତ ମାନର ଶିକ୍ଷା ଦେବା ହେଉଛି ତାର ରାଷ୍ଟ୍ରଭକ୍ତି। ସେହିପରି ଜଣେ ଡାକ୍ତରଙ୍କ ନିସ୍ୱାର୍ଥପର ରୋଗୀସେବା ହେଉଛି ତାଙ୍କର ରାଷ୍ଟ୍ରଭକ୍ତି। ଜଣେ ଶ୍ରମିକ କରୁଥିବା କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ତାର ରାଷ୍ଟ୍ରଭକ୍ତି। ଅନ୍ୟମାନେ ଯିଏ ଯେଉଁ କାର୍ଯ୍ୟାକୁ ଜିବୀକାଭାବେ ଗ୍ରହଣ କରିଛି ତାହାର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ତାହାର ରାଷ୍ଟ୍ରଭକ୍ତି। କାର୍ଯ୍ୟର ଶ୍ରେଷ୍ଠ ସମ୍ପାଦନ ହେଉଛି ପ୍ରକୃତ ରାଷ୍ଟ୍ରଭକ୍ତି। ଏହାହିଁ ଗୋଟିଏ ରାଷ୍ଟ୍ରକୁ ଆଗକୁ ଆଗେଇ ନେବାର ଏକମାତ୍ର ମାର୍ଗ। ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରନ୍ତି, ନାନା ଆଳ ଦେଖାଇ ଲୋକମାନଙ୍କୁ ହଇରାଣ କରନ୍ତି, ଉତ୍କୋଚ ଗ୍ରହଣ କରନ୍ତି, ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ଥାନ୍ତି, କାର୍ଯ୍ୟ ସମ୍ପାଦନା କ୍ଷେତ୍ରରେ ସମୟାନୁବର୍ତ୍ତି ନୁହଁନ୍ତି, ସେମାନେ କଦାପି ରାଷ୍ଟ୍ରଭକ୍ତ ନୁହଁନ୍ତି।

ପ୍ରତିବର୍ଷ ରାଜନୈତିକ ଦଳମାନେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରନ୍ତି। କେତେବେଳେ 'ହରଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ତ କେତେବେଳେ 'ହରହାତ ତ୍ରିରଙ୍ଗା' କାର୍ଯ୍ୟକ୍ରମ। ଏହା ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବାର ସାଧୁ ଉପାୟ ନିଶ୍ଚୟ। ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତିର ଭାବନା ଜାଗ୍ରତ ହେଉ ଏହା କିଏ ନଚାହିଁବ। ତେବେ ଏହା ଲୋକ ଦେଖାଣିଆ ନହେଉ। ଲୋକମାନଙ୍କୁ ରାଷ୍ଟ୍ରୀୟ କର୍ତ୍ତବ୍ୟ ପାଳନ କରିବା ପାଇଁ ପ୍ରେରୀତ କରାଯାଉ। ତାଙ୍କ ମଧ୍ୟରେ ସଚ୍ଚୋଟ ହେବାର ଭାବନା ଜାଗ୍ରତ କରାଯାଉ। ତାଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରାଯାଉ ଓ ଅନ୍ୟାୟ ବିରୁଦ୍ଧରେ ଲଢିବାର ସାହସ ଉଦ୍ରେକ କରାଯାଉ। କେବଳ ଜନତା ନୁହେଁ ସମସ୍ତ ରାଜନୈତିକ ଦଳ ମଧ୍ୟ ରାଷ୍ଟ୍ରଭକ୍ତି ଭାବନାରେ ଉଦ୍ଭାସିତ ହୁଅନ୍ତୁ। ଦେଶକୁ ଐକବଦ୍ଧ କରାଯାଉ ଓ ଭ୍ରଷ୍ଟାଚାର ମୁକ୍ତ କରାଯାଉ। ଭୋଟ୍ ପାଇଁ ସମାଜକୁ ବିଭାଜିତ କରାନଯାଉ। ରାଷ୍ଟ୍ରୀୟ ସମ୍ପତ୍ତିକୁ କେତେଜଣ ପୁଞ୍ଜିପତିଙ୍କ ହାତରେ ଟେକି ଦିଆନଯାଉ। ନିଜର ନିହିତ ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ରୀୟ ଭାବନାର ଅପବ୍ୟବହାର ନହେଉ। ଦେଶରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉ। ରାଜନୀତିକୁ ଆଦର୍ଶଗତ ବନାଯାଉ। ଲୋକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜନୀତି କରାଯାଉ। ଦେଶର ଗଣତାନ୍ତ୍ରିକ ଢାଞ୍ଚାକୁ ଆହୁରି ମଜଭୁତ କରାଯାଉ।

ବିତର୍କ ଗଣତନ୍ତ୍ରକୁ ସୁଦୃଢ଼ କରେ। ତେଣୁ କୌଣସି ସରକାର ବିତର୍କକୁ ଭୟ ନକରୁ। ରାଜନୈତିକ ଦଳମାନେ ତଥା ସରକାର ସଂକୀର୍ଣ୍ଣତା ଓ ପ୍ରତିହିଂସା ମନୋଭାବରୁ କ୍ଷାନ୍ତ ହୁଅନ୍ତୁ। ଲୋକମାନେ ସତର୍କ ରୁହନ୍ତୁ ଯେଉଁପରି ତାଙ୍କ ରାଷ୍ଟ୍ରୀୟ ଭାବନାର ଅପପ୍ରୟୋଗ ନହେଉ। ସେମାନେ ବିଚାର କରନ୍ତୁ କିଏ ପ୍ରକୃତରେ ରାଷ୍ଟ୍ରଭକ୍ତ। ଯିଏ ତାଙ୍କୁ ଆଦର୍ଶର ମାର୍ଗ ଦେଖାଉଛି ସିଏ ନା ଯିଏ ତାଙ୍କୁ ଶୋଷଣ କରିଚାଲିଛି ସିଏ। କିଏ ନିଜ ଅହଙ୍କାରକୁ ଲୁଚାଇବା ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଉଛି ଓ କିଏ ସାଧାରଣ ଜନତାର ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରଭକ୍ତିର ଆଶ୍ରା ନେଉଛି। କିଏ ସମତାଭିତ୍ତିକ ସମାଜ କଥା କହୁଛି ଓ କିଏ ଅସମାନତାକୁ ଜାବୁଡି ଧରିଛି। ଲୋକମାନେ ଏକଥାକୁ ବୁଝନ୍ତୁ।

ବାରିପଦା,
ମୟୂରଭଞ୍ଜ- ୯୪୩୮୨୪୮୮୫୪
(ଅବସରପ୍ରାପ୍ତ ଦର୍ଶନ ବିଭାଗ)




# ଚୌଦ୍ୱାରରେ ମିଳିତ ପ୍ୟାରେଡ ପାଇଁ ପ୍ରତିଶୃତି ଦେଲେ ବିଧାୟକ



**ଟାଙ୍ଗୀ ଚୌଦ୍ୱାର (ଅମୃତ ମିଡିଆ) :** ଚଳିତ ବର୍ଷ ୮୦ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି ସାରା ଦେଶ । କିନ୍ତୁ ଏହାର ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି କଟକ ଜିଲ୍ଲା ସ୍ଥିତ ଚୌଦ୍ୱାର ପୌରପାଳିକାରେ । ପ୍ରତିବର୍ଷ ଚୌଦ୍ୱାର ପୌରପାଳିକା ତରଫରୁ ଏକ ମିଳିତ ପରେଡ ହେବା ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ବିଜେଡି ଦଳରୁ ବହିସ୍କୃତ ହେବା ପରେ ଏକ ଭିନ୍ନ ମୋଡ଼ ନେଇଛି ଏହି କାର୍ଯ୍ୟକ୍ରମ କ୍ଷ ଗତ କିଛି ଦିନ ତଳେ ପୌରାଧକ୍ଷା ଚଞ୍ଚକତା କରି ଏକ କାଉନସିଲ ବୈଠକ ଡାକିବା ସହିତ ବିଧାୟକ ପହଂଚିବା ପୂର୍ବରୁ ଖୁବ କମ ସମୟରେ ଶେଷ କରିଦେଇଥିଲେ । ସୂଚନା ମୁତାବକ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ବିଧାୟକ ଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବା ବେଳେ ମିଳିତ ପରେଡକୁ ବନ୍ଦ କରିବା ସହିତ ମୁନିସିପାଲିଟି ସରକାରୀ ଉଚ୍ଚ ବିଦ୍ୟାଳୟ ରେ ନହୋଇ ପୌରପାଳିକା ମଧ୍ୟରେ ସୀମିତ ରହିବା କଥା ମଧ୍ୟ ଜଣେ ପାରିଷଦ ଗଣମାଧମରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସ ଦଳ ର ଏକ ଟିମ ପୌରନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ମିଳିତ ପରେଡ କାର୍ଯ୍ୟକ୍ରମ ଜାରିରହୁ ଏବଂ କିପରି ଭାବେ ଏହା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା କରିଥିଲେ । ଏହି ମିଳିତ ପରେଡ ଚୌଦ୍ୱାର ଅଂଚଳବାସୀ ଓ ଅଂଚଳରେ ଥିବା ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବହୁ ଆନନ୍ଦ ଆଣିବା ସହିତ ପରମ୍ପରା କିପରି ଭାବେ ବନ୍ଦ ନହଉ ସେଥିପାଇଁ ଆଜି ବିଧାୟକ ଏକ ସ୍ୱତନ୍ତ୍ର ବୈଠକ ଡାକିଥିଲେ । ଏହି ବୈଠକ ରେ ବିଧାୟକ ନିଜେ ଡିଇଓ, ଆଇଆଇସି, ଟ୍ରାଫିକ ଏସିପି ଙ୍କ ସହିତ କଥା ହେବା ସହିତ ପିଲାମାନେ କିଭଳି ଭାବେ ନିରାପଦ ରେ ପହଂଚି ପାରିବେ ତାହା ମତ ପ୍ରକାଶ କରିଥିଲେ । ଏବଂ ମିଳିତ ପରେଡ ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ତାଙ୍କ ଅଭିଭାଷଣରେ ସରକାରୀ ଖର୍ଚ୍ଚ ଅନୁଯାଇ ଯେତିକି ଅର୍ଥ ଖର୍ଚ୍ଚ ହୋଇପାରିବ ତାହା କରାଯିବ ବୋଲି ମତ ଦେଲା ପରେ ବିଧାୟକ ନିଜେ ଏହି କାର୍ଯ୍ୟକ୍ରମ ରେ ଯାହା ଅର୍ଥ ଖର୍ଚ୍ଚ ହେବ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । ବିଧାୟକଙ୍କ ଏହି ପ୍ରତିଶୃତି ପରେ ଚୌଦ୍ୱାର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଏହା ସହିତ ମାଗୁରା ପ୍ରୋଜେକ୍ଟ ର ରିଟେଣ୍ଡର ପ୍ରକ୍ରିୟାକୁ ମଧ୍ୟ ବନ୍ଦ କରାଯିବା ସହିତ ପୁନର୍ବାର ବିଧାୟକଙ୍କ ଉପସ୍ଥିତିରେ ହେବ ବୋଲି ମତ ପ୍ରକାଶ କରିଥିଲେ ବିଧାୟକ । ଆଜିର ଏହି ସ୍ୱତନ୍ତ୍ର ବୈଠକ ରେ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପାରିଷଦ ସୁବ୍ରତ ସାମଲ, ଆଶୁତୋଷ ଦାସ, ଲିଲ୍ଲିଲା ସାହୁ ଙ୍କ ସମେତ ବହୁ ପାରିଷଦ ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ବେତନଟୀ-ଦହିକୋଟି ରାସ୍ତା ବିଚ୍ଛିନ୍ନ

## ବାଉଁଶ ନଦୀପୋଲ ଉପରେ ୫ ଫୁଟର ବନ୍ୟାଜଳ



**ବେତନଟୀ (ଅମୃତ ମିଡିଆ) :** ଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବେତନଟୀ-ଦହିକୁଟି ମୁଖ୍ୟ ରାସ୍ତାରେ ଥିବା ବାଉଁଶ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ପ୍ରମୁଖ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ପୋଲ ଉପରେ ଜଳର ପ୍ରବଳ ସ୍ରୋତ ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଯାତ୍ରୀ, ଗାଡ଼ିମୋଟର ଓ ସ୍ଥାନୀୟ ଲୋକେ ଅଟକି ରହିଛନ୍ତି । ଦହିକୁଟି ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ନିତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟସେବା ଏବଂ ଗମନାଗମନ ପାଇଁ ନାହିଁ ନଥିବା ହନ୍ତସନ୍ତ ହେଉଛନ୍ତି । ଜରୁରୀ କାର୍ଯ୍ୟ ପାଇଁ ବାହାରକୁ ବାହାରିଥିବା ଲୋକମାନେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇରହିବାକୁ ବାଧ ହେଉଛନ୍ତି । କେତେକ ବିପଦପୂର୍ଣ୍ଣ ଭାବେ ପାଣି ମଧ୍ୟରେ ରାସ୍ତା ପାର ହେବାକୁ ଚେଷ୍ଟା କରୁଥିବାରୁ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ପ୍ରକାଶ ପାଇଛି ।ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନିକ ସ୍ତରରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ଜଳସ୍ତର ନ କମିବା ପର୍ଯ୍ୟନ୍ତ ଏହି ବିପଦପୂର୍ଣ୍ଣ ପୋଲ ଦେଇ ଯାତାୟାତ ନ କରିବାକୁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଉଛି । ଏଥିସହ ପ୍ରଶାସନ ତୁରନ୍ତ ଘଟଣାସ୍ଥଳ ସମୀକ୍ଷା କରି ବିକଳ୍ପ ଯୋଗାଯୋଗ ଓ ଜରୁରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି ।

# ଶହଶହ ଏକର ଚାଷଜମି ଜଳମଗ୍ନ, ଚାଷୀ ମୁଣ୍ଡରେ ଚଡକ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆ, ବରଦା, ପଲାଇ, ଭରତପୁର ଓ ବିକ୍ରମତିରଣ ପଂଚାୟତର ଶହ ଶହ ଏକର ଚାଷଜମି ଗୋବରୀ ନଦୀର ବନ୍ୟା ଜଳରେ ଜଳମଗ୍ନ ହୋଇଅଛି । ଦୁଇତିନି ଦିନ ହେବ ପ୍ରବଳ ଲଗାଣ ବର୍ଷା । ଫଳରେ ମାତକାତପୁର ଡ୍ରେନେଜ କଟରେ ଜଳ ନିଷ୍କାସନ ହୋଇପାରୁନାହିଁ । ଯାହାଫଳରେ ଧାନରୁଆ ଚାଷଜମି ମାନଙ୍କରେ ଫୁଟରୁ ଦୁଇ ଫୁଟ ପାଣି ଜମିରହିଛି । ଧାନରୁଆ ସହିତ ତଳି ଘେରା ସମ୍ପୂର୍ଣ ନଷ୍ଟ ହୋଇଯାଇଛି । ଗୋବରୀ ନଦୀ ସରକାରୀ ସ୍ତରରେ ନଦୀର ମାନ୍ୟତା ପାଇ ନଥିବାରୁ ଚାଷୀ ମାନଙ୍କୁ ସରକାରୀ ସ୍ତରରେ ସହଯୋଗ ମିଳୁନାହିଁ । ଚାଷୀମାନେ ସମବାୟ ସମିତିରୁ ଋଣ କରିବାସହ ଧାର କରଜ କରି ଚାଷ କାମ କରିଥିଲେ । ଏବେ ନୂତନ ଭାବେ ତଳି ପକାଇ ଧାନ ରୋଇ କୌଣସି ପ୍ରକାର ଧାନଚାଷ କରିବା ସମ୍ଭବପର ନୁହେଁ । ଏଭଳି ପରିସ୍ଥିତିରେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି । ତେବେ ଆଗାମୀ ଦିନଗୁଡ଼ିକରେ ପ୍ରବଳ ବର୍ଷା ହେବାର ପାଣିପାଗ ପକ୍ଷରୁ ସୂଚନା ମିଳିବା ପରେ ଚାଷୀ ମୁଣ୍ଡରେ ଚଡକ ପଡିଛି । ଉପରୋକ୍ତ ପଂଚାୟତ ଗୁଡିକରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ନକୁଳ ପ୍ରଧାନ ପହଂଚି ଜଳମଗ୍ନ ଚାଷଜମି ଗୁଡିକୁ ବୁଲି ଦେଖିଥିଲେ । ସେଠାରେ ଉପସ୍ଥିତ ଚାଷୀମାନଙ୍କୁ ଏହି ପଂଚାୟତ ଗୁଡିକୁ ବନ୍ୟାପ୍ଲାବିତ ଘୋଷଣା କରାଯିବ ବୋଲି ତହସିଲଦାର ଶ୍ରୀଯୁକ୍ତ ତ୍ରିପାଠୀ କହିଥିଲେ । ପୂର୍ବତନ ସରପଂଚ ଦମୟନ୍ତୀ ସାମଲ, ରବୀନ୍ଦ୍ର କୁମାର ବେହୁରା, ଦେବେନ୍ଦ୍ର କୁମାର ସାମଲ, ରମାକାନ୍ତ ପ୍ରଧାନ, ଦେବଦତ ସାମଲ, ଗଗନ ବିହାରୀ ସ୍ୱାଇଁ, ଶ୍ରୀକାନ୍ତ ସାମଲ, ଦିପ୍ତୀରଂଜନ ବେହୁରା, ବସନ୍ତରାଜ ସାମଲ, ଅଜିତ କୁମାର ପ୍ରଧାନ, ମହେନ୍ଦ୍ର ସିଂ, ଉମେଶ ଚନ୍ଦ୍ର ସାମଲ, ପ୍ରମୋଦ ମଲିକ, ନାରାୟଣ ମଲିକ, ବାବୁରାମ ମଲିକ, ନିକୁଞ୍ଜ ପ୍ରଧାନ, ମନୋରଞ୍ଜନ ବେହୁରା, ମନୋଜ ପ୍ରଧାନ, କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଚାଷୀମାନେ କୃଷି ଋଣ ଛାଡ କରିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

## ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରତିବାଦରେ ସର୍ବଦଳୀୟ ବୈଠକ

# ସ୍ଥାନାନ୍ତର ସ୍ଥଗୀତ କରାନହେଲେ ଆଗାମୀ ଦିନରେ ନୀଳଗିରି ବନ୍ଦ ଚେତାବନୀ



**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଏନ.ଏ.ସି. ରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନେଇ ବାଲିଗୋହିରୀ ଠାରେ ଥିବା ବଷ୍ଟାଣ୍ଡକୁ ଘାଟଘରସାହି ବାସୁଳି ମନ୍ଦିର ଆଡ଼କୁ ଉଠିବା ପାଇଁ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଯାଇଛି । ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରତିବାଦରେ ଆଜି ଅପରାହ୍ନ ୪ ଘଟିକା ସମୟରେ କଂଗ୍ରେସ ଯୁବନେତା ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ସର୍ବ ଦଳୀୟ ବୈଠକ ନୀଳଗିରି ସ୍ଥିତ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହେଇଥିଲା । ଏହି ବୈଠକରେ ସବୁ ଦଳର ପ୍ରମୁଖ ନେତା ଓ କର୍ମୀ ପୂର୍ବତନ ବିଧାୟକ ଏବଂ ବହୁ ବରିଷ୍ଠ ସାଧାରଣ ନାଗରିକ ଉପସ୍ଥିତ ଥିଲେ । ଉପସ୍ଥିତ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଅଛି । ବାଲିଗୋହିରି ସ୍ଥିତ ଥିବା ବସଷ୍ଟାଣ୍ଡଟି ସବୁ ଦୃଷ୍ଟିକୋଣରୁ ନିରାପଦ ଏବଂ ସମସ୍ତ ଅଫିସ୍, ସ୍କୁଲ, କଲେଜ କୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ସୁବିଧା ରହିଛି । ଏଣୁ ପୁରୁଣା ବସଷ୍ଟାଣ୍ଡକୁ ମରାମତି କରାଯାଇ ବସ୍ ଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟାକୁ ରଦ୍ଦ କରାଯାଉ ଯଦି ବସ୍ ଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟାକୁ ସ୍ଥଗୀତ କରାନଯାଏ ତାହେଲେ ଆଗାମୀ ଦିନରେ ନୀଳଗିରି ବନ୍ଦ ଏବଂ ଜନ ଆନ୍ଦୋଳନ ହେବ ବୋଲି ଗଠିତ କମିଟି ଦ୍ୱାରା ସ୍ଥିର କରାଗଲା । ଉକ୍ତ ବୈଠକରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବିଜେଡ଼ି ବ୍ଲକ ସଭାପତି ରାଜୀବ କୁମାର ଦାସବାବୁ, ସିପିଆଇ (ଏମ) ନେତା ବିଜୟ କୁମାର ପାତ୍ର, କଂଗ୍ରେସ ବ୍ଲକ ସଭାପତି ତପନ କୁମାର ରାଉତ, ଜିଲ୍ଲା ସମ୍ପାଦକ ଯୋଗେଶ୍ୱର ବେହେରା, ରାମକୃଷ୍ଣ ଜେନା , ଗଙ୍ଗାଧର ମିଶ୍ର, ରାଧାଗୋବିନ୍ଦ ଖଟୁଆ, ବୁଦ୍ଧଦେବ ସରକାର, ଶରତ ଦାସ, ପୁରଷୋତ୍ତମ ଦାସ, ବାସୁଦେବ ପାତ୍ର, ଦୀପକ ଦାସ, ପତିତ ପାବନ ଦାସ, ବିଦ୍ୟାଧର ମହାନ୍ତି, କୁଳମଣି ନାୟକ, ଆଦର୍ଶ ଗୌରବ ଦାସ, ଶୀତାଂଶୁ ଶେଖର ପରିଡା ଏବଂ ବହୁ ଜନ ସାଧାରଣ ଉପସ୍ଥିତ ଥିଲେ ।

# ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ତ୍ରିରଙ୍ଗା ପଦଯାତ୍ରା

**ଦଶପଲ୍ଲା (ଅମୃତ ମିଡିଆ) :** ମହାବୀର ମନ୍ଦିର ପ୍ରାଙ୍ଗଣରୁ ଭବ୍ୟ ତ୍ରିରଙ୍ଗା ପଦଯାତ୍ରା ଆରମ୍ଭ ହୋଇ ଐତିହାସିକ ମେଳିଆ ତୋଟା ଠାରେ ସମାପନ ହୋଇ ଥିଲା ।ଏହି ଯାତ୍ରାରେ ଭାରତୀୟ ଜନତା ପାର୍ଟୀର ଜିଲ୍ଲା ପ୍ରଭାରୀ ମାନନୀୟ ସୁରଥ ବିଶ୍ୱାଳ, ପୂର୍ବ ତନ ବିଧାୟକ ଦଶପଲ୍ଲା ମାନନୀୟ ପୂର୍ଣ୍ଣ ଚନ୍ଦ୍ର ନାୟକ, ରାଘବ ମଲିକ ବିଧାୟକ ପ୍ରାର୍ଥୀ,କିଶୋର ଚନ୍ଦ୍ର ଦଳବେହେରା ପୂର୍ବ ତନ ଜିଲ୍ଲା ପରିଷଦ, ସୁମିତା ଦେହୁରୀ ଉପାଧାକ୍ଷା ଉନ୍ନୟନ ପରିଷଦ ନୟାଗଡ଼,ଚନ୍ଦନ କୁମାର ସାହୁ ନଗର ଦଶପଲ୍ଲା ମଣ୍ଡଳ ଯୁବ ସଭାପତି, ଜ୍ଞାନ ରଞ୍ଜନ ରାଉତ ମଧ୍ୟ ଖଣ୍ଡ ମଣ୍ଡଳ ଯୁବ ସଭାପତି, ଅଞ୍ଜନ ଦାସ ବରିଷ୍ଠ କାର୍ଯ୍ୟ କର୍ତ୍ତା, ସୁକାନ୍ତ କୁମାର ନାୟକ ବରିଷ୍ଠ କାର୍ଯ୍ୟ କର୍ତ୍ତା, ସନ୍ତୋଷ ପ୍ରଧାନ କାର୍ଯ୍ୟ କର୍ତ୍ତା, ଜ୍ଞାନ ରଞ୍ଜନ ସାହୁ ଉପସଭାପତି ଜିଲ୍ଲା, ମାନସ ରଞ୍ଜନ ନାୟକ ସରିଗଣ୍ଡା ମଣ୍ଡଳ ସଭାପତି,ମନୋଜ କୁମାର ସାହୁ ନଗର ମଣ୍ଡଳ ସଭାପତି,ପୂର୍ଣ୍ଣ ଚନ୍ଦ୍ର ନାୟକ,ଣିଗୋଛା ମଣ୍ଡଳ ସଭାପତି,ଅନିରୁଦ୍ଧ ସାହୁ, ଅନିଲ କୁମାର ମହାପାତ୍ର, ଚିନ୍ମୟ କୁମାର ପ୍ରଧାନ, ଅଜୟ କୁମାର ପଣ୍ଡା, ବାପୁଜୀ ସାହୁ ସମିତି ସଭ୍ୟ,ଜୋସ୍ନା ରାଣୀ ପ୍ରଧାନ, ସୁରଭି ନନ୍ଦ, ଜ୍ୟୋସ୍ନା ରାଣୀ ସାହୁ, ରତନ କୁମାର ଦାସ,ଆଦି ପ୍ରମୁଖ କାର୍ଯ୍ୟ କର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ଉକ୍ତ ଭବ୍ୟ କାର୍ଯ୍ୟକ୍ରମକୁ ଭାରତୀୟ ଜନତା ପାର୍ଟୀ ଯୁବ ମୋର୍ଚ୍ଚା ଦଶପଲ୍ଲା ବ୍ଲକ ଓ ନଗର ମଣ୍ଡଳ ଦଶପଲ୍ଲା ସଂଯୋଜନା କରିଥିଲେ, ଉଚ୍ଚ ବିଦ୍ୟାଳୟଦଶପଲ୍ଲା, ବାଳିକା ଉଚ୍ଚ ବିଦ୍ୟାଳୟ ଦଶପଲ୍ଲା, ରାଧାମୋହନ ଉଚ୍ଚ ବିଦ୍ୟାଳୟ ଦଶପଲ୍ଲା, ତମନ୍ନା କଲେଜଦଶପଲ୍ଲା, ଲକ୍ଷ୍ମୟ କଲେଜ ଦଶପଲ୍ଲା,ବୃନ୍ଦାବନ ସୁବୁଦ୍ଧି କଲେଜ ଦଶପଲ୍ଲା,ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସ୍ୱୟଂ ସେବକ, ଦଶପଲ୍ଲା ବ୍ଲକ ର ସ୍ୱୟଂ ସହାୟକ ଗୋଷ୍ଠୀ ମା ମାନେ, ଶିକ୍ଷା ବିତ ସମାଜ ସେବୀ,ସାମ୍ବାଦିକ ଭାଇମାନେ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମଞ୍ଚ, ବ୍ୟବସାୟୀ ସଂଘ, ସମସ୍ତ ପ୍ରଶାସନକର୍ମଚାରୀ, ଏବଂ ଦଶପଲ୍ଲା ପୋଲିସ ପ୍ରଶାସନ ତଥା ଦଶପଲ୍ଲା ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମକୁ ଆନ୍ତରିକ ଶାରୀରିକ ମାନସିକ ଭାବେ ସହଯୋଗ କରି ସାଫଲ୍ୟ ମଣ୍ଡିତ କରିଥିଲେ । ଭାରତ ମାତାକିଜୟ, ବନ୍ଦେ ମାତରଂ,ହର ଘର ତ୍ରିରଙ୍ଗା, ପ୍ରତି ଘରେ ତ୍ରିରଙ୍ଗା,ଏକ ତ୍ରିରଙ୍ଗା ଏକ ନିଶାନ ଏକ ଦେଶ ଏକ ସମ୍ମାନ ମେରା ଭାରତ ମହାନ ।

# କାଡା ନାଳିକୁ ବେଆଇନ ଭାବେ ପୋତି ପ୍ଲଟିଂ



ବାଲିଅନ୍ତା (ଅମୃତ ମିଡିଆ) : ବାଲିଅନ୍ତା ବ୍ଲକ ବେଣ୍ଟପୁର ପଞ୍ଚାୟତ ଦିଓ୍ୱାନପାଟଣା ଅଞ୍ଚଳରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ମାନେ ଏକ ଚକ କାଡା ନାଳିକୁ ବେଆଇନ ଭାବେ ପୋତି ପ୍ଲଟିଂ ରାସ୍ତାରେ ମିଶାଇ ଦିଆଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ଏହାଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜଳ ସେଚନ ଓ ଜଳ ନିଷ୍କାସନ ନେଇ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି । ଯାହାଦ୍ୱାରା ଅସୁବିଧାରେ ପଡ଼ିଛନ୍ତି ଶହଶହ କୃଷକ ।ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । କିଛି ଚାଷୀଙ୍କ କହିବା ଅନୁଯାୟୀ, ନିମାପଡ଼ା ବ୍ରାଞ୍ଚ କେନାଲରୁ ବାହାରିଥିବା ଏହି କାଡା ନାଳି ଦେଇ ଜଳ ନିଷ୍କାସିତ ହୋଇ ଖରିପଡ଼ିଆ ଶଙ୍ଖରେ ମିଶୁଥିଲା । ମାତ୍ର କେତେ ବିଲଡର ନିଜର ପ୍ଲଟିଂ ସ୍କିମକୁ ରାସ୍ତା ନିର୍ମାଣ କରିବା ପାଇଁ ଦିଓ୍ୱାନପାଟଣା ମୌଜାରେ ଥିବା ସାଢ଼େ ୮ ଫୁଟ ଚଉଡ଼ାର ଗୋଟିଏ ଏବଂ ସାଢ଼େ ୫ ଫୁଟ ଚଉଡ଼ାର ଦୁଇଟି କାଡା ନାଳି ସହ କଲଭର୍ଟ ମୁହଁକୁ ସମ୍ପୂର୍ଣ୍ଣ ପୋତି ଦେଇଛନ୍ତି । ଫଳରେ ବର୍ଷା ଜଳ ନିଷ୍କାସିତ ହୋଇନପାରି ଗହୀର ଜମିରେ ପାଣି ଜମି ରହୁଛି, ଯାହାଦ୍ୱାରା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି । ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ କାଡା ନାଳି ବିଭାଗ, ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ, ବେଣ୍ଟପୁର ଜଳସେଚନ ସେକସନ ସହକାରୀ ଯନ୍ତ୍ରୀ, ବାଲିପାଟଣା କେନାଲ ସବ-ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ, ବାଲିଅନ୍ତା ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ବି ବେଆଇନ ଅବରୋଧ ଉଚ୍ଛେଦ ପାଇଁ କୌଣସି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ପ୍ରଶାସନିକ ସମନ୍ୱୟ ଅଭାବରୁ ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ତୁରନ୍ତ ଏହି ଅବରୋଧ ହଟାଇବାକୁ ସାଧାରଣ ରେ ଦାବି ହୋଇଛି ।

# ତ୍ରିରଙ୍ଗା ଆମ ଦେଶର ଗର୍ବ, ଗୌରବର ପରିଚୟ ଓ ସମ୍ମାନର ପ୍ରତୀକ :ସମବାୟ ମନ୍ତ୍ରୀ





**ଯାଜପୁର (ଅମୃତ ମିଡିଆ) :** ସ୍ୱାଧୀନତା ଦିବସ ଏବଂ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍ ?'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯାଜପୁର ସହରସ୍ଥିତ ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇଥିଲା । ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସମାଜସେବୀ ଗୌତମ ରାୟ, ଶ୍ରୀମତୀ ଦେବଯାନୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ । ତ୍ରିରଙ୍ଗା ଯାତ୍ରା ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ବାହାରି ରେଡକ୍ରସ ଛକ ଓ ମେଡିକାଲ ଛକ, ଗାନ୍ଧିଛକ ଦେଇ ସଂସ୍କୃତି ଭବନ ଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରା ଅବସରରେ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ସଂସ୍କୃତି ଭବନ ପରିସରରେ ଥିବା ଡଃ ବାବା ସାହେବ ଆମ୍ବେଦକରଙ୍କ ସମେତ ସେଠାରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏହି ବିଶାଳ ତ୍ରିରଙ୍ଗା ଯାତ୍ରାରେ ତିନି ହଜାରରୁ ଊର୍ଦ୍ଧ୍ୱ ଜିଲ୍ଲାବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନସିସି, ଏନଏସଏସ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟିର ସଦସ୍ୟ, ମହିଳା ଓ ସାଧାରଣ ଜନତା ତ୍ରିରଙ୍ଗା ଧରି ଦେଶଭକ୍ତିର ଭାବନାରେ ଯାତ୍ରାରେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀ ରେ ଅବସରପ୍ରାପ୍ତ ସୈନିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଥିଲେ ଯେ, ପ୍ରଭୁ ଶ୍ରୀରାମଙ୍କ ପୁଣ୍ୟପୀଠରୁ ଆଜିର ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି । ଦେଶର ସ୍ୱାଧୀନତା ପାଇଁ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଓ ଆତ୍ମବଳିଦାନକୁ ସ୍ମରଣ କରି ଆମେ ଜାତୀୟ ପତାକା ତ୍ରିରଙ୍ଗାକୁ ସମ୍ମାନ ଦେବା ଆବଶ୍ୟକ । ତ୍ରିରଙ୍ଗା ଆମ ଦେଶର ଗର୍ବ, ଗୌରବ ର ପରିଚୟ ଓ ସମ୍ମାନର ପ୍ରତୀକ । ତେଣୁ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ 'ହର ଘର ତ୍ରିରଙ୍ଗା ରଥ'ର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଡିପିସି, ମିଶନ ଶକ୍ତି, ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ସୋନାଲି ବେହେରା, ଟାଉନ ଥାନା ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

# ଚିଲିକାରେ ତ୍ରିରଙ୍ଗା ଶୋଭାଯାତ୍ରା



**ବାଲୁଗାଁ (ଅମୃତ ମିଡିଆ) :** ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଗୁରୁବାର ଦିନ ଭାରତୀୟ ଜନତା ଦଳ ଚିଲିକା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ 'ହ ? ଘ ? ତ୍ରିରଙ୍ଗା' ଅଭିଯାନ ପରିପ୍ରେକ୍ଷୀରେ ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରୁ ଐତିହାସିକ ବାଣପୁର ପଲଟଣ ପଡ଼ିଆ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ଆୟୋଜିତ ବିଶାଳ ତ୍ରିରଙ୍ଗା ବାଇକ ଶୋଭାଯାତ୍ରାରେ ସ୍ଥାନୀୟ ଲୋକପ୍ରତିନିଧି,ଦଳୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ,ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ସହ ଓଡ଼ିଶା ସରକାରଙ୍କ ଆଇନ,ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସାମିଲ ହୋଇଥିଲେ ।ତ୍ରିରଙ୍ଗା ଆମର ଗୌରବ,ତ୍ରିରଙ୍ଗା ଆମର ଅସ୍ମିତା,ତ୍ରିରଙ୍ଗା ଆମର ପରିଚୟ ।ଦେଶର ପ୍ରତିଟି ନାଗରିକଙ୍କ ମଧ୍ୟରେ ଦେଶ ଭକ୍ତିକୁ ଜାଗ୍ରତ, ରାଷ୍ଟ୍ରୀୟ ଗୌରବ ଓ ଏକତାର ନୂଆ ଭାବନା ସୃଷ୍ଟି କରିବା ସାଙ୍ଗକୁ ସମସ୍ତେ ଦେଶଭକ୍ତିର ଭାବନାରେ 'ହର ଘର ତ୍ରିରଙ୍ଗା' ଅଭିଯାନରେ ଯୋଡି ହୋଇ ନିଜ ଘରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରିବା ସହ ଜାତୀୟ ଏକତା,ସଂହତି,ଶାନ୍ତି ଓ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିବା ବୋଲି ମନ୍ତ୍ରୀ ଶ୍ରୀ ହରିଚ୍ଚନ୍ଦନ ମତବ୍ୟକ୍ତ କରିଥିଲେ ।ଏହି ଶୋଭାଯାତ୍ରାରେ ହଜାର ହଜାର ଜନସାଧାରଣ ସ୍ୱତପ୍ରୁତ ଭାବେ ସାମିଲ ହୋଇଥିବା ବେଳେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ,ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଭାଜପା କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।



# ଦୟାନିଧି ହାଇସ୍କୁଲରେ ୧୨୫ତମ ଶିକ୍ଷା ଚେତନା ଅଭିଯାନ




**କଳାହାଣ୍ଡି (ଅମୃତ ମିଡ଼ିଆ) :** ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ୍ ଓ କାରୁଣ୍ଡ ସେବା ସଂଗଠନ, ଭବାନୀପାଟଣାର ମିଳିତ ଆନୁକୂଲ୍ୟରେ ଉଦିତନାରାୟଣପୁର, କାମଠଣା ସ୍ଥିତ ଦୟାନିଧି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୧୨୫ତମ 'ଶିକ୍ଷା ଚେତନା ଅଭିଯାନ ୨୦୨୬' ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗୁଲୁ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଲୋକନାଥ ଦୁର୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ସ୍କୁଲ କମିଟି ସଭାପତି ଲବ ମଙ୍ଗରାଜ, କାରୁଣ୍ଡ ସେବା ସଂଗଠନ ସଭାପତି ଇଞ୍ଜିନିୟର ପୁରୁଷୋତ୍ତମ ଦାସ ଅଗ୍ରୱାଲ, ସମାଜସେବୀ ଚିନ୍ମୟ ବେହେରା ଏବଂ ଅବସରପ୍ରାପ୍ତ ଶିକ୍ଷକ ବାନାମ୍ବର ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସ୍ତରରେ ସଂଗଠନ ତରଫରୁ ଏଭଳି ସଚେତନତାମୂଳକ ଓ ଶିକ୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିବା ସହ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବିଭାଗକୁ ନେଇ ରଚନା, ବକ୍ତୃତା, ଚିତ୍ରାଙ୍କନ ଏବଂ ପ୍ରଶ୍ନମଞ୍ଚ (କ୍ୱିଜ୍) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନମଞ୍ଚରେ କଳାହାଣ୍ଡିର ଇତିହାସ, ଓଡ଼ିଶାର ସଂସ୍କୃତି, ପୁରାଣ, ଗଣିତ, ବିଜ୍ଞାନ, ସାଧାରଣ ଜ୍ଞାନ, ମହାପୁରୁଷଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧୀୟ ପ୍ରଶ୍ନ ପଚରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ଆୟୋଜକ ସଂଗଠନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ସଭା ଆରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟତ୍ରୀ ସ୍ମିତା ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଗଠନର ସମ୍ପାଦକ ଅବିନାଶ ମୁଣ୍ଡ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଶ୍ନମଞ୍ଚକୁ ମାନସ ଭୋଇ ବିଚାରକ ଏବଂ ଅଙ୍କିତ କୁମାର ଖମାରୀ ଗଣକ ଭାବେ ପରିଚାଳନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ସୁପରିଚାଳନାରେ ଅନୁପ କୁମାର ଦାସ ଓ ଶ୍ରଦ୍ଧାଞ୍ଜଳୀ ମହାପାତ୍ର ସହଯୋଗ କରିଥିଲେ। ଏହି ଅବସରରେ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀବାସର ଅନ୍ତେବାସୀମାନଙ୍କ ଦ୍ୱାରା ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସମୀର ସାହୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

# ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ



**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ବଳଧା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ଧାନମଣ୍ଡି ଥିଲେ ମଧ୍ୟ ନିକଟସ୍ଥ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭାଲୁମୁଣ୍ଡା ଧାନ ମଣ୍ଡିରେ ବିରିପାଲି ଓ ବଳଧା ପଞ୍ଚାୟତର ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ହେଉଥିଲା। ଏ ନେଇ ଚାଷୀ ମାନେ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ଚାଷୀ ସଂଗଠନର ସଭାପତି ଅଜିତ କୁମାର ଯୋଶୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପ୍ୟାକ୍ସ ସମ୍ପାଦକ ଲମ୍ବୋଦର ବଚ୍ଛାଙ୍କ ସହ ଆଲୋଚନା କରି ବଳଧା ପ୍ୟାକ୍ସରେ ଆଜି ଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ କରିଛନ୍ତି। ପୂର୍ବରୁ ମଧ୍ୟ ଆରସିଏସ ବଲାଙ୍ଗୀର ଓ ଏଆରସିଏସ ଟିଟିଲାଗଡ଼ଙ୍କଠାରେ ଦାବି କରାଯାଇଥିବା ବେଳେ ଆଜି ପଦକ୍ଷେପ ନିଆଯାଇଥିବାରୁ ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ତେବେ ଚାଷୀମାନେ ବିଭିନ୍ନ କାମ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ଭାରତମାଳା ରାସ୍ତା ଦୁର୍ଘଟଣାରେ ଜଣେ ମୃତ

**ରାଇଘର (ଅମୃତ ମିଡିଆ) :** ଛତିଶଗଡ଼ ରାୟପୁରଠାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ଛ ଲାଇନ୍ ବିଶିଷ୍ଟ ଭାରତ ମାଳା ରାସ୍ତା ଦେଇ ଯାଉଥିବା ବେଳେ ବାଇକ ଚାଳକ ରାସ୍ତାରେ ପଡି ମୃତୁ ବରଣ କରିଥିବା ଜଣାଯାଇଛି। ମୃତ ବ୍ୟକ୍ତି ଜଣଙ୍କ ଉମରକୋଟ ଡିଏନ୍‌କେ ଅଞ୍ଚଳର। ଖବର ପାଇ ରାଇଘର ଥାନା ଅଧିକାରୀ ବାହୁବଳୀ ଟିକି ଚାନ୍ଦ ଖଟୁଆ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉକି ଭରତ ମାଳା ରାସ୍ତା ଉପରେ ବାରମ୍ବାର ଦୁର୍ଘଟଣା ପରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେହି ରାସ୍ତା ଦେଇ ଯିବାକୁ କିଏ ଅନୁମତି ଦେଲା ତାହା ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି। ତେଣୁ ଭାରତ ମାଳା ରାସ୍ତା ରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି ହଉଛି।

# ସେପ୍ଟେମ୍ବର ୧୨ ତାରିଖ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା

**ବଲାଙ୍ଗୀର (ଅମୃତ ମିଡିଆ) :** ଆସନ୍ତା ସେପ୍ଟେମ୍ବର ମାସ ୧୨ ତାରିଖ ଶନିବାର ଦିନ ବଲାଙ୍ଗିର, ପାଟଣାଗଡ଼, ଟିଟିଲାଗଡ, କଂଟାବାଂଜି, ଲୋଇସିଂହା, ସଇଁତଳା, ମୁରିବାହାଲ, ବଙ୍ଗୋମୁଣ୍ଡା ଏବଂ ଦୂଷୁରା ଅଦାଲତ ପରିସରରେ ଓ ଜିଲ୍ଲାର ସମସ୍ତ ରାଜସ ବିଭାଗ ତଥା ରାଷ୍ଟ୍ରାୟତ ବ୍ୟାଙ୍କ, ଜିଲ୍ଲା ଶ୍ରମ ବିଭାଗ, ବି ଏସ ଏନ ଏଲ ମ୍ୟୁନିସିପାଲିଟୀ, ପିଏଚଡି, କନ୍ସୁମର୍ ଫୋରମ୍ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି। ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ, ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୁରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେଓନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରଷ୍ଟ୍ରୀୟ ଲୋକ ଆଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେ ନାହିଁ। ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏ ସଂକ୍ରାନ୍ତରେ ବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ଼, ଟିଟିଲାଗଡ, କଂଟାବାଂଜି, ଲୋଇସିଂହା, ସଇଁତଳା, ମୁରିବାହାଲ, ବଙ୍ଗାମୁଣ୍ଡା .ତୁଷୁରା ଏବଂ ଅନ୍ୟ ଉପରୋକ୍ତ ବିଭାଗ ମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଉଅଛି। ଏଥିସହିତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ଜାତୀୟ ମଧ୍ୟସ୍ଥତା ଅଭିଯାନ-୩.୦ ଚାଲୁଅଛି। ଏହି ମାଧ୍ୟମରେ ନିଜ ମାମଲାର ଫଇସଲ କରି ବହୁମୂଲ୍ୟ ସମୟ, ଶ୍ରମ ଓ ଅର୍ଥ ସଂଚୟ କରନ୍ତୁ। ଅଧିକ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ସହ ଯୋଗାଯୋଗ କରନ୍ତୁ।

## ଧର୍ମଗଡ଼ରେ ଦେଶଭକ୍ତିର ମାହୋଲ

# ୧୦୦ ମିଟର ତ୍ରିରଙ୍ଗା ସହ ବିଶାଳ ଯାତ୍ରା




**କଳାହାଣ୍ଡି (ଅମୃତ ମିଡ଼ିଆ) :** ଆସନ୍ତା ୮୦ ତମ ସ୍ୱାଧୀନତା ଦିବସକୁ ଦେଶଭକ୍ତିର ସହ ପାଳନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ 'ହର ଘର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରି ଦେଶପ୍ରେମ, ଜାତୀୟ ଏକତା ଓ ନାଗରିକ ଦାୟିତ୍ୱର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଗଡ଼ ବ୍ଲକ ଓ ଏନ୍ଏସି ପ୍ରଶାସନ ପକ୍ଷରୁ ଗୁରୁବାର ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଥିଲା। ଧର୍ମଗଡ଼ ବିଡିଓ ସଦାଶିବ ନାୟକ ଓ ଏନ୍ଏସି ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଜାତୀୟ ପତାକା ଆମ ଦେଶର ସ୍ୱାଭିମାନ, ଗୌରବ ଓ ଏକତାର ପ୍ରତୀକ। ତ୍ରିରଙ୍ଗା ଯାତ୍ରା ଭାରତୀୟଙ୍କ ମଧ୍ୟରେ ଜାତୀୟ ଏକତା ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ସହ ବିକଶିତ ଭାରତର ଅସ୍ମିତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିବାରେ ସହାୟକ ହେବ। ଏହି ତ୍ରିରଙ୍ଗା ଯାତ୍ରାରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଏସ୍‌ଡିପିଓ ଭର୍ଷିତା ଆଡେପୁ, ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଏନ୍ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ, ଜିପିଡିଓ ଗିରିଶ ଚନ୍ଦ୍ର ନାଏକ, ଏବିଇଓ ବିଶ୍ୱଜିତ ବେହେରା, ବିଆରସିସି ଅରୂପାନନ୍ଦ ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏଥିସହ ମିଶନ ଶକ୍ତିର ମହିଳା ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। ହାତରେ ତ୍ରିରଙ୍ଗା ପତାକା ଧରି ଦେଶଭକ୍ତିମୂଳକ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ନିକଟରୁ ସହର ପରିକ୍ରମା କରି ଗୋଡ଼ଭଞ୍ଜା ଗୋଳେଇଛକ ପର୍ଯ୍ୟନ୍ତ ପହଞ୍ଚିଥିଲେ। 'ହର ଘର ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା' ନାରାରେ ସମଗ୍ର ଧର୍ମଗଡ଼ ସହର ମୁଖରିତ ହୋଇଥିଲା। ତ୍ରିରଙ୍ଗା ଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା ୧୦୦ ମିଟର ଲମ୍ବର ବିଶାଳ ତ୍ରିରଙ୍ଗା ପତାକା। ଏହି ବିଶାଳ ପତାକା ସହର ପରିକ୍ରମା କରିବା ସମୟରେ ଧର୍ମଗଡ଼ର ପରିବେଶ ସମ୍ପୂର୍ଣ୍ଣ ତ୍ରିରଙ୍ଗାମୟ ହୋଇଉଠିଥିଲା। ବିଶାଳ ଶୋଭାଯାତ୍ରା ଓ ଦେଶଭକ୍ତିର ନାରାରେ ସହରବାସୀଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ପ୍ରକାଶ ପାଇଥିଲା।

# ମୋଟରସାଇକେଲ ଦୁର୍ଘଟଣା ୩ ଗୁରୁତର

**ଜୁନାଗଡ (ଅମୃତ ମିଡିଆ)** ଜୁନାଗଡ ବ୍ଲକ ଅନ୍ତର୍ଗତ ଦାସିଗାଁ ଗ୍ରାମ ପଞ୍ଚାୟତର ଚିଲକପୁର ବସ ଷ୍ଟାଣ୍ଡ ସମ୍ମୁଖରେ ଏକ ମଟର ସାଇକେଲ ଦୁର୍ଘଟଣା ଆଜି ସନ୍ଧ୍ୟା ୬ଟାରେ ଦେଖିବାକୁ ମିଳିଥିଲା। ଦୁଇଟି ଯାଜ ସାମ୍ନା ସାମ୍ନି ଦୁର୍ଘଟଣା ଘଟିଥିବାରୁ ତିନି ଜଣ ଝିଟିକି ପଡି ରାସ୍ତାରେ ପଡିଯାଇଥିଲେ। ପ୍ରକାଶ ଥାଉ କି ଗୋଟିଏ ମଟର ସାଇକେଲରେ ଦୁଇ ଜଣ ଆଉ ଗୋଟିଏ ମଟର ସାଇକେଲରେ ଜଣେ ଥିଲେ। ସେଥି ମଧ୍ୟରୁ ଚିଲକପୁର ଗ୍ରାମର ପ୍ରଦୀପ ଚଣ୍ଡି ୨୬ ଚିଲକପୁର ଲେଞ୍ଜାପଡାର କୁଶ ସୁନାନୀ ୨୬ ଏବଂ ମହିଚଳାର ଖୁସିରାମ ମାଝି ୪୫ ବୋଲି ଜଣାପଡ଼ିଛି। ଗୁରୁତର ତିନି ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ଖୁସିରାମ ମାଝିକୁ ଚିଲିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଅନ୍ୟ ଡାକ୍ତର ଖାନାକୁ ପଠାଯାଇଥିଲା। ସେହିପରି କୁଶ ସୁନାନୀ ଏବଂ ପ୍ରଦୀପ ଚଣ୍ଡିକୁ ଜୁନାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ପ୍ରଦୀପ ଚଣ୍ଡିକୁ ଭବାନୀପାଟଣା ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ଦହିତା ହାଇସ୍କୁଲରେ ସ୍କାଉଟ୍ ଗାଇଡ୍ ଦୀକ୍ଷାନ୍ତ ଉତ୍ସବ

**ବରଗଡ (ଅମୃତ ମିଡ଼ିଆ) :** ପଦ୍ମପୁର ନିକଟସ୍ଥ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତାଠାରେ ପ୍ରଧାନ ଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୪ର୍ଥ ସ୍କାଉଟ୍ ଗାଇଡ୍‌ର ଦୀକ୍ଷାନ୍ତ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାର କେଶ ରଞ୍ଜନ ପ୍ରଧାନ, ସେବା ନିବୃତ ପ୍ରଧାପକ, ଅଧକ୍ଷ ତଥା ବିଶିଷ୍ଟ ନାଟ୍ୟକାର, ପଦ୍ମପୁର ଓ ସେବା ନିବୃତ ପ୍ରଧାନ ଶିକ୍ଷକ ଅନୀଲ କୁମାର କାଳିଆ, ପାଇକମାଳ ଯୋଗଦେଇ ସ୍କାଉଟ୍ ଗାଇଡ୍ ମାନଙ୍କୁ ଏହାର ତାତ୍ପର୍ଯ୍ୟ ଓ ଆଦର୍ଶ ସ୍ୱାଉଟ୍, ଗାଇଡ୍ ହୋଇ ନିଜକୁ ଗଢ଼ିବା ସହ ଦେଶସେବାରେ ବ୍ରତୀ ହେବାକୁ ବାଲ ସୁଲଭ ବୟସର ସୁବିନିଯୋଗ କରିବାକୁ ଆହ୍ୱାନ ଦେଲେ। ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍କାଉଟମାଷ୍ଟର ବିଶ୍ୱନାଥ ସାହୁ, ସୁଦର୍ଶନ ମହାକୁର, ଅକ୍ଷୟ କୁମାର ସାହୁ, ତ୍ରିଲୋକେଶ ବରିହା ଓ ଗାଇଡ୍ କ୍ୟାପଟେନ୍ ନମିତା ସାହୁ, ସୋନାଲିକା ଶବର। ସ୍କାଉଟ୍ ପତାକା ଉତ୍ତୋଳନ ପରେ ସ୍କାଉଟ ଗୀତ ଗାନ କରାଯାଇଥିଲା। ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପଟେନ୍‌ମାନେ ଗାଇଡ୍‌ମାନଙ୍କୁ ଦୀକ୍ଷିତ କରିବା ସହ ସ୍କାଉଟ୍ ଲ ଅନୁସାରେ ଶପଥ ପାଠ କରାଇଥିଲେ। ପରିଚାଳନା କମିଟି ଅଧକ୍ଷ କଳ୍ପତରୁ ସାହୁ, ଉପାଧକ୍ଷା ଯଶୋବନ୍ତି ଅଗ୍ରୱାଲ, ଶିକ୍ଷା ସେତୁ ସଭାପତି ମକରଧ୍ୱଜ ବଗାର, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ସଭ୍ୟା ସୁନିତା ତାଣ୍ଡି, ରମେଶ ଗୁର୍ଲାଙ୍କ ସମେତ ପିତାମାତାମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯଥା କିଶୋର କୁମ୍ଭାର, କ୍ଷୀରୋଦ୍ରନାଥ ସାହୁ, ପୁରନ୍ଦର ଭୋଇ, ଦୀପକ୍ ସିଂ ବରିହା, ରାହୁଲ କୁମାର ବିଶ୍ୱାଳ, ବିକାଶ ସାହୁ, ପ୍ରମୋଦ କଲେତ୍, ତୁଷାର ରଞ୍ଜନ ପାଣିଗ୍ରାହୀ, କସ୍ତୁଭମ୍ ମିଶ୍ର ଓ ଭାନୁମତି କଳିହାରୀ, ପୂଜା ସାହୁ, ମନୀଷା ବେଶ୍ରା, ଅଞ୍ଜଳି ବେହେରା ସମେତ ପୂରନ୍ ବାଗ କାର୍ଯ୍ୟକ୍ରମକୁ ସଫଳତାର ହାତ ବଢ଼େଇ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ। ଅପରାହ୍ନ ୪ଟାରେ ପତାକା ଅବତରଣ କରାଯାଇଥିଲା।

# 'ସାମଗ୍ରିକ ଭୋଟର ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ' କାର୍ଯ୍ୟକ୍ରମ




**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ସ୍ଥିତ ପିଏସ୍ ଡିଗ୍ରୀ କଲେଜ ପରିସରରେ 'ସାମଗ୍ରୀକ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ଅଂଶଗ୍ରହଣ' କାର୍ଯ୍ୟକ୍ରମ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ନିର୍ବାଚନ ଏବଂ ଭୋଟର ଅଂଶଗ୍ରହଣର ଗୁରୁତ୍ୱ' ଶୀର୍ଷକ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଏବଂ 'ଗଣତନ୍ତ୍ରକୁ ମଜବୁତ କରିବାରେ ନିର୍ବାଚନର ଭୂମିକା' ଶୀର୍ଷକ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ କଲେଜରେ 'ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-୨୦୨୬' କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା, ଯାହା ୭୦-କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପାଇଁ ଉଦ୍ଦିଷ୍ଟ ଥିଲା। ପିଏସ୍‌ଡିଗ୍ରୀ କଲେଜର ଅଧକ୍ଷ ଡକ୍ଟର ସୁଭେନ୍ଦ୍ର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା -ଡେପୁଟି କଲେକ୍ଟର ହରେକୃଷ୍ଣ ମେହେର, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା ନିତୁଶ୍ରୀ ମେହେର ଏବଂ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ-ତଥା-ସହକାରୀ ଜିଲ୍ଲାପାଳ ତୁଷାରକାନ୍ତ ମହଲା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟରଙ୍କ ଅଧିକାର ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।କଲେଜର ଅଧାପକ ନଟବର ବେହେରା ଏହି କାର୍ଯ୍ୟକ୍ରମଟିକୁ ସଞ୍ଚାଳନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ କଲେଜର ଅଧାପକ ଅଲୋକ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାପକ ଦୁର୍ନୀତିରେ ସରପଞ୍ଚଙ୍କ ସଂପୃକ୍ତି ଅଭିଯୋଗ

**କଣ୍ଟାବାଞ୍ଜି (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ବଡବାଙ୍କି ପଞ୍ଚାୟତର ସରପଞ୍ଚ ଡୋଲାଧର ବାଗ ଦୁର୍ନୀତିରେ ଉବୁଟୁବୁ ହେଉଥିବା ଅଭିଯୋଗ ହେଉଛି। ତାଙ୍କ ହିସାବରେ ପଞ୍ଚାୟତ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ମୁରିବାହାଲ ଗାଁରେ ଗାଁ ସାଥିଙ୍କ ଘରେ ବାହାରେ କଂକ୍ରିଟ କରି ରାସ୍ତା ନିର୍ମାଣ କରା ଯାଇଥିବା ଦର୍ଶାଇ ସରକାରୀ ରାଜକୋଷରୁ ୧ ଲକ୍ଷ ଟଙ୍କା ଉଠା ଯାଇଥିବା କାଗଜପତ୍ର ଜଣାପଡିବା ଗଣମାଧ୍ୟମରେ ପ୍ରକାଶିତ ହେବା ବଡବାଙ୍କି ପଞ୍ଚାୟତର ସରପଞ୍ଚ ଡୋଲାଧର ବାଗ ଚିହିଁକି ଉଠୁଛନ୍ତି। ଆମେ କଂକ୍ରିଟ କରିଛୁ ଯଦି ଦୁର୍ନୀତି କରିଛୁ ଚାପ ଯାହା ହେବା କଥା ହେବ କହି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଯୁକ୍ତି ବାଢ଼ିବା ସହ ଗଣମାଧ୍ୟମର କଣ୍ଠରୋଧ କରିବାକୁ ସେ ଚେଷ୍ଟା କରୁଛନ୍ତି। ସରକାରୀ କାଗଜ ପତ୍ରରେ ମୁରିବାହାଲ ଗାଁର ବାଗପଡାକୁ ରାସ୍ତା ନିର୍ମାଣ କରିବା ପାଇଁ ସରକାରୀ ଖସଡ଼ା ପ୍ରସ୍ତୁତ ହୋଇ କାମ କରାଯାଇଥିବା ବେଳେ ସେହି କାମଟି ଗାଁ ସାଥିଙ୍କ ଘର ଭାବେ ସରପଞ୍ଚଙ୍କ ସଂପୃକ୍ତରେ କଂକ୍ରିଟ କରି ଦୁର୍ନୀତି କରୁଥିବା ଅଭିଯୋଗ ହେଉଛି। ମୁରିବାହାଲ ଗାଁର ଯେଉଁ ରାସ୍ତା ନିର୍ମାଣ କରିବା ପାଇଁ ଟଙ୍କା ଆସିଥିଲା ସେହି ରାସ୍ତା ଏବେ ମଧ୍ୟ ଖାଲଖମା ହୋଇ ପଡ଼ି ରହିଛି ଯାହା ପାଇଁ ଲୋକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କିନ୍ତୁ ଏଠାରେ ବଡବାଙ୍କି ସରପଞ୍ଚଙ୍କ ନଜର ପଡୁନଥିବା ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। ରାସ୍ତା ନିର୍ମାଣ ନ କରି ନିଜସ୍ୱ ସ୍ୱାର୍ଥ ରଖି ଏହି ପରି ଦୁର୍ନୀତି କରୁଥିବା ମଧ୍ୟ ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ମଧ୍ୟ ସରପଞ୍ଚ ଅନେକ ଦୁର୍ନୀତିରେ ସଂପୃକ୍ତ ରହିଥିବା ଅଭିଯୋଗ ହେଉଛି କିନ୍ତୁ ଶାସକ ଦଳ କ୍ଷମତାରେ ଯେଉଁ ନେତା ଆସିଲେ ତାଙ୍କ ଦଳକୁ ଡେଇଁ ତାଙ୍କ ଛତ୍ରଛାୟା ରହି ଖସିଯିବା ସେ ସବୁ ବେଳେ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ଲଗାତାର ଭାବେ



ସେ ବିଭିନ୍ନ ରାଜନୈତିକ ଦଳ ଡେଇଁ ଚାଲିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଗତ କିଛି ମାସ ତଳେ ସରପଞ୍ଚ ଡୋଲାଧର ବାଗ ଗରିବଙ୍କ କାଗଜ ପତ୍ରରେ ଦସ୍ତଖତ ହେଉବା ସ୍ଥାନୀୟ ଅଞ୍ଚଳରେ ଉନ୍ନତୀ କାମ ଭଳି ଅନେକ କାରବାରରେ ଲିପ୍ତ ରହି ଲାଞ୍ଚ କାରବାରରେ ସଂପୃକ୍ତ ରହିଥିବା ଅଭିଯୋଗ ଆଣି ପଞ୍ଚାୟତ ବିଭିନ୍ନ ୱାର୍ଡ ସଭ୍ୟ ମାନେ ଅସନ୍ତୁଷ୍ଟ ହୋଇ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ପଦ ଯିବା ଭୟରେ ସରପଞ୍ଚ ଶ୍ରୀ ବାଗ ୱାର୍ଡ ସଭ୍ୟ ଓ ଲୋକଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ହୋଇ କ୍ଷମା ଭାଗୁଥିବା ଭିଡିଓ ଭାଇରାଲ ହେବା ପରେ ରାଜ୍ୟର ଗଣମାଧ୍ୟମରେ ଶୀର୍ଷ ନାମା ଖବର ପାଲଟିଥିଲା। ଏବେ ପୁଣି ସରପଞ୍ଚ ଶ୍ରୀ ବାଗ ଦୁର୍ନୀତି କରୁଥିବା ବେଳେ ଖବର ପ୍ରକାଶିତ ହେବା ପରେ ରାଗ ତମତମ ହୋଇ ପଡିଛନ୍ତି। ବଡବାଙ୍କି ପଞ୍ଚାୟତ ଯେ ଗୋଟିଏ ଦୁର୍ନୀତି ହୋଇଛି ତାହା ନୁହେଁ ଏହିଭଳି ଅନେକ କାର୍ଯ୍ୟ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। କିନ୍ତୁ ଏହି ଦୁର୍ନୀତି ତୁରେକେଲା ବ୍ଲକ ପ୍ରଶାସନ ସଂପୃକ୍ତ ରହି ଅଭିଯୋଗକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି କାହିଁକି ଏହି ଘଟଣାରେ ବ୍ଲକ ପ୍ରଶାସନ ଅନେକ ବାବୁ ହାତଗୁଜା ନେଇ ସଂପୃକ୍ତ ରହିଛନ୍ତି ଯଦି ଘଟଣା ସାମ୍ନାକୁ ଆସେ ତେବେ ତାଙ୍କୁ ଭୟଘାରୀ କାହିଁକି ନା ରାଜ୍ୟର ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର ଦୁର୍ନୀତିରେ ଯେଉଁ ଅଧିକାରୀ ସଂପୃକ୍ତ ରହିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହୁଥିବା ବେଳେ ତାଙ୍କ ଜିଲ୍ଲାର ଉପାନ୍ତ ଥିବା ବ୍ଲକ ରେ ଏହି ଦୁର୍ନୀତି ଅଭିଯୋଗ ଆସୁଛି। ଏନେଇ ତୁରେକେଲା ବ୍ଲକ ପ୍ରଶାସନର କୌଣସି ଅଧିକାରୀଙ୍କ ମତାମତ ମିଳିପାରିନାହିଁ। ତେବେ ରାଜ୍ୟ ସରକାର ନଜର ଦେଇ ଏହି ପଞ୍ଚାୟତର ଭିଜିଲାନ୍ସ ତଦନ୍ତ କରିବାକୁ ପଞ୍ଚାୟତ ବାସି ଦାବି କରିଛନ୍ତି।

# ଲଗାଣ ବର୍ଷାରେ ଧୋଇଗଲା ପୋଲ

## ମୋରଡ଼ାର ବିଭିନ୍ନ ପଞ୍ଚାୟତର ଲୋକେ ପାଣି ଘେରରେ





**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ମୋରଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୋରଡା, ରାସଗୋବିନ୍ଦପୁର ଓ୍ ଶୁଳିଆପଦା ବ୍ଲକରେ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି। ମୋରଡା ବ୍ଲକରେ ୧୩୪ ମିମି, ରାସଗୋବିନ୍ଦପୁର ରେ ୧୨୦ମିମି ଓ୍ ଶୁଳିଆପଦା ବ୍ଲକ ରେ ୯୪ ମିମି ବର୍ଷା ହୋଇଛି। ମୋରଡା ବ୍ଲକର ଚିତ୍ରଡା ରାଜାବନ୍ଧ ଉପରେ ୩ଫୁଟ ଉପରେ ବର୍ଷା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ ବନ୍ଦ ରହିଛି। ଉକ୍ତ ବ୍ଲକର ସମାଇଡ଼ିହି ଗ୍ରାମରେ କେନାଲ ପାଣି ଗାଁ ଭିତରକୁ ପ୍ରବେଶ କରିବା ଫଳରେ ଲୋକେ ରାସ୍ତା ଉପରେ ପାଲ ଟାଙ୍ଗି ରହୁଥିବାର ଦେଖିବାକୁ ମିଳିଛି। ବନ୍ୟା ଜଳ ଘୋଳମୁହାଁ ପଞ୍ଚାୟତର ଘୋଳମୁଁହା, ଗଣ୍ଡଗୁହାଳି ଗାଁରେ ପ୍ରବେଶ କରିବାରୁ ଓଡ୍ରାଫ ଟିମ, ଦମକଳ ବାହିନୀ ସାହାଯ୍ୟରେ ଲୋକଙ୍କୁ ସୁରକ୍ଷିତ ଜାଗାକୁ ଅଣାଯାଇଛି। ସେହିପରି ବାରମାଇଲ-ବାଘଡା ରାସ୍ତାର ମୋହନପୁର ପୋଲ ଉପରେ ପାଣି ପ୍ରବାହିତ ହେଉଛି। ସେହିପରି ଶୁଳିଆପଦା ବ୍ଲକର କୋଷ୍ଠା-ଦେଉଳି ମୁଖ୍ୟ ରାସ୍ତାର ଝାଲିଆମରା ପୋଲ ଧୋଇଯିବାରୁ ୮ଟି ପଞ୍ଚାୟତର ଲୋକେ ଯିବାଆସିବା କରି ପାରୁ ନାହାନ୍ତି। ଅପରପକ୍ଷରେ ବାରିପଦା-ଚିତ୍ରଡା-ଅମର୍ଦା ରାଜ୍ୟ ରାଜପଥର ମୋରଡ଼ା ଓ୍ ରାସଗୋବିନ୍ଦପୁର ବ୍ଲକର ସୀମାନ୍ତରେ ଥିବା ଜମ୍ବୀରା ନଦୀର ଭଡରାନଣ୍ଡା ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ ହୋଇ ପଡିଛି। ରାସଗୋବିନ୍ଦପୁର ବ୍ଲକର ଛଅଟି ପଞ୍ଚାୟତ ସାରୁମୂଳା,ଖୁଣ୍ଟାପାଳ, ମାଣିଦା, ତୋଟାପୋଡା, ନାକିଚୁଆ, ରାଘବପୁରର ୧୫ଟି ଗାଁ ବନ୍ୟା ଜଳରେ ପ୍ରବାହିତ ହୋଇଛି। ବ୍ଲକର ନାକିଚୁଆ ପଞ୍ଚାୟତର କାନ୍ଥି, କାନପୁର, ନାକିଚୁଆ ଗାଁର ଚାଳିଶରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟରେ ରଖା ଯାଇ ଶୁଖିଲା, ରନ୍ଧା ଖାଦ୍ୟ ଦିଆଯାଇଛି। କାନପୁର ଗ୍ରାମର ମଠସାହିରେ ଅନେକ ଘର ପାଣି ଘେରରେ ଥିବା ବେଳେ କିଛି ଘରକୁ ପ୍ରଶାସନ ପହଁଞ୍ଚି ପାରିନଥିବାର ଅଭିଯୋଗ ହୋଇଛି। ସାନନଈ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏଠାରେ ମଧ ଯାତାୟାତ ସମ୍ପୂର୍ଣ ବନ୍ଦ ଅଛି। ବନ୍ୟା ଜଳରେ ଘେରି ରହିଥିବାରୁ ଖବର ପାଇ ରାସଗୋବିନ୍ଦପୁର ଦମକଳ ବାହିନୀ ରାଉତପୋଡା ଗ୍ରାମର ୯ଜଣ ଲୋକଙ୍କୁ ଉଦ୍ଧାର କରି ବୋଟ ଯୋଗେ ସୁରକ୍ଷିତ ସ୍ଥାନକୁ ଆଣିଛି। ତେବେ ବନ୍ୟା ପ୍ରବାହିତ ଅଞ୍ଚଳକୁ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ କିପରି ସ୍ଥାନାନ୍ତରିତ କରାଯିବ, ଲୋକଙ୍କୁ ଖାଦ୍ୟ,, ପିଇବା ପାଣିର ବ୍ୟବସ୍ଥା ସହିତ ପ୍ରଶାସନ ସମ୍ପୂର୍ଣ ସଜାଗ ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲାପାଳ ମଲ୍ଲିକ। ତେବେ ଅପରାହ୍ନରେ ପୁଣି ବର୍ଷା ବଢ଼ିବାରେ ଲାଗିଛି। ନଦୀ ପାଣି ମଧ ବଢିବାରେ ଲାଗିଛି। ବିଳମ୍ବିତ ରାତିରେ କଣ ରହୁଛି ପରିସ୍ଥିତି ତାହା ଉପରେ ରହିଛି ନଜର।

# ହାତୀ ଉପଦ୍ରବରେ ଶିଶୁ ମୃତ, ବାଳିକା ଗୁରୁତର

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ବନଖଣ୍ଡରେ ବର୍ତ୍ତମାନ ୨୭ ଟି ହାତୀ ବିଭିନ୍ନ ସ୍ଥାନରେ ରହି ଉପଦ୍ରବ ଜାରି ରଖିଛନ୍ତି। ତେବେ ଗତକାଲି ବିଳମ୍ବିତ ରାତି ଓ ଆଜି ଭୋରରେ କିଛି ଝାଡ଼ଖଣ୍ଡୀ ହାତୀ ଗୋଠ ଛଡ଼ା ହୋଇ ଏଣେ ତେଣେ ହୋଇ ୨ ଟି ଗାଁରେ ପଶି ୪ ଘର ଓ ଅନ୍ୟ ଗୋଟିଏ ଗାଁର ଅଙ୍ଗନବାଡ଼ି କେନ୍ଦ୍ର ଝରକା କବାଟକୁ ବଙ୍କା କରି ନଷ୍ଟ କରିବା ସହ ଛୋଟ ଛୋଟ ପିଲାମାନଙ୍କ ନିମନ୍ତେ ଥିବା ଖାଦ୍ୟ ଖାଇ ଦେଇଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୫ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଗତକାଲି ବିଳମ୍ବିତ ରାତି ପ୍ରାୟ ଅଢ଼େଇଟା ସମୟରେ କରଞ୍ଜିଆ ବ୍ଲକ କେରକେରା ପଞ୍ଚାୟତ ନେଢୁଆପାଳ ଗାଁରେ ପଶି ବିନାଶ ସୃଷ୍ଟି କରିଛନ୍ତି। ଏହି ହାତୀପଲ ଭରତ ଲାଗୁରୀଙ୍କ ଘର କାନ୍ଥ ଠେଲି ଦେବାରୁ କାନ୍ଥଟି ଭାଙ୍ଗି ଯାଇଥିଲା। ଦୁର୍ଭାଗ୍ୟକୁ ଏହି ସମୟରେ ପରିବାର ଲୋକେ ଶୋଇଥିବା ଅବସ୍ଥାରେ କାନ୍ଥ ସେମାନଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ନିଜକୁ କୌଣସିମତେ ବଞ୍ଚାଇଥିବା ବେଳେ ୫ ବର୍ଷର ଶିଶୁପୁତ୍ର ପୂର୍ଣ୍ଣଚନ୍ଦ୍ର ଲାଗୁରୀ ଚାପି ହୋଇ ରହିଯାଇଥିଲା। ପରିବାର ଲୋକେ ତାକୁ ଉଦ୍ଧାର କରି ବନ କର୍ମଚାରୀ ମାନଙ୍କ



ସହଯୋଗରେ କରଞ୍ଜିଆ। ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ,ମାତ୍ର ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ।ବନ ବିଭାଗ କରଞ୍ଜିଆ ପୋଲିସ କୁ ଖବର ଦେଇଥିଲେ ଏବଂ ପୋଲିସ ସେଠାରେ ପହଞ୍ଚି ଶବକୁ ବ୍ୟବଛେଦ ପାଇଁ ପଠାଇ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଯଥାଶୀଘ୍ର ଗୋଟିଏ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ୧୦ ଲକ୍ଷ ମଧ୍ୟରୁ ଏକ ଲକ୍ଷ ଦେବାର ବ୍ୟବସ୍ଥା କରାଯିବ ବୋଲି ଦୁଧିଆଣୀ ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ସୂଚନା ଦେଇଛନ୍ତି। ସେହିପରି ଏହି ହାତୀପଲ ଦରି ଗାଁରେ ପଶି ଭୋଳାନାଥ ବେହେରାଙ୍କ ୧୮ ବର୍ଷର ଝିଅ ମଞ୍ଜୁଲତା ବେହେରା ବଡ଼ି ସକାଳୁ ସାଢ଼େ ୬ ଟା ସମୟରେ ଗାଁ ମଧ୍ୟକୁ ଯାଉଥିବା ବେଳେ ହଠାତ୍ ଏକ ହାତୀକୁ ସମ୍ମୁଖରେ ଦେଖି ଦୌଡି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାକୁ ଶୁଣ୍ଢରେ ଠେଲି ଦେବାରୁ ସେ କଚାଡ଼ି ପଡ଼ିଯାଇଥିଲେ। ନିକଟରେ ଥିବା ଲୋକମାନେ ପାଟିତୁଣ୍ଡ କରିବାରୁ ହାତୀଟି ଛାଡ଼ି ପଳାଇ ଯାଇଥିଲା ଏବଂ ଝିଅଟି ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ତେବେ ତାଙ୍କୁ ମଧ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ବନ ବିଭାଗ କର୍ମଚାରୀ ଆଣିଥିଲେ ଏବଂ ଡାକ୍ତର ତାଙ୍କର ଅଣ୍ଟା ଓ ମେରୁଦଣ୍ଡରେ ମାଡ଼ ହୋଇଥିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ତେବେ ଏହି ହାତୀପଲ ନେଢୁଆପାଳ ଗାଁର ଭରତ ଲାଗୁରୀ,ଫୁଲମଣୀ ପାତ୍ର, ଇନ୍ଦିରା ପାତ୍ର,ମାଣିକଦୁମା ଗାଁର ଇଶ୍ୱର ବଦ୍ରାଙ୍କ ଘର ଭାଙ୍ଗିଥିବା ବେଳେ ପୁରୁଣା ଦେଓଗାଁର ଅଙ୍ଗନୱାଡି କେନ୍ଦ୍ରର ଝରକା କବାଟକୁ ବଙ୍କା କରି ଭାଙ୍ଗି ଛୋଟ ଛୋଟ ପିଲାମାନଙ୍କ ଖାଦ୍ୟ ସାମଗ୍ରୀ ଖାଇଥିବା ଜଣାପଡ଼ିଛି।

# ରାଇରଙ୍ଗପୁରରେ 'ବନ୍ଦେ ମାତରମ୍' ଧ୍ୱନିରେ ହର ଘର ତ୍ରିରଙ୍ଗା ବିଶାଳ ଶୋଭାଯାତ୍ରା



**ବାରିପଦା(ଅମୃତମିଡିଆ):** ସଙ୍ଗିତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଶୁକ୍ରବାର ଦିନ ଅପରାହ୍ନ ୨ ଘଟିକା ରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବିଶାଳ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ତହସିଲଦାର ଭବାନି ପ୍ରସାଦ ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ରାଇରଙ୍ଗପୁର ପୌର ଅଧିକାରିଣୀ ଶକୁନ୍ତଳା ହାଁସଦା, ସୁଧାକର ସେଠୀ ଙ୍କ ସମେତ ଶହୀଦ ମାନ୍ୟଗଣ୍ୟ ବ୍ୟକ୍ତି, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀବୃନ୍ଦ, ରାଇରଙ୍ଗପୁର ପୌରପାଳିକାର ସମସ୍ତ କର୍ମଚାରୀ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହୋଇଥିଲେ।ଏହି ବିଶାଳ ଶୋଭାଯାତ୍ରା କଚେରୀ, ଦୁର୍ଗାମଣ୍ଡପ ଛକ, ମେଡିକାଲ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଏବଂ ଉପଜିଲ୍ଲାପାଳ ଉଗ୍ରସେନ ଓରାମ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତ୍ରିରଙ୍ଗା ପତାକା ହେଉଛି ଆମର ଗର୍ବ ଗୌରବ ବୋଲି କହିଥିଲେ।ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହିତ ଦେଶର ଅଖଣ୍ଡତା, ଏକତା ଓ ଦେଶ ସେବାର ସଂକଳ୍ପ କୁ ସୁଦୃଢ କରିବାକୁ ଆହ୍ୱାନ କରିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରାରେ ବନ୍ଦେ ମାତରଂ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ରାଇରଙ୍ଗପୁର ସହର।

# ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ ଅଭିଯାନ

**ବାରିପଦା (ଅମୃତମିଡିଆ):** ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଲାୟନ୍ସ କ୍ଲବ,ବାରିପଦା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ଲାୟନ ହେମନ୍ତ ଶାହଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ କ୍ଲବର ସଦସ୍ୟ ଓ ସମର୍ଥକ ମାନେ ସକ୍ରିୟ ଭାବେ ଯୋଗଦେଇ ଦୁଇଟି ପର୍ଯ୍ୟାୟରେ ପିଜୁଳି, କମଳା, ଅମୃତଭଣ୍ଡା, ସଜନା ଓ ଲେମ୍ବୁ ଆଦି ମୋଟ




୧୨୫ଟି ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ସଭାପତି ଲାୟନ ହେମନ୍ତ ଶାହ କହିଥିଲେ ଯେ, ବୃକ୍ଷରୋପଣ କେବଳ ପରିବେଶ ସୁରକ୍ଷା କାର୍ଯ୍ୟ ନୁହେଁ, ଏହା ଆଗାମୀ ପିଢ଼ି ପ୍ରତି ଆମର ଦାୟିତ୍ୱ। କମିଟିର ଚେୟାରପର୍ସନ ଲାୟନ ଚନ୍ଦ୍ରକଳା କର୍ଣ୍ଣାନୀଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ ଏହି ଅଭିଯାନ ଚାଲିଥିବା ବେଳେ ଚଳିତ ବର୍ଷ ମୋଟ ୧,୦୦୦ଟି ଚାରା ରୋପଣ କରିବାକୁ କ୍ଲବ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ମାଙ୍କଡ଼ଙ୍କ ଉପଦ୍ରବ, ବନ୍ଦହେଲା ଚାଷ, ପଡ଼ିଆ ପଡ଼ିଲା ଜମି

## କେହି ଶୁଣିଲେ ନାହିଁ ଚାଷୀଙ୍କ ଗୁହାରି



**ବାରିପଦା /ଉଦଳା(ଅମୃତମିଡିଆ):** ମାଙ୍କଡ଼ଙ୍କ ଉପଦ୍ରବ ପାଇଁ ପରିବା ଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସାଙ୍ଗକୁ ଜମି ପଡ଼ିଆ ପଡ଼ିବାର କଥା କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବଡ଼ଚତୁରି ଗ୍ରାମର ବାସିନ୍ଦା ଜଣାଇଛନ୍ତି। ଫଳରେ ଏକର ଏକର ଜମି ପଡ଼ିଆ ପଡ଼ିବା ସାଙ୍ଗକୁ ଚାଷୀମାନେ ବହୁକ୍ଷତି ସହିବାକୁ ବାଧ ହୋଇଥିବାର କହିଛନ୍ତି। ପୂର୍ବରୁ ଏ ଅଂଚଳରେ ବହୁଳ ଭାବରେ ପରିବା ଚାଷ ହେବା ସହ ଚାଷୀମାନେ ବେଶ ଦୁଇ ପଇସା ରୋଜଗାର କରୁଥିଲେ। କାଳକ୍ରମେ ଜଙ୍ଗଲୀ ମାଙ୍କଡ଼ମାନେ ବ୍ୟାପକ ଅଂଚଳରେ ଫସଲ ନଷ୍ଟ କରିବାଫଳରେ ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିଲେ। କ୍ଷତିପୂରଣ ତ ଦୂରର କଥା ଚାଷୀଙ୍କ ଦୁଃଖ ଶୁଣିବା ପାଇଁ ଜଙ୍ଗଲ ବିଭାଗ କିମ୍ବା କୃଷି ବିଭାଗରେ କାର୍ଯ୍ୟରତ ସରକାରୀ ବାବୁମାନେ କେହି ଆସିଲେ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ମାଗୁଣି ସିଂ ଓ ଲକ୍ଷ୍ମଣ ହାଁସଦା ଅଭିଯୋଗ କରିଛନ୍ତି। ଫଳରେ ଏକର ଏକର ଜମି ବର୍ତମାନ ପଡ଼ିଆ ପଡ଼ିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ବିଭାଗୀୟ କର୍ତୃପକ୍ଷ ଏହି ଚାଷୀମାନଙ୍କର ଦୁଃଖ ଶୁଣିବା ସହିତ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜନଜାଗୃତି ମଂଚର ସଦସ୍ୟମାନେ ଅନୁରୋଧ ଜଣାଇଛନ୍ତି।

# ରାସଗୋବିନ୍ଦପୁର ବ୍ଲକ୍‌ରେ ବନ୍ୟା ବିଭୀଷିକା

## ଭାଙ୍ଗିଲା ଶତାଧିକ ଘର, ପାଣି ଘେରରେ ୫ଟି ଗ୍ରାମ





**ବାରିପଦା(ଅମୃତମିଡିଆ):** ଲଘୁଚାପ ଜନିତ ବର୍ଷା ଜାରି ରହିବା ଫଳରେ ମୟୂରଭଞ୍ଜ ଜିଲା, ରାସଗୋବିନ୍ଦପୁର ବ୍ଲକରେ ଏହାର ତାଣ୍ଡବ ଦେଖିବାକୁ ମିଳିଛି। ଗତକାଲି ବ୍ଲକରେ ୮୦ମିମି ବର୍ଷା ହୋଇଛି। ଗତକାଲି ବ୍ଲକର ଛଅଟି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ବର୍ତ୍ତମାନ ୮ଟି ପଞ୍ଚାୟତର ହଜାର ହଜାର ଲୋକେ ପ୍ରଭାବିତ ହୋଇଛନ୍ତି। ବ୍ଲକର ସାରୁମୂଳା, ନାକିଚୁଆ, ମାଣିଦା, ଖୁଣ୍ଟାପାଳ, ତୋଟାପୋଡା, ରାଘବପୁର, ନଳଗଜା, ଦେବଶୋଳ ପଞ୍ଚାୟତ ଲୋକଙ୍କ ଘର ଭିତରକୁ ପାଣି ପଶିବା ଫଳରେ ଜନଜୀବନ ଦୁର୍ବିସହ ହୋଇପଡିଛି। ଶତାଧିକ ଲୋକଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଚାଉଳ, ଆସବାବ ପତ୍ର ନଷ୍ଟ ହୋଇଯାଇଛି। ରାଘବପୁର ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଖୁଣ୍ଟାପାଳ,ମାଣିଦା,ତୋଟାପୋଡ଼ା ପଞ୍ଚାୟତର ମୋଟ ୯ଟି ଗାଁ ସମ୍ପୂର୍ଣ୍ଣ ପାଣି ଘେରରେ ଥିବା ବେଳେ ଲୋକେ ଉଚ୍ଚ ସ୍ଥାନରେ ଯାଇ ରହିଛନ୍ତି ଏବଂ ବୋଟିଂ ମାଧ୍ୟମରେ ପ୍ରଶାସନ ସେମାନଙ୍କ ନିକଟରେ ପହଁଞ୍ଚି ଖାଦ୍ୟ, ପାନୀୟ ଜଳର ବ୍ୟବସ୍ଥା କରିଛି। ସୁବର୍ଣ୍ଣରେଖା କେନାଲରେ ପାଣି ଉଚ୍ଛୁଳି ନଳଗଜା ପଞ୍ଚାୟତର ନୁଣଚାଟି ଗ୍ରାମର ଥିବା ଲୋକଙ୍କ ଘର ଭିତରେ ଆଣ୍ଠୁଏ ଉପରେ ପାଣି ଥିବା ବେଳେ କିଛି ଲୋକଙ୍କ ଘର ମଧ ଭାଙ୍ଗିଛି। ଭୟରେ ଲୋକେ ରାସ୍ତାରେ ଆସି ରହିଥିବା ବେଳେ ଘର କାନ୍ଥ ଭାଙ୍ଗି ଯିବାରୁ ଛେଳି, ଘୁଷୁରୀ କାନ୍ଥ ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ତେବେ ସଠିକ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁଁ ଏପରି ପରିସ୍ଥିତି ହୋଇଛି ବୋଲି ଅଭିଯୋଗ ହୋଇଛି। ଦେବଶୋଳ ପଞ୍ଚାୟତର ଅନ୍ଧାରୀରେ କେନାଲ ଆଡି ଭାଙ୍ଗି ଯିବାରୁ ଲୋକଙ୍କ ଘର ଭିତରେ ପାଣି ପଶିବା ଫଳରେ ବହୁ ଘର ନଷ୍ଟ ହୋଇଛି। ତେବେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଶାସନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗ ମଧ ଉପସ୍ଥିତ ଅଛି ବୋଲି କହିଛନ୍ତି ରାସଗୋବିନ୍ଦପୁର ବିଡ଼ିଓ ଅନନ୍ତ ହାଁସଦା। ରାସଗୋବିନ୍ଦପୁରରେ ୮୦ଟି ଘର ଭାଙ୍ଗିଛି। ସେହିପରି ମୋରଡ଼ା ବ୍ଲକର ଘୋଳିମୁଁହା ପଞ୍ଚାୟତରେ ନଦୀ ପାଣି ମାଡ଼ି ଆସିବାରୁ ଘୋଳମୁଁହା, ଗଣ୍ଡଗୁହାଳି ଗ୍ରାମବାସୀ ଜଳବନ୍ଦୀ ଥିଲେ। ଗତକାଲିଠୁ ପ୍ରଶାସନ ତରଫରୁ ଏମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ବ୍ଲକର ଦାନ୍ତିଆମୁଁହା, ସୁରେଇଡ଼ିହି, ହଳଦୀପାଳ ସମାଇଡ଼ିହି, ମୋରଡାର ପଟାକୁଣ୍ଡିଆ, ପଳାସମୁଣ୍ଡୁଳି ଆଦି ପଞ୍ଚାୟତରେ ବର୍ଷା ଯୋଗୁଁ ୪୦ଟି ଘର ଭାଙ୍ଗିଛି ବୋଲି ସୂଚନା ଦେଇଛନ୍ତି ତହସିଲଦାର ଶୁଭମ ଦାସ। ଆଂଶିକ ଭାବେ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ୪୦ହଜାର ଏବଂ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ପିଏମ ଆବାସ ଯୋଜନାରେ ମିଳିବାକୁ ଥିବା ସମ୍ପୂର୍ଣ୍ଣ ଟଙ୍କା ପାଇବେ ବୋଲି କହିଛନ୍ତି।

# 'ବନ୍ଦେ ମାତରମ୍' ର ଝଙ୍କାର ଖେଳାଇଦେଲା ଦେଶପ୍ରେମର ବାତାବରଣ

## ଉଦଳାରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ



**ବାରିପଦା /ଉଦଳା(ଅମୃତମିଡିଆ):** ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ସ୍ୱାଧିନତାର ୮୦ବର୍ଷ ପୁର୍ତି ଅବସରରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆଜି ଅଗଷ୍ଟ ୧୪ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଶୋଭାଯାତ୍ରା, ଜାତୀୟ ପତାକା ବଂଟନ ଓ ପଥପ୍ରାନ୍ତ ସଭାର ପର୍ବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ହାତରେ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ପ୍ରତିଘରକୁ ଗୋଟିଏ ଲେଖାଏଁ ଜାତୀୟ ପତାକା ବଂଟନ କରିଥିଲେ। 'ବନ୍ଦେ ମାତରମ୍?' ସଂଗୀତର ଝଙ୍କାର ସହର ମଧ୍ୟରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ପଥପ୍ରାନ୍ତ ସଭାରେ, ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧିନତା ସଂଗ୍ରାମର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ସାରା ଦେଶରେ 'ହର ଘର ତ୍ରିରଙ୍ଗା' ଅଭିଯାନ କିପରି ପାଳିତ ହେଉଛି ବ୍ୟକ୍ତ କରିଥିଲେ। ନଗରପାଳ ପ୍ରମିଳା ପଣ୍ଡା କ୍ରାନ୍ତିକାରୀ ବିପ୍ଳବୀ ମାନଙ୍କର ପରାକ୍ରମ ଇଂରେଜ ସରକାରଙ୍କୁ କିପରି ଅସ୍ତବ୍ୟସ୍ତ କରିପକାଇଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ନେଇଥିବା ବେଳେ ବିଜ୍ଞାପିତ ଅଂଚଳ ପରିଷଦର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥି ବାହିନୀ, ଯୁବରେଡ଼କ୍ରସ ଓ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଏହାର ରୂପରେଖ ପ୍ରସ୍ତୁତ କରିଥିଲେ। ପୋଲିସ କର୍ମଚାରି ଓ ସ୍ୱାଛେସେବି ସଂଗଠନର କର୍ମକର୍ତାବୃନ୍ଦଙ୍କ ସହ ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା, ତହସିଲଦାର ସୁପ୍ରଭା ଦାସ, ଆଇଆଇସି ବନମାଳି ବାରିକ, ନିହାର ମୋଦି, ମମତା ସାହୁ, ପ୍ରାଚି ସୁମନ ମହାନ୍ତି, ପ୍ରଭାତ ପରିଡ଼ା, ଶରତଚନ୍ଦ୍ର ଦାସ, ବିଭୁତି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରେରଣ

## ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କମିଟିର ଆନ୍ଦୋଳନର ଶେଷ ଦିନ

**ବାରିପଦା / କରଞ୍ଜିଆ(ଅମୃତମିଡିଆ):** ମୟୂରଭଞ୍ଜ ବଞ୍ଚାଅ ଅଭିଯାନ କମିଟିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେଉଥିବା ପ୍ରତୀକ ଗଣ ଧାରଣା ଆଜି ଷଷ୍ଠ ଦିନରେ ତଥା ଶେଷ ଦିନରେ ପହଞ୍ଚିଛି। ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଉପଖଣ୍ଡରେ ସମାନ୍ତରାଳ ବିକାଶ କରିବା ଦାବିରେ ଅଗଷ୍ଟ ୯ ତାରିଖ,କ୍ରାନ୍ତି ଦିବସ ତଥା ବିଶ୍ୱ ଆଦିବାସୀ ଦିବସ ଠାରୁ ଆରମ୍ଭ ହୋଇ ଆଜି ଅଗଷ୍ଟ ୧୪ ତାରିଖ,ଅଖଣ୍ଡ ଭାରତ ଦିବସ, ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲି ଆଜି ଶେଷ ଦିନରେ ପହଞ୍ଚିଥିଲା।ପାଞ୍ଚପିଢ ଉପଖଣ୍ଡ ଓ କପ୍ତିପଦା ଉପଖଣ୍ଡର ବିକାଶର ଧାରାକୁ ବାମନଘାଟୀ ଉପଖଣ୍ଡର ବିକାଶ ଧାରାରେ ବିକାଶ କରିବା ପାଇଁ ଦାବୀ ଜୋର୍ ଧରିଥିଲା ! ତେବେ ଏହି ଆନ୍ଦୋଳନରେ ଆଇନଜୀବୀ ସଞ୍ଜୟ କୁମାର ସାହୁ, ଆଇନଜୀବୀ ସୁଦର୍ଶନ ବେହେରା, ସମାଜସେବୀ ଶ୍ରୀ ସଚ୍ଚିଦାନନ୍ଦ, ଜିତେନ୍ ବେହେରା, ବାପୁନ କୁମାର ସେଠୀ,ବିନୟ ଦାସ୍,ସମାଜସେବୀ ସିଦ୍ଧାର୍ଥ ରାୟ, ଚିତ୍ରଶିଳ୍ପୀ ଦୁଃଶାସନ ମହାନ୍ତ, ଯୁବ ସମାଜସେବୀ ଓମ୍ ପ୍ରକାଶ ମହାନ୍ତ, ପରିମଳ ବେହେରା, ପ୍ରଦୀପ ଶତପଥି, ହରିଜନ ନେତା ଭୀମସେନ ପାତ୍ର, ଆଦିବାସୀ ନେତା ସୁବାସ ହେମ୍ବ୍ରମ୍ ,ଗୋଲାପ ବେହେରା, ପାର୍ବତୀ ସିଂ,ସୁମତି ହେମ୍ବ୍ରମ୍, ରୀନା କାରୁଆ, ମମତା ବେହେରା, ଲକ୍ଷ୍ମୀ ହୋ, ମନୀଷା କାରୁଆ ଓ ସୁସ୍ମିତା ପାତ୍ର ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।ଏହି ଆନ୍ଦୋଳନ ମୟୂରଭଞ୍ଜକୁ ଅଖଣ୍ଡ ରଖି ବିକାଶ କରିବା ପାଇଁ ହିଁ ଅଖଣ୍ଡ ଭାରତ ଦିବସ ଯାଏଁ ଚାଲୁ ରହିଥିଲା ଓ ଏଥିରେ ମୟୂରଭଞ୍ଜ ପ୍ରେମୀ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ। ସମସ୍ତେ ଜାଣି ରଖିବା ଦରକାର ଯେ,ପୃଥିବୀ ପୃଷ୍ଠରେ କୌଣସି ଭୂଖଣ୍ଡର ବିଭାଜନ କରି କୌଣସି ଦେଶର ବା କୌଣସି ଜାତିର ବାସ୍ତବ



ଉନ୍ନତି ହୋଇ ଥିବାର ପ୍ରମାଣ ଏବେ ଯାଏଁ କୌଣସି ଇତିହାସ ପୃଷ୍ଠାରେ ନାହିଁ। ତେବେ ୨୦୧୧ ମସିହାର ଜନଗଣନା ଅନୁସାରେ ବାମନଘାଟୀ ଉପଖଣ୍ଡର ଲୋକସଂଖ୍ୟା ୪.୯୫ ଲକ୍ଷ ଥିଲା ବେଳେ ତାର କ୍ଷେତ୍ରଫଳ ୧୯୧୭ବର୍ଗ କିଲୋମିଟର ଅଟେ !କିନ୍ତୁ ସେହି ୨୦୧୧ ମସିହାର ଜନଗଣନା ଅନୁସାରେ ପାଞ୍ଚପିଢ ଉପଖଣ୍ଡର ଲୋକ ସଂଖ୍ୟା ୬-୭ ଲକ୍ଷ ଥିଲା ବେଳେ ଏହାର କ୍ଷେତ୍ରଫଳ ୨୫୦୦-୨୬୦୦ ବର୍ଗ କିଲୋମିଟର ଅଟେ !ତେବେ ବାମନଘାଟୀ ଉପଖଣ୍ଡର ଲୋକ ସଂଖ୍ୟା ଓ ଆୟତନ ଅପେକ୍ଷା ପାଞ୍ଚପିଢ ଉପଖଣ୍ଡର ଲୋକସଂଖ୍ୟା ଓ ଆୟତନ ବହୁତ ଅଧିକ ଥିବା ସତ୍ତ୍ୱେ ସର୍ବାଙ୍ଗୀନ ଉନ୍ନତି କେବଳ ମୟୂରଭଞ୍ଜର ସଦର ଉପଖଣ୍ଡ ବାରିପଦାର ଓ ବାମନଘାଟୀ ଉପଖଣ୍ଡର ହିଁ କାହିଁକି ହେଉଛି ଓ ସରକାର କାହିଁକି ଏମିତି ପାତର ଅନ୍ତର କରି ମୟୂରଭଞ୍ଜ ବାସୀଙ୍କ ଭିତରେ ବିଭେଦ ସୃଷ୍ଟି କରୁଛନ୍ତି? ଏହା କ'ଣ ସରକାରଙ୍କର 'ସବ୍‌କା ସାଥ୍ ଓ ସବକା ବିକାଶ୍' ନାଆଁରେ ଦେଉଥିବା ମିଛ ନାରାର ବାସ୍ତବ ବିକଳ ଚିତ୍ର ଅଟେ ବୋଲି ଆନ୍ଦୋଳନକାରୀ ମାନେ ସରକାରଙ୍କୁ ପ୍ରଶ୍ନ ପଚାରି ଥିଲେ। ତେବେ ମୟୂରଭଞ୍ଜର ସମସ୍ତ ଉପଖଣ୍ଡରେ ପ୍ରଶାସନିକ ଦୃଷ୍ଟିକୋଣରୁ ସୁବିଧା ହେବ ବୋଲି କମିଛ କଥା କହି କିଛି ସୁବିଧାବାଦୀ ନେତା ଗଣ



ଗୋଟିଏ ଭ୍ରମ ସୃଷ୍ଟି କରି ମୟୂରଭଞ୍ଜକୁ ବିଭାଜନ କଲେ ଆମର ସର୍ବାଙ୍ଗୀନ ଉନ୍ନତି ହୋଇଯିବ ବୋଲି ମିଛ ପ୍ରଚାର କରି ମିଛ ସ୍ୱପ୍ନ ଦେଖାଉଛନ୍ତି ! ତେବେ ମୟୂରଭଞ୍ଜ ବାସୀଙ୍କ ତଥା ଏହାର ସମସ୍ତ ଉପଖଣ୍ଡର ସ୍ୱାଭିମାନର ପ୍ରତୀକ ସାଜିଥିବା ଓ ଞ୍ଚୱାର୍ଲ୍ଡ ହେରିଟେଜ୍ ଲିଷ୍ଟ୍ ରେ ଓ ୱାର୍ଲ୍ଡ ଟୁରିଜିମ୍ ମାନଚିତ୍ରରେ ଗୋଟିଏ ବିଶେଷ ସ୍ଥାନ ପାଇ କରି ଏକ ବିଶେଷ ଆକର୍ଷଣର କେନ୍ଦ୍ର ସାଜିଥିବା ଆମ ଦେଶର ଗୋଟିଏ ଅନନ୍ୟ ଞ୍ଚଜାତୀୟ ଉଦ୍ୟାନଞ୍ଚ ଏହି ଞ୍ଚସିମିଳିପାଳ ଅଭୟାରଣ୍ୟଞ୍ଚ ତଥା ଞ୍ଚଖଣି ଖାଦାନ୍, ବିଭିନ୍ନ ଖଣିଜ ସମ୍ପଦ ଓ ଶତାଧିକ ବିରଳ ଔଷଧୀ ଓ ଗୁଳ୍ମରେ ଭର୍ତ୍ତି ଏହି ସିମିଳିପାଳ ଜୈବମଣ୍ଡଳଞ୍ଚ କୁ ନେଇ କରି ଭବିଷ୍ୟତରେ ନିଶ୍ଚିତ ଭାବରେ ମତାନ୍ତର ଓ ମନାନ୍ତର ହୋଇ ନିରନ୍ତର ଲଢେଇ ଲାଗିବା ସ୍ପଷ୍ଟ ଦେଖା ଯାଉଛି ! ତାପରେ ଏହି ସିମିଳିପାଳ ଅଭୟାରଣ୍ୟ ଉପରେ ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଦୁଇଟି ଉପଖଣ୍ଡର ମଧ ସମାନ ଅଧିକାର ରହିଛି ! ସେମାନଙ୍କୁ କେମିତି ଅଣଦେଖା କରା ଯାଉଛି? ତେବେ ଏକଦା ଯେମିତି ଭାରତ ପାକିସ୍ତାନ ବିଭାଜନ ହେଲେ ସଭିଏଁ ଶାନ୍ତିରେ ରହିବେ ଓ ଉଭୟ ଦେଶର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି କହି ବିଭାଜନ କରିଥିଲେ !ତାପରେ ଉଭୟ ଦେଶ ମଧ୍ୟରେ ଏଯାବତ୍ ନିରନ୍ତର ବିବାଦ ଲାଗି ରହିଥିବା ବେଳେ ଆଜି ତୃତୀୟ ପକ୍ଷର ଦେଶ ମାନେ, ଘୃଣ୍ୟ ରାଜନୀତି କରୁଥିବା ରାଜନୈତିକ ଦଳମାନେ ଓ ପୁଞ୍ଜିପତି ମାନେ ଏହାର ଫାଇଦା ଉଠାଉଛନ୍ତି ଓ ଦେଶ ଅଶିକ୍ଷା ଓ ଗରିବୀ ବିରୋଧରେ ଲଢିବା ବଦଳରେ ପାକିସ୍ତାନ ବିରୋଧରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି ! ତେଣୁ ଞ୍ଚଅତୀତର ଏମିତି କଳଙ୍କିତ ଇତିହାସରୁ କିଛି ନ ଶିଖିବା ଦୁଃଖର ବିଷୟ ଅଟେ ! ତେବେ ଯଦି ମୟୂରଭଞ୍ଜର ସମସ୍ତ ଉପଖଣ୍ଡରେ ସମାନ୍ତରାଳ ବିକାଶ ଞ୍ଚ(ଭାରତର ବିକାଶ ପୁରୁଷ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଦାମୋଦର ଦାସ୍ ମୋଦୀଙ୍କର ବିକାଶର ନାରା 'ସବକା ସାଥ୍ ସବକା ବିକାଶ୍' ସୂତ୍ରରେ)ଞ୍ଚ ନ ହୁଏ ତେବେ ଆଗାମୀ ଦିନରେ ଜୋରଦାର୍ ଅହିଂସକ ଆନ୍ଦୋଳନ ପାଇଁ ସଂଗଠନ ରାଜରାସ୍ତାରେ ଓହ୍ଲାଇବା ପାଇଁ ବାଧ ହେବ ବୋଲି କହିଛି !ଆଉ ସରକାର ଏହି କଥାକୁ ଯଦି ଗୁରୁତ୍ୱ ନ ଦେଇ କରି ଅତି ହାଲୁକରେ ନେବେ;ତେବେ ଭବିଷ୍ୟତରେ ପରିସ୍ଥିତି ଖୁବ୍ ଅଣାୟତ ହେବ ବୋଲି ସଂଗଠନ ସରକାରଙ୍କୁ ଚେତାବନୀ ଦେଇଛି !

## ॥ ୧୩୬ ଦିନରେ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ॥

# ପଶ୍ଚିମଦ୍ୱାର ଦେଇ ପ୍ରବେଶ, ଘଣ୍ଟିଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ





**ପୁରୀ (ବ୍ୟୁରୋ):** ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୩୬ତମ ଦିନରେ ପହଞ୍ଚିଛି। ଉତ୍କଳ ଦିବସ ଏପ୍ରିଲ ୧ ତାରିଖ ଠାରୁ ବଳଗଣ୍ଡି ସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତ୍ୟହ ଏହି ଅହିଂସାମୂଳକ ସତ୍ୟାଗ୍ରହ ପଦଯାତ୍ରା ଜାରି ରହିଛି। ଆଜି ମଧ୍ୟ ସତ୍ୟାଗ୍ରହୀମାନେ ହାତରେ ଆଧାର କାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରା କରି ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟରେ ପହଞ୍ଚିଥିଲେ। ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଘଣ୍ଟି ଦ୍ୱାର ଦେଇ ଯାଇ ସତ୍ୟାଗ୍ରହୀ ପଦଯାତ୍ରୀମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଭକ୍ତି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା।ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନରେ ସ୍ୱତନ୍ତ୍ର ସୁବିଧା ଦାବିରେ ଏହି ସତ୍ୟାଗ୍ରହ ଜାରି ରହିଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, କେବଳ ଗୋଟିଏ ଦିନ ଆଧାର କାର୍ଡ ଦେଖାଇ ପ୍ରବେଶର ସୁଯୋଗ ମିଳିବା ଏହି ଦାବିର ସ୍ଥାୟୀ ସମାଧାନ ନୁହେଁ। ପୁରୀ ସହରବାସୀଙ୍କ ପାଇଁ ସରକାରୀ ସ୍ତରରେ ସ୍ଥାୟୀ, ସ୍ୱଚ୍ଛ ଓ ସ୍ୱତନ୍ତ୍ର ପ୍ରବେଶ-ଦର୍ଶନ ବ୍ୟବସ୍ଥା ଘୋଷଣା କରାଯିବା ଆବଶ୍ୟକ। ଏଠାରେ ସୂଚନାଯୋଗ୍ୟ ଯେ, ଗତକାଲି ମଧ୍ୟ ସତ୍ୟାଗ୍ରହୀ ପଦଯାତ୍ରୀମାନେ ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ତେବେ ଅନ୍ୟ ସମୟରେ ପୁରୀ ସହରର ଅନେକ ଲୋକ ଆଧାର କାର୍ଡ ଦେଖାଇବା ସତ୍ତ୍ୱେ ଶ୍ରୀମନ୍ଦିରରେ ପ୍ରବେଶ କରିପାରୁନଥିବା ନେଇ ମଞ୍ଚକୁ ଜଣାଇଛନ୍ତି। ତେଣୁ କେବଳ ଦିନେ କିମ୍ବା ଦୁଇ ଦିନର ପ୍ରବେଶ ନୁହେଁ, ପୁରୀବାସୀଙ୍କ ପାଇଁ ସ୍ଥାୟୀ ଓ ସ୍ୱଚ୍ଛ ବ୍ୟବସ୍ଥା କରାଯିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରୀମନ୍ଦିରର ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ପ୍ରତି ଆମର ସମ୍ପୂର୍ଣ୍ଣ ସମ୍ମାନ ରହିଛି। ଆମର ଲଢ଼େଇ ଅହିଂସା, ସତ୍ୟ ଓ ଶାନ୍ତିର ପଥରେ। ଆଜି ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରି ଘଣ୍ଟି ଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରିବା ଆମ ପାଇଁ ଏକ ଆଶାର ସଙ୍କେତ। କିନ୍ତୁ ଆମର ଲକ୍ଷ୍ୟ କେବଳ ଗୋଟିଏ ଦିନର ସୁବିଧା ନୁହେଁ। ପୁରୀ ସହରବାସୀଙ୍କ ପାଇଁ ସ୍ଥାୟୀ ଓ ସ୍ୱତନ୍ତ୍ର ପ୍ରବେଶ-ଦର୍ଶନ ବ୍ୟବସ୍ଥା ସରକାରୀ ସ୍ତରରେ ଘୋଷଣା ହେବା ପର୍ଯ୍ୟନ୍ତ ଆମର ସତ୍ୟାଗ୍ରହ ପଦଯାତ୍ରା ଜାରି ରହିବ।ଶୁକ୍ରବାର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଯାଦବାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, ଅରୁଣା ପଟ୍ଟନାୟକ, ପ୍ରଣତୀ ରାୟ, ସନ୍ଧ୍ୟାରାଣୀ ମିଶ୍ର, ଭାରତୀ ମହାନ୍ତି, ରାଜଶ୍ରୀ ବେହେରା, ନିବେଦିତା ରାୟ, ସୌମ୍ୟା ସାହୁ, ରୁପା ବେହେରା, ସିପୁନ ସାହୁ, ମନୀଷା ରାଣୀ, ପ୍ରୀତ ରାଉତ, ବର୍ଷା ରଥ, ସମ୍ପୂର୍ଣ୍ଣା ପ୍ରଧାନ, ଦୀପା ବେହେରା, ନେହା ବେହେରା, ଶ୍ରଦ୍ଧା ସେଠୀ, ବୈଶାଳିନ ପ୍ରଧାନ, ଚିକି ସାହୁ, ମମତା ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, କିଶୋର ଚନ୍ଦ୍ର ଦାସ, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ଜଗନ୍ନାଥ ମହାନ୍ତି, ପବିତ୍ର ନାୟକ, ଯୁଧିଷ୍ଠିର ସେନାପତି, ସୁବାଷ ପଟ୍ଟନାୟକ, ମାନସ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ବ୍ୟାରିକେଡ୍ ଖର୍ଚ୍ଚ ଲୁଚାଉଛି ଆର୍ ଆଣ୍ଡ ବି



**ପୁରୀ (ବ୍ୟୁରୋ):** ବଡ଼ଦାଣ୍ଡରେ ବର୍ଷ ସାରା ବିଭିନ୍ନ ପର୍ବପର୍ବାଣି ଓ ବଡ଼ବଡ଼ିଆଙ୍କ ପରିଦର୍ଶନ ସମୟରେ ଅସ୍ଥାୟୀ ବ୍ୟାରିକେଡ୍ ପ୍ରସ୍ତୁତ ହେଉଛି। ବର୍ଷକୁ ଏଭଳି ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହେଉଛି।ଜରୁରି ଦର୍ଶାଇ ଏହାକୁ ଟେଣ୍ଡର କରାଯାଉନି ନିର୍ଦ୍ଦିଷ୍ଟ ଠିକାଦାରକୁ କାମ ଦେଇ ଅଧିକାରୀ ମୋଟା ଅଙ୍କର ପିସି ରୋଜଗାର କରୁଛନ୍ତି। ବଡ଼କଥା ହେଉଛି ଏ ବାବଦରେ ତଥ୍ୟ ଦେବାକୁ ପୂର୍ତ୍ତ ବିଭାଗର ପୁରୀ ରାସ୍ତା ଓ କୋଠାବାଡ଼ି ବିଭାଜନ(ଆର୍ ଆଣ୍ଡ ବି) କୁନ୍ତୁକୁନ୍ତୁ ହେଉଛି। ବାସ୍ତବରେ କଥା ପଦାରେ ପଡ଼ିଯିବା ଭୟରେ ଅଧିକାରୀ ତଥ୍ୟ ଦେଉ ନାହାନ୍ତି। ବିଭିନ୍ନ ବାହାନା କରି ବିଳମ୍ବ କରୁଛନ୍ତି। କମିସନରଙ୍କ କୋର୍ଟ ଯାଇ ସେଠାରେ ଜରିମାନା ପଛେ ଦେଇଦବୁ, ହେଲେ ତଥ୍ୟ ଦେବୁନି। ଏଭଳି ଚିନ୍ତା କରି ଅଧିକାରୀମାନେ ସୂଚନା ଅଧିକାର ଆଇନକୁ ଦଳିମକଚି ଦେଇଛନ୍ତି। କେତେକ ନିର୍ଦ୍ଦିଷ୍ଟ ପର୍ବପର୍ବାଣି ରହିଛି ଯେଉଁଥିରେ ବଡ଼ଦାଣ୍ଡରେ ବାରିକେଡ୍ ହୁଏ। ରଥଯାତ୍ରା ସମୟରେ ସ୍ନାନ ପୂର୍ଣ୍ଣିମା, ନବଯୌବନ ଦର୍ଶନ, ଆଡ଼ପମଣ୍ଡପ ଦର୍ଶନ, କାର୍ତ୍ତିକ ପୂର୍ଣ୍ଣିମା, ପଞ୍ଚକ, ନୂଆବର୍ଷ, ବଡ଼ଦିନ ପ୍ରଭୃତି ପ୍ରତ୍ୟେକ ବର୍ଷ ଆସେ ଏବଂ ତାରିଖ ମଧ୍ୟ ଧାର୍ଯ୍ୟ ଥାଏ। ଏଥିପାଇଁ ବାରିକେଡ୍ କରିବାକୁ ହେଲେ ଢେର୍ ଆଗରୁ ପ୍ରସ୍ତୁତି କରିହେବ ବା ଟେଣ୍ଡର୍ ଡକାଯାଇ ପାରିବ କିନ୍ତୁ ଆର୍ ଆଣ୍ଡ ବି ଏହାକୁ ଟେଣ୍ଡର ଡାକୁନି ବରଂ କୋଟି କୋଟି ଟଙ୍କାର କାମକୁ ଦୁଇରୁ ତିନିଜଣ ଠିକାଦାରଙ୍କ ମଧ୍ୟରେ ପ୍ରତ୍ୟେକ ବର୍ଷ ବାଣ୍ଟିଦେଉଛି। କେବଳ ଯଦି ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି କିମ୍ବା ଆଉ କେହି ଭିଭିଆଇପି ଦର୍ଶନ କରିବା ଯୋଜନା ହୁଏ ତାହା ଜରୁରିକାଳୀନ ହୋଇପାରେ। ଏହାକୁ ଟେଣ୍ଡର ନ କରି ବାଣ୍ଟିପାରେ କିନ୍ତୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ ତାରିଖରେ ବାରିକେଡ୍? ପ୍ରସ୍ତୁତି କାମକୁ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ମଧ୍ୟରେ ଅଧୀକ୍ଷଣ ଯନ୍ତ୍ରୀ ବାଣ୍ଟି ମୋଟା ଅଙ୍କର ହାତଗୁଞ୍ଜା କମାଉଥିବା ଅଭିଯୋଗ ହୋଇଛି। କୌତୂହଳପ୍ରଦ ହେଉଛି, ଦିନକୁ ଦିନ ଭିଡ଼ ବଢୁଥିବାରୁ ବାରିକେଡ୍?ର ଦୈର୍ଘ୍ୟ ବଢ଼ିବଢ଼ି ଯାଉଛି। ଗତବର୍ଷ ପଞ୍ଚକରେ ଦୀର୍ଘତମ ବାରିକେଡ୍ ହୋଇଥିଲା। ପୂର୍ବରୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ବାରିକେଡ୍ ହେଉଥିବା ବେଳେ ଗତବର୍ଷ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ହୋଇଥିଲା। ଏବେ ଯେଉଁଳି ଭିଡ଼ ବଢୁଛି ଚଳିତ ବର୍ଷ ଆହୁରି ଲମ୍ବା ହେବାକୁ ଯାଉଛି। ଅର୍ଥାତ୍ ବଜେଟ୍ ବି ବଢ଼ିବ ୨୦୧୫ ମସିହାରେ ବର୍ଷକୁ ଏହି ବାରିକେଡ୍ ପାଇଁ ୩୦ଲକ୍ଷ ଖର୍ଚ୍ଚ ହେଉଥିବା ବେଳେ ଏବେ ଏହି ଖର୍ଚ୍ଚ ୨ କୋଟି ଛୁଇଁଲାଣି। ଏହି ଦୁଇ କୋଟିରୁ ୫୦ଲକ୍ଷ ଟଙ୍କା କେବଳ ପିସିରେ ଯାଉଥିବା ଅଭିଯୋଗ ହୋଇଛି। ୨୦୧୫ ମସିହାରେ ସ୍ୱତନ୍ତ୍ର ଦିନ ପାଇଁ ଯେଉଁ ସବୁ ବାରିକେଡ୍ ହେଉଥିଲା ସେଥିପାଇଁ ଥରକେ ୩୦ ଲକ୍ଷ ୫୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୬ ମସିହାରେ କେହି ବିଶିଷ୍ଟ ବ୍ୟକ୍ତି ପରିଦର୍ଶନରେ ଆସି ନଥିବାରୁ ଏହି ଖର୍ଚ୍ଚ କମି ୩୦ଲକ୍ଷ ୨ହଜାର ଟଙ୍କାରେ ହୋଇଥିଲା। ୨୦୧୭ରେ ୨୭,୧୦ ଲକ୍ଷ, ୨୦୧୮ରେ ୨୬.୦୪ଲକ୍ଷ, ୨୦୧୯ରେ ୩୫.୫୫ ଲକ୍ଷ, ୨୦୨୦ରେ ୨୧.୯୪ ଲକ୍ଷ, ୨୦୨୧ରେ ଖର୍ଚ୍ଚ ୪ଗୁଣରୁ ଅଧିକ ହୋଇଥିଲା। ଏହି ବର୍ଷ ବାରିକେଡ୍‌ରେ ୯୩.୫୧ଲକ୍ଷ ଖର୍ଚ୍ଚ ହୋଇଥିଲା। ତେବେ ଏହି ବର୍ଷ ଭିଆଇପିଙ୍କ ଗସ୍ତ ଥିଲା। ୨୦୨୨ରେ ୧.୧୧କୋଟି, ୨୦୨୩ରେ ୧.୦୬କୋଟି ଅଧିକ ଖର୍ଚ୍ଚ ହୋଇଥିଲା। ୨୦୨୪ରେ ୧.୭୦ କୋଟି ଥିବା ବେଳେ ୨୦୨୫ରେ ୨ କୋଟି ପାର ହୋଇଥିଲା। ଏଥର ଆହୁରି ବଢ଼ିବା କିନ୍ତୁ ୨୦୨୫ ଓ ୨୦୨୬ ମସିହାର ଖର୍ଚ୍ଚ ଆର୍ ଆଣ୍ଡ ବି ହିସାବ ଦେଉନାହିଁ। ଖର୍ଚ୍ଚ ୨ କୋଟି ପାର୍ ହେଉଥିଲେ ମଧ୍ୟ ଏହାକୁ ଓପନ୍ ଟେଣ୍ଡର କରାଯାଉ ନାହିଁ। ଯେଉଁ ପରିମାଣରୁ ଅଧିକ ହେଲେ ଟେଣ୍ଡର କରାଯିବାକୁ ନିୟମ ରହିଛି, ତା' ଠାରୁ ଟଙ୍କାଟିଏ କମ୍ କରି 'ସ୍ପ୍ଲିଟ୍ ଅପ୍' କରାଯାଉଛି। ଗୋଟିଏ କାମ ହୋଇଥିଲେ ତାକୁ ଭାଗ ଭାଗ କରି ବାଣ୍ଟିଦେବା ବେଆଇନ। ସିଂହଦ୍ୱାରରୁ ବଗଲା ପର୍ଯ୍ୟନ୍ତ ଗୋଟିଏ ବାରିକେଡ୍ ହୁଏ କିନ୍ତୁ ଏହାକୁ ତିନିଟି ଠିକାଦାର କରନ୍ତି। ଏଥିରେ ଏସ୍‌ଇଙ୍କଠାରୁ ଆରମ୍ଭ କରି ବଡ଼ବଡ଼ିଆଙ୍କ ଭାଗ ରହିଛି ବୋଲି ଅଭିଯୋଗ ହୋଇଛି। ଯେଉଁଥିପାଇଁ ବର୍ଷ ବର୍ଷ ଧରି ଏହି କାରବାର ଚାଲିଥିଲେ ମଧ୍ୟ ଥରେ ହେଲେ କୌଣସି ବିଭାଗୀୟ ବରିଷ୍ଠ ଅଧିକାରୀ ଏ ବାବଦରେ ମୁହଁ ଖୋଲିନାହାନ୍ତି। ଏଥିରେ ୪୦%ରୁ ଅଧିକ ଅର୍ଥ କେବଳ ପିସିରେ ଚାଲିଯାଉଛି। ଏ ନେଇ ଆରଟିଆଇରେ ସୂଚନା ମାଗିଥିବା ଦିଲିପ ବରାଳ କହିଛନ୍ତି, ଆର୍ ଆଣ୍ଡ ବି ଗତ ଦୁଇବର୍ଷର ବାରିକେଡ୍ ଖର୍ଚ୍ଚ ହିସାବ ଦେଉନି ରଥରେ ବ୍ୟସ୍ତ ଦର୍ଶାଇ ତଥ୍ୟ ଦେଲେନି। ଏବେ କହୁଛନ୍ତି ଆସିକି ଦେଖିକି ଯାଅ। ଯେଉଁଥିରେ କି କିଛି ପ୍ରମାଣ ରହିବନି। ଏଥିରୁ ସ୍ପଷ୍ଟ ହୋଇଛି କି ଏଥିରେ କେଳେଙ୍କାରୀ ହୋଇଛି। ଏହି ସୂଚନା ପାଇଁ କମିସନରଙ୍କ କୋର୍ଟରେ ଲଢ଼େଇ ହେବ।

# ସ୍ୱର୍ଣ୍ଣାଭ ବେଳାଭୂମିରେ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରିଛି ନଳାପାଣି

▪ପର୍ଯ୍ୟଟକଙ୍କ ପାଇଁ ପାଲଟିଛି ତୀର୍ଥପୋଖରୀ

▪ଚର୍ମରୋଗକୁ କରୁଛି ଆମନ୍ତ୍ରଣ







**ପୁରୀ (ବ୍ୟୁରୋ):** ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ମହୋଦଧି ତୀର୍ଥରେ ସ୍ନାନ କରୁଛନ୍ତି। ସେଠୁ ଆସି ନଳା ପାଣିରେ ବୁଡ଼ ଦେଉଛନ୍ତି। ପର୍ଯ୍ୟଟକମାନେ ହୋଟେଲ୍ କ୍ରିଷ୍ଟାଲ୍ ବେ ସମ୍ମୁଖ ଭାଗ ସ୍ୱର୍ଣ୍ଣାଭ ବାଲୁକା ରାଶିରେ ସୃଷ୍ଟି ହୋଇଥିବା କୃତ୍ରିମ ନଳା ପାଣି ଭର୍ତ୍ତି ପୋଖରୀରେ ସ୍ନାନ କରୁଛନ୍ତି।ଅଜ୍ଞତାବଶତଃ ପର୍ଯ୍ୟଟକ ଏହାକୁ କେବଳ ବର୍ଷାଜନିତ ପୋଖରୀ ମନେ କରୁଛନ୍ତି। ମାତ୍ର ଏଥିରେ ସହରର ଗଳିକନ୍ଦିରୁ ନିର୍ଗତ ନଳା ପାଣି ମଧ୍ୟ ମିଶିଛି। ଏହା କେବଳ ସ୍ୱର୍ଣ୍ଣାଭ ବେଳାଭୂମିରେ ଶୋଭା ବିଗାଡୁନାହିଁ, ବରଂ ପର୍ଯ୍ୟଟକଙ୍କ ପାଇଁ ଚର୍ମ ରୋଗକୁ ନିମନ୍ତ୍ରଣ କରୁଛି।ଗୁରୁତ୍ୱପୂର୍ଣ୍ଣ କଥା ହେଲା, କିଛିଦିନ ହେବ ଲଗାଣ ବର୍ଷା ପରେ ବାଲୁକା ରାଶିରେ ଏକ ବୃହଦାକାର ଜଳାଶୟ ସୃଷ୍ଟି ହୋଇଛି। ଏହି ପାଣି ସମୁଦ୍ର ମଧ୍ୟକୁ ନିଷ୍କାସିତ ହୋଇ ନପାରି ଗୋଟିଏ ଜାଗାରେ ଠୁଳ ହୋଇଛି। ସେଥିରେ ପଇଡ଼ ଖୋଳପାଠୁ ନେଇ ପ୍ଲାଷ୍ଟିକ୍, ମଣିଷର ମଳ ଭାସୁଛି। ଏପରିକି ବେଳାଭୂମି ବାଲୁକା ରାଶିକୁ ଲାଗି ଯେଉଁ ନାଳ ରହିଛି, ତାହା ମଧ୍ୟ ପୂର୍ଣ୍ଣ ହୋଇ ରହିଛି। ଆଉ ଅସରାଏ ବର୍ଷା ହେଲେ ସବୁ ନଳା ପାଣି ଆସି ବେଳାଭୂମିରେ ଜମା ହେବାର ସମ୍ଭାବନା ଜଳଜଳ ଦେଖାଯାଉଛି।ଏଣେ ନଳା ଜାମ ହୋଇଯାଇଥିବାରୁ ନିଷ୍କାସନ ବନ୍ଦ ହୋଇଯାଇଛି। ମାତ୍ର ଏଥିପ୍ରତି ନା ପୁରୀ ମହାନଗର ନିଗମ (ପିଏମ୍‌ସି) ଧ୍ୟାନ ଦେଉଛି, ନା ସଫେଇ କାମ ନେଇଥିବା ଏଜେନ୍ସି ଏହାକୁ ଗୁରୁତ୍ୱ ଦେଉଛି। ବାବୁମାନେ ମଧ୍ୟ କେବଳ ଏଜେନ୍ସିକୁ କାମ ଦେଇ ନିଶ୍ଚିତରେ ବସିଛନ୍ତି ନା କେବେ କ୍ଷେତ୍ର ନିରୀକ୍ଷଣ କରୁଛନ୍ତି, ନା ଏହାର ନିରାକରଣ କରୁଛନ୍ତି। ପାଥୱେ ତଳେ ଯାଇଥିବା ବୃହତ୍ ନାଳ ବିପଦ ପାଲଟିଛି। କଂକ୍ରିଟ୍ ନାଳ ନିର୍ମିତ ହୋଇ ଏହା ଉପରେ ସ୍ଲାବ୍ ପକାଯାଇଛି।କିଛି ସ୍ଥାନରେ ସ୍ଲାବ୍ ସମ୍ପୂର୍ଣ୍ଣ ଘୋଡ଼ାଯାଇ ନାହିଁ। ତେଣୁ ବର୍ଷା ସମୟରେ ଏହା ଉପରେ ପାଣି ଚାଲୁଥିବାରୁ ପର୍ଯ୍ୟଟକମାନେ ଯାତାୟାତ ବେଳେ ଖସି ପଡ଼ିଲେ ଉଦ୍ଧାର ହେବାର ସୁଯୋଗ ବହୁତ କମ୍। ତେଣୁ ଅନ୍ତତଃ ଉକ୍ତ ନାଳର ପାଣି ନିଷ୍କାସନ ପାଇଁ ବ୍ଲକେଜ୍ ହଟାଇବା ଏବଂ ଏହା ଉପରେ ଢାଙ୍କୁଣି ଢାଙ୍କିବା ନିତାନ୍ତ ଆବଶ୍ୟକ ବୋଲି ପର୍ଯ୍ୟଟକ ଅନୁରୋଧ କରିଛନ୍ତି। ଖାଲି ସେତିକି ନୁହେଁ ରେଣୁକା ଗଳି ସମ୍ମୁଖରେ ନଳା ଓ ବର୍ଷା ପାଣି ବେଳାଭୂମିକୁ ଯାଇଯାଇ ପର୍ଯ୍ୟଟକଙ୍କ ଲାଗି ରହିଥିବା ପାହାଚ ଭାଙ୍ଗି ଗଡ଼ଗଡ଼ ହୋଇଗଲାଣି। ବିପଜ୍ଜନକ ଅବସ୍ଥାରେ ଥିବା ଜାଣି ମଧ୍ୟ ବହୁ ପର୍ଯ୍ୟଟକ ଏହା ମଧ୍ୟ ଦେଇ ଚଳପ୍ରଚଳ କରୁଛନ୍ତି। ପର୍ଯ୍ୟଟକଙ୍କ ଲାଗି ସଂପ୍ରତି ଏହି ସ୍ଥାନ ବିପଦ ସୃଷ୍ଟି କରୁଥିଲେ ହେଁ ନା ଏଠାରେ ସତର୍କତାମୂଳକ ସୂଚନା ଫଳକଟିଏ ଲଗାଇ ଏହି ବାଟରେ ପର୍ଯ୍ୟଟକଙ୍କୁ ଯାତାୟତ କରିବାକୁ ବାରଣ କରିଛି, ନା ବାଡ଼ ଦେଇ ବନ୍ଦ କରାଯାଇଛି ଯଦିଓ ବେଳାଭୂମିର ଭିତର ପାଥୱେ କାମ ଚାଲୁ ରହିଛି, ମାତ୍ର ସଂପ୍ରତି ଉକ୍ତ ସ୍ଥାନର ଗୁରୁତ୍ୱକୁ ଉପଲବ୍ଧି କରି ପିଏମ୍‌ସି ପଦକ୍ଷେପ ନେଇନାହିଁ। ଆସନ୍ତା ୧୫ ତାରିଖ ଶନିବାର ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଏବଂ ପରବର୍ତ୍ତୀ ଦିନ ରବିବାର ଛୁଟିଦିନ ପଡୁଥିବାରୁ, କୌଣସି ହୋଟେଲ୍‌ରେ ଆଉ ରୁମ୍ ମିଳୁନାହିଁ ଅର୍ଥାତ ଆସନ୍ତା ଶନିବାର ଓ ରବିବାର ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ତେଣୁ ଅନ୍ତତଃ ଏଠାରେ ବିପଜ୍ଜନକ ଅବସ୍ଥାରେ ଝୁଲି ରହିଥିବା ପାହାଚ ଏବଂ ଗାଡ଼ିଆ ସଦୃଶ ଜମା ହୋଇ ରହିଥିବା ନର୍ଦ୍ଦମା ପାଣିକୁ ନିଷ୍କାସନର ବ୍ୟବସ୍ଥା କରିବା ନେଇ ବିଚ୍ ଫଟୋଗ୍ରାଫର ନିବେଦନ କରିଛନ୍ତି।

# ରେଳଷ୍ଟେସନରେ ବଡ଼ ଅଘଟଣ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



**ପୁରୀ (ବ୍ୟୁରୋ):** ପୁରୀ ରେଳଷ୍ଟେସନରେ ବଡ଼ ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ। ରେଳ ଟ୍ରାକରୁ ଖସିଗଲା ତାଳଚେର–ପୁରୀ ମେମୁ ଟ୍ରେନ୍ ଚକ୍। ରେଳ ଷ୍ଟେସନକୁ ଟ୍ରେନଟି ପଶୁଥିବା ବେଳେ ୩ ନମ୍ବର ପ୍ଲାଟଫର୍ମର କିଛି ଦୂରରେ ଘଟିଛି ଏଭଳି ଅଘଟଣ। ହଠାତ୍ ଟ୍ରେନ୍‌ଟି ଲାଇନଚ୍ୟୁତ ହେବାରୁ ଯାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ତେବେ ଭାଗ୍ୟବଶତଃ ଏହି ଘଟଣାରେ କୌଣସି ଯାତ୍ରୀଙ୍କ ମୃତାହତ ହୋଇନଥିବା ସୂଚନା ମିଳିଛି। ଆଜି ଟ୍ରେନଟି ତାଳଚେରରୁ ପୁରୀ ଅଭିମୁଖେ ଆସିଥିଲା। ନିର୍ଦ୍ଧାରିତ ସମୟଠାରୁ କିଛି ଘଣ୍ଟା ବିଳମ୍ବରେ ଆସି ପୁରୀରେ ପହଞ୍ଚିଥିଲା ଟ୍ରେନ୍। ଘଟଣା ପରେ ରେଳ ବିଭାଗ ପକ୍ଷରୁ ତତ୍ପରତା ବଢ଼ାଯାଇଛି। ଲାଇନଚ୍ୟୁତ ହୋଇଥିବା ଟ୍ରେନ୍‌କୁ ସ୍ୱାଭାବିକ ଭାବେ ଟ୍ରାକ୍‌ରେ ଆଣିବା ଏବଂ ରେଳ ଚଳାଚଳକୁ ସୁଗମ କରିବା ପାଇଁ କାମ ଆରମ୍ଭ ହୋଇଥିବା ଜଣାପଡ଼ିଛି। ତେବେ ଟ୍ରେନ୍‌ଟି କେଉଁ କାରଣରୁ ଲାଇନଚ୍ୟୁତ ହେଲା, ସେନେଇ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ। ଷ୍ଟେସନ୍‌ଠାରୁ ଏତେ ନିକଟରେ ଏହି ଘଟଣା ଘଟିଥିବାରୁ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଥିବା କୁହାଯାଉଛି।

# ବହୁ ପ୍ରତିକ୍ଷୀତ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ଶୁଭାରମ୍ଭ



**ପୁରୀ (ବ୍ୟୁରୋ):** ପୁରୀବାସୀଙ୍କ ବହୁଦିନର ଅପେକ୍ଷାର ଅନ୍ତ ଘଟିଛି। ସହରର ଯାତାୟାତକୁ ସୁଗମ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସଫଳ ହୋଇଛି। ବହୁପ୍ରତିକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ୍ ଆଜି ଶୁଭାରମ୍ଭ ହୋଇଛି।ପୁରୀ ଲୋକସଭା ସାଂସଦ ଡ଼ଃ ସମ୍ବିତ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଓଭରବ୍ରିଜକୁ ଫିତା କାଟି ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଗୁଣ୍ଡିଚା ମନ୍ଦିରରୁ ଏକ ବିରାଟ ତୀରଙ୍ଗା ପଦଯାତ୍ରା ବାହାରି ସିଦ୍ଧମହାବୀର ରେଳଓଭର ବ୍ରିଜ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶତାଧିକ ପୁରୀ ବାସି ହାତରେ ଜାତୀୟ ପତାକା ଧରି ଏହି ଯାତ୍ରାରେ ସାମିଲ ହୋଇ ଦେଶଭକ୍ତିର ପରିବେଶ ସୃଷ୍ଟି କରିଥିଲେ। ଓଭରବ୍ରିଜର ଶୁଭାରମ୍ଭ କରି ସାଂସଦ ଡ଼ଃ ସମ୍ବିତ ପାତ୍ର କହିଛନ୍ତି,ଦୀର୍ଘଦିନ ଧରି ଦିଲ୍ଲୀ ଯାଇ ଦାବି କରିଆସୁଥିଲି। ଆଜି ସେହି ଦାବି ପୂରଣ ହୋଇଛି। ବର୍ତ୍ତମାନ ସିଦ୍ଧମହାବୀର ରେଳ ଓଭରବ୍ରିଜର କାମ ସରି ଲୋକମାନେ ଏହାକୁ ବ୍ୟବହାର କରୁଛନ୍ତି, ଯାହାକି ଅତ୍ୟନ୍ତ ଖୁସି ଦାୟକ। ଏହି ଓଭରବ୍ରିଜ ନିର୍ମାଣ ପରେ ପୁରୀ ସହରର ଟ୍ରାଫିକ୍ ସମସ୍ୟା ବହୁମାତ୍ରାରେ ହ୍ରାସ ପାଇଛି ଏବଂ ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ବହୁ ସୁବିଧା ମିଳିଛି।ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉପସ୍ଥିତ ରହି ଓଭରବ୍ରିଜ ପୁରୀ ସହର ପାଇଁ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରେଳ ଲାଇନ ଯୋଗୁଁ ସିଦ୍ଧମହାବୀର ଛକରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ ହେଉଥିଲା। ବିଶେଷ କରି ରଥଯାତ୍ରା ଏବଂ ପର୍ବପର୍ବାଣି ସମୟରେ ଏହି ସମସ୍ୟା ଅତ୍ୟନ୍ତ ଜଟିଳ ହୋଇପଡୁଥିଲା। ନୂତନ ଓଭରବ୍ରିଜ ଖୋଲିବା ପରେ ଏବେ ଯାତ୍ରୀମାନେ ବିନା ଅସୁବିଧାରେ ଯାତାୟାତ କରିପାରୁଛନ୍ତି।

## ପୁରୀ ବିକାଶରେ ଯୋଡ଼ିହେବ ନୂଆ ଅଧ୍ୟାୟ

# ସମୁଦ୍ର ଭିତରେ କ୍ରୁଜ୍‌ରେ ବୁଲିବେ ପର୍ଯ୍ୟଟକ

### ଜମି ନିରୀକ୍ଷଣ କଲେ ବିଶେଷଜ୍ଞ ଟିମ୍



**ପୁରୀ (ବ୍ୟୁରୋ):** ଐତିହ୍ୟ ସହର ପୁରୀର ବିକାଶରେ ଯୋଡି ହେବାକୁ ଯାଉଛି ଆଉ ଏକ ନୂଆ ଅଧ୍ୟାୟ। ପୁରୀ ସମୁଦ୍ରରେ କ୍ରୁଜରେ ବୁଲିବେ ପର୍ଯ୍ୟଟକ। କ୍ରୁଜ ଜାହାଜ ଆଧାରିତ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଇଛନ୍ତି ସରକାର। ବିମାନ ବନ୍ଦର ପ୍ରତିଷ୍ଠା ଉଦ୍ୟମ ପରେ ଏବେ କ୍ରୁଜ ଟର୍ମିନାଲ ପାଇଁ ଚାଲିଛି ପ୍ରଚେଷ୍ଟା। ଏ ନେଇ ସରକାରଙ୍କ ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇଛି। ଏକ ବିଶେଷଜ୍ଞ ଟିମ୍ ପୁରୀ ଆସି ଜମି ନିରୀକ୍ଷଣ କରି ଫେରିଯାଇଛନ୍ତି। ଯେଉଁଥିପାଇଁ ପୁରୀରେ କ୍ରୁଜ ଟର୍ମିନାଲ ପ୍ରତିଷ୍ଠା ନେଇ ଚର୍ଚ୍ଚା ଜୋର ଧରିଛି।ପୁରୀ ସହର ଉପକଣ୍ଠ ମଙ୍ଗଳା ମୁହାଣ ନିକଟରେ ହେବ ଅତ୍ୟାଧୁନିକ କ୍ରୁଜ ଟର୍ମିନାଲ। ଏଠାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଚଳାଚଳ କରିବ ସୌଖୀନ ଜାହାଜ। ପାରାଦୀପ, ବିଶାଖାପାଟଣା, ଦୀଘା, ଆଣ୍ଡାମାନକୁ ଏହି କ୍ରୁଜ ଚଳାଚଳ କରିବ। ପୁରୀରେ କ୍ରୁଜ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛି ପୁରୀ ହୋଟେଲ ଆସୋସିଏସନ୍। ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧି ହେବା ସହ ପୁରୀ ସାରା ବିଶ୍ୱରେ ଚର୍ଚ୍ଚିତ ହେବ। ଓଡ଼ିଶା ସମେତ ପୁରୀକୁ ଦେଶ ବିଦେଶରୁ ଅଧିକ ପର୍ଯ୍ୟଟକ ଆସିବେ ବୋଲି ପୁରୀ ହୋଟେଲ ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ପୁରୀ ହୋଟେଲ ଆସୋସିଏସନର ଉପ ସଭାପତି ରାଜ କିଶୋର ପାତ୍ର କହିଛନ୍ତି, ''ପୁରୀରେ କ୍ରୁଜ ଟର୍ମିନାଲ ପ୍ରକଳ୍ପ ଆମ ପାଇଁ ଖୁସିର ଖବର। ଏହା ଦ୍ୱାରା ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ହେବ। ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ପର୍ଯ୍ୟଟକ ମାନେ କ୍ରୁଜରେ ଏକ ନିଆରା ଅନୁଭୂତି ପାଇବେ। ଗୋଆରେ କ୍ରୁଜ ବ୍ୟବସ୍ଥା ରହିଛି। ହେଲେ ଆମ ପୂର୍ବ ଉପକୂଳରେ କ୍ରୁଜ ସେବା ନାହିଁ। କ୍ରୁଜ ପ୍ରକଳ୍ପ ହେଲେ ଆମ ପୂର୍ବ ଉପକୂଳ ରେ ଥିବା ସବୁ ରାଜ୍ୟର ପର୍ଯ୍ୟଟକ ମାନେ କ୍ରୁଜରେ ଆସି ଏକ ନିଆରା ଅନୁଭୂତି ପାଇବେ। ଏହି ପ୍ରକଳ୍ପ ପାଇଁ ପୁରୀରେ ଯୋଜନା ହୋଇଥିବାରୁ ମୁଁ ସରକାରଙ୍କୁ ଧନ୍ୟବାଦ ଦେଉଛି। ମୁମ୍ବାଇ, ଗୋଆ, କେରଳ ଓ ଆଣ୍ଡାମାନରେ ଏବେ କ୍ରୁଜ ସେବା ରହିଛି। ତେବେ ପୁରୀ ଏଥିରେ ଯୋଡ଼ି ହେଲେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପାଇଁ ବହୁତ ଭଲ ଫାଇଦା ମିଳିବ''।

# ନୂତନ ମଦ ଦୋକାନକୁ ବିରୋଧ କରି ରାସ୍ତାରୋକ



**ପୁରୀ (ବ୍ୟୁରୋ):** ନୂତନ ମଦ ଦୋକାନକୁ କଡ଼ା ବିରୋଧ। ପୁରୀ ଅଠରନଳା ନିକଟରେ ନୂତନ ମଦ ଦୋକାନ ଖୋଲିବାକୁ ଯାଉଥିବା ବେଳେ ଏହାକୁ ଦୃଢ଼ ବିରୋଧ କରି ରାସ୍ତାରୋକ କରିଛନ୍ତି ଶତାଧିକ ମହିଳା ଓ ପୁରୁଷ। ରାସ୍ତାରୋକ ଯୋଗୁଁ ଶତାଧିକ ଗାଡ଼ି ମୋଟର ଅଟକି ରହିଛି।ଅଠରନଳା ଏକ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବା ଯୋଗୁଁ ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯିବା ଆସିବା କରନ୍ତି। ଏଥିସହ ପର୍ଯ୍ୟଟକ ଓ ଭକ୍ତମାନେ ମଧ୍ୟ ଏହି ରାସ୍ତାରେ ଯାତାୟତ କରିଥାନ୍ତି। ତେଣୁ ମଦ ଦୋକାନ ଗାଁ ମଝିରେ ଖୋଲାଇ ଦେବୁନାହିଁ ବୋଲି ଦାବି କରି ରାସ୍ତାରୋକ କରିଛନ୍ତି ଗ୍ରାମବାସୀ।ଏ ନେଇ ଖବର ପାଇ ସଦର ଥାନା ପୋଲିସ, ଅତିରିକ୍ତ ଏସପି, ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିଥିବା ଲୋକଙ୍କୁ ବୁଝାସୁଝା କରୁଛନ୍ତି। ମଦ ଦୋକାନ ସ୍ଥାନାନ୍ତର ନହେବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ସ୍ୱାଧୀନତା ଦିବସ ସ୍ୱତନ୍ତ୍ର



## ସହୀଦ ତୁମେ



କନକଲତା ଦାସ

ସହୀଦ ମାନଙ୍କର ଏ ଦେଶ
ତାରି ଉପରେ ଉନ୍ମୁକ୍ତରେ ବୁଲୁଛ
ବଳିଦାନର ସେ ରକ୍ତରେ ତୁମେ
ନିଆରା ଢଙ୍ଗରେ ହେଲି ଖେଳୁଛ
ଯେଉଁ ମାଟି , ପବନରେ
ମିଶି ରହିଥିଲା ଅହିଂସାର ସ୍ତୋତ୍ର
ଯେଉଁ ପାଣିର ଧାରରେ
ଝରୁଥିବା ସଭ୍ୟତାର ପ୍ଲାବନି
ଆଜି ସେଇ ନଦୀରେ ତୁମେ କେଳି କରୁଛ
ଅଭିଶପ୍ତ ଅତିଥିଙ୍କୁ ଧରି
ଯାଯାବର ପରିଏଠି ସେଠି
କରିଚାଲିଛ ବଣଭୋଜିର ଆସର
ସେହି ଶହ ଶହ ସମାଧି ଉପରେ
କିଛି କଙ୍କାଳକୁ ନେଇ
ବାସ୍ ସେତିକି ଥାଉ
ସେତିକିରେ ରହିଯାଉ
ନିଜ ଦେହରେ ସଂଚାର ଶକ୍ତି
ନିଜେ ହେଇଯାଅ ଦେଶ
ନିଜ ଦେହର ସେଇ ରକ୍ତରେ
ଧୋଇଦିଅ ଏ ଧୂଳି ମଳିକୁ
ନିଜ ଅସ୍ଥିମଜ୍ଜାରେ ଖଞ୍ଜିଦେଇଯାଅ
ଦେଶଭକ୍ତିର ଶସକୁ
ବାରମ୍ବାର ଝୁଣ୍ଟି ପଡି
ଲହୁ ଲୁହାଣ ହୋଇଥିବ ଲୋକଙ୍କୁ
ଅଯଥା ଦିଅନାହିଁ ଶିକ୍ଷା ଭାଗବଣ୍ଟାର
ପ୍ରେମର ତିଳକ ଲଗେଇ ଦେଇ ପ୍ରେମ
ପାଗଳୀକୁ ମିଛଟାରେ
ପଢାଅନି ମିଳନର ମୂଳମନ୍ତ୍ର
କଣ୍ଟା ପାଦରେ ଫୁଟିଛି ନା
ତ ରକ୍ତ  ଏ ଦେଶର
ଛାତିରେ ଗୁଳି ବାଜିଛି ନା
ତ ତୁମେ ଭାରତମାତାର
ସହୀଦ ତୁମେ ଏ ଦେଶର
ତୁମେ ସହୀଦ ହେବା ଶିଖ..

*ମହାନ୍ତି ସାହି, ପୁରୀ*
*୯୯୩୭୪୦୩୫୪୮*

## ସ୍ୱାଧୀନତା-ରକ୍ତରେ ଲେଖା ତ୍ରିରଙ୍ଗା



ଦୀପ୍ତି ମିଶ୍ର

ଆଜି ଆକାଶ ମଧ୍ୟ ନୀଳ ଶାଢ଼ୀ ପିନ୍ଧିଛି,
ବତାସ ମଧ୍ୟ ମୁକ୍ତ ପତାକା ପରି ଉଡୁଛି।
ମାଟିର ବୁକୁରୁ ଆସୁଛି ଢୋଲର ଧ୍ୱନି,
ମନେପଡେ ସେଇ ରକ୍ତାକ୍ତ କାହାଣୀ।
ହେ ଭାରତମାତା ! ତୁମେ ଶିକୁଳିରେ ବନ୍ଧା ହୋଇଥିଲ,
ଶତାବ୍ଦୀର ଅନ୍ଧକାର ତୁମକୁ ଗ୍ରାସିଥିଲା;
ଇଂରେଜର ବୁଟ୍ ତଳେ ଚାପି ହୋଇଥିଲା ତୁମ ଗର୍ବ,
ତଥାପି ତୁମ ଆଖିରେ ଜଳୁଥିଲା ସ୍ୱାଧୀନତାର ଦୀପ ।
ଆସିଲେ ସେମାନେ... ବିପ୍ଳବର ଅଗ୍ନିପୁତ୍ର,
ବୁକୁରେ  ଅଦମ୍ୟ ସାହସ, ଓଠରେ 'ବନ୍ଦେ ମାତରମ୍'।
ଭଗତ୍ ସିଂହ ହସି ହସି ଫାଶୀ ମାଗିଲେ,
ଝାନ୍ସୀର ରାଣୀ ଘୋଡା ଉପରେ ବଜ୍ର ପାଲଟିଲେ ।
ଗାନ୍ଧୀଙ୍କ 'ଚରଖା ' ହେଲା ତୋପରୁ ବଡ଼,
ନେତାଜୀଙ୍କ ନାରା ହେଲା ବଜ୍ରରୁ କଡ଼।
ପ୍ରତି ଗଳିରୁ ଉଠିଲା ରକ୍ତର ନଦୀ,
ତଥାପି ମଳିନ ହେଲାନି ଆଶାର ପ୍ରଦୀପ।
୧୯୪୭ ର ଅଗଷ୍ଟ ପନ୍ଦର,
ରାତିର ଅନ୍ଧକାର ଚିରି ଉଦୟ ସୂର୍ଯ୍ୟ ;
ଲାଲ କିଲ୍ଲାର ପ୍ରାଚୀରରୁ ଉଡିଲା ତ୍ରିରଙ୍ଗା,
କେଶରୀଆ- ସାହସ, ଧଳା- ଶାନ୍ତି, ସବୁଜ- ସମୃଦ୍ଧି ।
ଚକ୍ର କହିଲା - 'ଥମିବନି ଆମ ଯାତ୍ରା'।
ହେ ସ୍ୱାଧୀନତା !
ତୁ କ'ଣ କେବଳ ଏକ ତାରିଖ ?
ନା'......ତୁ ପ୍ରତି ଚାଷୀର ଝାଳ, ପ୍ରତି ସୈନିକର ବଳ
ତୁ ହିମାଳୟର ଉଚ୍ଚତା, ତୁ ସାଗରର ଗର୍ଜନ,
ତୁ ବିବିଧତା ଭିତରେ ଏକତାର ବନ୍ଧନ ।
ଆଜି ଆମେ ମୁକ୍ତ ଆକାଶରେ ଉଡୁଛୁ,
କିନ୍ତୁ ଭୁଲିନୁ ସେଇ ବଳିଦାନର ଋଣ ।
ପତାକା ଯେତେବେଳେ ଫର୍ ଫର୍ ହୋଇ ଉଡେ,
ମନେପଡେ ଜାଲିଆନାବାଗର ଗୁଳିର ଶବ୍ଦ।
ଆସ ପ୍ରତିଜ୍ଞା କରୁଛୁ -'ଏଇ ମାଟିକୁ ରଖିବୁ ସ୍ୱଚ୍ଛ,
ଏଇ ଏକତାକୁ ରଖିବୁ ଅକ୍ଷୁଣ୍ଣ ।
ଜାତି ଧର୍ମର କାନ୍ଥ ଭାଙ୍ଗି,
ମଣିଷ ହୋଇ ମଣିଷକୁ ଆଲିଙ୍ଗନ କରିବୁ ।'
ଯେତେଦିନ ଗଙ୍ଗାରେ ପ୍ରବାହ ଥିବ,
ଯେତେଦିନ ହିମାଳୟ ମୁଣ୍ଡ ଟେକି ଠିଆ ହୋଇଥିବ,

*ଶିକ୍ଷୟିତ୍ରୀ*
*ପୁରୀ-ମୋ:୯୪୩୭୬୩୪୬୫୯*

## ସ୍ୱାଧୀନତା ଦିବସ ଆସିଲା



ସୁଚରିତା ପ୍ରତିହାରୀ

ସ୍ୱାଧୀନତା ଦିବସ ଆସିଲା ବନ୍ଧୁ ହେ
ଆସ ସ୍ୱପ୍ନର ଶାମୀୟାନା ସଜେଇବା
ଦୟାର ସଳିତା ସଜେଇ ଦେଇକି,
ଧୈର୍ଯ୍ୟର ତୈଳରେ ପ୍ରେମର ପ୍ରଦୀପ  ଜଳାଇବା ।
ହିଂସା, ଦ୍ୱେଷ, ଈର୍ଷା, ଅହଂକାର, କ୍ରୋଧ,
ଏସବୁକୁ ଧିରେ ଧିରେ ହଜେଇଦେବା
ସ୍ନେହ, କ୍ଷମା, ଶାନ୍ତି, ସମର୍ପଣର ଭାବରେ,
ଏ ମାଟିକୁ ସିକ୍ତ କରିବାର
ସଂକଳ୍ପ ଆମେ ନେବା..।
ଜ୍ଞାନୀ, ମାନୀ ଆଉ ଗୁରୁ ଗୁରୁଜନଙ୍କୁ ସର୍ବଦା ,
ଯଥାମାନ୍ୟ ଭକ୍ତି କରିବାର ସଦିଚ୍ଛାକୁ
ବଞ୍ଚେଇ ରଖିବା
କ୍ଷଣେ ବା ମୁହୂର୍ତ୍ତେ କେବେ ବି ଏ ନେଇ,
ଦ୍ୱନ୍ଦ ହୃଦୟରେ ନ ଆଣିବା.।
ସ୍ୱାଧୀନତା ଆଉ ସ୍ୱେଚ୍ଛାଚାରିତାର
ସୂକ୍ଷ୍ମ ଫରକକୁ ବୁଝୁଥିବା,
ଯାହା ମିଳିଅଛି ଅଯାଚିତ ଭାବେ,
ତାହା ଖାଲି ମୋ'ର କେବେ ନ ଭାବିବା..।
ସ୍ୱାଧୀନତା ଖାଲି ମୋ'ର
ଜନ୍ମସିଦ୍ଧ ଅଧିକାର ନୁହେଁ,
ମାଟିରୁ ଆକାଶ ପ୍ରତିଟି ସ୍ପନ୍ଦିତ ହୃଦୟର,
ଚିର ଆକାଂକ୍ଷିତ, ଚିର ଇପ୍ସିତ ଅଟେ ଏହା..।
ଚାଲ ବଞ୍ଚିବା, ଅନ୍ୟକୁ ବଞ୍ଚିବାର କଳା ଶିଖାଇବା ।
ଆସ ସତ୍ୟକୁ ଟିକେ ଭଲପାଇ,
ସ୍ୱାଧୀନତା ଦିବସର ଅଶୀତମ ଜନ୍ମ ଦିନଟି
ପାଳିବା..।

*ଶିକ୍ଷୟିତ୍ରୀ, ପୁରୀ*
*ମୋ: ୯୭୭୮୨୩୨୫୧୯*

## ହେ ପତାକା



ଲକ୍ଷ୍ମୀପ୍ରିୟା ଦାଶ

ହେ ପତାକା ହେ ପତକା
ଘେନ ଆମ ନମସ୍କାର
ତୁମପାଇଁ ଆଜି ସଜାଇ ରଖିଛୁ
କେତେ ପୂଜା ଫୁଲ ହାର
କୁନିକୁନି କଣ୍ଠେ ଅଜାଡ଼ି ଦେବୁହେ
କେତେ ଯେ ସ୍ୱର ଝଙ୍କାର।
ଘେନ ଆମ ନମସ୍କାର
ଝଡ଼ ଝଞ୍ଜା ସହି ଆଣିଲେ ମୁକତି
ଏ ଦେଶର ଯେତେ ବୀର
ଦେଶଲାଗିଢାଳିଦେଲେଜୀବନକୁ
ସେହି ଗାନ୍ଧୀ ଜବାହର।
ଘେନ ଆମ ନମସ୍କାର
ଆମେଯେତେଶିଶୁ ସବୁଏଦେଶର
ଦେଇ ଶପଥ ର ସ୍ୱର
ମାଆ ପାଇଁ ଦେବୁ ବଳି ଜୀବନକୁ
ରଖିଯିବୁ ଯଶ ତାର
ଘେନ ଆମ ନମସ୍କାର।
ଏଦେଶଆମର ଆମେ ଏଦେଶର
ଉଠାଇବୁ ଏକସ୍ୱର
ମମତା ମୈତ୍ରୀ ବନ୍ଧନେ ବାନ୍ଧି
କରିଯିବୁ କାମ ତାର।
ଘେନ ଆମ ନମସ୍କାର ।

*ସମ୍ପାଦିକା ଗ୍ରାମ୍ୟ ରମ୍ୟ*
*ଗଡ଼ମୋଟରୀ, ଡେଲାଙ୍ଗ*
*ପୁରୀ: ୮୩୨୭୭୩୮୧୩*

## ସ୍ୱାଧୀନତା



ବିଜୟଲକ୍ଷ୍ମୀ ଚୌଧୁରୀ

ଅଶୀ ବର୍ଷର ସ୍ୱାଧୀନତା,
ଅଶୀ ବର୍ଷର ଗାଥା;
ବୀର ରକ୍ତରେ ଲେଖା
ଭାରତ ମାଆର କଥା।।
ଅଗଷ୍ଟ ପନ୍ଦର ପବିତ୍ର ଦିନ,
ଉଠେ ତ୍ରିରଙ୍ଗା ଅଭିଯାନ;
କେଶରୀ, ଶୁଭ୍ର, ସବୁଜ ରଙ୍ଗେ,
ଭାରତ ର ହସେ ଗଗନ ପବନ।।
କେତେ ମାଆର ଆଖିର ଲୁହ,
କେତେ ଭଉଣୀର ବେଦନା;
କେତେ ଯୁବକ ହସି ହସି
ଦେଶ ପାଇଁ  ସହିଲେ ଜୀବନ ଯାତନା।।
ଗାନ୍ଧୀଙ୍କ ସତ୍ୟ, ଅହିଂସା ମନ୍ତ୍ର,
ନେତାଜୀଙ୍କ ହୁଙ୍କାର;
ଭଗତ ସିଂହର ବଳିଦାନ ଗାଥା,
ଜଗାଏ ଦେଶପ୍ରେମ ଅପାର।।
ଶୃଙ୍ଖଳ ଭାଙ୍ଗି ମୁକ୍ତ ହୋଇଲା,
ମୋ ଭାରତ ମାଆ ହସି;
ସ୍ୱାଧୀନତାର ସୂର୍ଯ୍ୟ ଉଇଁଲା,
ଅନ୍ଧାର ଗଲା ଭାସି।।
ଅଶୀ ବର୍ଷର ଏହି ଯାତ୍ରା,
କେତେ ଉତ୍ଥାନ-ପତନ;
ବିଜ୍ଞାନ, ଶିକ୍ଷା, କୃଷି, ପ୍ରଯୁକ୍ତି,
ବଢ଼ିଛି ଦେଶର ମାନ।।
ତଥାପି ଆଜି ପ୍ରଶ୍ନ ଉଠେ
ସ୍ୱାଧୀନ କି ହୋଇଛି ମନ ?
ଭୁଲି ଯାଇଛୁ ମାନବିକତା,
ଭୁଲି ଯାଇଛୁ ଜନ ଚେତନା।
ଜାତି-ଧର୍ମର ପ୍ରାଚୀର ଭାଙ୍ଗି,
ଏକତା ହେଉ ଆମ ଶକ୍ତି;
ନାରୀ, ଶିଶୁ, ଓ ଦୁର୍ବଳ ମୁହଁରେ,
ଫୁଟୁ ସମାନ ଭାବରେ ଭକ୍ତି।
ସ୍ୱାଧୀନତା କେବଳ ପତାକା କି
କେବଳ ଉତ୍ସବ ନୁହେଁ;
ଦେଶ ପାଇଁ ନିଜ କର୍ତ୍ତବ୍ୟ ପାଳନ
ଏହି ତା'ର ସତ୍ୟ ମୂଲ୍ୟାଙ୍କନ୍ ।।
ଆସ ଆଜି ଶପଥ ନେବା,
ଦେଶ ରହୁ ସର୍ବୋପରି;
ସତ୍ୟ, ଶ୍ରମ ଓ ସେବାର ବଳେ,
ଭାରତ ମା  ଉଠୁ ମଥା ଉଚ୍ଚାକରି।।
ଅଶୀବର୍ଷର  ଅମର ଗାଥା
ହୃଦୟେ  ରହୁ  ଜୀବନ୍ତ
ତ୍ରିରଙ୍ଗା ତଳେ ଏକତ୍ରିତ
ଭାରତ ହେଉ ଚିର ଦୀପ୍ତିବନ୍ତ

*ଶିକ୍ଷୟିତ୍ରୀ, ଡିଏଭି ସ୍କୁଲ, ପୁରୀ*
*ମୋ- ୮୨୪୯୦୨୭୭୧୬*

## 'ଅଗଷ୍ଟ ପନ୍ଦର ମୁକ୍ତିର ସକାଳ'



ଉମାଶଙ୍କର ପ୍ରସାଦ

ଅଗଷ୍ଟ ପନ୍ଦର, ମୋ ସୁନା ସକାଳ
ଉଡ଼େ ଫରଫର ତ୍ରିରଙ୍ଗା ପତାକା
ଆଜି ଗଗନର ବୁକେ,
ସ୍ୱାଧୀନ ଭାରତ ଗାଉଛି ଗୀତ
ସାହସ ଓ ଗରବେ।
ଅଗଷ୍ଟ ପନ୍ଦର ଆଣିଛି ଆଜି
ନୂଆ ସୂର୍ଯ୍ୟର ଆଲୋକ,
ଭୁଲିଯାଅ ଆଜି ଦୁଃଖ ଭାବନା
ଜାଗ ଭାରତବାସୀ ଜାଗ।--
ବୀର ଶହୀଦଙ୍କ ତ୍ୟାଗ ଓ ରକ୍ତେ
ମିଳିଛି ଏହି ମୁକ୍ତି,
ସେମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଆଜି
ଆମ ହୃଦୟର ଭକ୍ତି।--
ଗୋପବନ୍ଧୁ, ଭଗତ, ସୁଭାଷ, ଆଜାଦ
ପ୍ରଣାମ ତୁମ ଚରଣେ,
ତୁମ ପାଇଁ ଆଜି ମୁକ୍ତ ଆକାଶ
ଶାନ୍ତି ଏ ଭାରତ ଭୂମେ।--
ଜାତି, ଧର୍ମ, ବର୍ଣ୍ଣ ଭୁଲିଯାଇ ଆମେ
ବାନ୍ଧିବା ଏକତାର ଡୋରି,
ଭାରତ ମାତାର ସେବାରେ ବିତାଇବା
ଅମୃତ ଜୀବନ କରି...।

*ଖୋର୍ଦ୍ଧା*
*ମୋ: ୬୩୭୦୬୭୫୫୬୨*

## ଅତୁଳନୀୟ ଅଗଷ୍ଟ



ପ୍ରବାସିନୀ ମିଶ୍ର

ପଲ୍ଲୀଠାରୁ ଦିଲ୍ଲୀ ଖୁସିର ଲହରୀ
ଅମୀୟ ଝଙ୍କର ତୋଳେ
ଅଶୀତମ ସ୍ୱାଧୀନତାର ପାହାଚେ
ଦେଶପ୍ରେମ ଦୀପ ଜଳେ
କାଶ୍ମୀରୀଠାରୁ କନ୍ୟାକୁମାରୀ
ସବୁଠି ତ୍ରିରଙ୍ଗାମୟ
ଘରେ ଘରେ ଦେଶ ପ୍ରୀତିରପ୍ରେରଣା
ଆଜାଦୀଙ୍କୁ ଜୟ ଜୟ
ଆଜାଦୀ ପୁଅଙ୍କ ପାଇଁ ସୌଭାଗିନୀ
ପୁଣ୍ୟଭୂମି ପୁଣ୍ୟମୟୀ ,
ମାଆ କୋଳେ ଲୋଟି ମାଆକୁ ଦେଇ ମୁକ୍ତି
ବୀର ହେଲେ କାଳଜୟୀ
ନୂଆ ସକାଳର ସୂରୁଜ ଉଇଁଲା
ସ୍ୱାଧୀନ ସୁଖ ଚାଖିଲେ
ଓମ୍ କାର ସୂରେ ସନାତନୀ ଶଙ୍ଖ
ପୁରେ ପୁରେ ବଜାଇଲେ
ଅତୁଳ ଅଗଷ୍ଟ ଅଜାଡି ଦେଇଛି
ସ୍ୱାଧୀନ ସମ ଭାବନା
ମହା ଭାରତୀୟ ଏକତାର ମନ୍ତ୍ର
ତୋଳିଲା ମଧୁ ମୂର୍ଚ୍ଛନା
ରତ୍ନଗର୍ଭା ଦେଶ ଦୁଲୁକି ଉଠିଲା
ଦଇତ ଦମନ କରି
ନୂଆ ଇତିହାସ ନିଜେ ରଚିଗଲା
ନିଜକୁ ଶାସନ କରି
ସତ୍ୟ ସାମ୍ୟ ଶାନ୍ତି ପୀରତି ମୈତ୍ରୀ
ମମତା ମୋତି ମାଳାରେ
ତ୍ରିରଙ୍ଗା ଉଡୁଛି ଫରଫର ହୋଇ
ଆଜି ପ୍ରତି ଘରେ ଘରେ ।

*ସମ୍ପାଦିକା-ଦିବ୍ୟଦର୍ଶନ*
*ଶ୍ରୀବିହାର ରାସ୍ତା, ପୁରୀ*
*ମୋ: ୬୩୭୧୦୭୨୦୫୯*

## ଜୟ ଜୟକାର



ନଗେନ୍ଦ୍ରନାଥ ପଟ୍ଟନାୟକ

ଫର୍ ଫର୍ ଉଡେ  ତିରଙ୍ଗା ପତାକା
ମୁକୁଳା ଆକାଶ ବୁକୁରେ
ଭାରତମାତାର  ମହିମା, ଗରିମା
କେତେ ଗାଥା କଥା କହେରେ ।।
ଦେଶର କେତନ  ତ୍ରିରଙ୍ଗେ ରଙ୍ଗୀନ
ନାରଙ୍ଗୀ  ସବୁଜ ଧବଳ
ସତ୍ୟ ପ୍ରଗତି  ଅହିଂସାର ଛାପ
ରହିଅଛି ତହିଁ ଜବର  ।।
ଶାନ୍ତି ଭାଇଚାରା  ବାରତା ଦିଅଇ
ଝାରଏ ପୁଲକ ପୀୟୂଷ
ବଇରୀକୁ ଦିଏ  ଉଚିତ୍ ଜବାବ
ଭରି  ମନେ ଆମ ସାହସ  ।।
ଭାରତମାତାର  କେତେ ବୀରସୁତ
ସହିଦ ତ୍ରିରଙ୍ଗା ପାଇଁକି
ଡରି ନଥିଲେ ଯେ  କାପୁରୁଷ ପରି
ଫିରିଙ୍ଗଙ୍କ ନାଲି ଆଖିକି  ।।
ଦବି ନଥିଲେ ଯେ  ଗୋରାଙ୍କ ଧମକେ
କରିଥିଲେ କାରାବରଣ
ଭାରତମାତାର  ଶ୍ରୀବୃଦ୍ଧି ସାଧନେ
ନିଜକୁ କରିଲେ ତ୍ୟଜନ  ।।
ତ୍ରିରଙ୍ଗା ଉଡିବ  ଭାରତ ମାତାର
ଜୟ ଜୟକାର ଧ୍ୱନିରେ
ଦେଶଭକ୍ତି  ଆଉ  ସଂପ୍ରୀତି ଫଲଗୁ
ବହିଯାଉ ସାରା ବିଶ୍ୱରେ  ।।
ଭାରତ ବୁକୁରେ  ଉଡନ୍ତା  ତିରଙ୍ଗା
ଦିଶୁଥାଏ ଭାରି  ବଢିଆ
ଦେଶବାସୀ ମନେ  ମନ୍ତ୍ର ବୁଣିଦିଏ
ନ ହେବାକୁ କାହା ତଳିଆ  ।।

*ଓଙ୍କାର ସିଟି, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

## ସ୍ୱାଧୀନତା ଦିବସର ଶପଥ



ନିରଞ୍ଜନ ସାହୁ

ଫରଫର ହୋଇ ତ୍ରିରଙ୍ଗା ଉଡୁଛି
ଛୁଇଁକି ଶପଥ କରିବା
ଦେଶମାତୃକାର ସେବା କରିକରି
ଦେଶପ୍ରେମ ଭାବ ଭରିବା  ।
ଅଗଷ୍ଟ ପନ୍ଦର ପାଳନ କରିକି
ସରବେ କରିବା ଗରବ
ଏହି ସ୍ୱାଧୀନତା ଦିବସ ଅଟଇ
ଆମରି ଜାତୀୟ ପରବ
ପ୍ରତିଜ୍ଞା କରିବା ଶତ୍ରୁ ସହ ଲଢ଼ି
ଦେଶ ପାଇଁ ମଲେ ମରିବା  ।
ଇତିହାସ ଯାହା କହିଛି ଆମକୁ
ସେହିଦିନ କଥା ଜାଣିଛେ
ସଂଗ୍ରାମୀମାନଙ୍କ ତ୍ୟାଗ ବଳିଦାନ
ସେକଥା ମନରେ ଆଣିଛେ
ଦେଶ ଅଖଣ୍ଡତା, ସୁରକ୍ଷା ନିମିତ୍ତ
ସମୁଚିତ ପଥ ଧରିବା  ।
ବହୁକଷ୍ଟଲବ୍ଧ ସ୍ୱାଧୀନତା ଆମ
ଯେମିତି ବଜାୟ ରହିବ
'ଭାରତମାତା କୀ ଜୟ' ଜୟଧ୍ୱନି
ପ୍ରତି ଭାରତୀୟ କହିବ
ଆଗେ ଦେଶ ଚିନ୍ତା ପଛେ ଆମ କଥା
ଦେଶର ସଙ୍କଟ ହରିବା  ।
ବିଶ୍ୱ ଦରବାରେ ଭାରତମାତାର
ସର୍ବଦା ରଖିବା ଗୌରବ
ଭାରତୀୟ ଆମେ ସଫଳତା ଆଣି
ବିତରିବା ଯଶ ସୌରଭ
ସମ୍ମୁଖ ସମରେ ଅବତୀର୍ଣ୍ଣ ହେବା
ଶତ୍ରୁକୁ କେବେ ନ ଡରିବା  ।
ଜାତି, ଧର୍ମ, ବର୍ଣ୍ଣ, ବିଭେଦତା ଭୁଲି
କରିବା ଉଚିତ କରମ
ଦେଶସେବା ହେଉ ଜୀବନର ବ୍ରତ
ଏକଥାର ବୁଝି ମରମ
ଯେତେ ବାଧାବିଘ୍ନ ଆସୁଥିଲେ ଆସୁ
ହସି ବିପଦକୁ ବରିବା  ।

*ନିହଲ ପ୍ରସାଦ, ଢେଙ୍କାନାଳ*
*ମୋ : ୯୯୩୮୭୪୧୫୮୩*

## ଆସିଛି ଅଗଷ୍ଟ ପନ୍ଦର



ନୀଳମଣି ଚାନ୍ଦ

ଅଗଷ୍ଟ ପନ୍ଦର ସ୍ମରଣୀୟ ଦିନ
ପ୍ରତି ଭାରତୀୟ ପାଇଁ
ଚାତକ ସମ ତା ଆଗମନକୁ
ରହିଥାନ୍ତି ସବୁ ଚାହିଁ
ସଜବାଜ ହୋଇ ଆସେ
'ଆଣିଛି ମୁଁ ସ୍ୱାଧୀନତା ଦିବସକୁ '
କହେ ବୁଲି ସଭିଁ ପାଶେ  ।
ଫର ଫର ଉଡ଼େ ତ୍ରିରଙ୍ଗ ପତାକା
ଶୁଭେ ଜନ -ଗଣ -ମନ
ବନ୍ଦେ ମାତରଂ ସ୍ଲୋଗାନଟି କାନେ
ପଡୁଥାଏ ଘନ ଘନ
ହସେ ଆଜି ଲାଲକିଲ୍ଲା
ଭାଷଣ ଶୁଣାଏ ସଂଗ୍ରାମକାଳଟି
ସଂଘର୍ଷପୂର୍ଣ୍ଣ ଯେ ଥିଲା ।
ସିଏ ଆସିଗଲେ ଗହଳଚହଳ
ପଲ୍ଲୀଠାରୁ ଦିଲ୍ଲୀ ହୁଏ
ସହିଦ, ସଂଗ୍ରାମୀ ସାଧନାଫଳ ଏ
ଆଖି ଭିଜେ ଆଜି  ଲୁହେ
ଆସରେ ଶପଥ ନେବା
ଗାନ୍ଧୀଙ୍କର ରାମରାଇଜ ସ୍ୱପ୍ନକୁ
ପୂରଣ ତ  କରିଦେବା  ।

*ମନ୍ତ୍ର ମାନୋର, ଗୋଠପାଟଣା*
*ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

# ସ୍ୱାଧୀନତା ଦିବସ ସ୍ୱତନ୍ତ୍ର

ଅମୃତ ଦୁନିଆ

## ଚାଲ ଆମେ ବଦଳିବା



ବସନ୍ତମଞ୍ଜରୀ ମିଶ୍ର

ଅନ୍ୟ କାହାକୁ ବଦଳେଇବା ପୂର୍ବରୁ
ଚାଲ ଆମେ ବଦଳିବା
ଅନ୍ୟ କାହାକୁ ଦେଖିବା ପୂର୍ବରୁ
ଚାଲ ଆମେ ନିଜକୁ ଆଖି ପୂରେଇ ଦେଖିବା
ସ୍ୱାଧୀନତାର ଅଶୀ ବର୍ଷ ପାଳନ ଅବସରେ
ଚାଲ ଆମେ ବଦଳିବା
ଦାବୀ କରିବା ଆଗରୁ ନିଜ କର୍ତ୍ତବ୍ୟକୁ ପରଖିବା
ଆଙ୍ଗୁଠି ଦେଖେଇବା ଆଗରୁ ନିଜକୁ
ସମୀକ୍ଷା କରିବା
ଅନ୍ୟର ଭୁଲକୁ ଦେଖିବା ଆଗରୁ
ନିଜ ଭୁଲ ଉପରୁ ପରଦା ହଟେଇଦେବା
ଚାଲ ଆମେ ବଦଳିବା
ନାରା ଦେବା ଆଗରୁ ଥରେ ନିଜକୁ ପ୍ରଶ୍ନ କରିବା
ସତରେ କଣ ଆମେ
ସ୍ୱାଧୀନ ହୋଇଛନ୍ତି.....
ଧୋବ ଫରଫର ପୋଷାକ ଭଳି
ସତରେ କଣ ଆମେ ଧୋବ ଫରଫର ହୋଇଛନ୍ତି
ଚାଲନ୍ତୁ ସଫା କରିଦେବା
ସମସ୍ତ କାଳିମା,
ଆମ୍ ବଡ଼ିମା,
ଲଙ୍ଘି ସବୁ ପରିସୀମା
ଭୁଲି କ୍ରୋଧ ଦେବା କ୍ଷମା
ଏକ ହୋଇ ମାନବତା ମନ୍ତ୍ରେ
ଲେଖିଯିବା ଅମର ଗାଥା
ଏହି ଗଣତନ୍ତ୍ରେ
ସ୍ୱାଧୀନତାର ସ୍ୱାଦ ନେଇ
ତ୍ରିରଙ୍ଗା ରଙ୍ଗରେ ରଙ୍ଗାଇ
ପ୍ରତିବର୍ଷ ଆସେ ଅଗଷ୍ଟ ପନ୍ଦର...
ଘରେ ଘରେ ଉଡ଼େ ତ୍ରିରଙ୍ଗା ପତାକା ଫରଫର ,
ଗାଇ ଆମେ ସ୍ୱାଧୀନତାର ଗାଥା
ତ୍ୟାଗୀ ବୀରଙ୍କ ସ୍ଲୋଗାନ ଦେଇ
ନୁଆଁଇ ଦେଉ ମଥା।
?ଭଗତ, ସୁଭାଷ, ଗାନ୍ଧୀ, ଗୋପବନ୍ଧୁ
ଦେଶ ପ୍ରେମରେ ପାରି ହୋଇ ସିନ୍ଧୁ,
ରକ୍ତ ଦେଇ ଯେ ରଖିଲେ ମାନ
ତାଙ୍କ ପାଇଁ ଆଜି ଆମେ ସ୍ୱାଧୀନ
କେଶରୀ, ଶୁଭ୍ର, ସବୁଜ ରଙ୍ଗ
ମନେ ଭରିଦିଏ ନୂଆ ଉତ୍ସଙ୍ଗ।
ଏ ଦେଶ ଆମର ପ୍ରାଣଠୁ ପ୍ରିୟ
ଶାନ୍ତି ଓ ଏକତାର ଏ ସମନ୍ୱୟ
ପତାକା ତଳେ ଶପଥ ନେବା
ଚାଲ ଆମେ ବଦଳିବା ।

*ଅଧ୍ୟାପିକା, ତାଳଚେର ଥର୍ମାଲ*
*ମୋ-୯୮୬୧୧୯୨୪୪୫*

## ସ୍ୱପ୍ନର ସୂର୍ଯ୍ୟୋଦୟ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ରକ୍ତରେ ଲେଖାହୋଇଥିଲା
ଯେଉଁ କାବ୍ୟର ପ୍ରଥମ ପୃଷ୍ଠା,
ଆଜି ବି କାଗଜର ସେଇ ପୃଷ୍ଠାରୁ
ବାହାରୁଛି ତ୍ୟାଗ ଓ ସଂଗ୍ରାମର ମହକ।
ସ୍ୱାଧୀନତା କେବଳ ନୁହେଁ ପର୍ବ ପତାକା ଉତ୍ତୋଳନର
ଏହା ଆତ୍ମା ସହ ମାଟିର ବନ୍ଧନ
ଗାଁର ଶେଷ ମୁଣ୍ଡରେ ଥିବା କୁଡ଼ିଆରୁ
ସହରର ଉଚ୍ଚ ଅଟ୍ଟାଳିକା ପର୍ଯ୍ୟନ୍ତ,
ଏହା ପ୍ରତିଟି ଜୀବନର ଅଧିକାର।
ଜାତି, ଧର୍ମ ଓ ଭେଦଭାବରୁ ଊର୍ଦ୍ଧ୍ୱରେ ଥାଇ
ତ୍ରିରଙ୍ଗା ଉଡୁଛି ଆକାଶରେ,
କେସରୀର ତ୍ୟାଗ, ଶ୍ୱେତର ଶାନ୍ତି,
ସବୁଜର ସମୃଦ୍ଧି ଆଉ ଅଶୋକଚକ୍ରର ଅବିରାମ ଗତି
ସବୁ ଯେମିତି କହୁଛନ୍ତି—
ଆମେ ମୁକ୍ତ, ଆମେ ସ୍ୱାଧୀନ।
ହେଲେ, ଶବ୍ଦର ଗର୍ଭରେ
ଆଜି ବି ଅଛି ଅନେକ ନୀରବ ପ୍ରଶ୍ନ
ଛାୟାମୁକ୍ତ ହୋଇଛି କି ଆମ ଚିନ୍ତା ଆଉ
ଭୟମୁକ୍ତ ହୋଇଛି କି ଆମର ଶବ୍ଦ ?
ମାଟିରୁ ସୀମା ପର୍ଯ୍ୟନ୍ତ
ପ୍ରତିଟି ନାଗରିକର ଆଖିରେ
ସତରେ ଉଇଁଛି ତ ସେଇ ସ୍ୱପ୍ନର ସୂର୍ଯ୍ୟ ?
ସ୍ୱାଧୀନତା କେବଳ ଶୃଙ୍ଖଳାର ନାଁ ନୁହେଁ,
ସ୍ୱାଧୀନତା ହେଉଛି ମାନବତାର ବିଜୟ,
ସମାନତାର ଅଙ୍ଗୀକାର,
ଆଉ ପ୍ରତିଟି ନିଷ୍ପେସିତ ସ୍ୱରକୁ
ଅଧିକାର ଦେବାର ଗୋଟିଏ ନୂଆ ଶପଥ।
ଯେଉଁମାନେ ନିଜ ଯୌବନକୁ
ଜାଳିଦେଇଥିଲେ ହୋମାଗ୍ନିରେ,
ଉଜ୍ଜ୍ୱଳ କରିବାକୁ ଆମ ଭବିଷ୍ୟତ
ସେମାନଙ୍କ ବଳିଦାନରେ
ଲେଖାଅଛି ଏ ମାଟିର ପବିତ୍ରତା ,
ଫାଶୀ ମଞ୍ଚରୁ ଶୁଭୁଥିବା ସେଇ ଜୟଧ୍ୱନି
ଆଜି ବି ପବନରେ ଗୁଞ୍ଜରିତ।
ଆସ, ସେଇ ବୀର ସଂଗ୍ରାମୀଙ୍କୁ ପ୍ରଣାମ ଜଣାଇ
ବନ୍ଦେ ମାତରମ୍ ଧ୍ୱନିରେ
ଗୋଟିଏ ନୂଆ ସୂର୍ଯ୍ୟକୁ ନିମନ୍ତ୍ରଣ କରିବା।

*ନୟାଗଡ*
*ମୋ:୯୪୩୭୬୪୨୯୪୭*

## ମୁକ୍ତିର ଆଲୋକ



ସୁଧାକର ରାଉତ

ଅଶ୍ରୁଜଳରେ କରି ସାରି ତର୍ପଣ
ଦେଖିଲି ପୂର୍ବାକାଶ
ସାଜିଛି ରକ୍ତ ବର୍ଣ୍ଣ ।
ମନରେ ଆଦିମ ଶୂନ୍ୟତା
କ୍ଷଣକେ ହେଲା ଦୂରୀଭୁତ ।
ଭାବିଲି କାକରରେ ଭିଜୁଥିବା ଚିନ୍ତା ଓ ଚେତନା
ରବିଙ୍କ ରକ୍ତିମ ଆଭାରେ ହେବ ଅନ୍ତର୍ହିତ
ମନେ ପଡ଼ିଲା.ନା ଆକାଶ ତ ତାର ଚରାଭୂଇଁ
ଭସ୍ମୀଭୂତ ଆଶା ସଙ୍ଗେ
ସେ ବା କାହିଁକି ହେବ ସମ୍ପର୍କିତ ?
ସ୍ୱପ୍ନ ଓ ବାସ୍ତବତା ମଧ୍ୟେଏଇତ ତଫାତ୍।
ଅନାକାଂକ୍ଷିତ ଅସହାୟତାର ଚୁମ୍ବନ
ହଳାହଳ ବିଷ ଢାଳେ
କାହିଁ ବା ଅମୃତ ।
ତଥାପି ବନ୍ଧନ ଛିଡେନା
ମୁକ୍ତିର ଡେଣା ପ୍ରତି ମୁହୂର୍ତ୍ତରେ ପ୍ରତିହତ ।
ଆଉ ସ୍ୱାଧୀନତା!
ସେ ତ ଖାଲି ଶବ୍ଦ ରେ ସୀମିତ

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ସର୍ବୋଚ୍ଚ ବଳିଦାନ



ଅଲେଖପ୍ରସାଦ ମହାନ୍ତି

ତୋ ପୂଣ୍ୟ ମାଟିରୁ ହସି ହସି ଆଜି ବାହୁଡି ଯାଉଛି ମା
ଝାଂଜ ମୃଦଂଗରେ ବିଦା କରିଦେବୁ ହୃଦୟରେ ଥିବି ମା
ସରଗ ମରତ ହେଉବା ପାତାଳ
ଡାକିଦେଲେ ଥରେ ଆସିବି ତୋ କୋଳ
ସିପାହି ରକତ ବିନ୍ଦୁରେ ଲେଖିଛି ଭାରତ ମାତାର ନାଁ
ତୋ ପୂଣ୍ୟ ମାଟିରୁ ହସି ହସି ଆଜି ବାହୁଡି ଯାଉଛି ମା ?
ତୋହରି ସେବାରେ ନଲାଗିଲା ଯେବେ ଛୋଟଆ ଜୀବନ ମୋର
ତୋ ପଣତକୁ ଛୁଇଁ ଚାଲିଗଲା ଯଦି ବଇରି କଳା ନଜର
ଅକାରଣ ସିନା ଜୀବନ ଆମର
ବିନା ଶକତିର କଂକାଳ ଶରୀର
ବହିଲାନି ଯଦି ଶତ୍ରୁର ଛାତିରୁ ତତଲା ରକତ ଧାରା
ତୋ ପୂଣ୍ୟ ମାଟିରୁ ହସି ହସି ଆଜି ବାହୁଡି ଯାଉଛି ମା ?
ତୋ ପାଇଁ ଜୀବନ ତୋ ପାଇଁ ମରଣ ତୁହି ମୋ ଜନମ ଭୂଇଁ
ଧୋଓରେ ବାଇଆ ଧୋଓ କହି ଥରେ କୋଳରେ ଦିଏ ସୁଆଇ
ତୋ ମମତା ଆଖି ଛାଡି ଚାଲିଯିବି
ମିଠା ନିଦ ନେଇ ଜୁଇରେ ଜଳିବି
ଗଳି ଗଳି ବିଂଚି ଦେବ ମୋ ଅଂଗାର ମଳୟ ପବନ ବାଆ
ତୋ ପୂଣ୍ୟ ମାଟିରୁ ହସି ହସି ଆଜି ବାହୁଡି ଯାଉଛି ମା ?
ଶହିଦ ହେବାର କାମନାରେ ଜଳେ ସିପାହି ମନ ପରାଣ
ତୋ ଆଶିଷ ପାଇ ତ୍ରିରଂଗା ଘୋଡେଇ ହୋଇଥାଏ ଭାଗ୍ୟବାନ
ସିପାହି ମରଣ ପାଏ କେତେ ଜଣ
ଢାଳି ଦିଏ ରକ୍ତ ନଥାଏ କଷଣ
ତୋହରି ସଂଗୀତ ଗାଇ ଗାଇ ଯିବି ମାଗୁଛି ମେଲାଣୀ ମା
ତୋ ପୂଣ୍ୟ ମାଟିରୁ ହସି ହସି ଆଜି ବାହୁଡି ଯାଉଛି ମା ?

*ଭୁବନେଶ୍ୱର*
*ମୋ-୯୯୩୭୦୩୩୨୩୨*

## ସତରେ କି ଦେଶ ସ୍ୱାଧୀନ ମୋର



ପ୍ରଶାନ୍ତ କୁମାର ନାୟକ

ସ୍ୱାଧୀନତାର ଅଶୀତମ ଦିବସ
ସାରାଦେଶ ଆଜି ପାଳୁଛି,
ଦୂର ଆକାଶରେ ତ୍ରିରଙ୍ଗା ପତାକା
ଫରଫର ଦେଖ ଉଡୁଛି ,
ପତାକା ଉଡେଇ ଖୁସିମନେ ଆଜି
ସେଉ ବୁନ୍ଦିକୁ ମୁଁ ଖାଉଛି,
ହେଲେ ସତରେ କ'ଣ
ମୋ ଦେଶ ସ୍ୱାଧୀନ ହୋଇଛି ?
ମୋ ଦେଶର ଝିଅ ଦିନ ଦ୍ୱିପ୍ରହରେ
ଏକା ଚାଲିବାକୁ ଡରୁଛି,
ଏ ଦେଶର ପୁଅ ବିଦେଶ ମାଟିରେ
ଆଜିବି ଦାଦନ ଖଟୁଛି ,
କହିବକି କିଏ ସତରେ କ'ଣ
ମୋ ଦେଶ ସ୍ୱାଧୀନ ହୋଇଛି ?
ଏ ଦେଶକୁ ଛାଡି ଫିରଙ୍ଗି ଜାତିଟା
ସ୍ୱଦେଶକୁ ଫେରି ଯାଇଛି,
ଏ ଦେଶର ବୋହୂ ଯୌତୁକ ଜୁଇରେ
ଦହଗଞ୍ଜି ହୋଇ ଜଳୁଛି ,
କନ୍ୟାଭ୍ରୁଣ ହତ୍ୟା ଖୋଲାଖୋଲି ଭାବେ
ଆଜିବି ଦେଶରେ ଚାଲିଛି,
ଏଭଳି ସ୍ଥିତିରେ ସତରେ କ'ଣ
ମୋ ଦେଶ ସ୍ୱାଧୀନ ହୋଇଛି ?
ଏ ମାଟିର ଝିଅ ଶିକ୍ଷା ଅଧିକାରୁ
ଆଜିବି ବଞ୍ଚିତ ହେଉଛି ,
ରାସ୍ତା କଡେ ଅବା ବୁଦାମୂଳେ ଆଜି
ନାରୀଟେ ଧର୍ଷିତା ହେଉଛି,
ସମାଜ ଆଖିରେ ଲଜ୍ଜା ଅପମାନେ
ଗଛରେ ଝୁଲିକି ମରୁଛି,
କହିପାରିବାକି ସତରେ କ'ଣ
ମୋ ଦେଶ ସ୍ୱାଧୀନ ହୋଇଛି ?

*ୟୁନିଟ୍-୫; ଭୁବନେଶ୍ୱର*
*ମୋ: ୮୨୪୯୬୫୦୪୧୪*

## ଅଗଷ୍ଟ ପନ୍ଦର



ବିଷ୍ଣୁ ପ୍ରସାଦ ଦାସ

ଅଗଷ୍ଟ ପନ୍ଦର ଆଜି ଆସିଛି ଭାଇ,
ସ୍ୱାଧୀନତାର ପବିତ୍ର ବାର୍ତ୍ତା ନେଇ ।
ମଧ୍ୟରାତ୍ରିରୁ ଚଳଚଞ୍ଚଳ ଜନତା,
ଲାଲ୍ କିଲ୍ଲାରେ ଉପସ୍ଥିତ ନେତା ।
ରକ୍ତିମ ସୂର୍ଯ୍ୟର ସୁନେଲି କିରଣ,
ଭରିଦିଏ ପ୍ରାଣେ ନୂଆ ଜାଗରଣ ।
ନୀଳ ଗଗନେ ଉଡ଼େ ତ୍ରିରଙ୍ଗା ଧ୍ୱଜ,
ଐକ୍ୟର ବାର୍ତ୍ତାରେ ପୁଲକିତ ସମାଜ।
ଭୁଲିଯାଅ ନାହିଁ, ହେ ମୋ ଦେଶବାସୀ,
ହସି ହସି ପ୍ରାଣ ଦେଲେ ସହିଦ ବୀର ରାଶି।
ତାଙ୍କ ରକ୍ତେର ଲେଖା ସ୍ୱାଧୀନତାର ଗାଥା,
ଭାରତ ବାସୀଙ୍କୁ ଦିଏ ଐକ୍ୟର ବାର୍ତ୍ତା।
ମହାତ୍ମାଙ୍କ ଅହିଂସା, ସୁଭାଷଙ୍କ ଆହ୍ୱାନ,
ଅସଂଖ୍ୟ ବୀରଙ୍କ ତ୍ୟାଗର ପ୍ରତିଦାନ ।
ଫିରଙ୍ଗୀ ଶାସନ ହଟି ପାଇଲୁ ସ୍ୱାଧୀନତା,
ସ୍ୱାଭିମାନେ ଉଚ୍ଚ ହୋଇଛି ଭାରତର ମଥା ।
ଆସ, ଆଜି ନେବା ଆମେ ପବିତ୍ର ଶପଥ,
ଦେଶସେବା ହେଉ ଆମ ଜୀବନର ବ୍ରତ।
ସତ୍ୟ, ପ୍ରେମ, ଶାନ୍ତିରେ ଗଢ଼ିବା ଏ ଦେଶ,
ସୁନାର ଭାରତ ହେଉ ବିଶ୍ୱର ଆଦର୍ଶ ।

*ସ୍ନେହ କୁଟୀର ,*
*ଝାଞ୍ଜିରୀ ମଙ୍ଗଳା, କଟକ*
*ମୋ: ୯୯୩୭୧୭୪୦୯୭*

## ଆସିଛି ଅଗଷ୍ଟ ପନ୍ଦର



ତୂଳିକା ମିଶ୍ର

ଆସିଛି ଅଗଷ୍ଟ ପନ୍ଦର,
ସ୍ୱାଧୀନତାର ଏ ମହାନ ପର୍ବ,
ଭାରତୀୟଙ୍କ ମନେ ଭରିଦିଏ ଗର୍ବ।
ପୂର୍ବ ପୁରୁଷଙ୍କ ତ୍ୟାଗ ଓ ବଳିଦାନ,
ରଖିବା ଅକ୍ଷୁର୍ଣ୍ଣ ଆମ ଦେଶର ମାନ,
ତ୍ରିରଙ୍ଗା ପତାକା ଉଡୁଛି ଗଗନେ,
ଆଜି ଆନନ୍ଦ ଖେଳିଯାଏ ସବୁରି ମନେ ।।
ଜାତି ଧର୍ମ ଭାଷା ଭେଦଭାବ ଭୁଲିବା,
ଶାନ୍ତି ମୈତ୍ରୀ ପ୍ରଗତିର ବାର୍ତ୍ତା ବାଣ୍ଟିବା,
ଏକତାର ଡୋରିରେ ସଭିଙ୍କୁ ବାନ୍ଧିବା,
ପ୍ରଗତିର ପଥେ ମିଶି ଆଗକୁ ବଢ଼ିବା ।
ତ୍ରିରଙ୍ଗା ଉଡୁଛି ଆଜି ପ୍ରତି ଘରେ ଘରେ,
ସ୍ୱାଧୀନ ଭାରତର ସବୁ ସନ୍ତାନ ଆମେରେ,
ଆସନ୍ତୁ ଶପଥ ନେବା ଆଜିର ଦିନରେ,
ସୁସ୍ଥ ସୁନ୍ଦର ଭାରତ ଗଢିବା ଯତନେ ।

*ଧଉଳି, ଭୁବନେଶ୍ୱର*
*ମୋ:୮୨୪୯୦୨୭୭୧୫*





# ସ୍ୱାଧୀନତା-ଜାତୀୟତା-ତ୍ରିରଙ୍ଗା ଓ ନେତୃତ୍ୱ





**ଡକ୍ଟର ଲକ୍ଷ୍ମଣ ସାହୁ**

ସ୍ୱାଧୀନତା ହେଉଛି ଏକ ସ୍ୱତନ୍ତ୍ର ସ୍ଥାନ ଯେଉଁଠି ମଣିଷ'ର ନିଜସ୍ୱ ଶାସନ ବ୍ୟବସ୍ଥା ଓ ପ୍ରାଦେଶିକ ସାର୍ବଭୌମତ୍ୱ ରହିବ । ସ୍ୱାଧୀନତା ହେଉଛି ଅନ୍ୟମାନଙ୍କ କାମରେ ହସ୍ତକ୍ଷେପ ନକରି ନିଜର କାମ କରିବାର ଅଧିକାର । ସ୍ୱାଧୀନତା ହେଉଛି ଅନ୍ୟମାନଙ୍କ ଅଧିକାରରେ ହସ୍ତକ୍ଷେପ ନକରି ନିଜର ଅଧିକାରକୁ ପୂର୍ଣ୍ଣ ଭାବରେ ଉପଭୋଗ କରିବା । ସ୍ୱାଧୀନତା ହେଉଛି ଅନ୍ୟମାନଙ୍କ ଅଧିକାର କିମ୍ବା କାର୍ଯ୍ୟକଳାପରେ ହସ୍ତକ୍ଷେପ ନକରି ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବାର ଅଧିକାର । ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସମଗ୍ର ଭାରତୀୟ ଜନସଂଖ୍ୟା ସୁରକ୍ଷିତ ରଖିବା । ଧର୍ମ, ଜାତି, ଧର୍ମ ନିର୍ବିଶେଷରେ ସମଗ୍ର ଭାରତୀୟ ଜନସଂଖ୍ୟା ଏକର ପ୍ରତୀକ ହେବା । ମାନ୍ୟବର ମୋଦି ବାରମ୍ବାର ମନେ ପକାଇ ଦେଉଛନ୍ତି ଯେ ଜାତୀୟତାବାଦ କେବଳ ଏକ ଶବ୍ଦ ନୁହେଁ, ଏହା ଶହେ ଚାଳିଶ କୋଟି ଭାରତୀୟଙ୍କ ଏକତା, ଯେଉଁଠାରେ ଭାରତ ମାତା ପାଇଁ ଦେଶବାସୀଙ୍କ ହୃଦୟରେ ସ୍ୱାଧୀନତାର ଭାବନା ପ୍ରତିଦିନ ସ୍ପନ୍ଦିତ ହୁଏ । ପ୍ରଧାନମନ୍ତ୍ରୀ ୭୯ତମ ସ୍ୱାଧୀନତା ଦିବସ ପୂର୍ବରୁ ପୁଣି ଥରେ 'ହର ଘର ତରଙ୍ଗା' କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି । ଦେଶବାସୀଙ୍କୁ ମୋଦିଙ୍କ ଆହ୍ୱାନ, 'ଏଥର ହର ଘର ତରଙ୍ଗାକୁ ଏକ ଜନ ଆନ୍ଦୋଳନ ରେ ପରିଣତ କରନ୍ତୁ ।' ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଏକ ବ୍ୟାପକ, ସମନ୍ୱିତ ଜାତୀୟ ଓ ଆଞ୍ଚଳିକ ଆନ୍ଦୋଳନ ଥିଲା ଯାହା ଅହିଂସାତ୍ମକ , ବିପ୍ଳବୀ ଦର୍ଶନ ଓ ଭାରତୀୟ ରାଜନୈତିକ ସଂଗଠନ ଦ୍ୱାରା ପ୍ରଭାବିତ ହୋଇଥିଲା । ଏହା ଭାରତୀୟ ଉପମହାଦେଶରେ ବ୍ରିଟିଶ ଉପନିବେଶବାଦୀ ଶାସନ ତଥା ଅନ୍ୟାନ୍ୟ ଉପନିବେଶବାଦୀ ପ୍ରଶାସନର ଅନ୍ତ ଘଟାଇଥିଲା । ୧୪୯୮ ମସିହାରେ, ପର୍ତ୍ତୁଗୀଜ୍ ବ୍ୟବସାୟୀ ଭାସ୍କୋ ଡା ଗାମା ଲାଭଜନକ ମସଲା ବାଣିଜ୍ୟ ସନ୍ଧାନରେ ଭାରତର ପଶ୍ଚିମ ଉପକୂଳରେ କାଲିକଟ ବନ୍ଦରରେ ପହଞ୍ଚିଥିଲେ । ୧୭୫୭ ମସିହାରେ, ରବର୍ଟ କ୍ଲାଇଭଙ୍କ ନେତୃତ୍ୱରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ପଲାସି ଯୁଦ୍ଧରେ ବଙ୍ଗର ନବାବ ସିରାଜ-ଉଦ୍-ଦୌଲାଙ୍କୁ ପରାସ୍ତ କରି ବଙ୍ଗରେ କମ୍ପାନୀ ଶାସନ ପ୍ରତିଷ୍ଠା କରିଥିଲେ । ଏହାକୁ ଭାରତରେ ବ୍ରିଟିଶ ରାଜର ଆରମ୍ଭ ବୋଲି ବିବେଚନା କରାଯାଏ । ୧୭୬୫ ମସିହାରେ ବକ୍ସର ଯୁଦ୍ଧରେ ବିଜୟ ସହିତ, କମ୍ପାନୀ ବଙ୍ଗ, ବିହାର ଓ ଓଡ଼ିଶା ଉପରେ ପ୍ରଶାସନିକ ଅଧିକାର ଲାଭ କରିଥିଲା । ୧୮୩୯ ମସିହାରେ ମହାରାଜା ରଣଜିତ ସିଂହଙ୍କ ମୃତ୍ୟୁ ପରେ ଓ ପ୍ରଥମ ଇଂରାଜୀ-ଶିଖ ଯୁଦ୍ଧ (୧୮୪୫, ୧୮୪୬) ଓ ଦ୍ୱିତୀୟ ଇଂରାଜୀ-ଶିଖ ଯୁଦ୍ଧ (୧୮୪୮, ୧୮୪୯) ପରେ ସେମାନେ ପଞ୍ଜାବକୁ ନିଜ ସହିତ ମିଶାଇ ନେଇଥିଲେ । ୧୮୫୭ ପୂର୍ବରୁ ଭାରତର ବିଭିନ୍ନ ସ୍ଥାନରେ ବିଦେଶୀ ଶାସନ ବିରୁଦ୍ଧରେ ଅନେକ ଆଞ୍ଚଳିକ ଆନ୍ଦୋଳନ ବିକଶିତ ହୋଇଥିଲା । ଏହା ବ୍ୟତୀତ, ସେଗୁଡ଼ିକୁ ଏକତ୍ରିତ କରାଯାଇପାରିଲା ନାହିଁ ଓ ବିଦେଶୀ ଶାସକମାନଙ୍କ ଦ୍ୱାରା ସହଜରେ ନିୟନ୍ତ୍ରିତ କରାଯାଇଥିଲା । ଏପରିକି ୧୮୫୭ ମସିହାର ଭାରତୀୟ ବିଦ୍ରୋହ (ସିପାହୀ ବିଦ୍ରୋହ) ବ୍ରିଟିଶ ଶାସନ ବିରୁଦ୍ଧରେ ଉତ୍ତର ର୍ବମାନ ମଧ୍ୟ ଭାରତରେ ବିଦ୍ରୋହର ଏକ ସମୟ ଥିଲା । ଏହି ବିଦ୍ରୋହ ଭାରତୀୟ ସୈନିକ ଓ ସେମାନଙ୍କର ବ୍ରିଟିଶ ଅଧିକାରୀମାନଙ୍କ ମଧ୍ୟରେ ଦଶନ୍ଧି ଧରି ସାଂସ୍କୃତିକ ପାର୍ଥକ୍ୟରୁ ପରିଣାମ ସ୍ୱରୂପ ହୋଇଥିଲା । ଲର୍ଡ ଡାଲହାଉସିଙ୍କ ଆତ୍ମନିର୍ଣ୍ଣ ନୀତି, ଯାହା ଦିଲ୍ଲୀରୁ ମୋଗଲ ସାମ୍ରାଜ୍ୟକୁ ହଟାଇବା ଥିଲା, କିଛି ଜନସଂଖ୍ୟାକୁ କ୍ରୋଧିତ କରିଥିଲା । ସିପାହୀ ବିଦ୍ରୋହ ବିଶେଷ ଭାବରେ ଏହି କାରଣରୁ ହୋଇଥିଲା ଯେ ୧୮୫୩ ମସିହାରେ ବିକଶିତ .୫୫୭-କ୍ୟାଲିବର ଏନଫିଲ୍ଡ (ଚ/୫୩) ରାଇଫଲ୍ କାର୍ଟ୍ରିଜ୍ ଗାଇ ଓ ଘୁଷୁରୀ ଚର୍ବିରୁ ତିଆରି ହୋଇଥିଲା । ସୈନିକମାନଙ୍କୁ ସେମାନଙ୍କ ରାଇଫଲ୍‌ରେ ଲୋଡ୍ କରିବା ସମୟରେ କାର୍ଟ୍ରିଜ୍ କୁ ଦାନ୍ତରେ ଚୂର୍ଣ୍ଣ କରିବାକୁ ପଡୁଥିଲା । ହିନ୍ଦୁ ଓ ମୁସଲିମ ସୈନିକମାନଙ୍କ ପାଇଁ ସେମାନଙ୍କ ପାଟିରେ ଗାଇ ଓ ଘୁଷୁରୀ ଚର୍ବି ରଖିବା ଅଶୁଭ ବୋଲି ବିବେଚନା କରାଯାଉଥିଲା । ୧୮୫୭ ଫେବୃଆରୀରେ, ସିପାହୀମାନେ (ବ୍ରିଟିଶ ସେନାରେ ଭାରତୀୟ ସୈନିକ) ନୂତନ କାର୍ଟ୍ରିଜ୍ ବ୍ୟବହାର କରିବାକୁ ମନା କରିଦେଇଥିଲେ । ବ୍ରିଟିଶମାନେ ମହମ ଓ ଉଦ୍ଭିଦ ତେଲରୁ ତିଆରି ଏକ ବଦଳ କାର୍ଟ୍ରିଜ୍ ଦାବି କରିଥିଲେ । ୧୮୫୭ ମାର୍ଚ୍ଚ ୨୯ ରେ ମଙ୍ଗଳ ପାଣ୍ଡେଙ୍କ ନେତୃତ୍ୱରେ ବିଦ୍ରୋହ ବାରାକପୁରରେ ଆରମ୍ଭ ହୋଇଥିଲା ଓ ଶୀଘ୍ର ମିରଟ, ଦିଲ୍ଲୀ ତଥା ଭାରତର ଅନ୍ୟାନ୍ୟ ସ୍ଥାନରେ ବ୍ୟାପିଯାଇଥିଲା । ଏହା ସମଗ୍ର ବାଂଲାଦେଶରେ ଚରମ ଉତ୍ତେଜନା ସୃଷ୍ଟି କରିଥିଲା । ଚିଟାଗଙ୍ଗ ଓ ଢାକାରେ ପ୍ରତିରୋଧ ଓ ସିଲହଟ, ଯଶୋର, ରଙ୍ଗପୁର, ପାବନା ଏପରିକି ଦିନାଜପୁରରେ ବିକ୍ଷିପ୍ତ ଯୁଦ୍ଧ ବାଂଲାଦେଶକୁ ସତର୍କ ଉତ୍ତେଜନାପୂର୍ଣ୍ଣ କରିଥିଲା। ୧୯୪୭ ମସିହାରେ ସ୍ୱାଧୀନତା ଘୋଷଣା ବଢୁଥିବା ରାଜନୈତିକ ଉତ୍ତେଜନାର ଅନ୍ତ ଘଟାଇଲା । ତଥାପି, ଏହା ଆଉ ଏକ ହତ୍ୟାକାଣ୍ଡର କାରଣ ମଧ୍ୟ ହେଲା । ଭାରତ ଓ ପାକିସ୍ତାନର ବିଭାଜନ ଶାନ୍ତିପୂର୍ଣ୍ଣ ନଥିଲା ଓ ଫଳରେ ଅନେକ ଜୀବିକା ହରାଇଥିଲେ । ୧୫ ଅଗଷ୍ଟ ୧୯୪୭ରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଲାଲକିଲ୍ଲାର ଲାହୋରୀ ଫାଟକ ଉପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ୧୫ ଅଗଷ୍ଟରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବାର ଏହି ପ୍ରଥା ଏବେ ବି ଭାଷଣ ସହିତ ପ୍ରଚଳିତ । ସମ୍ପୂର୍ଣ୍ଣ ଅଧିବେଶନ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା, ଯାହାର ଆରମ୍ଭ ଉସ୍ତାଦ ବିସମିଲ୍ଲା ଖାନଙ୍କ ସଙ୍ଗୀତରୁ ହୋଇଥିଲା । ୧୯୩୦ ରୁ ୧୯୪୬ ମଧ୍ୟରେ, କଂଗ୍ରେସ ୨୬ ଜାନୁଆରୀକୁ ସ୍ୱାଧୀନତା ଦିବସ ଭାବରେ ପାଳନ କରିଥିଲା । ଅଂଶ ଗ୍ରହଣକାରୀମାନେ ସ୍ୱାଧୀନତାର ଶପଥ ନେଇଥିବା ବୈଠକଗୁଡ଼ିକ ଏହି ଅବସରରେ ପରିଚିତ ଥିଲା । ଜବାହରଲାଲ ନେହେରୁଙ୍କ ଆତ୍ମଜୀବନୀ ଅନୁଯାୟୀ, ଏପରି ବୈଠକଗୁଡ଼ିକ ନୀରବ, ଗମ୍ଭୀର ଏବଂ କୌଣସି ଭାଷଣ କିମ୍ବା ଉପଦେଶ ବିନା ଥିଲା । ମହାତ୍ମା ଗାନ୍ଧୀଙ୍କ ଅନୁସାରେ, ବୈଠକ ବ୍ୟତୀତ, ହିନ୍ଦୁ-ମୁସଲିମ ମିଳନ ଭଳି କିଛି ଗଠନମୂଳକ କାର୍ଯ୍ୟ ହେବ। ୧୯୪୭ ମସିହାରେ ଭାରତ ସ୍ୱାଧୀନତା ପରେ, ଭାରତୀୟ ସମ୍ବିଧାନ ୧୯୫୦ ଜାନୁଆରୀ୨୬ ରେ କାର୍ଯ୍ୟକାରୀ ହୋଇଥିଲା । ଏହାକୁ ଗଣତନ୍ତ୍ର ଦିବସ ଭାବରେ ସ୍ୱୀକୃତି ଦିଆଯାଇଥିଲା । ୧୯୪୬ ମସିହାରେ ବ୍ରିଟିଶ ଲେବର ସରକାର ଅନୁଭବ କରିଥିଲେ ଯେ ଏକ ଅସ୍ଥିର ଭାରତ ଉପରେ ନିୟନ୍ତ୍ରଣ ବଜାୟ ରଖିବା ଆବଶ୍ୟକ । ଘରୋଇ ସମର୍ଥନ, ଆନ୍ତର୍ଜାତୀୟ ସମର୍ଥନ ଓ ଘରୋଇ ଶକ୍ତିର ନିର୍ଭରଯୋଗ୍ୟତା ଅଭାବରୁ, ସଦ୍ୟ ସମାପ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏହାର ରାଜକୋଷକୁ ଶୂନ୍ୟ କରିଦେଇଥିଲା । ୧୯୪୭ ଜୁନ୍ ୩ ରେ, ବ୍ରିଟିଶ ସରକାର ଘୋଷଣା କଲେ ଯେ ସେ ବ୍ରିଟିଶ ଭାରତକୁ ଦୁଇଟି ରାଜ୍ୟରେ ବିଭକ୍ତ କରିବାକୁ ରାଜି ହୋଇଗଲେ । ଯାହା ଫଳରେ ଉତ୍ତରାଧିକାରୀ ସରକାରଗୁଡ଼ିକୁ ପ୍ରଭୁତ୍ୱ ମାନ୍ୟତା ଓ ବ୍ରିଟିଶ କମନୱେଲଥ ଛାଡିବାର ଅନ୍ତର୍ନିହିତ ଅଧିକାର ମିଳିବ । ନୂତନ ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ କ୍ଷମତା ହସ୍ତାନ୍ତର ପାଇଁ ତାରିଖ ଆଗକୁ ଆଣିଥିଲେ । କାରଣ ସେ ଭାବିଥିଲେ ଯେ କଂଗ୍ରେସ ଓ ମୁସଲିମ ଲିଗ ମଧ୍ୟରେ ଚାଲିଥିବା ସଂଘର୍ଷ ମଧ୍ୟବର୍ତ୍ତୀକାଳୀନ ପ୍ରଶାସନର ପତନ ଘଟାଇପାରେ । ସେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ଆତ୍ମସମର୍ପଣର ଦ୍ୱିତୀୟ ବାର୍ଷିକୀ, ଅଗଷ୍ଟ ୧୫ ରେ କ୍ଷମତା ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ । ଭାରତ ଓ ପାକିସ୍ତାନ ବିଭାଜନ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକାର ଘୋର କ୍ଷତି କରିଥିଲା। ସ୍ୱାଧୀନତା ସମୟରେ, ଅନେକ ମୁସଲମାନ, ଶିଖ ଓ ହିନ୍ଦୁ ଶରଣାର୍ଥୀ ସୀମା ପାର କରିଥିଲେ । ଦୁଇଟି ରାଜ୍ୟ ଅଲଗା ହେବା ପରେ, ପଞ୍ଜାବ ସୀମାରେ ପ୍ରଚୁର ରକ୍ତପାତ ହୋଇଥିଲା । ସୀମାର ଉଭୟ ପାର୍ଶ୍ୱରେ ହିଂସା ଯୋଗୁଁ ବହୁ ସଂଖ୍ୟକ ଲୋକ ମୃତ୍ୟୁବରଣ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଉପସ୍ଥିତି ଯୋଗୁଁ ବଙ୍ଗଳା ଓ ବିହାରର ପରିସ୍ଥିତି ନିୟନ୍ତ୍ରଣରେ ଥିଲା । ନୂଆଦିଲ୍ଲୀର ସମ୍ବିଧାନ ସଭାରେ ଅନୁଷ୍ଠିତ ଭାରତୀୟ ସମ୍ବିଧାନ ସଭାର ପଞ୍ଚମ ଅଧିବେଶନରେ, ଜବାହରଲାଲ ନେହେରୁ ଭାରତର ସ୍ୱାଧୀନତା ଘୋଷଣା କରିଥିଲେ । ଭାରତର ପ୍ରଥମ ରାଷ୍ଟ୍ରପତି ଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ । ସେମାନେ ସଠିକ ମନୋଭାବ ସହିତ ଦେଶ ସେବା କରିବାକୁ ଶପଥ ନେଇଥିଲେ । ଭାରତ ଏକ ସ୍ୱାଧୀନ ଦେଶ ହୋଇଥିଲା, ଓ ଦିଲ୍ଲୀରେ ଅନେକ ଆନୁଷ୍ଠାନିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜବାହରଲାଲ ନେହେରୁ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିଥିଲେ, ସେତେବେଳେ ଲର୍ଡ ମାଉଣ୍ଟବ୍ୟାଟେନ ସ୍ୱାଧୀନ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ଥିଲେ । ମହାତ୍ମା ଗାନ୍ଧୀ କୌଣସି ଆନୁଷ୍ଠାନିକ ଉତ୍ସବରେ ଯୋଗ ଦେଇ ନଥିଲେ, ବରଂ ସେ ୨୪ ଘଣ୍ଟା ଉପବାସ ରଖିଥିଲେ ଏବଂ କୋଲକାତାରେ ହିନ୍ଦୁ ଓ ମୁସଲମାନ ମଧ୍ୟରେ ଭାଇଚାରା ଉପରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ । ସ୍ମରଣଯୋଗ୍ୟ ସେହି ସମୟରେ ଯଦି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥାଆନ୍ତେ ସେ ହିଁ ଦେଶର ଦାୟିତ୍ୱ ନେଇଥାନ୍ତେ, ତେବେ ସମଗ୍ର ଦେଶର ମୁହଁ ବଦଳି ଯାଇଥାନ୍ତା । ତେଣୁ ତାଙ୍କ ନିଖୋଜର ରହସ୍ୟ ସ୍ୱାଧୀନତାର ଆନନ୍ଦକୁ ଆହୁରି ଟିକେ ତିକ୍ତ କରିଦେଇଥିଲା । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ନାମକୁ ଉଚ୍ଚ ଉଚ୍ଚତାରେ ପହଞ୍ଚାଉଛନ୍ତି । ତାଙ୍କର ଦକ୍ଷ ନେତୃତ୍ୱ ଭାରତକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଆଜି, ଏହା ହିଁ ତାଙ୍କର ନେତୃତ୍ୱ ଯାହା ଭାରତରେ ପାଳନ କରାଯିବ। ୭୯ତମ ସ୍ୱାଧୀନତା ଦିବସ ଭାରତର ସାର୍ବଭୌମତ୍ୱର ଶପଥ ଅକ୍ଷୁର୍ଣ୍ଣ ରହୁ । କେବଳ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ହିଁ ପ୍ରତ୍ୟେକ ଭାରତୀୟଙ୍କ ଜାତୀୟତାବାଦୀ ଭାବନାକୁ ରକ୍ଷା କରିପାରିବ । ତାଙ୍କ ନେତୃତ୍ୱରେ, ପ୍ରତ୍ୟେକ ଭାରତୀୟ ମ ରାତିରେ ଶାନ୍ତିରେ ଶୋଇପାରିବେ। କାରଣ ମୋଦି ଦେଶବାସୀଙ୍କ ସୁରକ୍ଷା ପାଇଁ ଅଛନ୍ତି । ତାଙ୍କ ନେତୃତ୍ୱରେ, ଗୃହ ବିଭାଗ ଭାରତର ଅଖଣ୍ଡତା ବଜାୟ ରଖିବା ପାଇଁ ସର୍ବଦା ସତର୍କ ରହିଛି ବୋଲି କୁହାଯାଇପାରେ...!!!



*ଅଧ୍ୟକ୍ଷ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ*
*ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ*
*ମୋ: ୯୦୪୦ ୧୫୧୪୭୫*

# ସ୍ୱାଧୀନତାର ପ୍ରକୃତ ମୂଲ୍ୟ



**■ ଲଳିତ ମୋହନ ମିଶ୍ର**

ସ୍ୱାଧୀନତା ଦିବସର କିଛି ଦିନ ପୂର୍ବରୁ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶିକ୍ଷକ ପିଲାମାନଙ୍କୁ ପଚାରିଲେ, ପିଲେ କୁହ ! ସ୍ୱାଧୀନତାର ପ୍ରକୃତ ମୂଲ୍ୟ କ'ଣ ? ଶ୍ରେଣୀଗୃହରେ କିଛି ସମୟ ପାଇଁ ନୀରବତା ଖେଳିଗଲା । କିଛି ସମୟ ପରେ ଜଣେ ଛାତ୍ର ଠିଆ ହୋଇ କହିଲା, ସାର୍ ! ଆମକୁ ତ ଜନ୍ମରୁ ସ୍ୱାଧୀନତା । ଏହାର ମୂଲ୍ୟ କିପରି ଆମେ ଜାଣିବୁ ? ଶିକ୍ଷକ ଟିକିଏ ହସିଦେଲେ। ସେ ପିଞ୍ଜରାରେ ବନ୍ଦ ଥିବା ଗୋଟିଏ ଶୁଆକୁ ପିଲାମାନଙ୍କ ସାମ୍ନାରେ ଆଣି ରଖିଲେ। ଶୁଆଟି ବାରମ୍ବାର ଡେଣା ଝାଡୁଥିଲା, ଲୁହା କବାଟ ସେ ପାଖରୁ ବାହାରକୁ ଚାହୁଁଥିଲା ଏବଂ ଉଡ଼ିବାକୁ ଚେଷ୍ଟା କରୁଥିଲା। କିଛି ସମୟ ପରେ ଶିକ୍ଷକ ପିଞ୍ଜରାର ଦ୍ୱାର ଖୋଲିଦେଲେ। ଶୁଆଟି ଗୋଟିଏ ମୁହୂର୍ତ୍ତ ହେଲେ ଅଟକିଲା ନାହିଁ । ସେ ଖୋଲା ଆକାଶକୁ ଉଡ଼ିଗଲା। ପିଲାମାନଙ୍କ ଆଖି ସେହି ଉଡ଼ାଣକୁ ପିଛା କରୁଥିଲା। ଶିକ୍ଷକ କହିଲେ, ଯେଉଁଭଳି ଏହି ପକ୍ଷୀଟି ପାଇଁ ଖୋଲା ଆକାଶ ସବୁଠାରୁ ବଡ଼ ସୁଖଥିଲା । ସେହିଭଳି ମଣିଷ ପାଇଁ ସ୍ୱାଧୀନତା ସବୁଠାରୁ ବଡ଼ ଅଧିକାର। ଫରକ କେବଳ ଏତିକି ଯେ ଆମର ସ୍ୱାଧୀନତା ଲକ୍ଷ ଲକ୍ଷ ବୀରଙ୍କ ବଳିଦାନରୁ ମିଳିଛି। କିଏ ଲାଠି ମାଡ଼ ଖାଇଛି, କିଏ ବର୍ଷ ବର୍ଷ ଧରି ଜେଲ୍?ରେ ରହିଛି । କିଏ ଫାସି ଖୁଣ୍ଟରେ ଝୁଲି ନିଜକୁ ବଳବାନ ଦେଇଛି। ଅସଂଖ୍ୟ ମାଆ ନିଜର ସନ୍ତାନଙ୍କୁ ଦେଶ ପାଇଁ ଉତ୍ସର୍ଗ କରିଦେଇଛନ୍ତି। ସଭା ଶେଷ ହେବା ପରେ ସମସ୍ତ ପିଲା ତ୍ରିରଙ୍ଗା ସାମ୍ନାରେ ଛିଡ଼ା ହୋଇ ଏକ ସ୍ୱରରେ ସଂକଳ୍ପ ନେଲେ - ଆମେ ଏହି ସ୍ୱାଧୀନତା ଦିବସର ସମ୍ମାନ କରିବୁ । ନିଜ କର୍ତ୍ତବ୍ୟ ପାଳନ କରିବୁ ଏବଂ ଏପରି କୌଣସି କାର୍ଯ୍ୟ କରିବୁ ନାହିଁ ଯାହା ଦ୍ୱାରା ଆମ ଦେଶର ଗୌରବକୁ ଆଘାତ ଆସିବ। ସେହିଦିନ ପିଲାମାନେ କେବଳ ତ୍ରିରଙ୍ଗା ପତକା ଉଡ଼ାଇଲେ ନାହିଁ, ବରଂ ନିଜ ହୃଦୟରେ ସଦା ଅନୁଭବ କଲେ । ସେମାନେ ଜାଣିଲେ ସ୍ୱାଧୀନତା କୌଣସି ଉପହାର ନୁହେଁ, ବରଂ ଅସଂଖ୍ୟ ବଳିଦାନରୁ ମିଳିଥିବା ଏକ ଅମୂଲ୍ୟ ସମ୍ପତ୍ତି । ସ୍ୱାଧୀନତା କୌଣସି ବସ୍ତୁ ନୁହେଁ, ଏହା ଅଜ୍ଞାନତା, ଅନ୍ଧବିଶ୍ୱାସ ଓ କ୍ଷୁଦ୍ରତାରୁ ମୁକ୍ତ ହୋଇ ଭଲ କଥାକୁ ଗ୍ରହଣ କରିବାର ଏକ କ୍ଷମତା ହିଁ ସ୍ୱାଧୀନତା। ସେ ଆମକୁ ଆତ୍ମକେନ୍ଦ୍ରିକ କରେ ନାହିଁ ବରଂ ସ୍ୱାଧୀନତା ସମଗ୍ର ଜଗତ ସହିତ ଯୋଡ଼ିଦିଏ ସହାନୁଭୂତିରେ ।ସ୍ୱାଧୀନତା କେବଳ ଏକ ରାଜନୈତିକ ଶବ୍ଦ ନୁହେଁ, ବରଂ ଏହା ମାନବ ଆତ୍ମାର ଏକ ଶାଶ୍ୱତ ଆକାଂକ୍ଷା । ସାଧାରଣ ଅର୍ଥରେ ସ୍ୱାଧୀନତା ବୋଲି କହିଲେ ଆମେ ବାହ୍ୟ ପରାଧୀନତାରୁ ମୁକ୍ତି, ଶୃଙ୍ଖଳହୀନତା କିମ୍ବା ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବାର ଅଧିକାରକୁ ବୁଝିଥାଉ । ଦାର୍ଶନିକ ଦୃଷ୍ଟି କୋଣରୁ ଅବଲୋକନ କଲେ, ସ୍ୱାଧୀନତାର ଅର୍ଥ ଅନେକ ବ୍ୟାପକ, ଗଭୀର ଓ ଆଧ୍ୟାତ୍ମିକ। ସ୍ୱାଧୀନତାର ପ୍ରକୃତ ମୂଲ୍ୟ କେବଳ ଭୌତିକ ସୀମା ପାରି ହେବାରେ ନୁହେଁ ବରଂ ଏହା ଆତ୍ମ-ସଂଯମ, ଦାୟିତ୍ୱବୋଧ ଏବଂ ଚେତନାର ବିକାଶ ସହିତ ଗଭୀର ଭାବେ ଜଡ଼ିତ। ପ୍ରକୃତିର ପ୍ରତ୍ୟେକ ସୃଷ୍ଟି ଏକ ନିର୍ଦ୍ଧାରିତ ନିୟମ ଭିତରେ ପରିଚାଳିତ। ସୂର୍ଯ୍ୟ, ଚନ୍ଦ୍ର, ନଦୀ ସମସ୍ତେ ଆପଣା ନିୟମରେ ବନ୍ଧା । କିନ୍ତୁ ମାନବ ଚେତନାକୁ ବିଚାର ଓ ବିବେକର ସ୍ୱାଧୀନତା ଦିଆଯାଇଛି। ସ୍ୱେଚ୍ଛାଚାରିତା ଏବଂ ସ୍ୱାଧୀନତା ମଧ୍ୟରେ ଏକ ସୂକ୍ଷ୍ମ ପାର୍ଥକ୍ୟ ରହିଛି। ସ୍ୱେଚ୍ଛାଚାରିତା ମଣିଷକୁ ଆପଣାର କାମନା ଓ ବାସନାର ଦାସ କରିଦିଏ, ଯାହା ପ୍ରକୃତରେ ଏକ ପ୍ରକାର ଆଭ୍ୟନ୍ତରୀଣ ପରାଧୀନତା। ପ୍ରକୃତ ସ୍ୱାଧୀନତା ସେତେବେଳେ ପ୍ରକାଶ ପାଏ, ଯେତେବେଳେ ମଣିଷ ନିଜର ଅହଂ, ଲୋଭ ଓ ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ବସୁଧୈବ କୁଟୁମ୍ବକମ୍?ର ଭାବନାକୁ ଗ୍ରହଣ କରେ। ସ୍ୱାଧୀନତାର ଦ୍ୱିତୀୟ ସୂତ୍ର ହେଉଛି ଦାୟିତ୍ୱ। ବିନା ଦାୟିତ୍ୱବୋଧରେ ସ୍ୱାଧୀନତା କେବଳ ଶୃଙ୍ଖଳାହୀନତା ବା ବିଶୃଙ୍ଖଳା ସୃଷ୍ଟି କରେ। ଜଣଙ୍କର ସ୍ୱାଧୀନତା ଯେପରି ଅନ୍ୟ ଜଣଙ୍କର ଅଧିକାରକୁ କ୍ଷୁଣ୍ଣ ନକରେ, ସେଥିପ୍ରତି ସଚେତନ ରହିବା ନୈତିକ ସ୍ୱାଧୀନତାର ମୂଳଦୁଆ । ଆତ୍ମ-ଶାସନ ହିଁ ସ୍ୱାଧୀନତାର ସର୍ବୋତ୍ତମ ରୂପ। ଯେଉଁ ବ୍ୟକ୍ତି ନିଜ ମନ, ଇନ୍ଦ୍ରିୟ ଓ ଚିନ୍ତାଧାରାକୁ ସଂଯମ ଭିତରେ ରଖିପାରେ, ସେ ହିଁ ସତ୍ୟାର୍ଥରେ ସ୍ୱାଧୀନ। ଗାନ୍ଧୀଜୀଙ୍କ ଅହିଂସା ଓ ସତ୍ୟାଗ୍ରହ ଦର୍ଶନରେ ସ୍ୱାଧୀନତା କେବଳ ଗୋରା ଶାସକଙ୍କୁ ହଟାଇବା ନଥିଲା, ବରଂ ସ୍ୱରାଜ ବା ନିଜ ଉପରେ ନିଜର ଶାସନ ପ୍ରତିଷ୍ଠା କରିବା । ସେହିପରି ଭାରତୀୟ ଦର୍ଶନରେ ସ୍ୱାଧୀନତାକୁ ମୋକ୍ଷ ବା ମୁକ୍ତି ସହ ତୁଳନା କରାଯାଇଛି, ଯାହା ମାୟା ଭୟ ଓ ସଂଶୟରୁ ଚେତନାର ଅତୀତ ହେବାକୁ ବୁଝାଏ। ସ୍ୱାଧୀନତାର ଚିନ୍ତନକୁ ଆଉ ଟିକିଏ ଗଭୀରକୁ ନେଲେ, ଏହାର ଦୁଇଟି ମୁଖ୍ୟ ଦିଗ ଆମ ସମ୍ମୁଖକୁ ଆସିଥାଏ - ବାହ୍ୟ ସ୍ୱାଧୀନତା ଏବଂ ଆଭ୍ୟନ୍ତରୀଣ ସ୍ୱାଧୀନତା । ବାହ୍ୟ ସ୍ୱାଧୀନତା କେବଳ କୌଣସି ପ୍ରତିବନ୍ଧକ, ଶାସନ କିମ୍ବା ନିୟମର ମୁକ୍ତିକୁ ଦର୍ଶାଏ, ଯାହା ଅନେକ ସମୟରେ ଅପୂର୍ଣ୍ଣ । ମାତ୍ର ଆଭ୍ୟନ୍ତରୀଣ ସ୍ୱାଧୀନତା ମଣିଷକୁ ନିଜର ସତ୍ତା, ସୃଜନଶୀଳତା ଓ ପୂର୍ଣ୍ଣତାର ବିକାଶ କରିବାକୁ ପଥ ପ୍ରଦର୍ଶନ କରେ। ସ୍ୱାଧୀନତାର ବୃହତ୍ତମ ଶତ୍ରୁ ହେଉଛି ଭୟ । ମନୁଷ୍ୟ ଯେ ପର୍ଯ୍ୟନ୍ତ ନିନ୍ଦା, କ୍ଷତି, ଅସୁରକ୍ଷା କିମ୍ବା ଅନ୍ୟର ବିଚାର ପ୍ରତି ଭୀତ ହୋଇ ରହିଥାଏ, ସେ ପର୍ଯ୍ୟନ୍ତ ବାହ୍ୟତଃ ସ୍ୱାଧୀନ ହେଲେ ବି ଆଭ୍ୟନ୍ତରୀଣ ଭାବେ ବନ୍ଦୀ। କବିବର ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ - ଚିତ୍ତ ଯେଉଁଠି ଭୟହୀନ, ଶିର ଯେଉଁଠି ଉଚ୍ଚ... ସେହି ଅବସ୍ଥା ହିଁ ସ୍ୱାଧୀନତାର ପ୍ରକୃତ ପରିପ୍ରକାଶ। ଚିନ୍ତାର ନିର୍ଭୀକତା ଏବଂ ସତ୍ୟକୁ ଗ୍ରହଣ କରିବାର ସାହସ ନଥିଲେ ସ୍ୱାଧୀନତା କେବଳ ଏକ ଶୂନ୍ୟ ଆସ୍ଫାଳନରେ ପରିଣତ ହୁଏ। ସଂସ୍କୃତି, ଜାତି, ଧର୍ମ ଓ ଭାଷାର ସୀମା ଭିତରେ ବାନ୍ଧି ହୋଇ ରହିବା ଆତ୍ମାର ସ୍ୱାଧୀନତାକୁ ସଙ୍କୁଚିତ କରେ। ଜଣେ ଦାର୍ଶନିକଙ୍କ ଦୃଷ୍ଟିରେ ସ୍ୱାଧୀନତା ହେଉଛି ଆପଣା ଅହଂରୁ ବିସ୍ତାରିତ ହୋଇ ଚେତନାକୁ ମାନବଜାତିର କଲ୍ୟାଣ ସହ ଯୋଡ଼ିବା। ସେହିପରି ଆମ ଅତୀତର ସଂସ୍କାର, ଆଗ୍ରହ-ବିଦ୍ୱେଷ ଓ ପୂର୍ବଗ୍ରହ ରୁ ମୁକ୍ତି ପାଇବା ହିଁ ଚିନ୍ତାର ସ୍ୱାଧୀନତା। ଯେତେବେଳେ ମଣିଷ ନିଜର ସଂକୀର୍ଣ୍ଣ ବିଚାରଧାରାରୁ ଉର୍ଦ୍ଧ୍ୱକୁ ଉଠି ସଂସାରକୁ ଏକ ନିରପେକ୍ଷ ଓ କରୁଣାପୂର୍ଣ୍ଣ ଦୃଷ୍ଟିରେ ଦେଖିପାରେ, ସେତେବେଳେ ସେ ସ୍ୱାଧୀନତାର ଆନନ୍ଦ ଅନୁଭବ କରେ। ସ୍ୱାଧୀନତାର ସାରବତ୍ତା କେବଳ ମୁକ୍ତ ଚିନ୍ତାରେ ସୀମିତ ନୁହେଁ, ଏହା ଆମ ସୃଜନଶୀଳତାରେ ମଧ୍ୟ ପ୍ରତିଫଳିତ ହୁଏ। ନିଜର ଆତ୍ମପ୍ରକାଶ, କଳା, ସାହିତ୍ୟ ଏବଂ ମାନବିକ ମୂଲ୍ୟବୋଧର ବିକାଶ ପାଇଁ ସ୍ୱାଧୀନତା ଏକ ଅପରିହାର୍ଯ୍ୟ ପରିବେଶ ସୃଷ୍ଟି କରେ। ସ୍ୱାଧୀନତା ମଣିଷକୁ ଏକ ଯନ୍ତ୍ରରୁ ସଚେତନ ଆତ୍ମାରେ ପରିଣତ କରେ। ତେଣୁ ସ୍ୱାଧୀନତା ଏକ ସ୍ଥିର ସ୍ଥିତି ନୁହେଁ, ଏହା ଏକ ନିରନ୍ତର ସାଧନା। ଏହା ଆମକୁ ଅନୁଶାସନ ସହ ସ୍ୱଚ୍ଛନ୍ଦତା, ଦାୟିତ୍ୱ ସହ ଅଧିକାର ଏବଂ ସଂଯମ ସହ ସୃଜନଶୀଳତାର ସମନ୍ୱୟ ଶିଖାଏ। ପ୍ରକୃତ ସ୍ୱାଧୀନତା ହେଉଛି ଆତ୍ମ-ସଚେତନତା ଓ ପରମ ସତ୍ୟର ଆବିଷ୍କାର । ଯାହା ମଣିଷକୁ ସମସ୍ତ ବନ୍ଧନରୁ ମୁକ୍ତ କରି ଶାଶ୍ୱତ ଶାନ୍ତି ପ୍ରଦାନ କରେ। ସ୍ୱାଧୀନତାର ପ୍ରକୃତ ମୂଲ୍ୟ କୌଣସି ଅଧିକାର ଛଡ଼ାଇ ଆଣିବାରେ ନାହିଁ, ବରଂ ଅନ୍ୟର ସ୍ୱାଧୀନତାକୁ ସମ୍ମାନ ଦେବା ଏବଂ ସତ୍ୟ ଓ ନ୍ୟାୟର ମାର୍ଗରେ ଚାଲିବା । ଯେତେବେଳେ ବ୍ୟକ୍ତି ବାହ୍ୟ ପୃଥିବୀର ପ୍ରଭାବରୁ ମୁକ୍ତ ହୋଇ ଆପଣାର ଅନ୍ତରାତ୍ମାର ଆହ୍ୱାନକୁ ଶୁଣିପାରେ ଏବଂ ସମାଜର କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରେ, ସେତେବେଳେ ସ୍ୱାଧୀନତାର ପ୍ରକୃତ ମହିମା ପ୍ରକାଶିତ ହୁଏ। ସ୍ୱାଧୀନତା ଏକ ଉପହାର ନୁହେଁ, ଏହା ଏକ ଦାୟିତ୍ୱ ଓ ନିରନ୍ତର ସାଧନା।

*ଅରବିନ୍ଦ ନଗର-ନୟାଗଡ଼*
*ମୋ-୯୪୩୭୯୮୫୮୬୬*







# ସାକ୍ଷୀଗୋପାଳ କଲେଜରେ ଘରେ ଘରେ ତ୍ରିରଙ୍ଗା ପଦଯାତ୍ରା



**ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ):** ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଯୁବ ରେଡକ୍ରସ ବିଭାଗ ଉଦ୍ୟମରେ ଶୁକ୍ରବାର ଘରେ ଘରେ ତ୍ରିରଙ୍ଗା ପଦଯାତ୍ରା ପାଳିତ ହୋଇଯାଇଛି। କଲେଜ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରାଯାଇ ଥିଲା । ମାତୃଭୂମି ପ୍ରତି ଭଲପାଇବା ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଉପଲକ୍ଷେ, କଲେଜର ଶହ ଶହ ଛାତ୍ରଛାତ୍ରୀମାନେ ଏହି ପଦଯାତ୍ରାରେ ଜାତୀୟ ପତାକା ହାତରେ ଧରି ଯୋଗଦାନ ଦେଇ ଦେଶାତ୍ମବୋଧକ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ଯାତ୍ରାଟିକୁ ସଫଳ କରାଇଥିଲେ ଓ ଉକ୍ତ ପଦଯାତ୍ରାଟି କଲେଜର ଅଧକ୍ଷ ଶ୍ରୀ ଅଜୟ କୁମାର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଓ ପୂର୍ବ ସୂରୀ ମାନଙ୍କ ଅସୀମ ତ୍ୟାଗ ତପସ୍ୟା ବଳୀଦାନରେ ଆମଦେଶ ସ୍ୱାଧୀନତା ପାଇଛି । ଦେଶ ଆମଠାରୁ ବହୁତ କିଛି ଆଶାକରେ ବୋଲି ଅଧ୍ୟକ୍ଷ ପଥପ୍ରାନ୍ତ ସଭାରେ ମତପ୍ରକାଶ କରିଥିଲେ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ଓ ସମଗ୍ର କାର୍ଯ୍ୟକ୍ରମଟିକୁ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା,ସ୍କାଉଟ୍ ଗାଇଡ୍ ଏବଂ ଫିଟ୍ ଓଡିଶା ଅଧୀନରେ ଥିବା କଲେଜର ସମସ୍ତ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ମାନେ ସହଯୋଗ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ।

# ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ଦିବସ



**ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ):** ସତ୍ୟବାଦୀ ବନ ବିଦ୍ୟାଳୟର ୧୧୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ମାଲ୍ୟାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଏଥିରେ ଅଧ୍ୟକ୍ଷତା କରି ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ସହିତ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ , ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ମିଶ୍ରଙ୍କ ପ୍ରଚେଷ୍ଟାରେ ତତକାଳୀନ ବନବିଦ୍ୟାଳୟର ଗରିମା ସାରା ଦେଶରେ ବିକଶିତ ହୋଇଥିଲା ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଉତ୍କଳମଣିଙ୍କ ଦ୍ୱାରା ଲିଖିତ ବନ୍ଦୀର ଆତ୍ମକଥା ଛାତ୍ରଛାତ୍ରୀମାନେ ସମବେତ ଗାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ । ପଞ୍ଚସଖାଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଥିଲା ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ହର୍ ଘର୍ ତ୍ରିରଙ୍ଗା' ଶୋଭାଯାତ୍ରା

**କୋଣାର୍କ(ଅମୃତ ମିଡିଆ):** ଆସନ୍ତା ଅଗଷ୍ଟ ୧୫ ତାରିଖରେ ଦେଶ ପାଳନ କରିବାକୁ ଯାଉଛି ୮୦ତମ ସ୍ୱାଧୀନତା ଦିବସ। ଏହି ଅବସରରେ ସାରା ଦେଶ ସମେତ ଓଡ଼ିଶାରେ ମଧ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ନେଇ ଦେଶପ୍ରେମର ପରିବେଶ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଲୋକଙ୍କ ମଧ୍ୟରେ ଜାତୀୟ ପତାକା ପ୍ରତି ସମ୍ମାନ ଓ ଦେଶପ୍ରେମର ଭାବନାକୁ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ କାକଟପୁର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ 'ହର ଘର ତ୍ରିରଙ୍ଗା' ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କାକଟପୁର ନିର୍ବାଚନମଣ୍ଡଳୀର ବିଜେପି ନେତା ବାଇଧର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା ନୟାହାଟ ଛକରୁ ଆରମ୍ଭ ହୋଇଥିଲା। ପରେ ଶୋଭାଯାତ୍ରା ପାଣିଛତ୍ର, ବଲରା, କାକଟପୁର, କୁହୁଡ଼ି ଓ ଅସ୍ତରଙ୍ଗ ଆଦି ପ୍ରମୁଖ ଛକ



ଦେଇ ପରିକ୍ରମା କରି ଅସ୍ତରଙ୍ଗ ସ୍ଥିତ ମା' ଜାଗୁଳାଇଙ୍କ ପୀଠରେ ପହଞ୍ଚି ସମାପ୍ତ ହୋଇଥିଲା। ଶୋଭାଯାତ୍ରାରେ ଶତାଧିକ ବିଜେପି କର୍ମୀ ଓ ସମର୍ଥକ ହାତରେ ତ୍ରିରଙ୍ଗା ଧରି ଯୋଗ ଦେଇଥିଲେ। ଦେଶପ୍ରେମର ଭାବନାରେ ଉଦ୍‌ବୁଦ୍ଧ ହୋଇ କର୍ମୀମାନେ ବିଭିନ୍ନ ଦେଶାତ୍ମବୋଧକ ବାର୍ତ୍ତା ପ୍ରଚାର କରିବା ସହ ଜାତୀୟ ପତାକାର ଗୌରବ ଓ ସମ୍ମାନ ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ପୁରୀ ଜିଲ୍ଲା ଯୁବ ବିଜେପି ସମ୍ପାଦକ ପ୍ରିୟବ୍ରତ ବିଶ୍ୱାଳ, ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ଅଧିକାରୀ ବେହେରା, ଇନ୍ଦ୍ରମଣି ଜେନା, ପ୍ରଭଞ୍ଜନ ଦାସ, ଶିବରାମ ପ୍ରଧାନ, ରମାବଲ୍ଲଭ ପ୍ରଧାନ, ବାପି ସ୍ୱାଇଁ, ସୁବ୍ରତ ସ୍ୱାଇଁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, ଯୁବମୋର୍ଚ୍ଚାର ସଦସ୍ୟ ଓ ବିଜେପି କର୍ମୀ ଯୋଗଦେଇଥିଲେ। ଶୋଭାଯାତ୍ରାକୁ ନେଇ ଅଞ୍ଚଳରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିବାବେଳେ ତ୍ରିରଙ୍ଗା ପତାକା ଧରି ବିଜେପି କର୍ମୀଙ୍କ ଏହି ଯାତ୍ରା ସ୍ୱାଧୀନତା ଦିବସ ପୂର୍ବରୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରଦାନ କରିଥିଲା।

### ||| ପିପିଲିରେ ଦେଶଭକ୍ତିର ରଙ୍ଗ |||

# ଘରେ ଘରେ ତ୍ରିରଙ୍ଗା

## ୮୦ ମିଟର ଜାତୀୟ ପତାକା ସହ ବିଶାଳ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ ସାଂସଦ ଓ ବିଧାୟକ



**ପିପିଲି(ଅମୃତ ମିଡିଆ):** ତ୍ରିରଙ୍ଗା ରଙ୍ଗରେ ରଙ୍ଗୀନ ହେଲା ପିପିଲି ଡେଲାଙ୍ଗ। ହାତରେ ତ୍ରିରଙ୍ଗା, ମୁହଁରେ ଦେଶପ୍ରେମର ଉତ୍ସାହ ଏବଂ 'ଭାରତ ମାତା କୀ ଜୟ' ଧ୍ୱନିରେ କମ୍ପିଲା ପରିବେଶ। ଡେଲାଙ୍ଗ-ପିପିଲି ଅଞ୍ଚଳରେ ଅନୁଷ୍ଠିତ ହୋଇଛି ବିଶାଳ ତ୍ରିରଙ୍ଗା ଯାତ୍ରା। ପ୍ରଧାନମନ୍ତ୍ରୀଙ୍କ 'ହର ଘର ତ୍ରିରଙ୍ଗା' ଆହ୍ୱାନକୁ ନେଇ ଆୟୋଜିତ ଏହି ଯାତ୍ରାରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଶତାଧିକ ଯୁବକ-ଯୁବତୀ, ସ୍କୁଲ , ଏନସିସି, କଲେଜ ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଥିଲେ। ପିପିଲି ହାଇସ୍କୁଲ ଠାରୁ ଏହି ଯାତ୍ରା ଆରମ୍ଭ ହୋଇ ପିପିଲି ବଜାର ପରିକ୍ରମା କରି ଜବାହର ବିଦ୍ୟାପୀଠ ପର୍ଯ୍ୟନ୍ତ ଯାଇଥିଲା। ଯାତ୍ରାରେ ୮୦ ମିଟର ଲମ୍ବର ବିଶାଳ ଜାତୀୟ ୨ଟି ପତାକା ପ୍ରମୁଖ ଆକର୍ଷଣ ପାଲଟିଥିଲା। ଏହି ଅବସରରେ ସାଂସଦ ଓ ବିଧାୟକ ହାତରେ ତ୍ରିରଙ୍ଗା ପତାକା ଧରି ଏହି ଯାତ୍ରାରେ ସାମିଲ ହୋଇଥିଲେ। ଯାତ୍ରା ପୂର୍ବରୁ ପିପିଲିରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାଂସଦ ଡା. ସମ୍ବିତ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦେଶ ପାଇଁ ତ୍ୟାଗ ଓ ବଳିଦାନ କରିଥିବା ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଏହି ଅବସରରେ ସ୍ମରଣ କରାଯାଇଥିଲା। ପରେ କୌଶଲ୍ୟାଗଙ୍ଗ ମଣ୍ଡଳର ସିଫା ଠାରୁ ପୂବାଶାସନ, ମଙ୍ଗଳପୁର ଠାରୁ ପୋଡ଼ଙ୍ଗ ଛକ ଏବଂ ଶେଷରେ ଡେଲାଙ୍ଗ ମଉନି ମଠ ଠାରୁ ବିଶ୍ୱନାଥ ମୁଣ୍ଡିଆ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଥିଲା। ତ୍ରିରଙ୍ଗାର ତିନି ରଙ୍ଗରେ ଝଲସିଥିଲା ପିପିଲିର ରାସ୍ତା। ଛାତ୍ରଛାତ୍ରୀଙ୍କ ଉତ୍ସାହ, ଯୁବପିଢ଼ିଙ୍କ ଜୋଶ ଓ ଅଞ୍ଚଳବାସୀଙ୍କ ଦେଶପ୍ରେମରେ ସୃଷ୍ଟି ହୋଇଥିଲା ଏକ ଭିନ୍ନ ପରିବେଶ। ତ୍ରିରଙ୍ଗା ଭାରତର ଏକତା, ଅଖଣ୍ଡତା ଓ ଗୌରବର ପ୍ରତୀକ ବୋଲି କହି ଦେଶପ୍ରେମର ଭାବନାକୁ ଜାଗ୍ରତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିପିଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ବିଡିଓ ସରୋଜ କୁମାର ରାଉତ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏସଡିପିଓ ଦେବାଶିଷ ମିଶ୍ର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ରସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। 'ହର ଘର ତ୍ରିରଙ୍ଗା' ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମୀଙ୍କ ସାହସ ଓ ବଳିଦାନକୁ ସ୍ମରଣ କରିବା ସହ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାଂସଦ ଓ ବିଧାୟକ କହିଥିଲେ।

# ମାଙ୍କଡ଼ ଫେରାଇଲା ମୋବାଇଲ ଓ ଟଙ୍କା



**ପୁରୀ (ବ୍ୟୁରୋ):** କଷ୍ଟ ଅର୍ଜିତ ଧନ ହଜେ ନାହିଁ। ଶୁକ୍ରବାର ସକାଳ ଏକ ଅଲୌକିକ ଘଟଣା ଘଟିଯାଇଛି । ନିତିଦିନ କାର୍ଯ୍ୟ ପାଇଁ ପୁରୀର ବରିଷ୍ଠ ଖବରକାଗଜ ବିତରକ ତଥା ଖବରକାଗଜ ବିତରକ ସଂଘର ସମ୍ପାଦକ ଶାନ୍ତନୁ କୁମାର ସାହୁ ଝିପି ଝିପି ବର୍ଷାରେ ଚାରିନଳା ବିଶ୍ୱନାଥ ବିହାରରୁ ଖବରକାଗଜ ବିତରଣ କରିବା ପାଇଁ ଟାଉନଥାନା ଛକରେ ପହଞ୍ଚିଥିଲେ । ବର୍ଷାରେ ଖବରକାଗଜ ଜରି ଘୋଡାଇ ରେନକୋର୍ଟ ପିନ୍ଧି ଦୋଳମଣ୍ଡପ ସାହିରେ ଖବରକାଗଜ ବାଣ୍ଟିବା ପରେ କାଳିକାଦେବୀ ସାହି ଗଛକାଳୀ ଲେନକୁ ଯାଇଥିଲେ । ସବୁଦିନ ପରି ବ୍ୟାଗରେ ଟଙ୍କା ଓ ମୋବାଇଲ ସାଇକେଲ ହ୍ୟାଣ୍ଡଲେ ରଖି ଫ୍ଲାଟ୍ ର ଲିଫ୍ଟ ଯୋଗେ ୪ ମହଲା ଉପରକୁ ଯାଇ ଗ୍ରାହକଙ୍କୁ ଖବରକାଗଜ ଦେଇ ଫେରିବା ପରେ ଦେଖିଲେ ବ୍ୟାଗରୁ ମୋବାଇଲ ଓ ଟଙ୍କା ଥିବା ଜରି ନେଇଯାଇଛି । ପାଟି କରି ହୋହଲ୍ଲା କରିବାରୁ ମୋବାଇଲକୁ ତଳକୁ ପକାଇ ଦେଇଥିଲା । ମୋବାଇଲ ସୁରକ୍ଷିତ ରହିଥିଲା । ତରବର ହୋଇ ମୋବାଇଲ ଧରି ଶାନ୍ତନୁ ଘରକୁ ଫେରିଥିଲେ । ୫ ଘଣ୍ଟା ପରେ ବ୍ୟାଗ ଖୋଜିବାରେ ଟଙ୍କା ଜରି ନଥିଲା । ହଠାତ ପୁଅକୁ ଡାକି ମଟରସାଇକେଲ ଯୋଗେ ତରବରରେ ଗଛକାଳୀ ଫ୍ଲାଟ ନିକଟକୁ ଯାଇଥିଲେ । ଆପଟମେର୍ଣ୍ଟ ତଳ କାର ପାର୍କିଙ୍ଗ ସ୍ଥଳରେ ଖୋଜାଖୋଜି କରିବାରେ ୫ ଶହ ଟଙ୍କିଆ ୧୦ ଖଣ୍ଡ ମୋଟ ୫ ହଜାର ଟଙ୍କା ଅକ୍ଷତ ଅବସ୍ଥାରେ ଜରି ଭିତରେ ଗୁଡିଆ ହୋଇ ପଡିଥିବା ଦେଖିବାକୁ ପାଇଲେ । ଟଙ୍କା ପାଇବା ପରେ ନିକଟ ଦୋକାନରୁ କଦଳୀ କିଣି ମାଙ୍କଡ ମାନଙ୍କୁ ଦେଇଥିଲେ ।ସେହିଠାରେ ଶାନ୍ତନୁ ହାତଟେକି ଜଗନ୍ନାଥଙ୍କୁ ମୁଣ୍ଡିଆ ମାରି କହିଲେ ପ୍ରଭୁ ମୋତେ ରକ୍ଷାକଲେ । କଷ୍ଟ ଅର୍ଜିତ ଧନ ପାଇଲି । ଖବରକାଗଜ ବିକ୍ରି ଅର୍ଥ ଏଜେଣ୍ଟକୁ ଦେବା ପାଇଁ ଆଣିଥିଲେ । ପରେ ସିଂହଦ୍ୱାର ସମ୍ମୁଖ ପତିତପାବନଙ୍କୁ ମୁଣ୍ଡିଆ ମାରି ଘରକୁ ଫେରିଲେ । ଅଲୌକିକ ଘଟଣା ଯୋଗୁ ଫ୍ଲାଟବାସୀ,ସିକ୍ୟୁରିଟ ଓ ହକର ଭାଇମାନେ ଆନନ୍ଦିତ ହୋଇଥିଲେ ।

### ||| ମାଛ ଚୋରି ବିବାଦ |||

# ନାବାଳକ ହତ୍ୟା ଘଟଣାରେ ୧୮ ଗିରଫ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଚିଲିକାରେ ନାବାଳକକୁ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୧୮ ଜଣଙ୍କୁ ଗିରଫ କରାଯାଇଛି । ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛନ୍ତି । ଗତ ୧୧ ଅଗଷ୍ଟରେ ଏଭଳି ଅଘଟଣ ଘଟିଥିଲା। ଏନେଇ କୃଷ୍ଣପ୍ରସାଦ ଥାନାରେ ରିପୋର୍ଟ ହୋଇଥିଲା। ସେହି ଦିନ ସନ୍ଧ୍ୟାରେ ଚିଲିକା ଭିତରେ ମାଛ ଜାଲ ନିକଟରେ ୩ ଜଣ ଯୁବକ ଡଙ୍ଗା ରେ ବସିଥିଲେ। କିଛି ଅଜଣା ଲୋକ ସେଠାରେ ପହଞ୍ଚି ଥିଲେ। ମାଛ ଚୋରି କରି ନେବା ପାଇଁ ଉଦ୍ୟମ କରିଥିଲେ। ପରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା । ଏହି ଘଟଣା ପରେ ଉଗ୍ର ରୂପ ନେଇଥିଲା । ଆକ୍ରମଣରେ ଦୁଇ ଜଣ ଆହତ ହୋଇଥିଲେ। ପରେ ୧୫ ବର୍ଷୀୟ ନାବାଳକ ଓମ୍ ଶିକାରୀ ନିଖୋଜ ଥିଲା । ଚିଲିକାରୁ ପର ଦିନ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ବାଲୁଗାଁ ଚନ୍ଦ୍ରାପୁଟ ଅଞ୍ଚଳର ଅଭିଯୁକ୍ତ ଏଭଳି କାର୍ଯ୍ୟ କରିଥିଲେ । ସଦର ଏସଡିପିଓ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ମୁଖ୍ୟ ଅଭିଯୁକ୍ତ ଗଣେଶ ଦାସକୁ ବୁଧବାର ବାଲୁଗାଁରୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ପରେ ପୋଲିସର ସ୍ୱତନ୍ତ୍ର ଟିମ୍ ଚିଲକାର ବିଭିନ୍ନ ଟାପୁରେ ଲୁଚିଥିବା ୧୮ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଓ ବାଲୁଗାଁ ପୋଲିସ ସହାୟତାରେ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ସେମାନଙ୍କ ଠାରୁ ତିନୋଟି ବୋଟ୍ ଜବତ ହୋଇଛି। ହତ୍ୟାରେ ବ୍ୟବହୃତ କାଠ ଫାଳିଆ ମଧ୍ୟ ଜବତ ହୋଇଛି ।

# ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

## ହରିପୁରରୁ ଚାରିଛକ ଭାରତ ମାତାକୀ ଜୟଧ୍ୱନୀ ନାରାରେ କମ୍ପିଲା

**ନିମାପଡ଼ା(ଅମୃତ ମିଡିଆ):** ନିମାପଡ଼ାରେ ପାଳିତ ହୋଇଛି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା। ଏହି ଅବସରରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।ନିମାପଡ଼ାର ହରିପୁର ବଜାରଠାରୁ ଚାରିଛକ ପର୍ଯ୍ୟନ୍ତ ଏକ ବିଶାଳ ମୋଟରସାଇକେଲ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଯୁବକ ଓ ଦଳୀୟ କର୍ମୀ ମୋଟରସାଇକେଲରେ ତ୍ରିରଙ୍ଗା ପତାକା ଧରି ସାମିଲ ହୋଇଥିଲେ।ଶୋଭାଯାତ୍ରାରେ ଦେଶପ୍ରେମର ନାରା ଓ ଭାରତ ମାତାଙ୍କ ଜୟଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଥିଲା। ହରିପୁର ବଜାରଠାରୁ ବାହାରିଥିବା ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଚାରିଛକରେ ପହଞ୍ଚିଥିଲା। ତ୍ରିରଙ୍ଗା ଶୋଭାଯାତ୍ରାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା।ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ନେଇ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ନିମାପଡ଼ାରେ ଏକ ଦେଶଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା।



# ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ: ଦେଶ ବନ୍ଦନା ଗାଇଲେ ୧୮୮ ଛାତ୍ରଛାତ୍ରୀ




**ପୁରୀ (ବ୍ୟୁରୋ):** ୮୦ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଆଜି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ରେ ସାମିଲ ହୋଇ ଭଗବତୀ ବିଦ୍ୟା ନିକେତନ ର ୧୮୮ଜଣ ବିଦ୍ୟାର୍ଥୀ ଦେଶ ବନ୍ଦନା ଗାନ କରିଛନ୍ତି। ଆଜି ପ୍ରତ୍ୟୁଷ ରୁ ଛାତ୍ର ଛାତ୍ରୀ ମାନେ ହାତରେ ଜାତୀୟ ପତାକା ଧରି ତ୍ରିରଙ୍ଗା ଶୋଭାଯାତ୍ରା ରେ ସାମିଲ ହୋଇଥିଲେ।ବିଦ୍ୟାଳୟ ର ସଭାପତି ରମେଶ ଚନ୍ଦ୍ର ଦାଶ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇଟି ପର୍ଯ୍ୟାୟ ରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ରେ ଗୀତିକାର ବିଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ସାହୁ, ଲିଙ୍ଗରାଜ କଳା ନିକେତନର ସମ୍ପାଦକ ଜଗନ୍ନାଥ ମିଶ୍ର, କଳା ଶିକ୍ଷୟିତ୍ରୀ କୁନି ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସଂଗୀତଶିଳ୍ପୀ ଅନ୍ନପୂର୍ଣ୍ଣା ଦେବୀ, ସତ୍ୟପ୍ରବୀର ତ୍ରିପାଠୀ, ଡାକ୍ତର ବିକ୍ରମ ଦାସ, ପ୍ରକାଶିନୀ ସାହୁ, ରବୀନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ବିଚାରକ ଅତିଥି ରୂପେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ମମତା ଦାସ,ମାନସୀ ଦାଶ, ମମତା ନାୟକ, କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ଏଥିରେ ସହଯୋଗ କରିଥିଲେ।

# କବିତା ପାଠୋତ୍ସବ ଓ ବିଭାଜନ ବିଭୀଷିକା ଦିବସ



**ପୁରୀ (ବ୍ୟୁରୋ):** ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ,ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ସଦଭାବନା ସଭାଗୃହ ଠାରେ କବିତା ପାଠୋତ୍ସବ ଓ ବିଭାଜନ ବିଭୀଷିକା ଦିବସ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ୧୯୪୭ ମସିହା ଆଜିର ଦିବସକୁ ଦେଶ ବିଭାଜନ ର ଦିବସ ଭାବେ ପାଳିତ ହେଉଛି। ସେ ଦିନର ଲୋମହର୍ଷଣକାରୀ ବିଭିଷୀକା ଯାହା ଇତିହାସରେ ଆମେ ପଢିଛନ୍ତି ଓ ବରିଷ୍ଠଙ୍କ ଠାରୁ ଶୁଣିଛନ୍ତି ତାହା ହୃଦୟ ବିଦାରକ ।ଆଜି ତାହାର ସ୍ମୃତି ଚାରଣ ଆମେ କରୁଛନ୍ତି ବୋଲି କହିବା ସହ କବି ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସଦାଶିବ ମିଶ୍ର, କ୍ରିଷ୍ଣା ମହାପାତ୍ର, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗଦାନ କରି ଦିବସର ମହତ୍ୱ ସମ୍ପର୍କରେ ଅଲୋକପାତ କରିଥିଲେ । ଏହାପରେ ବିଭାଜନ ବିଭୀଷିକା ଶୀର୍ଷକ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଓ ଗୀତିନାଟ୍ୟ ପ୍ରଦର୍ଶିତ ହୋଇଥିଲା । କବିତା ପାଠକୁ ସଂଯୋଜନା କରିଥିଲେ ସର୍ବାଣି ଦାଶ, କବିତା ପାଠ ଉତ୍ସବରେ ସୁରେଶ କୁମାର ପଟ୍ଟନାୟକ,ଅନ୍ନପୂର୍ଣ୍ଣା ଦେ୍ୱୀ,ରବୀନ୍ଦ୍ର ନାଥ ପଟ୍ଟନାୟକ, ଯୋଗେଶ୍ୱର ପ୍ରହରାଜ,ରଚିତା ରାଉତରାୟ, ଅଶୋକ କୁମାର ମିଶ୍ର, କମଳିନି ପାଣିଗ୍ରାହୀ,ସଂଗ୍ରାମ ମିଶ୍ର, ପ୍ରବାସିନୀ ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ବିଜୟ କୁମାର ପରିଡା, ମିନତୀ ମିଶ୍ର, ବିଜୟ ଲକ୍ଷ୍ମୀ ସାହୁ, ବିଜୟ କୁମାର ପଣ୍ଡା, କାଶୀନାଥ ଖୁଣ୍ଟିଆ, ଅଭିମନ୍ୟୁ ରାୟଗୁରୁ, ଶ୍ୟାମପ୍ରକାଶ ସେନାପତି, ରୋଜାଲିନ ପଣ୍ଡା,ବିଶ୍ୱରଂଜନ ପାତ୍ର ପ୍ରମୁଖ ଦେଶାତ୍ମବୋଧ କବିତା ପାଠ କରି ଥିଲେ ।ପ୍ରାରମ୍ଭରେ ଦେଶ ବିଭାଜନର ମୃତକ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।ପରିଶେଷରେ ବିପିନ ଦଳାଇ ଧନ୍ୟବାଦ ଦେଇଥିଲେ।

### ସିଦ୍ଧି ବିନାୟକ ଚାରିଟେବଲ ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଓ ବାର୍ଷିକ ଉତ୍ସବ

# ତ୍ୟାଗ ଓ ସମର୍ପଣର ଉଦାହରଣ ପାଲଟିଛନ୍ତି ରାକେଶ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସମାଜ ସେବା କେବଳ କଥା ନୁହେଁ, ଏହା ହେଉଛି ତ୍ୟାଗ ଓ ସମର୍ପଣ। ଆଉ ସେହି ତ୍ୟାଗର ଜୀବନ୍ତ ଉଦାହରଣ ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳର ଯୁବ ସମାଜସେବୀ ରାକେଶ ବିଶ୍ୱାଳ - ସମସ୍ତଙ୍କ ଆଦର 'ରିଙ୍କୁ' । ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ଅଧୀନ ଉକୁଳେଇ ଛକ ନିକଟ ଅନତିଦୂରରେ 'ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ'ର ନୂତନ କାର୍ଯ୍ୟାଳୟ ଉଦ୍ଘାଟନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଭାବେ ରାକେଶଙ୍କ ସୁସଂଗଠିତ କାର୍ଯ୍ୟଶୈଳୀ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ତାଙ୍କ ନେତୃତ୍ୱରେ ପ୍ରମାଣ ହେଲା ଯେ ଇଚ୍ଛା ଥିଲେ କିଛି ବି ଅସମ୍ଭବ ନୁହେଁ। ଏହି ଅନୁଷ୍ଠାନ ତରଫରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ ଶାଢ଼ୀ ଓ ଛତା ବଣ୍ଟନ ସହ ବିଭିନ୍ନ କ୍ଷେତ୍ର ଗୁଣୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଗଲା। ଅବସରପ୍ରାପ୍ତ ଶିକ୍ଷକ, ପ୍ରାକ୍ତନ ଯବାନ, ବୁଣାକାର, ଘୋଡାନାଚ କଳାକାର, ସମାଜସେବୀ, ପରିବେଶବିତ୍, ପାଲା ଗାୟକ,ସଫଳ ଚାଷୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇ ସମାଜର ପ୍ରତିଟି ସ୍ତମ୍ଭର ମହତ୍ତ୍ୱକୁ ସ୍ୱୀକାର କରାଗଲା ।ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସତ୍ୟପ୍ରିୟ ବେହେରା, ସମ୍ପାଦିକା ଆଲବମ୍ କୁଇନ୍ ବିଦୁସ୍ମିତା ଦାଶ ମନ୍ତ୍ରୀ, ଅଭିନେତ୍ରୀ ଜିନା ସାମଲ, ଐଶ୍ୱର୍ଯ୍ୟା ବେହେରା ଏବଂ ହାସ୍ୟ ଅଭିନେତା ମିଷ୍ଟର ଗୁଲୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେମାନଙ୍କ ଉପସ୍ଥିତି ଏହି ସାମାଜିକ ଉତ୍ସବର ଶୋଭା ବୃଦ୍ଧି କରିଥିଲା। ରାକେଶଙ୍କର ସବୁଠୁ ବଡ଼ ବିଶେଷତ୍ୱ ହେଲା ତାଙ୍କର ମାଟି ସହ ଲାଗି ରହିବା। ସେ କେବଳ ନେତା ନୁହନ୍ତି, ଜଣେ ସାଥୀ । ଅସହାୟଙ୍କ ଦୁଃଖ ଦେଖି ନିଜେ ଆଗେଇ ଆସନ୍ତି। ଏନେଇ ରାକେଶ ବିଶ୍ୱାଳ କହିଥିଲେ, 'ସମାଜ ପାଇଁ କିଛି କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଆଜି ଯେଉଁ ବୃଦ୍ଧ ମାଆ-ବାପା ନିଃସଙ୍ଗ ଜୀବନ ବିତାଉଛନ୍ତି, ସେମାନଙ୍କୁ ଆମେ ଭୁଲିପାରିବା ନାହିଁ। 'ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ' କାକଟପୁର, ଅସ୍ତରଙ୍ଗ ବ୍ଲକ ଅଂଚଳର ଦୁଇ ହଜାରୁ ଅଧିକ ଗରିବ ଓ ଅସହାୟଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ମାନବ ସେବା ହିଁ ଆମ ପାଇଁ ପ୍ରକୃତ ପୂଜା। ଆପଣମାନଙ୍କ ଆଶୀର୍ବାଦ ଓ ସହଯୋଗ ଥିଲେ ଆମେ ଏହି ଅଭିଯାନକୁ ଆହୁରି ଆଗେଇ ନେଇପାରିବା।' ତାଙ୍କର ଏହି ଶବ୍ଦ ଗୁଡ଼ିକ କେବଳ ଭାଷଣ ନୁହେଁ, ଏହା ଏକ ସଂକଳ୍ପ। ଆଜିର ଦୌଡ଼ର ଯୁଗରେ ଯେତେବେଳେ ଲୋକେ ନିଜ ସ୍ୱାର୍ଥ ଖୋଜୁଛନ୍ତି, ସେତେବେଳେ ରାକେଶଙ୍କ ଭଳି ଯୁବକ ପର ଦୁଃଖରେ ନିଜ କାନ୍ଧ ଲଗାଉଛନ୍ତି। ଟ୍ରଷ୍ଟ ମାଧ୍ୟମରେ ସେ କେବଳ ସାମଗ୍ରୀ ବଣ୍ଟନ କରୁନାହାନ୍ତି, ବରଂ ସମାଜରେ ସଦଭାବନା ଓ ଭାତୃତ୍ୱର ବାର୍ତ୍ତା ପ୍ରଚାର କରୁଛନ୍ତି। ତାଙ୍କ କାର୍ଯ୍ୟ ଅନେକ ଯୁବକଙ୍କ ପାଇଁ ପ୍ରେରଣା ପାଲଟିଛି । ସତରେ, ରାକେଶ ବିଶ୍ୱାଳଙ୍କ ପରି ଦରଦୀ ମଣିଷ ଥିଲେ ହିଁ ସମାଜ ସୁନ୍ଦର ହୋଇପାରେ। ତାଙ୍କର ଏହି ନିଃସ୍ୱାର୍ଥ ସେବା ଚିର ଜୀବୀ ହେଉ ଏବଂ ସେ ଆଗାମୀ ଦିନରେ ଆହୁରି ବଡ଼ କାମ କରି ସମାଜର ମୁଖ ଉଜ୍ଜ୍ୱଳ କରନ୍ତୁ - ଏହା ଆମର କାମନା।



# ରାସୋଳ ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

**ହିନ୍ଦୋଳ (ଅମୃତ ମିଡିଆ):** ହିନ୍ଦୋଳ ବ୍ଲକର ରାସୋଳ ମଣ୍ଡଳ ବିଜେପି ପକ୍ଷରୁ ରାସୋଳ ଜୋନ୍ ଠାରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଗୁରୁବାର ଆୟୋଜିତ ହୋଇଯାଇଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ବ୍ଲକ୍ ଉପାଧକ୍ଷ ବରୁଣ କୁମାର ସରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମଣ୍ଡଳର ବିଜେପି ନେତାମାନେ ସହଯୋଗ କରିଥିଲେ। ଏହି ବାଇକ୍ ଶୋଭାଯାତ୍ରା ରାସୋଳ ପେଟ୍ରୋଲ୍ ପମ୍ପ୍ ଠାରୁ ବାହାରି ସୁକିଆବାଉତୀ ପର୍ଯ୍ୟନ୍ତ ଆସିଥିଲା । ଉପାଧକ୍ଷଙ୍କ ସହ ରାସୋଳ ମଣ୍ଡଳ ସଭାପତି ଲିଙ୍ଗରାଜ ସାହୁ, ରାସୋଳ ପଞ୍ଚାୟତ ସରପଞ୍ଚ ଦିବାକର



ନାଏକ, ଗଣ୍ଡାନାଳୀ ପଞ୍ଚାୟତ ସରପଞ୍ଚ ସୁନିଲ୍ କୁମାର୍ ସ୍ୱାଇଁ, ଖଲିବୋରେଇ ପଞ୍ଚାୟତ ସରପଞ୍ଚ ଗୟାଧର ନାୟକ, ସମିତିସଭ୍ୟ ବାବୁଲି ବେହେରା, ମାଧପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ଲେଙ୍କା, ଜରଡା ସମିତିସଭ୍ୟାଙ୍କ ପ୍ରତିନିଧି ବାବୁଲି ସାହୁ, ଦଣ୍ଡିରୀ ସମିତିସଭ୍ୟ ବାବୁ ସିଂ, ସନ୍ତୋଷ କୁମାର ସାହୁ, ଗୌତମ ସାହୁ, ଅସିତ୍ ସାହୁ , ଦୀପକ ନାଥ ଓ ଅଜୟ ଧର ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। କିନ୍ତୁ କୌଣସି ମୂଳ ବିଜେପି କର୍ମୀଙ୍କୁ ଏହି ବାଇକ୍ ଶୋଭାଯାତ୍ରାରେ ଦେଖିବାକୁ ମିଳିନଥିଲା। ତେଣୁ ମୂଳ ବିଜେପି ଓ ବର୍ତ୍ତମାନର ବିଜେପି କର୍ମୀଙ୍କ ମଧ୍ୟରେ କନ୍ଦଳ ସୃଷ୍ଟି ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି।

# 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

## ◆ତ୍ରିରଙ୍ଗା ଧରି ସହର ପରିକ୍ରମା କଲେ ଛାତ୍ରଛାତ୍ରୀ
## ◆ସାମିଲ ହେଲେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ




**ଆସିକା (ଅମୃତ ମିଡିଆ):** ସାରା ଦେଶରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ନେଇ ଦେଶପ୍ରେମର ପରିବେଶ ସୃଷ୍ଟି ହୋଇଥିବା ବେଳେ ଆସିକାରେ ମଧ ଏହି ଅଭିଯାନ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଆସିକା ହରିହର ହାଇସ୍କୁଲ ପରିସରରୁ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ତ୍ରିରଙ୍ଗା ହାତରେ ଧରି ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍, ସ୍କାଉଟ୍ ଓ ବିଭିନ୍ନ ବର୍ଗର ଲୋକେ ଏହି ଯାତ୍ରାରେ ସାମିଲ ହୋଇ ଦେଶପ୍ରେମର ବାର୍ତ୍ତା ଦେଇଥିଲେ।

ଏହି ଅବସରରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭାସନ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଆସିକା ତହସିଲଦାର ସଙ୍ଗୀତା ସେଣ, ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ ଏବଂ ଏବିଡିଓ ସୁଶାନ୍ତ କୁମାର ବେହେରାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଅଧିକାରୀ ଓ ପ୍ରତିନିଧି ଉପସ୍ଥିତ ଥିଲେ।

ଦଆସିକା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏନ.ସି.ସି, ସ୍କାଉଟ୍ ଏବଂ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକା ହାତରେ ଧରି ଦେଶଭକ୍ତିମୂଳକ ସ୍ଲୋଗାନ ଦେଇ ସେମାନେ ସହର ପରିକ୍ରମା କରିଥିଲେ। ଏହା ଫଳରେ ଆସିକା ସହରରେ ଏକ ଦେଶାତ୍ମବୋଧକ ପରିବେଶ ସୃଷ୍ଟି ହୋଇଥିଲା।

କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥିମାନେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ପତାକା ପ୍ରତି ସମ୍ମାନ, ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ପ୍ରତ୍ୟେକ ନାଗରିକଙ୍କ ମନରେ ଆହୁରି ସୁଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ଯୋଗୁଁ ଆସିକାରେ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଏକ ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା।

# ଆନନ୍ଦପୁର ବିଜେପିର ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା




**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ନଗର ମଣ୍ଡଳ ବିଜେପି ପକ୍ଷରୁ ଦେଶପ୍ରେମ, ଏକତା ଏବଂ ରାଷ୍ଟ୍ରୀୟ ଭାବନାର ସହ ଭବ୍ୟ ତ୍ରିରଙ୍ଗା ପଦଯାତ୍ରା ଅତ୍ୟନ୍ତ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଫକିରପୁର ସପ୍ତା ବଜାର ଠାରୁ ଆନନ୍ଦୋଲ୍ଲାସ ମଧ୍ୟରେ ଆରମ୍ଭ ହୋଇ ବିଭିନ୍ନ ପ୍ରମୁଖ ପଥ ଦେଇ ବାଲୁଙ୍କେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରି ବେଶ୍ ଆକର୍ଷଣୀୟ ଭାବେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ସାହୁ, ଆଲୋକ ସେଠୀ, ଜ୍ଞାନ ରଞ୍ଜନ ସାମନ୍ତ ସିଂହର, ବିଶ୍ୱନାଥ ପ୍ରତାପ ଜେନା, ଶାନ୍ତନୁ ସେଠୀ ଏବଂ ନିରାକାର ଦଳେଇ ପ୍ରମୁଖ ସକ୍ରିୟ ଭାବେ ସାମିଲ ହୋଇ ଜନସାଧାରଣଙ୍କୁ ଦେଶସେବାରେ ଉତ୍ସର୍ଗୀକୃତ ହେବା ପାଇଁ ପ୍ରେରଣା ଦେଇଥିଲେ। ନଗର ସାଧାରଣ ସମ୍ପାଦକ ମାନସ କୁମାର ସାହୁ, ମଳୟ କୁମାର ମିଶ୍ର, ସମ୍ପାଦକ ଗଣେଶ୍ୱର ମହାନ୍ତି, ଲିଟୁ ରାମ, ବ୍ରଜ କିଶୋର ଦାସ, ମହିଳା ନେତ୍ରୀ ବବିତା ଶତପଥିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଜନତା ହାତରେ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

# ମୁକ୍ତିଲାଭ ଅପେକ୍ଷାରେ ଶିବାଜୀ ସରସ୍ୱତୀ ମ୍ୟୁଜିକର 'ଏ ପ୍ରେମ କାହିଁକି ହୁଏ'

**ବାସୁଦେବପୁର (ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ବାସୁଦେବପୁରରେ ପ୍ରଦ୍ୟୁସର୍ ସରସ୍ୱତୀ ଦାସ ଓ ନିର୍ଦ୍ଦେଶକ ବି ଏନ୍ ଦେବ ବ୍ରତ, ଶିବାଜୀ ଦାସ ଙ୍କ ନୁଆ ଆଲବମ୍ ଏ ପ୍ରେମ କାହିଁକି ହୁଏ।ବାସୁଦେବପୁର ଆର୍ତ୍ତୁଙ୍ଗ ଠାରେ ଏହାର ସୁଟିଂ ହେଉଥିବା ବେଳେ ଅଭିନୟ ରେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ବାବୁ ପ୍ରଧାନ, ଅଭିନେତ୍ରୀ କୁସୁମ ତ୍ରିପାଠୀ, ମିତା ଚକ୍ରବର୍ତ୍ତୀ, ଓ ବାସୁଦେବପୁର ର ମନୋରଞ୍ଜନ, ସଙ୍କୁରୁ, ବାପି, ପୀତାମ୍ବର, ରଞ୍ଜନ, ଲକ୍ଷ୍ମୀକାନ୍ତ ନାଥ ପ୍ରମୁଖ ଅଭିନୟ କରିଛନ୍ତି। ନାୟକ ନାୟିକା ଭାବରେ ତନ୍ମୟ ଓ ଦିଶା ଅଭିନୟ କରିଛନ୍ତି। ଶିବାଜୀ ସରସ୍ୱତୀ ମ୍ୟୁଜିକ୍ ରେ ଏହା ମୁକ୍ତି ଲାଭ କରିବ।

# ବଡ଼ଚଣା ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

**ବଡଚଣା (ଅମୃତ ମିଡିଆ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ତଥା ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍ ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶ ବ୍ୟାପୀ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଅଧୀନରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ତରଫରୁ ପାଞ୍ଚଟି ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲା ଭାଜପା ଉପ ସଭାପତି ପ୍ରମୋଦ କୁମାର ଜେନା,ସମ୍ପାଦକ ବିକାଶ ମହାପାତ୍ର,ବ୍ଲକ ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଦେଶ ମାତୃକାର ଜୟଗାନ କରିବା ସହ ସମସ୍ତଙ୍କୁ ଏକତା ଭାବ




ବନ୍ଧନରେ ଆବଦ୍ଧ କରିବା ଆମର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବଡଚଣା ଛକ ଠାରୁ ଖଏରା ପର୍ଯ୍ୟନ୍ତ ବିଧାୟକଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଆମ୍ବେଦକରଙ୍କ ପ୍ରତି ମୃତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।ବୈରୀ ଠାରୁ ଗାନ୍ଧୀ ପ୍ରତିମୃତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ସୋଲର ପର୍ଯ୍ୟନ୍ତ ଆସିଥିଲ।ଏକ ବିରାଟ ମଟରସାଇକେଲ ଶୋଭାଯାତ୍ରା ଛତିଆ ସ୍ଥିତ ବୁଢେଇ ପୀଠରୁ ଚମ୍ପାପୁର ହାଟ ପର୍ଯ୍ୟନ୍ତ ପହଞ୍ଚି ଗାନ୍ଧୀ ପ୍ରତି। ମୃତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ମଣ୍ଡଳ ସଭାପତି ମାନସ ରାଉତ ରାୟଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ମାନେ ଉତ୍ସାହ ଓ ଉଦ୍ଦୀପନାର ସହ ହାତରେ ଜାତୀୟ ପତାକା ଧରି ଦେଶାତ୍ମ ବୋଧକ ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଅପରାହ୍ନରେ ଓଲାଶୁଣୀ ମଣ୍ଡଳ ଓ ବାଲିଚନ୍ଦ୍ରପୁର ମଣ୍ଡଳ ପକ୍ଷରୁ ପତ ରାଜ ପୁର ଓ ଭରତପୁର ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନ

**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ଥାନୀୟ ଖୋଡାସିଂଗ ପେଟ୍ରୋଲ ପମ୍ପ ଠାରୁ ଅନୁସୁଚିତଜାତି ମୋର୍ଚ୍ଚାର ତ୍ରିରଙ୍ଗା ଯାତ୍ରା ପ୍ରାୟ ୨୦୦ ଶହ ବାଇକ ଓ ତ୍ରିରଙ୍ଗା ପତକା ଧରି ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଶ୍ଳୋଗାନ ଦେଇ ସେଠାରୁ ବାହାରିଲୁ । ଶ୍ରୀଯୁକ୍ତ ସରୋଜ କୁମାର ସାବତଙ୍କ ଅଧକ୍ଷତାରେ ଅନୁସୁଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ କିର୍ତନ ଦାଶଙ୍କ ନେତୃତ୍ୱରେ ରାଜ୍ୟ ଅନୁସୁଚିତ ଜାତି ମୋର୍ଚ୍ଚା ଉପ-ସଭାପତି ବନମାଳୀ ସେଠୀଙ୍କ ସହଯୋଗରେ ଉପସ୍ଥିତ ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ଶଙ୍କର ସାମନ୍ତରା ଶିକ୍ଷାଞ୍ଚଳ ସଭାପତି ରାଜେନ୍ଦ୍ର କୁମାର, ସମ୍ପାଦକ ଗୋପାଳ ରତି ଅନୁସୁଚିତ ଜାତି ମୋର୍ଚ୍ଚା ପଦାଧିକାରୀ ମନୋଜ ସେଠୀ, ସୁଶାନ୍ତ ଦାସ, ରାଜେନ୍ଦ୍ର ଦାସ, ଅଶୋକ ନିମାଇ, ମଧୁ ସେଠୀ, ସିମାଞ୍ଚଳ ଦାସ, ସରୋଜ କୁମାର ଦାସ, ବିମ୍ବାଧର ବେହେରା, ତ୍ରିନାଥ ନାୟକ, ସୁଶାନ୍ତ କୁମାର ବେହେରା, ଅନାଦି ବେହେରା, ଉମାକାନ୍ତ ଦାସ, ଶିଷ୍ୟ ଦାସ, ଶ୍ରୀନୁ ସେଠୀ, ବରିଷ୍ଠ ବିଜେପି ନେତା ଅଶୋକ ନିମାଇ ତତ୍‌ସହିତ ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାନେତ୍ରୀ ରୀତା ସେଠୀ ବାଙ୍କନିଧି ସେଠୀ, ଗଞ୍ଜାମ ଜିଲ୍ଲା ସମ୍ପାଦକ ଲକ୍ଷଣ ବେହେରା, କୃଷକ ମୋର୍ଚ୍ଚା ଅନାଥ ସ୍ୱାଇଁ ଓ ଜିଲ୍ଲା ମିଡିଆ ସେଲ ଶ୍ରୀ ଆଲୋକ ସାହୁ ସେଠାରୁ ଇଂଜିନିଏରିଂ ଛକରେ ଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି ମୁର୍ତିରେ ପୁଷ୍ପ ମାଲ୍ୟା ଦେଇ ରାମଲିଙ୍ଗେଶ୍ୱର ମନ୍ଦିରେ ଥିବା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ମର୍ତିରେ ପୁଷ୍ପ ମାଲ୍ୟା ଦେଇ ସେଠାରୁ ଟାଉନ ଥାନା ଦେଇ ପାତାଳେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲୁ । ସେଠାରେ ପ୍ରସାଦ ସେବନର କାର୍ଯ୍ୟକ୍ରମ ମଧ ଥିଲା ପ୍ରାୟ ଦୁଇ ଶହ ବାଇକ ଚାଳକ ସମେତ ଅନ୍ୟ କାର୍ଯ୍ୟକର୍ତା ମଧ୍ୟ ଯୋଗ ଦେଇଥିଲେ ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

**ପାଟଣା (ଅମୃତ ମିଡିଆ):** କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ପୁଣି ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଗୁରୁତର ବ୍ୟକ୍ତି ଜଣକ ହେଉଛନ୍ତି ଚିନାମାଳିପଶି ଗ୍ରାମର ଜୟରାମ ମହାନ୍ତ । ୨୦ଟିକିଆ ବଣୁଆ ହାତୀ ପଲ ଚିନା ମାଳି ପୋଷି ଜଙ୍ଗଲରେ ଡେରା ପକାଇଥିଲେ ।

ସୂଚନା ଅନୁସାରେ ଜୟରାମ ମହାନ୍ତ ଶୁକ୍ରବାର ପୂର୍ବାହ୍ନରେ ବିଲକୁ ସାର ପକାଇବା ପାଇଁ ଯାଉଥିବା ସମୟରେ ହାତୀପଲଙ୍କ ହାବୁଡରେ ପଡିଥିଲେ । ଫଳରେ ହାତୀ ଆକ୍ରମଣରେ ତାଙ୍କ ଛାତି ପେଟ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିଛନ୍ତି । ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ବନ ପାଳ ନିରଞ୍ଜନ ସେଠୀ ପହଞ୍ଚି ଉଚ୍ଚ ଚିକିତ୍ସା ପାଇଁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଇଛନ୍ତି।

# ସାଇବର ସଚେତନତା ଶିବିର

**ବାସୁଦେବପୁର (ଅମୃତ ମିଡିଆ):** ବାସୁଦେବପୁର ପୋଲିସ ପକ୍ଷରୁ ସାଇବର ସଚେତନତା ଶିବିର ବ୍ଲକ୍ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବ ରରେ ଏସଡିପିଓ ବିଚିତ୍ରା ନନ୍ଦସେଠୀ , ତହସିଲ ଦାର ପ୍ରିୟବ୍ରତ ଦାସ, ଥାନା ଅଧିକାରୀ ନିରୋଦ ସାମଲ, ଭଦ୍ରକ ସାଇବର ଥାନା ଅଧିକାରୀ ଦୟାନିଧି ଦାସ, ଏବି ଡି ଓ ମୃତ୍ୟୁଞ୍ଜୟ ନାୟକ ଓ ସହ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ଉପସ୍ଥିତ ଥିଲେ । ଅମିୟ କୁମାର ପାଣିଗ୍ରାହି ଙ୍କ ସଂଯୋଜନାରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି।

# ସ୍ତ୍ରୀ ର ପନିକି ଚୋଟରେ ସ୍ୱାମୀ ଗୁରୁତର

**ବେଗୁନିଆପଡା (ଅମୃତ ମିଡିଆ):**--କୋଦଳା ଥାନା ଅନ୍ତର୍ଗତ ବାଦର୍ଖପଲ୍ଲି ଗ୍ରାମରେ ରେ ପାରିବାରିକ କଳହ ର କରୁଣ ପରିଣତି ଦେଖିବାକୁ ମିଳିଛି ।ସ୍ୱାମୀ ସ୍ତ୍ରୀ ଙ୍କ କଳହ ତିବ୍ରତର ହେବାରୁ ସ୍ତ୍ରୀ ଉତ୍ତେଜିତ ହୋଇ ପନିକି ରେ ସ୍ୱାମୀକୁ ହାଣି ରକ୍ତାକ୍ତ କରିଛନ୍ତି। ସ୍ୱାମୀ କୃଷ୍ଣ ତାରିଣୀଙ୍କୁ କୋଦଳା ମେଡିକାଲରେ ଭର୍ତ୍ତି କରିବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏପରି ଘଟଣା କାହିଁକି ଘଟିଲା ତା ଉପରେ ସମସ୍ତଙ୍କ ସନ୍ଦେହ ସୃଷ୍ଟି ହୋଇଛି।

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କାର୍ଯ୍ୟକାରିଣୀ ବୈଠକ

**ଜୟପୁର (ଅମୃତ ମିଡିଆ):** ପି. ଏମ. ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ, ଜୟପୁର ଠାରେ ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ, ଚାରୋଟି କ୍ରୀଡା ଜୋନର ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାତୀ ପାଣିଗ୍ରାହୀ, ଶ୍ରୀ ଦିଲୀପ କୁମାର ପଣ୍ଡା , ଶ୍ରୀମତୀ ଜୟଶ୍ରୀ ସାହୁ, ବରିଷ୍ଠ ଶିକ୍ଷକ ଶ୍ରୀ ପ୍ରସନ୍ନ ପାଣିଗ୍ରାହୀ, ଶ୍ରୀ ଶୁଭେନ୍ଦୁ କୁମାର ପ୍ରଧାନ ଏବଂ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ / ଶିକ୍ଷୟିତ୍ରୀ ବ୍ଲକର କ୍ରୀଡା ସମ୍ପାଦକ ଶ୍ରୀ ଗଗନ ବିହାରୀ ଦାସ ଉପସ୍ଥିତ ଥିଲେ। ଉକ୍ତ ବୈଠକ କୁ ବ୍ଲକ ବିଦ୍ୟାଳୟ କ୍ରୀଡା ସମ୍ପାଦକ ଶ୍ରୀ ଗଗନ ବିହାରୀ ଦାସ ପରିଚାଳନା କରିଥିଲେ । ଚଳିତ




ବର୍ଷ ଜୋନାଲ ସ୍ତରୀୟ ତା ୨୫।୦୮।୨୦୨୬ ରିଖ ଦିନ ହେବା ପାଇଁ ସ୍ଥିର ହେଲା ଏବଂ ବ୍ଲକସ୍ତରୀୟ ସେପ୍ଟମ୍ବର ମାସ ତା. ୦୧।୦୯।୨୦୨୬ ଏବଂ ୦୨।୯।୨୦୨୬ ରିଖରେ ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ଆନନ୍ଦପୁର ରିଙ୍ଗ୍‌ରୋଡ୍ ଘାଇ ମରାମତିରେ ବିଳମ୍ବ

## ପୁଣି ବନ୍ୟାଜଳ ପଶିବାରୁ ସହରବାସୀ ଆତଙ୍କିତ

**ଆନନ୍ଦପୁର (ଅମୃତ ମିଡିଆ):** ଲଗାଣ ବର୍ଷା ଓ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ଆନନ୍ଦପୁର ସହରର ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ଧରଣର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ବନ୍ୟା ସମୟରେ ରିଙ୍ଗ୍ ରୋଡ୍ ?ର ବିଭିନ୍ନ ସ୍ଥାନରେ ମାଡ଼ିଥିବା ଘାଇ ଯୋଗୁଁ ରାସ୍ତାର ଅନେକ ଅଂଶ ଧୋଇଯାଇଥିଲା। ଏହି ଘାଇ ମରାମତି କରାଯାଇ ଲୋକଙ୍କୁ ଶୀଘ୍ର ଆଶ୍ୱସ୍ତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଦୁର୍ଭାଗ୍ୟର କଥା, ପନ୍ଦର ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ ମରାମତି କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହି ପ୍ରଶାସନିକ ଅବହେଳା ଓ ବିଳମ୍ବ ଯୋଗୁଁ ବର୍ତ୍ତମାନ ପୁଣି ସେହି ଅଧାଗଢ଼ା ଘାଇ ଦେଇ ବନ୍ୟାଜଳ ସିଧାସଳଖ ଆନନ୍ଦପୁର ସହର ଭିତରକୁ ପ୍ରବେଶ କରିଛି। ଗୁରୁବାର ରାତିରେ ଏହି ଘାଇ ଦେଇ ନଦୀର ବନ୍ୟା ପାଣି କ୍ରମାଗତ ଭାବେ



ପଶୁଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଗମ୍ଭୀର ହେବାରୁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ଏବଂ ବନ୍ଧ କଡ଼ରେ ରହୁଥିବା ଭୟଭୀତ ଲୋକମାନଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ସ୍କୁଲ୍ ଘରକୁ ସ୍ଥାନାନ୍ତରିତ କରାଯାଇଛି।

?ପୂର୍ବ ବନ୍ୟାର ଭୟାବହ ଦୁର୍ଦ୍ଦଶା ଓ କ୍ଷତିର ଚିତ୍ର ମନରୁ ନ ଲିଭୁଣୁ, ସହରବାସୀ ପୁଣିଥରେ ବନ୍ୟାଜଳ ଘେରରେ ପଡ଼ିବାରୁ ଆତଙ୍କିତ ହୋଇପଡ଼ିଛନ୍ତି। ବିଶେଷକରି ଘାଇ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ପରିବାରଗୁଡ଼ିକ ନିଜର ଘରଦ୍ୱାର, ଆସବାବପତ୍ର ଏବଂ ଗୃହପାଳିତ ପଶୁସମ୍ପଦକୁ ନେଇ ଗଭୀର ଚିନ୍ତାରେ ଅଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଏପରି ମନ୍ଥର କାର୍ଯ୍ୟାନୁଷ୍ଠାନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିବାବେଳେ, ତତକ୍ଷଣାତ୍ ଏହି ଘାଇକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରା ନ ଗଲେ ଆଗାମୀ ଦିନରେ ସ୍ଥିତି ଅଧିକ ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି।



# ସାଇବର ମାମଲାରେ ଯୁବକ ଗିରଫ

**ଧରାକୋଟ (ଅମୃତ ମିଡିଆ):** ଫେକ ଆଇଡି ଖୋଲି ଜଣେ ମହିଳା ଜନ ପ୍ରତିନିଧି ଙ୍କୁ ବ୍ଲାକମେଲ କରିବା ସହ ଧମକ ଚମକ ଦେବା ଓ ମହିଳାଙ୍କ ଫଟୋ କୁ ଏଡିଟ କରି ଅନ୍ୟ ଫଟୋ ସହ ଯୋଡ଼ି ଭାଇରାଲ କରିବା ମାମଲାରେ ଗଞ୍ଜାମ ଜିଲ୍ଲାର ଧରାକୋଟ ଥାନା ଅନ୍ତର୍ଗତ କୁସରାବ ଗ୍ରାମର ବିଜୟ ମହାକୁଡ଼ ଙ୍କ ପୁଅ ପ୍ୱିତ୍ର ମହାକୁଡ଼ କୁ ଧରାକୋଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଧରାକୋଟ ବ୍ଲକ ଅନ୍ତର୍ଗତ ସରଧାପୁର ପଞ୍ଚାୟତ ର ନାଏବ ସରପଞ୍ଚ ଶ୍ରଦ୍ଧାଞ୍ଜଳି ପ୍ରଧାନ ଙ୍କ ଏତଲା ପ୍ରକାରେ କୁସରାବ ଗ୍ରାମର ଜଣେ ଯୁବକ ସରଧାପୁର ଗ୍ରାମ ପଞ୍ଚାୟତ କଂଗ୍ରେସ ନାମରେ ଏକ ଫେକ ଆଇଡି ଖୋଲି ଗତ ଦେଢ ମାସ ଧରି ତାଙ୍କୁ ବ୍ଲାକମେଲ କରି ଆସୁଥିଲେ । ନାଏବ ସରପଞ୍ଚଙ୍କୁ ଭିଡିଓ କଲ କରି ଧମକଦେବା,ତାଙ୍କ ଫଟୋ ସହ ଅନ୍ୟ ଯୁବକଙ୍କ ଫଟୋ ମିଶାଇ ପୋଷ୍ଟ କରିବା,ବାରମ୍ବାର ହାରାସ କରିବା ଯୋଗୁଁ ସେ ଏଥିରେ ବ୍ୟତିବ୍ୟସ୍ତ ହୋଇ ଥାନାରେ ଏତଲା ଦେଇଥିଲେ। ଏହାପରେ ଥାନାରେ ୨୭୦/୨୬ ପ୍ରକାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯୁବକ ପବିତ୍ର ମହାକୁଡ଼କୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ଛାତ୍ର ସଂସଦ ନିର୍ବାଚନ ଦାବିରେ ଏବିଭିପିର ବିକ୍ଷୋଭ



**ଜୟପୁର (ଅମୃତ ମିଡିଆ) :** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଭାପତି ଜ୍ୟୋତିରଞ୍ଜନ ପାଣିଗ୍ରାହୀଙ୍କ ଆହ୍ୱାନ କ୍ରମେ ଛାତ୍ରମାନଙ୍କୁ ନେଇ କୁଳପତିଙ୍କୁ ଘେରାଉ କରାଯାଇଥିଲା ଓ କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ଦିଆଯାଇଥିଲା । ଏଥିରେ ମୁଖ୍ୟ ଦାବିଥିଲା ଓଡ଼ିଶାର ସମସ୍ତ କଲେଜ କ୍ୟାମ୍ପସରେ ବନ୍ଦ ପଡ଼ିରହିଥିବା ଛାତ୍ର ସଂସଦ ନିର୍ବାଚନତାହାର ତାରିଖ ଓ କ୍ୟାଲେଣ୍ଡର ଯଥାଶୀଘ୍ର ଘୋଷଣା ଓ ପରିଚାଳନା ସମିତି ଗଠନ କରାଯାଉ । ନିର୍ବାଚନ ଯାହାକୁ ପୂର୍ବ ସରକାର ୮ବର୍ଷ ହେଲା ବନ୍ଦ କରି ରଖିଛନ୍ତି ଏହି ସରକାର ମଧ୍ୟ ୨ବର୍ଷ ହେଲା ପ୍ରତିଶ୍ରୁତି ଦେଇ କାର୍ଯ୍ୟକ୍ଷମ କରୁନାହାନ୍ତି ଯାହା ଦ୍ୱାରା କ୍ୟାମ୍ପସରୁ ଛାତ୍ରନେତା ତଥା ନେତୃତ୍ୱବାନ୍ ପିଲା ବାହାରିପାରୁନାହାନ୍ତି ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକର ସମସ୍ୟାର ସମାଧାନ ହୋଇପାରୁନି । ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ମୌଳିକ ସୁବିଧାର ଘୋର ଅଭାବ, ହଷ୍ଟେଲ ସମସ୍ୟା, ଭିତ୍ତିଭୂମି ସମସ୍ୟା ଆଉ ଏବିଭିପିର ଅନ୍ୟତମ ୨ଦାବି ଥିଲା ଯେ ଛାତ୍ରୀମାନଙ୍କ ହଷ୍ଟେଲ, କ୍ୟାମ୍ପସ ଓ ଗାର୍ଲ୍ସ କମନ୍ ରୁମ୍‌ରେ ସାନିଟାରୀ ପ୍ୟାଡ ମେସିନ୍ ଓ ଏୟାରପୋର୍ଟ ପାଖେ ଥିବା ୨ଛାତ୍ରାବାସ ଯଥାକ୍ରମେ ସହୀଦ ଲକ୍ଷ୍ମଣ ନାୟକ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସେଠାରୁ କଲେଜର ଦୂରତା ୪ କିମି ଥିବା ଯୋଗୁଁ ବିଦ୍ୟାର୍ଥୀମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ତ ସେମାନଙ୍କ ଯାତାୟତ ପାଇଁ ବସର ସୁବିଧା, ଅଧ୍ୟାପକ ଅଧ୍ୟାପିକାମାନଙ୍କ ଯଥାଶୀଘ୍ର ନିଯୁକ୍ତି ଦାବି କରାଯାଇଥିଲା ଏବଂ ପରୀକ୍ଷାର ରେଜଲ୍ଟ ଓ ସାର୍ଟିଫିକେଟରେ ଯେଉଁ ବିଳମ୍ବ ହେଉଛି ତାହାର ତୁରନ୍ତ ସମାଧାନ । ତେଣୁ ଏହାର ସମାଧାନ ପାଇଁ ଛାତ୍ର ପ୍ରତିନିଧି ଆବଶ୍ୟକ । ବିଦ୍ୟାର୍ଥୀ ପରିଷଦ ମୁଖ୍ୟମନ୍ତ୍ରୀଙ୍କୁ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କୁ ଚେତାବନୀ ମଧ୍ୟ ଦେଇଛି ଯେ ଆଗାମୀ ଦିନରେ ଯଦି ଛାତ୍ର ସଂସଦ ନିର୍ବାଚନ ନ ହୁଏ ତେବେ ବିଦ୍ୟାର୍ଥୀ ପରିଷଦ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ଓ ରାଜରାସ୍ତାକୁ ଓହ୍ଲେଇବାକୁ ପଛହୁଞ୍ଚା ଦେବନି । ଏଥିରେ ଏବିଭିପି କୋରାପୁଟ ବିଭାଗର ବିଭାଗ ସଂଗଠନ ମନ୍ତ୍ରୀ ଦିବ୍ୟଜ୍ୟୋତି ନନ୍ଦ, ଶାଖା ସମ୍ପାଦକ ମୋନୋଜ ସାହୁ, ଉପ ସଭାପତି ଟି. ପ୍ରତୀକ, ସହ ସମ୍ପାଦକ ଦୀପକ ଦୋରା, ଶିବାଶିଷ ତ୍ରିପାଠୀ, ଆଶୁତୋଷ ମହାନ୍ତି, ଆଦି ଦେବଦତ୍ତ, ଜଗନ୍ନାଥ ଖରା, ପର୍ଶୁରାମ ଗୋଲାରୀ, ସତ୍ୟଞ୍ଜୟ ବିଷୋୟୀ, ଶୁଭମ୍ ପଟ୍ଟନାୟକ, ଅର୍ପିତ ପଣ୍ଡା, ସ୍ୱୟଂ ସାହୁ, ପ୍ରସନ୍ନ କୁମାର ପାଢ଼ୀ, ଅନିକେତ ସରକାର, ଅମିତ୍ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ୧୧ ହଜାର ଚାଲାଣ ସହ ୨୮ ଗାଡ଼ି ଜବତ

**କଟକ (ବ୍ୟୁରୋ) :** ରାଜ୍ୟରେ ଅମାନିଆ ଗାଡ଼ିଚାଳକଙ୍କ ବିରୋଧରେ ପୁଣି ଥରେ ଆରମ୍ଭ ହୋଇଛି ଚଢ଼ଉ ଅଭିଯାନ । ଗତ ଦୁଇ ଦିନରେ ବିଭିନ୍ନ ମୋଟରଯାନ ଆଇନର ଉଲ୍ଲଂଘନ ଅଭିଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ଗାଡ଼ି ଚାଳକମାନଙ୍କ ବିରୋଧରେ ପ୍ରାୟ ୧୧ ହଜାର ଚାଲାଣ କରାଯାଇଛି । ସେହିପରି ୨୮ଟି ଗାଡ଼ି ମଧ୍ୟ ଜବତ ହୋଇଛି । ଚାଲାଣ କଟିଥିବା ଗାଡ଼ିଚାଳକମାନଙ୍କ ମଧ୍ୟରୁ ସର୍ବାଧିକ ହେଲ୍‌ମେଟ୍ ପିନ୍ଧିନଥିବା ଉଲ୍ଲଂଘନକାରୀମାନେ ରହିଥିବା ଦେଖାଯାଇଛି । ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତ ଦୁଇଦିନ ଧରି ସ୍ୱତନ୍ତ୍ର ଭାବେ ବିଭିନ୍ନ ସ୍ଥାନମାନଙ୍କରେ ଜୋରଦାର୍ ଯାଞ୍ଚ୍ କରାଯାଉଛି । ଏହି ଯାଞ୍ଚ୍‌ର ଉଦ୍ଦେଶ୍ୟ କେବଳ ଜରିମାନା ନୁହେଁ ଏଥିରେ ଉଲ୍ଲଂଘନକାରୀମାନଙ୍କୁ ସଚେତନ ମଧ୍ୟ କରାଯାଉଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣର ଅତିରିକ୍ତ କମିସନର ଦୀପ୍ତିରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଆରଟିଓଙ୍କୁ ଏ ଦିଗରେ ଆବଶ୍ୟକ ପରାମର୍ଶ ଦିଆଯାଇଛି । ଏହି ଦୁଇ ଦିନରେ ୧୦ ହଜାର ୯୮୮ ଜଣ ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ଚାଲାଣ କଟାଯାଇଛି । ଏଥିରେ ହେଲ୍‌ମେଟ୍ ନ ପିନ୍ଧି ଗାଡ଼ି ଚଳାଉଥିବା ୩ ହଜାର ୯୯୪ଜଣ ଗାଡ଼ି ଚାଳକ ଅଛନ୍ତି । ସେହିପରି ଗାଡ଼ି ପଛରେ ବସି ହେଲ୍‌ମେଟ୍ ପିନ୍ଧିନଥିବା ନେଇ ୧୦୨୭ଜଣଙ୍କ ବିରୋଧରେ, ଅଧିକ ବେଗରେ ଯାଉଥିବା ୧ ହଜାର ୪୦୯ଜଣ ଓ ମଦ ପିଇ ଗାଡ଼ି ଚଳାଉଥିବା ୫୨ଜଣଙ୍କ ବିରୋଧରେ ଚାଲାଣ କଟାଯାଇଛି । ଇନସ୍ୟୁରାନ୍ସ ନଥିବା ୪୧୫ଟି ଗାଡ଼ି ବିରୋଧରେ ବି ଚାଲାଣ କଟାଯାଇଛି । ସିଟ୍ ବେଲଟ୍ ପିନ୍ଧିନଥିବା ଥିବାରୁ ୨୫୮ଟି ଚାଲାଣ ଓ ପଞ୍ଜୀକରଣ ନଥିବା ୧୨୮ଟି ଗାଡ଼ି ବିରୋଧରେ ମଧ୍ୟ ଚାଲାଣ କଟାଯାଇଛି । ଏହି ଯାଞ୍ଚ୍ ପ୍ରକ୍ରିୟା ଜାରି ରଖିବାକୁ ଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଭଳି ଯାଞ୍ଚ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବା । ଲୋକେ କେବଳ ନିୟମ ଉଲ୍ଲଂଘନ କରୁନାହାନ୍ତି ସେମାନେ ଏହା ଦ୍ୱାରା ସେମାନେ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ବିପଦ ଡାକି ଆଣୁଛନ୍ତି ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଭାରତକୁ ...

ବୋଲି ସେ ମତ ରଖିଛନ୍ତି । ରାଷ୍ଟ୍ରପତି ଆହୁରି କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଦେଶ ଆଗକୁ ବଢୁଛି । ଆଧୁନିକ ଭାରତ ନିର୍ମାଣ ସହ ସମାନତାର ଆଧାରରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଠିକ୍ ସମୟରେ ନ୍ୟାୟ ମିଳିବା ଆବଶ୍ୟକ । ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦିଆଯାଉଥିବା ନେଇ ମଧ୍ୟ ସେ ଉଲ୍ଲେଖ କରିଛନ୍ତି । ଯୁବବର୍ଗଙ୍କୁ ଦେଶର ସବୁଠୁ ମୂଲ୍ୟବାନ ସମ୍ପତ୍ତି ଭାବେ ବର୍ଣ୍ଣନା କରି ରାଷ୍ଟ୍ରପତି ସେମାନଙ୍କ ଦକ୍ଷତାର ପ୍ରଶଂସା କରିଛନ୍ତି । ଯୁବଶକ୍ତିର ଅବଦାନ ଯୋଗୁ ଦେଶର ଷ୍ଟାର୍ଟଅପ୍ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି ବୋଲି ସେ କହିଛନ୍ତି । ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ନିର୍ମାତା ବୋଲି ରାଷ୍ଟ୍ରପତି କହିବା ସହ ପରୀକ୍ଷା ବ୍ୟବସ୍ଥାରେ ଅଧିକ ସୁଧାର ଆଣିବା ପାଇଁ ବ୍ୟାପକ ପଦକ୍ଷେପର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ସରକାର ପରୀକ୍ଷା ପ୍ରକ୍ରିୟାରେ ସୁଧାର ଆଣିବା ଦିଗରେ ପଦକ୍ଷେପ ନେଉଥିବା ମଧ୍ୟ ସେ ଉଲ୍ଲେଖ କରିଛନ୍ତି ।

### ଭାରପ୍ରାପ୍ତ...

ପ୍ୟାନେଲରେ ସାମିଲ କରାଯାଇନାହିଁ । ତେବେ ଶ୍ରୀ ଖୁରାନିଆ ୧୬ତାରିଖ ଅପରାହ୍ନରେ ଅବସର ନେବାର ଥିବାରୁ ରାଜ୍ୟ ସରକାର ଅନ୍ତରୀଣ ବ୍ୟବସ୍ଥା ସ୍ୱରୂପ ଶ୍ରୀ ମିଶ୍ରଙ୍କ ଉପରେ ଭରସା କରିଛନ୍ତି । ଆସନ୍ତା ୧୮ତାରିଖରେ ସୁପ୍ରିମକୋର୍ଟରେ ଶୁଣାଣି ପରେ ରାଜ୍ୟରେ ନୂଆ ତଥା ସ୍ଥାୟୀ ଡିଜିପି ନିଯୁକ୍ତି ପ୍ରକ୍ରିୟା ପାଇଁ ମାର୍ଗ ପ୍ରଶସ୍ତ ହେବ । ଇନଚାର୍ଜ ଡିଜିପି ନିଯୁକ୍ତ ହେବା ପରେ ଶ୍ରୀ ମିଶ୍ର କହିଛନ୍ତି ଯେ, ଡିଜିପି ନିଯୁକ୍ତି ପର୍ଯ୍ୟନ୍ତ ସେ ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ପ୍ରାଥମିକତା ଦେବେ । ପୁଲିସ ବାହିନୀ ସହ ମିଶି ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ତାଙ୍କର ଦାୟିତ୍ୱ । ଅନ୍ତରୀଣ ଡିଜିପି ଭାବେ ତାଙ୍କ ଦାୟିତ୍ୱ ନିର୍ବାହ ପାଇଁ ଚେଷ୍ଟା କରିବେ । ଏହି ସୁଯୋଗ ପାଇଁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।ଅବଶ୍ୟ ଭାରପ୍ରାପ୍ତ ଡିଜି ବା ଇନଚାର୍ଜ ଡିଜି ଓ ଆକ୍ଟିଂ ଡିଜି ନିଯୁକ୍ତି ଦେବା ଉପରେ ମଧ୍ୟ ସୁପ୍ରିମକୋର୍ଟ ପୂର୍ବରୁ କଟକଣା ଜାରି କରିଛନ୍ତି ଓ ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମଧ୍ୟ ବାରମ୍ବାର ରାଜ୍ୟଗୁଡ଼ିକୁ ତାଗିଦ୍ କରିସାରିଛି । ତଥାପି ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବା ପାଇଁ ରାଜ୍ୟ ସରକାର ଏହି ଭାରପ୍ରାପ୍ତ ଡିଜି ନିଯୁକ୍ତି ଦେବାକୁ ଏକରକମ ବାଧ୍ୟ ହୋଇଛନ୍ତି ।

### ଓଡ଼ିଶାର...

ସଂସ୍କାରମୂଳକ ସେବା ପାଇଁ ପ୍ରମୋଦ ସ୍ୱାଇଁ ଓ ବିଶ୍ୱନାଥ ପଣ୍ଡାଙ୍କୁ ସାହସିକତା ପଦକ ମିଳିବ ।ସ୍ୱାଧୀନତା ଦିବସ ଅବସରରେ ପୋଲିସ, ଅଗ୍ନିଶମ, ଗୃହରକ୍ଷୀ, ନାଗରିକ ପ୍ରତିରକ୍ଷା ଏବଂ ସଂଶୋଧନ ସେବାର ମୋଟ ୧,୦୫୭ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପ୍ରଦାନ କରାଯିବ । ସାହାସିକତା ପାଇଁ ୩୦୧ ପୁରସ୍କାର ମଧ୍ୟରୁ ୨୭୨ ପୋଲିସ କର୍ମଚାରୀଙ୍କୁ ଏବଂ ୨୯ ଅଗ୍ନିଶମ ସେବା କର୍ମଚାରୀଙ୍କୁ ଦିଆଯାଇଛି । ୯୨ ଜଣଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯିବ ।

### ୧୦୫୭...

ଅଞ୍ଚଳର, ୧୨ ଜଣ ଉତ୍ତର-ପୂର୍ବାଞ୍ଚଳର ଏବଂ ଅନ୍ୟ ୪୧ ଜଣ ଦେଶର ବିଭିନ୍ନ ଅଞ୍ଚଳରେ ସାହସିକ କାର୍ଯ୍ୟ ପାଇଁ ସମ୍ମାନିତ ହୋଇଛନ୍ତି । ୯୨ଟି ରାଷ୍ଟ୍ରପତି ପଦକ ମଧ୍ୟରୁ ୮୩ଟି ପୁଲିସ ସେବା, ୪ଟି ଅଗ୍ନିଶମ ସେବା, ୩ଟି ସିଭିଲ୍ ଡିଫେନ୍ସ ଓ ହୋମଗାର୍ଡ ସେବା ଏବଂ ୨ଟି କାରାଗାର ସେବା ପାଇଁ ଦିଆଯାଇଛି । ଏହି ପଦକ ଦୀର୍ଘ ସମୟ ଧରି ଉଲ୍ଲେଖନୀୟ ଓ ବିଶିଷ୍ଟ ସେବା ପାଇଁ ପ୍ରଦାନ କରାଯାଏ । ସେହିପରି ୬୬୪ଟି ମେରିଟୋରିୟସ୍ ସର୍ଭିସ୍ ପଦକ ମଧ୍ୟରୁ ୬୦୬ଟି ପୁଲିସ ସେବା, ୨୮ଟି ଅଗ୍ନିଶମ ସେବା, ୧୮ଟି ସିଭିଲ୍ ଡିଫେନ୍ସ ଓ ହୋମଗାର୍ଡ ସେବା ଏବଂ ୧୨ଟି କାରାଗାର ସେବାର କର୍ମଚାରୀଙ୍କୁ ମିଳିଛି । ମୂଲ୍ୟବାନ ସେବା, କାର୍ଯ୍ୟରେ ଦକ୍ଷତା ଓ କର୍ତ୍ତବ୍ୟ ପ୍ରତି ନିଷ୍ଠା ପାଇଁ ଏହି ପଦକ ପ୍ରଦାନ କରାଯାଏ ।

### ବିଦ୍ୟୁତ୍ ...

ଚାଲିଥିଲା । ସେହି ସମୟରେ ବିଦ୍ୟୁତ୍ ଆଘାତରେ ଦେବରାଜଙ୍କ ଜୀବନ ଚାଲିଗଲା । ଆଜି ବଲାଙ୍ଗିର ଜିଲ୍ଲାପାଳଙ୍କ ଘର ନିକଟରେ ଥିବା ପିଏଚଡି ଅଫିସରେ ବିଦ୍ୟୁତ୍ କାମ ଚାଲିଥିଲା । ସେହି ସମୟରେ ବିଦ୍ୟୁତ୍ ଆଘାତରେ ଦେବରାଜଙ୍କ ଜୀବନ ଚାଲିଗଲା ।ଟାଉନ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବିପଦଜନକ ଭାବରେ କାମ କରୁଥିବାରୁ ଦେବରାଜଙ୍କ ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି ତାଙ୍କ ସମ୍ପର୍କୀୟମାନେ । ବିଦ୍ୟୁତ୍ ସମ୍ବନ୍ଧୀୟ ମରାମତି କାର୍ଯ୍ୟ ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଇଥିବା ସେମାନେ ଅଭିଯୋଗ କରାଯାଇଛି । ସୁରକ୍ଷା ତାଙ୍କ ମୃତ୍ୟ ଖବର ପାଇ ପୋଷ୍ଟମୋର୍ଟମ ୱାର୍ଡରେ ବହୁ ଲୋକଙ୍କ ଭିଡ ଜମିଥିଲା । ଟାଉନ ପୋଲିସ ଅଭିଯୋଗର ତଦନ୍ତ ଜାରି ରଖିଛି ।

### ଏଗ୍ରିଷ୍ଟାକ୍ ...

କାଗଜପତ୍ର ସାଙ୍ଗକୁ ଅସମ୍ଭବ ପ୍ରମାଣପତ୍ର ମଗାଯାଉଛି । ଏହାକୁ ବିରୋଧକରି ସଂଯୁକ୍ତ କୃଷକ ସଙ୍ଗଠନ ଗତ ୧୦ତାରିଖ ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ, ପଦ୍ମପୁର ଏସ୍‌ଡ଼ିପିଓଙ୍କ କାର୍ଯ୍ୟାଳୟ ଏବଂ ଅତାବିରା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ହଜାର ହଜାର ଚାଷୀ ଗିରଫ ହୋଇଥିଲେ । ଏହି ଆନ୍ଦୋଳନର ଚାପରେ ପଶ୍ଚିମଓଡ଼ିଶାର ବିଧାୟକମାନେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମସ୍ୟା ଉପରେ ଅବଗତ କରିଥିଲେ ।

# ସ୍ୱାସ୍ଥ୍ୟବୀମା ଯୋଜନାର ପରିବର୍ତ୍ତନକୁ ବିରୋଧ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କଲେ ସାମ୍ବାଦିକ



**ବେଗୁନିଆପଡା (ଅମୃତ ମିଡିଆ) :** ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବା ପ୍ରକ୍ରିୟାକୁ ବିରୋଧ କରିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ବାବା ଦଣ୍ଡିଶ୍ୱର ସାମ୍ବାଦିକ ସଂଘ । ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ କୋଦଳା ଅତିରିକ୍ତ ତହସିଲଦାର ରବି ନାରାୟଣ ସେଠୀ ଓ ବେଗୁନିଆପଡ଼ା ବିଡ଼ିଓ ସୁନୀଲ ସାମନ୍ତଙ୍କ ଜରିଆରେ ଏକ ଦାବିପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାର ନିଜସ୍ୱ ସୁବିଧା ରହିଛି । ଏହି ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନା ସହ ପରିବର୍ତ୍ତିତ କରାଯିବା ନେଇ ଖବର ପ୍ରକାଶ ପାଇବା ପରେ ସାମ୍ବାଦିକ ମହଲରେ ଅସନ୍ତୋଷ ଦେଖାଦେଇଛି । ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ସ୍ୱତନ୍ତ୍ର ଭାବେ ଜାରି ରଖିବା ସହିତ ଏଥିରେ ଖବରଦାତାଙ୍କ ମାତା, ପିତାଙ୍କୁ ମଧ୍ୟ ସାମିଲ କରାଯାଉ ବୋଲି ବେଗୁନିଆପଡ଼ା ଅଞ୍ଚଳର ସାମ୍ବାଦିକ ମାନେ ଦାବି କରିଛନ୍ତି । ଏହାସହ ଦାବିଗୁଡ଼ିକ ପୂରଣ ନ ହେଲେ ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସଙ୍ଘ ସଭାପତି ସୂର୍ଯ୍ୟ ନାରାୟଣ ବତ୍ତୁ, ସମ୍ପାଦକ କୃଷ୍ଣ ଚନ୍ଦ୍ର ପୋଲାଇ, ଉପ ସଭାପତି ଭଞ୍ଜ କିଶୋର ମହାରଣା, ସହ ସମ୍ପାଦକ ଏସ ସିମାଞ୍ଚନ ଦୋରା, କୋଷଧକ୍ଷ୍ୟ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ସାମ୍ବାଦିକ ବିଜୟ କୁମାର ନାୟକ, ଟୁକୁନା ପ୍ରଧାନ, ଜଗବନ୍ଧୁ ସାହୁ, ଭଗବାନ ପାଢ଼ୀ, ବାପୁନି ମାଲୁ, ଗୁଲସନ କର ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ



**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ଥାନା ଅଧିନ ସୁକରପଡ଼ା ପଞ୍ଚାୟତ ହଳଧରପୁର ଗ୍ରାମର ନଳିନୀପ୍ରଭା ପୁହାଣଙ୍କ ଭଦ୍ରେଶ୍ୱର ଥାନା ଅଧିନରେ ଥିବା ଚାଷ ଜମିରେ ତାଙ୍କ ପୁତ୍ର ଓ ମଜୁରିଆ ମାନେ ଧାନ ରୁଆପୋତା କରୁଥିବା ସମୟରେ ପଡ଼ୋଶୀ ପ୍ରଭାବତୀ ପୁହାଣ ଓ ତାଙ୍କ ସ୍ୱାମୀ ପିତାମ୍ବର ପୁହାଣ ଧାନ ବିଲରେ ପହଞ୍ଚି ରୁଆ ଯାଇଥିବା ଧାନକୁ ଓପାଡ଼ି ଫୋପାଡ଼ିବାରୁ ନଳିନୀପ୍ରଭାଙ୍କ ପୁତ୍ର ଫୋନ୍ ଯୋଗେ ତାଙ୍କ ମାଆଙ୍କୁ ଡ଼ାକିଥିଲେ । ନଳିନୀପ୍ରଭା ସେଠାରେ ପହଞ୍ଚି ଧାନ ଓପାଡୁଥିବା ପ୍ରଭାବତୀଙ୍କୁ ରୋକିବାରୁ ପ୍ରଭାବତୀ ନଳିନୀପ୍ରଭାଙ୍କ ତଣ୍ଟିକୁ ଧରି ଠେଲାପେଲା କରିବା ସମୟରେ ପ୍ରଭାବତୀଙ୍କ ସ୍ୱାମୀ ପିତାମ୍ବର ନଳିନୀପ୍ରଭାଙ୍କୁ ଏକ ଢେଙ୍ଗା ସାହଯ୍ୟରେ ମାଡ଼ ମାରିଥିଲେ ଫଳରେ ନଳିନୀପ୍ରଭା ତଳେ ପଡ଼ିଯାଇଥିଲେ । ସେ ସମୟରେ ନଳିନୀଙ୍କ ପୁତ୍ର ମାଆଙ୍କୁ ବଞ୍ଚାଇବାକୁ ଯାଇ ଉଠାଇବା ବେଳେ ପିତାମ୍ବର ପୁଅଙ୍କୁ ମଧ୍ୟ ଠେଙ୍ଗାରେ ବାଡ଼େଇଥିବା ନେଇ ନଳିନୀପ୍ରଭା ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି । ଆହତ ମାଆ ଓ ପୁଅ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରେ ରହି ଚିକିତ୍ସିତ ହେଉଛନ୍ତି ।

# ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା



**ଜଗତସିଂହପୁର (ଅମୃତ ମିଡ଼ିଆ) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ବିଜେପି ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି ପ୍ରରିପେକ୍ଷୀରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱ ରେ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହା ଜଗତସିଂହପୁର ସଦରର ଗାନ୍ଧିଛକ ନିକଟରେ ଜଗତସିଂହପୁର ବିଧାୟକ ସର୍ବ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ଶୋଭାଯାତ୍ରାକୁ କଲେଜ ଛକ ନିକଟରୁ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଜଗତସିଂହପୁର, ନାଉଗାଁର ହଜାର ହଜାର ଜନସାଧାରଣ, ଛାତ୍ରଛାତ୍ରୀ ତ୍ରିରଙ୍ଗା ଧରି ଜାତୀୟତା ବୋଧକ ସ୍ଲୋଗାନ ଦେଇ ଏହି ପଦଯାତ୍ରାରେ ୫ହଜାରରୁ ଉର୍ଦ୍ଧ ନାଗରିକ ସାମିଲ ହୋଇଥିଲେ । ଏହା କଲେଜ ଛକଠାରୁ ଆରମ୍ଭ ହୋଇ ଜଗତସିଂହପୁର ସଦର ମହାକୁମ୍ଭା ଦେଇ ସିପି ସ୍ଥିତ ସୁବର୍ଣ୍ଣବରାହୀ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ପୂର୍ବତନ ବିଜେପି ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ଜଗତସିଂହପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜିଲ୍ଲା ବିଜେପିର ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ, ଅକ୍ଷୟ ପାତ୍ର, ନାଉଗାଁର ବରିଷ୍ଠ ନେତୃତ୍ୱ ପ୍ରଦୀପ୍ତ ସ୍ୱାଇଁ, ଲିଙ୍ଗରାଜ ଲେଙ୍କା, ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ସରପଞ୍ଚଙ୍କ ପ୍ରତିନିଧି ଅଶୋକ ଭୋଇ, ସମୀର ସାହାଣୀ, ପାରିଷଦ ଦେବାଶିଷ ସ୍ୱାଇଁ, ଦେବୀ ପ୍ରସାଦ ପାଢ଼ୀ, ସିଦ୍ଧାର୍ଥ ଶଙ୍କର ରାୟ, ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ,ସୁଶାନ୍ତ ମଲ୍ଲିକ, ତାପସ ଦାସ, ବିଦୁର ନାୟକ,ବିଷ୍ଣୁ ବେହେରାଙ୍କ ସମେତ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଯୁବ ଛାତ୍ର ମହିଳା ଯୋଗଦେଇ ଥିଲେ ।

# ପାଲାଗାୟକ ଜଗନ୍ନାଥ, ଅଭୟ ଓ ଚୈତନ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା (ଅମୃତ ମିଡିଆ) :** ଶ୍ରୀବଳଦେବଜୀଉ ପାଲା ମଣ୍ଡଳ ଆନୁକୂଲ୍ୟରେ ତିନିମୁହାଣୀସ୍ଥିତ ଶ୍ରୀରାମମନ୍ଦିର ସମ୍ମିଳନୀ କକ୍ଷରେ ଗାୟକ ଶେଖର ଜଗନ୍ନାଥ ବେହେରା, ଗାୟକ ସମ୍ରାଟ ଅଭୟ କୁମାର ସ୍ୱାଇଁ ଓ ଗାୟକ ନଟରାଜ ଚୈତନ୍ୟ ବିଶ୍ୱାଳଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଶ୍ରୀବଳଦେବଜୀଉ ପାଲା ମଣ୍ଡଳ, କେନ୍ଦ୍ରାପଡାର ସଭାପତି ସୁଶାନ୍ତ କୁମାର ମଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାକୁ ଗାୟକସୂର୍ଯ୍ୟ ପର୍ଶୁରାମ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ନାଥ ପରିଚୟ ପ୍ରଦାନ କରିଥିବା ବେଳେ ମଣ୍ଡଳ ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଦର ବିଧାୟକଙ୍କ ସିନେଟ୍ ସଭ୍ୟ ଭାବରେ ମନୋନୟନ ଶିକ୍ଷାନୁଷ୍ଠାନ ମର୍ଯ୍ୟାଦାକୁ ଭୂଲୁଣ୍ଠିତ କରିବ : ରେଭେନ୍ସା ବିକାଶ ଅଭିଯାନ



**କଟକ (ବ୍ୟୁରୋ) :** ରେଭେନ୍ସା ବିଶ୍ୱବିଦ୍ୟାଳୟ ମଧ୍ୟରେ ବଳପୂର୍ବକ ଅନଧିକାର ପ୍ରବେଶ କରି କୁଳପତି ଓ ଛାତ୍ରମାନଙ୍କ ଉପସ୍ଥିତିରେ କଟକ ସଦର ବିଧାୟକ ବିଦେବିଦ୍ୟାଳୟର ଜନୈକ ବରିଷ୍ଠ ଅଧ୍ୟାପକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଅପମାନିତ କରିବା ଘଟଣା ପରେ ବହୁଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଧାୟକ ଙ୍କ ବିରୁଦ୍ଧରେ କୁଳପତି କିମ୍ବା ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି । ଅନ୍ୟ ପଟରେ ସ୍ୱାଭାବିକ ପ୍ରଶାସନିକ ଅଦଳ ବଦଳ ଆଳରେ ରାଜନୈତିକ ଚାପ ଆଗରେ ଆତ୍ମ ସମର୍ପଣ କରି ବିଧାୟକଙ୍କ ଅସୌଜନ୍ୟ ମୂଳକ ଆଚରଣର ଦୃଢ଼ ପ୍ରତିବାଦ କରିଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ବିଭିନ୍ନ ହଷ୍ଟେଲ ଦାୟିତ୍ୱରୁ କୁଳପତି ଅନ୍ତର କରି ଦେଇଛନ୍ତି । କୁଳପତି ଓ ରାଜ୍ୟ ସରକାରଙ୍କ ଏହାପ୍ରତି କାମକୁ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହା ସଙ୍ଗେସଙ୍ଗେ ରେଭେନ୍ସା ସିନେଟ୍ ସଭ୍ୟ ଭାବରେ ଦାଗି ବିଧାୟକଙ୍କ ମନୋନୟନକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଆଜି ସଂଗଠନ ପକ୍ଷରୁ ରାଜ୍ୟ ବିଧାନସଭାର ବାଚସ୍ପତିଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ, ବିଶିଷ୍ଟ କର୍ମଚାରୀ ନେତା ପ୍ରତାପ ଦାସ, ବସ୍ତିନେତା ଖଗେଶ୍ୱର ସେଠୀ, ଅରବିନ୍ଦ ମଲ୍ଲିକ, ଯୁଗଳ ନାୟକ, ନିର୍ମଳ କୁମାର ସାମଲ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ପ୍ୟାରେଡକୁ ନେଇ ଲାଗିରହିଥିବା ବିବାଦର ଅନ୍ତ

## ମହାସମାରୋହରେ ପାଳନ ହେବ ସ୍ୱାଧୀନତା ଦିବସ

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** କିଛିଦିନ ଧରି ଚଳିତ ବର୍ଷ ସ୍ୱାଧୀନତା ଦିବସରେ ମିଳିତ ପ୍ୟାରେଡ ହେବା ନ ହେବାକୁ ଲାଗି ରହିଥିବା ବିବାଦର ଆଜି ଅନ୍ତ ଘଟିଛି । ପୌରପାଳିକା ତରଫରୁ ୮୦ତମ ସ୍ୱାଧୀନତା ଦିବସ ପାଳନ ସମ୍ବନ୍ଧରେ ଆଜି ପୌରସଭା ଗୃହରେ ଅନୁଷ୍ଠିତ ବୈଠକରେ ଏଥିପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରକାଶଥାଉ କି, ଦୀର୍ଘ ବର୍ଷ ଧରି ପୌରପାଳିକା ତରଫରୁ ପୌରାଂଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ୟାରେଡ଼ ପ୍ରତିଯୋଗିତା କରାଯାଇଥାଏ ଏବଂ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥାଏ । କିନ୍ତୁ ଚଳିତ ବର୍ଷ ଏହି ମିଳିତ ପ୍ୟାରେଡ଼ ସମ୍ବନ୍ଧରେ କୌଣସି ସବିଶେଷ ବିବରଣୀ ନ ଥିବାରୁ ଚୌଦ୍ୱାରବାସୀ ତଥା ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମନରେ ଦ୍ୱନ୍ଦ୍ୱ ବଢ଼ି ଚାଲିଥିଲା । ତେବେ ଆଜି ଏ ନେଇ ଅନୁଷ୍ଠିତ ବୈଠକରେ ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ସଭାପତିତ୍ୱ କରିଥିବା ବେଳେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେବା ସହ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚୌଦ୍ୱାର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରାଯିବା ସହିତ ପୌରାଂଚଳର ଥିବା ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମିଳିତ ପ୍ୟାରେଡ଼ ସମାରେହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରକାଶଥାଉ କି, ଚଳିତ ବର୍ଷ ଚୌଦ୍ୱାରରେ ମିଳିତ ପ୍ୟାରେଡ଼କୁ ନେଇ ଅନିଶ୍ଚିତତାକୁ ନେଇ ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଚୌଦ୍ୱାରବାସୀଙ୍କ ମନରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ଆଜି ପୌରପରିଷଦର ବୈଠକରେ ସବୁବର୍ଷ ଭଳି ଏ ବର୍ଷ ମଧ୍ୟ ମହା ସମାରୋହରେ ସ୍ୱାଧୀନତା ଦିବସ ପାଳନ କରାଯିବ ଏବଂ ମିଳିତ ପ୍ୟାରେଡ଼ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ପରେ ସବୁ ବିବାଦର ଅନ୍ତଘଟିଥିବା ଜଣାପଡ଼ିଛି ।

# ନୀଳଗିରି ନଗରରେ ୨୦୦ ମିଟର ଲମ୍ବ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



**ନୀଳଗିରି (ଅମୃତ ମିଡିଆ) :** ଆଉ ଗୋଟିଏ ଦିନ ପରେ ପାଳନ ହେବ ସ୍ୱାଧୀନତା ଦିବସ । ଭାରତ ବର୍ଷର ପ୍ରତ୍ୟେକ ନାଗରିକଙ୍କର ପରିଚୟ ତ୍ରିରଙ୍ଗା ପତାକା । ତ୍ରିରଙ୍ଗା ପତାକାକୁ ସମ୍ମାନ ସହ ଘରେ ଘରେ ଉଡ଼ାଇବାକୁ ଏ ଏକ ସଚେତନର ବ୍ୟବସ୍ଥା । ଏନେଇ ଆଜି ତ୍ରିରଙ୍ଗା ଶୋଭାଯାତ୍ରା କମିଟି ଏବଂ ଭାରତୀୟ ଜନତା ପାର୍ଟି, ନୀଳଗିରି ନଗର ମଣ୍ଡଳ ତରଫରୁ ନୀଳଗିରି ନଗରରେ ଦେଶର ଏକତା ଓ ଅଖଣ୍ଡତାର ପ୍ରତୀକ ଭାରତର ଜାତୀୟ ପତାକା 'ତ୍ରିରଙ୍ଗା' ର ସମ୍ମାନ ଉଦ୍ଦେଶ୍ୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ଏହି ଶୋଭାଯାତ୍ରା ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଡାକବଙ୍ଗଳା ଠାରେ ସମାପନ ହୋଇଥିଲା । ଏହି ଶୋଭାଯାତ୍ରାରେ ସମସ୍ତେ ହାତରେ ତ୍ରିରଙ୍ଗା ପତାକା ଧରି ଭାରତ ମାତା କି ଜୟ, ବନ୍ଦେ ମାତରଂ, ତ୍ରିରଙ୍ଗା କି ଜୟ ନାରା ଦେଇ ଏକ ୨୦୦ ମିଟର ବା ୬୬୦ ଫୁଟର ବିଶାଳ ତ୍ରିରଙ୍ଗାକୁ ନେଇ ନୀଳଗିରି ବଜାର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ ସଂଖ୍ୟା ସାମିଲ ହୋଇଥିଲେ । ଆଜିର କାର୍ଯ୍ୟକ୍ରମରେ ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ନାରାୟଣ ମହନ୍ତ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ତାପସ ମହାନ୍ତି, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ବିଜୟ ସାହୁ, ନୀଳଗିରି ନଗର ବିଜେପି ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ସମର ଶଙ୍କର କାନୁନଗୋ, ସମାଜସେବୀ ସବ୍ୟସାଚୀ ମହାପାତ୍ର, ଶିଶିର ରାଉତ, ଜୟନ୍ତ ପାତ୍ର, ନଗର ଯୁବ ସଭାପତି ଦିବ୍ୟଜ୍ୟୋତି, ଛାତ୍ର ନେତୃତ୍ୱ ସଂଜୀବ ମହାନ୍ନା, ସୁଶାନ୍ତ ନାୟକ, ସନ୍ତୋଷ ମହାପାତ୍ର, ରବୀନ୍ଦ୍ର ନାୟକ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ଛାତ୍ର ଓ ଛାତ୍ରୀ ଏବଂ ସାମାଜିକ ସାଂଗଠନର ସଦସ୍ୟ ସାମିଲ ହୋଇଥିଲେ ।

# ଅଭିଷେକ ପୋରେଲଙ୍କୁ ମିଳିଲାନି ଜାମିନ୍



**କୋଲକାତା:** ବଢ଼ିଲା ଅଭିଷେକ ପୋରେଲଙ୍କ ଅଡୁଆ । ବିବାହର ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ ଏବଂ ଦୁର୍ବ୍ୟବହାର ଅଭିଯୋଗରେ ଗିରଫ ହୋଇଥିବାବେଳେ ଜାମିନ୍ ଆବେଦନ ଖାରଜ ହୋଇଛି । ଚିନସୁରା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିବା ସହ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କହି ରଖୁଛୁ କି, ଗତ ଅଗଷ୍ଟ ୧୧ ତାରିଖରେ ମୋଗରା ପୁଲିସ ଅଭିଷେକ ପୋରେଲଙ୍କୁ ଗିରଫ କରିବା ପରେ କୋର୍ଟରେ ହାଜର କରିଥିଲା । ସେତେବେଳେ ଅଦାଲତ ତାଙ୍କୁ ୩ ଦିନିଆ ପୁଲିସ ରିମାଣ୍ଡରେ ପଠାଇଥିଲେ । ପୁଲିସ ରିମାଣ୍ଡ ଅବଧି ଶେଷ ହେବା ପରେ ଅଗଷ୍ଟ ୧୪ରେ ତାଙ୍କୁ ପୁନର୍ବାର ଅଦାଲତରେ ହାଜର କରାଯାଇଥିଲା । ପୁଲିସ ପକ୍ଷରୁ ଅଧିକ ଜେରା ଓ ତଦନ୍ତ ପାଇଁ ଦାବି କରାଯାଇଥିବା ବେଳେ କୋର୍ଟ ଜାମିନ୍ ଖାରଜ କରି ତାଙ୍କୁ ଜେଲ୍ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କର୍ଣ୍ଣାଟକରେ ମେଡିକାଲ ପଢୁଥିବା ଜଣେ ନାବାଳିକା ଛାତ୍ରୀ ଅଭିଷେକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ଅଭିଯୋଗ ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ପ୍ରାୟ ସାଢ଼େ ତିନି ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ଅଭିଷେକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ପରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ । ଏପରିକି ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ୍ କରିଦେବାକୁ ଧମକ ମଧ୍ୟ ଦେଉଥିଲେ। ପୁଲିସ ପ୍ରଥମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ପୀଡ଼ିତା କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ପରେ ମୋଗରା ପୁଲିସ ଅଭିଷେକଙ୍କୁ ଗିରଫ କରିବା ସହ ତାଙ୍କର ଇଲେକ୍ଟ୍ରୋନିକ୍ସ ଡିଭାଇସ୍ (ଫୋନ୍, ଲ୍ୟାପଟପ୍) ଜବତ କରିଥିଲା । ୨୩ ବର୍ଷୀୟ ଅଭିଷେକ ପୋରେଲ ବଙ୍ଗଳା ରଣଜୀ ଟିମର ପ୍ରମୁଖ ସଦସ୍ୟ ହେବା ସହ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳୁଥିଲେ । କ୍ରିକେଟ୍ କ୍ୟାରିୟର ଭଲ ଚାଲିଥିବା ବେଳେ ଏହି ଆଇନଗତ ବିବାଦ ଓ ଜେଲ୍ ଯିବା ତାଙ୍କ ଭବିଷ୍ୟତ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୬୯ (ବିବାହର ମିଛ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ) ଏବଂ ଆଇଟି ଆକ୍ଟ ଅଧୀନରେ ତାଙ୍କ ବିରୋଧରେ ମାମଲା ଜାରି ରହିଛି ।

# ଏମ୍ଆଇ ହେଡ୍ କୋଚ୍ ହେବେ ରୋହିତ ଶର୍ମା !



**ନୂଆଦିଲ୍ଲୀ :** ରୋହିତ ଶର୍ମା ଏବଂ ବିରାଟ କୋହଲି ନିଜ ଦିନିକିଆ କ୍ରିକେଟ କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ୨୦୨୭ ବିଶ୍ୱକପ ଖେଳିବା ପରେ ଉଭୟ ଅବସର ନେଇପାରନ୍ତି। କ୍ରିକେଟରୁ ଦୂରେଇବା ପରେ ଉଭୟ କ'ଣ କରିବେ, ଏହାକୁ ନେଇ ପ୍ରଶଂସକଙ୍କ ମନରେ ପ୍ରଶ୍ନ ରହିଛି। ଫ୍ୟାନ୍ସ ଆଶା କରୁଛନ୍ତି ଯେ, ରୋହିତ ଓ ବିରାଟ ଆଗକୁ ମଧ୍ୟ ଆଇପିଏଲ୍ ଖେଳିବେ। ଏବେ ପୂର୍ବତନ ଭାରତୀୟ କ୍ରିକେଟର ଆର. ଅଶ୍ୱିନ ଭବିଷ୍ୟବାଣୀ କରିଛନ୍ତି ଯେ, ବିରାଟ କୋହଲି ଓ ରୋହିତ ଶର୍ମା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେବା ପରେ ଆଇପିଏଲ୍‌ରେ କେଉଁ ଭୂମିକାରେ ନଜର ଆସିପାରନ୍ତି। ପୂର୍ବତନ ଭାରତୀୟ ସ୍ପିନର ଆର. ଅଶ୍ୱିନ ନିଜ ୟୁଟ୍ୟୁବ ଚ୍ୟାନେଲରେ ବିରାଟ କୋହଲିଙ୍କ ସମସ୍ତ ଫର୍ମାଟରୁ ଅବସର ପରବର୍ତ୍ତୀ ଯୋଜନା ବିଷୟରେ କହିଛନ୍ତି। ଅଶ୍ୱିନଙ୍କ ମତରେ, ଅବସର ନେବା ପରେ ବିରାଟ ତୁରନ୍ତ ଆରସିବିର କୋଚ ହେବେ ନାହିଁ, କିନ୍ତୁ ପରେ ଅନ୍ୟ କୌଣସି ଭୂମିକାରେ ନଜର ଆସିପାରନ୍ତି। ସେ କହିଛନ୍ତି, ମୋତେ ଲାଗୁନାହିଁ ଯେ ବିରାଟ କୋହଲି ତୁରନ୍ତ କୋଚ ହେବେ। ଉଭୟ ବହୁତ କ୍ରିକେଟ ଖେଳିଛନ୍ତି। ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ସହ କୌଣସି ନା କୌଣସି ଭୂମିକାରେ ଜଡ଼ିତ ରହିପାରନ୍ତି, କିନ୍ତୁ ବିରାଟଙ୍କ ବିଷୟରେ ମୁଁ ସେତେ ଜାଣିନାହିଁ। ସେ ହୁଏତ କିଛି ସମୟ ବ୍ରେକ ନେଇପାରନ୍ତି। ଆର. ଅଶ୍ୱିନଙ୍କ ମତରେ, ଅବସର ନେବାର ୨-୩ ବର୍ଷ ପରେ ରୋହିତ ଶର୍ମା ଏମ୍ଆଇର ହେଡ କୋଚ ହୋଇପାରନ୍ତି। ତାଙ୍କ ମତରେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତଙ୍କ ଅଭିଜ୍ଞତାର ଲାଭ ନେବା ଉଚିତ୍। ସେ କହିଛନ୍ତି, ଯଦି ଭବିଷ୍ୟତରେ ରୋହିତ ଶର୍ମା ନିଷ୍ପତ୍ତି ନିଅନ୍ତି ଯେ ସେ ଆଉ ଖେଳିବେ ନାହିଁ, ତେବେ ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କ ଅଭିଜ୍ଞତାକୁ ଉପଯୋଗ କରିବା ଉଚିତ୍। ସେ ୫ଟି ଆଇପିଏଲ୍ ଟାଇଟଲ ଜିତିଛନ୍ତି ଏବଂ ବିଶ୍ୱକପରେ ଭାରତର ନେତୃତ୍ୱ ନେଇଛନ୍ତି। ଆର. ଅଶ୍ୱିନ ଆହୁରି କହିଛନ୍ତି, ଆପଣ ଏଭଳି ଲୋକ ସହଜରେ ପାଇବେ ନାହିଁ। ଯଦି ସେ ଆରମ୍ଭରେ ହେଡ କୋଚ ହେବାକୁ ଚାହୁଁନାହାନ୍ତି, ତେବେ କିଛି ବର୍ଷ ବ୍ରେକ୍ ନେବା ପରେ ସେ ଏହି ଭୂମିକା ନେଇପାରନ୍ତି। ରାହୁଲ ଭାଇ ମଧ୍ୟ ବ୍ରେକ୍ ନେଇଥିଲେ ଏବଂ ପରେ ଫେରିଥିଲେ। ମୁଁ ମୁମ୍ବାଇ ଇଣ୍ଡିଆନ୍ସକୁ ଯେତିକି ଜାଣିଛି, ସେମାନେ ରୋହିତଙ୍କ ଭଳି ଜଣେ ଖେଳାଳିଙ୍କୁ ଛାଡ଼ିବେ ନାହିଁ।

# ୩୩ ବର୍ଷ ବୟସରେ ବକ୍ସର ପ୍ରିଚାର୍ଡଙ୍କ ଦେହାନ୍ତ



**ନୂଆଦିଲ୍ଲୀ :** ପୂର୍ବତନ ପୁଏର୍ଟୋରୀକାନ୍ ବକ୍ସର ପ୍ରିଚାର୍ଡ କୋଲନଙ୍କ ୩୩ ବର୍ଷ ବୟସରେ ଆଖି ବୁଜିଛନ୍ତି । ୨୦୧୫ ଅକ୍ଟୋବରରେ ଏକ ବିବାଦୀୟ ଲଢ଼େଇ ସମୟରେ ସେ ଗୁରୁତର ଆହତ ହୋଇଥିଲେ । ସେ ଦୀର୍ଘ ସମୟ ଧରି ସ୍ୱାସ୍ଥ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିଲେ । କୋଲନଙ୍କ ବାପା ରିଚାର୍ଡ କୋଲନ ଗୁରୁବାର ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟରେ ପୁଅର ମୃତ୍ୟୁର ଦୁଃଖଦ ଖବର ସେୟାର କରିଛନ୍ତି । ୨୦୧୫ର ସେ ଫାଇଟ୍ ଯାହା ପ୍ରିଚାର୍ଡଙ୍କୁ କୋମାରେ ପକାଇଥିଲେ । ୧୧ ବର୍ଷ ପରେ ଦୁନିଆରୁ ବିଦାୟ ନେଇଛନ୍ତି ଏହି ବକ୍ସର । ପୁଅକୁ ହରାଇ ସ୍ତବ୍ଧ ବାପା- ପ୍ରିଚାର୍ଡ ଦେହାନ୍ତ ଖବରର ସୂଚନା ଦେଇ ତାଙ୍କ ବାପା ଲେଖିଛନ୍ତି ଯେ, ସେ ତାଙ୍କ ପୁଅର ଶେଷ ଇଚ୍ଛା ପୂରଣ କରିବାକୁ ଯଥାସମ୍ଭବ ଚେଷ୍ଟା କରିଛନ୍ତି, କିନ୍ତୁ ଏହା ଅସମ୍ଭବ ଥିଲା । ପରିବାରକୁ ବର୍ଷ ବର୍ଷ ଧରି ମିଳିଥିବା ପ୍ରେମ ଏବଂ ପ୍ରାର୍ଥନା ପାଇଁ ସେ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଉଛି । ୨୦୧୫ର ମୁକାବିଲା ଏବଂ ଦୁଃଖଦ ଦୁର୍ଘଟଣା- ପ୍ରିଚାର୍ଡ କୋଲନଙ୍କର ଏକ ଚମତ୍କାର ବକ୍ସିଂ କ୍ୟାରିୟର ଥିଲା । ଅକ୍ଟୋବର ୨୦୧୫ରେ ଟେରେଲ ୱିଲିୟମ୍ସଙ୍କ ସହ ମୁକାବିଲା କରିବା ପୂର୍ବରୁ, ସେ ଲଗାତାର ୧୬ଟି ମୁକାବିଲା ଜିତିଥିଲେ । ସେଥିରୁ ୧୩ଟି ନକଆଉଟ୍ ଥିଲା। ଟେରେଲ ୱିଲିୟମ୍ସଙ୍କ ସହ ତାଙ୍କର ମୁକାବିଲା ଏକ ଦୁଃସ୍ୱପ୍ନରେ ପରିଣତ ହୋଇଥିଲା । ମୁକାବିଲାରେ କୋଲନଙ୍କ ମୁଣ୍ଡ ପଛଭାଗରେ ଅନେକ ଥର ପଞ୍ଚ ମାରିଥିଲେ ବିପକ୍ଷ ବକ୍ସର । କୋଲନ ରେଫରିଙ୍କ ନିକଟରେ ଅଭିଯୋଗ କରିଥିଲେ, କିନ୍ତୁ ମ୍ୟାଚ୍ ଜାରି ରହିଥିଲା । କୋଲନ ୯ମ ରାଉଣ୍ଡରେ ତଳେ ପଡ଼ିଗଲେ । ତା'ପରେ ତାଙ୍କ କର୍ଣ୍ଣର ଭୁଲବଶତଃ ତାଙ୍କ ଗ୍ଲୋଭସ୍ କାଢ଼ି ଦେଇଥିଲେ, ଯାହା ଫଳରେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ଅସ୍ତ୍ରୋପଚାର ପରେ କୋମାକୁ ଚାଲିଗଲେ ପ୍ରିଚାର୍ଡ - ଡ୍ରେସିଂ ରୁମକୁ ଫେରିବା ପରେ କୋଲନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା । ସେ ବାନ୍ତି କରିବାକୁ ଲାଗିଲେ ଏବଂ ତଳେ ପଡ଼ିଗଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କ ମସ୍ତିଷ୍କରେ ରକ୍ତସ୍ରାବ ହୋଇଥିବା ନିଶ୍ଚିତ କରିଥିଲେ । ମସ୍ତିଷ୍କ ଫୁଲା ଏବଂ ଚାପ କମାଇବା ପାଇଁ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା, ଯାହା ପରେ ସେ ୨୨୧ ଦିନ ପର୍ଯ୍ୟନ୍ତ କୋମାରେ ରହିଥିଲେ । କୋମାରୁ ବାହାରିବା ପରେ ମଧ୍ୟ, ସେ ଗୁରୁତର ମସ୍ତିଷ୍କ ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଲେ ନାହିଁ । ପ୍ରିଚାର୍ଡ କୋଲନ୍ ଫ୍ଲୋରିଡାରେ ରହୁଥିଲେ, ତାଙ୍କ ମାଆ ଏବଂ ପରିବାର ୧୧ ବର୍ଷ ଧରି ଯତ୍ନ ନେଉଥିଲେ । ୩୩ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । ବିଶ୍ୱ ବକ୍ସିଂ ସଂଗଠନ ଏହାର ଏକ୍ସ ଆକାଉଣ୍ଟରେ ଲେଖିଛି, 'ଶେଷ ପର୍ଯ୍ୟନ୍ତ ଜଣେ ଯୋଦ୍ଧା । ଡବ୍ଲୁଓ ପରିବାର ପ୍ରିଚାର୍ଡ କୋଲନ୍‌ଙ୍କ ଦେହାନ୍ତରେ ଶୋକ ପ୍ରକାଶ କରୁଛି, ଯାହାଙ୍କ ସାହସ, ଶକ୍ତି ଏବଂ ଲଢୁଆ ମନୋଭାବ ରିଙ୍ଗକୁ ପାର୍ କରିଥିଲା ।'




## ଲକ୍ଷ୍ମଣଙ୍କୁ ମିଳିବ 'ଡାଇରେକ୍ଟର ଅଫ୍ କ୍ରିକେଟ୍' ଦାୟିତ୍ୱ



**ନୂଆଦିଲ୍ଲୀ:**ଭାରତୀୟ କ୍ରିକେଟ୍‌ରେ ଆସିବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ 'ଡାଇରେକ୍ଟର ଅଫ୍ କ୍ରିକେଟ୍' ଭାବେ ନୂଆ ଦାୟିତ୍ୱ ଦେବାକୁ ବୋର୍ଡ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏଥିସହ ଲକ୍ଷ୍ମଣଙ୍କ ଚୁକ୍ତିକୁ ଆଉ ଦୁଇ ବର୍ଷ ବଢ଼ାଯିବା ସହ ତାଙ୍କୁ ଏକ ବଡ଼ ଭୂମିକା ଦିଆଯିବ ବୋଲି ଜଣାପଡ଼ିଛି। ନୂଆ ଦାୟିତ୍ୱରେ ଲକ୍ଷ୍ମଣ ଜୁନିୟର ଟିମ୍, ଖେଳାଳିଙ୍କ ରିହାବିଲିଟେସନ୍, ଯୁବ ପ୍ରତିଭା ବିକାଶ ଏବଂ ଷ୍ଟାଫ୍ ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟର ଦାୟିତ୍ୱ ନେବେ। ଯୁବ କ୍ରିକେଟ୍‌ରୁ ସିନିୟର ଟିମ୍ ପର୍ଯ୍ୟନ୍ତ ଏକ ସମନ୍ୱିତ ବ୍ୟବସ୍ଥା ଗଢ଼ିବା ଏହି ନୂଆ ପଦବୀର ପ୍ରମୁଖ ଉଦ୍ଦେଶ୍ୟ ରହିବ। ସୂଚନା ଅନୁଯାୟୀ,ଏହି ପରିବର୍ତ୍ତନ ଯୋଗୁଁ ଗମ୍ଭୀର କିମ୍ବା ଅଗରକରଙ୍କୁ ତୁରନ୍ତ ଦାୟିତ୍ୱରୁ ହଟାଯିବ ନାହିଁ। ଉଭୟେ ୨୦୨୭ ୱାର୍ଲ୍ଡ କପ୍ ପର୍ଯ୍ୟନ୍ତ ନିଜ ନିଜ ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି ।ଅନ୍ୟପଟେ, ଅଜିତ ଅଗରକରଙ୍କ ବର୍ତ୍ତମାନର କାର୍ଯ୍ୟକାଳ ସେପ୍ଟେମ୍ବରରେ ଶେଷ ହେବାକୁ ଥିବାରୁ ଆଗାମୀ ଦିନରେ ଚୟନ କମିଟିକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିବା ସମ୍ଭାବନା ରହିଛି। ଭାରତୀୟ କ୍ରିକେଟ୍‌ରେ ଲକ୍ଷ୍ମଣଙ୍କ ଦୀର୍ଘ ଅଭିଜ୍ଞତାକୁ ଏବେ ଆହୁରି ବଡ଼ ଦାୟିତ୍ୱରେ ବ୍ୟବହାର କରିବାକୁ ବିସିସିଆଇ ଯୋଜନା କରୁଥିବା କୁହାଯାଉଛି। ଯୁବ ପ୍ରତିଭା ଚିହ୍ନଟରୁ ଆରମ୍ଭ କରି ଭବିଷ୍ୟତର ଟିମ୍ ଇଣ୍ଡିଆ ଗଠନ ପର୍ଯ୍ୟନ୍ତ ଏହି ନୂଆ ବ୍ୟବସ୍ଥା କେତେ ପ୍ରଭାବଶାଳୀ ହେବ, ତାହା ଉପରେ ଏବେ କ୍ରିକେଟ୍ ମହଲର ନଜର ରହିଛି।

## ଅଷ୍ଟ୍ରେଲିଆ ମାଟିରେ ତାଞ୍ଜିଦ ହାସନଙ୍କ ଐତିହାସିକ ଶତକ

**ନୂଆଦିଲ୍ଲୀ :** ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ବାଂଲାଦେଶ ଦଳର ଯୁବ ଓପନର ତାଞ୍ଜିଦ ହାସନ ଏକ ବିରଳ ଇତିହାସ ରଚିଛନ୍ତି। ପ୍ରଥମ ବାଂଲାଦେଶୀ ବ୍ୟାଟର ଭାବେ ସେ କଙ୍ଗାରୁ ମାଟିରେ ଟେଷ୍ଟ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । କ୍ୟାରିୟରର ମାତ୍ର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ତାଞ୍ଜିଦଙ୍କ ଏହି ଚମତ୍କାର ଶତକୀୟ ଇନିଂସ ବଳରେ ବାଂଲାଦେଶ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬ ୱିକେଟ୍ ବିନିମୟରେ ୩୫୧ ରନ୍ ସଂଗ୍ରହ କରି ମଜଭୁତ ସ୍ଥିତିରେ ପହଞ୍ଚିଛି । ଫଳରେ ପ୍ରଥମ ଇନିଂସରେ ଦଳ ଏବେ ୧୫୩ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଦିନରେ ବାଂଲାଦେଶ ଗତକାଲିର ସ୍କୋର ୯୬/୧ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଦଳୀୟ ସ୍କୋରରେ ଆଉ ୪୨ ରନ୍ ଯୋଡ଼ିବା ପରେ ମୋମିନୁଲ ହକ୍ ବ୍ୟକ୍ତିଗତ ୪୯ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ କ୍ରିଜ୍‌କୁ ଆସିଥିବା ଅଧିନାୟକ ନଜମୁଲ ହୁସେନ ସାଣ୍ଟୋଙ୍କ ସହ ମିଶି ତାଞ୍ଜିଦ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ । ଉଭୟ ତୃତୀୟ ୱିକେଟ୍ ପାଇଁ ୯୩ ରନ୍‌ର ମୂଲ୍ୟବାନ ଭାଗୀଦାରୀ ଗଢ଼ି ଦଳର ସ୍କୋର ୨୦୦ ପାର୍ କରାଇଥିଲେ । ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ପ୍ରଦର୍ଶନ କରି ତାଞ୍ଜିଦ ୧୯୭ ବଲ୍‌ରୁ ୮ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୧୦୧ ରନ୍‌ର ଐତିହାସିକ ଇନିଂସ ଖେଳି ନାଥନ ଲାୟନଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ । ତାଞ୍ଜିଦଙ୍କ ପରେ ଅଧିନାୟକ ନଜମୁଲ (୮୪) ଏବଂ ଅଭିଜ୍ଞ ମୁସଫିକର ରହିମ (୩୬) ଭଲ ଖେଳି ଦଳକୁ ଏକ ବଡ଼ ସ୍କୋର ଆଡ଼କୁ ନେଉଥିଲେ । ତେବେ ଅଷ୍ଟ୍ରେଲିଆ ଦ୍ୱିତୀୟ ନୂଆ ବଲ୍ ନେବା ପରେ ମ୍ୟାଚ୍‌କୁ ଫେରିବାର ପ୍ରୟାସ କରିଥିଲା । କଙ୍ଗାରୁ ବୋଲରମାନେ ମାତ୍ର ୧୧ ରନ୍ ମଧ୍ୟରେ ନଜମୁଲ, ମୁସଫିକର ଏବଂ ଖାତା ଖୋଲିପାରି ନ ଥିବା ଲିଟନ ଦାସଙ୍କୁ ପ୍ୟାଭିଲିୟନ ପଠାଇ ବାଂଲାଦେଶ ଉପରେ ଚାପ ସୃଷ୍ଟି କରିଥିଲେ ।










## ୧୦୦ ଟଙ୍କାରେ ଫୁଟବଲ୍ କ୍ଲବ୍ ବିକ୍ରି କରିଦେଲା ଟାଟା ଷ୍ଟିଲ୍



**ନୂଆଦିଲ୍ଲୀ :** ଭାରତୀୟ ଫୁଟବଲ୍‌ରେ ବଡ଼ ଖବର। ଜାମସେଦପୁର ଋଉକୁ ମାତ୍ର ୧୦୦ ଟଙ୍କାରେ ଚର୍ଚ୍ଚିଲ୍ ବ୍ରଦର୍ସକୁ ବିକ୍ରି କରିବ ଟାଟା ଷ୍ଟିଲ୍। କ୍ଲବ୍‌ର ୧୦୦ ପ୍ରତିଶତ ଅଂଶଧନ ହସ୍ତାନ୍ତର ପାଇଁ ଚୁକ୍ତି ହୋଇଛି। ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ କମିଟି ଏହି ହସ୍ତାନ୍ତରକୁ ମଞ୍ଜୁରୀ ଦେଇଛି। ଜାମସେଦପୁର ଫୁଟବଲ୍ ଆଣ୍ଡ ସ୍ପୋର୍ଟିଂ ପ୍ରାଇଭେଟ୍ ଲିମିଟେଡ୍‌ର ୪.୦୮ କୋଟି ଇକ୍ୱିଟି ଶେୟାରର ସମ୍ପୂର୍ଣ୍ଣ ଅଂଶଧନ ଚର୍ଚ୍ଚିଲ୍ ବ୍ରଦର୍ସକୁ ଦିଆଯିବ। ତେବେ ଏହି ଡିଲ୍ ପାଇଁ ଏବେ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍, ଅର୍ଥାତ୍ ଇଓଋର ଅନୁମୋଦନ ବାକି ରହିଛି। ଆର୍ଥିକ ବର୍ଷ ୨୬ରେ ଜାମସେଦପୁର ଫୁଟବଲ୍ ଆଣ୍ଡ ସ୍ପୋର୍ଟିଂ ପ୍ରାଇଭେଟ୍ ଲିମିଟେଡ୍ ୩୨.୨୩ କୋଟି ଟଙ୍କାର ଟର୍ନଓଭର୍ ରେକର୍ଡ କରିଥିଲା। ଏହା ଟାଟା ଷ୍ଟିଲ୍‌ର କନସୋଲିଡେଟେଡ୍ ଟର୍ନଓଭରର ମାତ୍ର ୦.୦୧ ପ୍ରତିଶତ ଥିଲା। ତେବେ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଜେଏଫଏସ୍‌ପିଏଲ୍‌ର ନେଟ୍ ୱର୍ଥ ୫.୮ କୋଟି ଟଙ୍କା ନେଗେଟିଭ୍ ଥିଲା। ଟାଟା ଷ୍ଟିଲ୍‌ର କର୍ପୋରେଟ୍ ସର୍ଭିସେସ୍ ଉପାଧ୍ୟକ୍ଷ ଡିବି ସୁନ୍ଦର ରାମମ୍ କହିଛନ୍ତି, ଚର୍ଚ୍ଚିଲ୍ ବ୍ରଦର୍ସର ଭାରତୀୟ ଫୁଟବଲ୍‌ରେ ଏକ ଦୀର୍ଘ ଇତିହାସ ରହିଛି ଏବଂ ଏହି ଚୁକ୍ତି ଖେଳାଳି ଓ କୋଚ୍‌ମାନଙ୍କୁ କ୍ଲବ୍ ଫୁଟବଲ୍ ଜାରି ରଖିବାର ସୁଯୋଗ ଦେବ। କ୍ଲବ୍ ବିକ୍ରି କଲେ ମଧ୍ୟ ଗ୍ରାସରୁଟ୍ ଫୁଟବଲ୍‌ରୁ ପଛକୁ ହଟିବ ନାହିଁ ଟାଟା ଷ୍ଟିଲ୍। ଟାଟା ଫୁଟବଲ୍ ଏକାଡେମୀ ଓ ଯୁବ ପ୍ରତିଭା ବିକାଶ ଉପରେ କମ୍ପାନୀର ଫୋକସ୍ ଜାରି ରହିବ। ଏହି ଏକାଡେମୀ ଏଯାଏଁ ୧୫୦ରୁ ଅଧିକ ଭାରତୀୟ ଖେଳାଳି ତିଆରି କରିଛି।




କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

# ଜନଗଣନାରେ ଜାତି ଠାରୁ କୋଭିଡଟିକା ଯାଏଁ, ୪୦ ପ୍ରଶ୍ନର ହେବ ତଥ୍ୟ ସଂଗ୍ରହ

**ନୂଆଦିଲ୍ଲୀ :** ଜନଗଣନା-୨୦୨୭ରେ ଦେଶବାସୀଙ୍କ ସାମାଜିକ, ଆର୍ଥିକ ଓ ଜନସାଂଖ୍ୟିକ ଚିତ୍ରକୁ ଅଧିକ ବ୍ୟାପକ ଭାବେ ରେକର୍ଡ କରାଯିବ । କେନ୍ଦ୍ର ସରକାର ଜନଗଣନାର ଜନସଂଖ୍ୟା ଗଣନା ପର୍ଯ୍ୟାୟ ପାଇଁ ୪୦ଟି ପ୍ରଶ୍ନ ସମ୍ବଳିତ ପ୍ରଶ୍ନାବଳୀ ଅଧିସୂଚିତ କରିଛନ୍ତି । ଏଥିରେ ପ୍ରଥମ ଥର ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଜାତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ । ଏହା ସହ କୋଭିଡ୍-୧୯ ଟିକା କେଉଁଠାରେ ନିଆଯାଇଥିଲା, ସେ ସମ୍ପର୍କରେ ମଧ୍ୟ ପ୍ରଶ୍ନ ରହିଛି । ଗୃହ ମନ୍ତ୍ରଣାଳୟ ଅଧୀନ ଭାରତର ରେଜିଷ୍ଟ୍ରାର ଜେନେରାଲ ଓ ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପ୍ରଶ୍ନାବଳୀର ଦଶମ ପ୍ରଶ୍ନରେ 'ଅନୁସୂଚିତ ଜାତି (ଏସ୍‌ସି)/ଅନୁସୂଚିତ ଜନଜାତି (ଏସ୍‌ଟି)/ଜାତି' ସମ୍ପର୍କରେ ତଥ୍ୟ ନିଆଯିବ । ଅର୍ଥାତ୍ ଏସ୍‌ସି ଓ ଏସ୍‌ଟି ସ୍ଥିତି ସହ ସାଧାରଣ




ଜାତି ସମ୍ପର୍କରେ ମଧ୍ୟ ତଥ୍ୟ ରେକର୍ଡ ହେବ । ଜାତି ପାଇଁ ଅଲଗା ତାଲିକା ନ ଥାଇ ଉତ୍ତରଦାତା ଯେଉଁ ଜାତି କିମ୍ବା ଉପଜାତି ଘୋଷଣା କରିବେ, ତାହା ରେକର୍ଡ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି । ଜନଗଣନା ପ୍ରଶ୍ନାବଳୀରେ ବ୍ୟକ୍ତିଙ୍କ ନାମ, ପରିବାର ମୁଖ୍ୟଙ୍କ ସହ ସମ୍ପର୍କ, ଲିଙ୍ଗ, ଜନ୍ମତାରିଖ ଓ ବୟସ, ବୈବାହିକ ସ୍ଥିତି, ବିବାହ ସମୟର ବୟସ, ସ୍ୱାମୀ କିମ୍ବା ପତ୍ନୀଙ୍କ ନାମ, ଜାତୀୟତା, ଧର୍ମ ଏବଂ ମାତାପିତାଙ୍କ ବିବରଣୀ ରହିଛି । ଦିବ୍ୟାଙ୍ଗତା, ମାତୃଭାଷା ଓ ଅନ୍ୟ ଭାଷା ଜ୍ଞାନ, ସାକ୍ଷରତା ଏବଂ ଡିଜିଟାଲ ସାକ୍ଷରତା ସମ୍ପର୍କରେ ମଧ୍ୟ ତଥ୍ୟ ନିଆଯିବ । ଶିକ୍ଷା ଓ ରୋଜଗାର ସମ୍ପର୍କିତ ତଥ୍ୟ ମଧ୍ୟ ଏଥର ବିସ୍ତୃତ ଭାବେ ସଂଗ୍ରହ ହେବ । କୌଣସି ଶିକ୍ଷାନୁଷ୍ଠାନରେ ଉପସ୍ଥିତି, ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା, ଷ୍ଟ୍ରିମ୍/ବିଷୟ, ଗତ ଏକ ବର୍ଷରେ କାମ କରିଥିଲେ କି ନାହିଁ, ଆର୍ଥିକ କାର୍ଯ୍ୟକଳାପର ଶ୍ରେଣୀ, ବୃତ୍ତି, ଶିଳ୍ପ/ବାଣିଜ୍ୟ/ସେବାର ପ୍ରକାର ଏବଂ ଶ୍ରମିକଙ୍କ ଶ୍ରେଣୀ ଭଳି ତଥ୍ୟ ନିଆଯିବ । କାମ ଖୋଜୁଥିବା ବ୍ୟକ୍ତି ଓ କାମ ପାଇଁ ଉପଲବ୍ଧ ଥିବା ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ପ୍ରଶ୍ନ ରହିଛି । ପ୍ରବାସ ସମ୍ପର୍କିତ ତଥ୍ୟ ପାଇଁ ଜନ୍ମସ୍ଥାନ, ଶେଷ ଥର ରହୁଥିବା ସ୍ଥାନ, ପ୍ରବାସର କାରଣ, ନୂଆ ସ୍ଥାନରେ କେତେ ବର୍ଷ ଧରି ରହୁଛନ୍ତି ଏବଂ ସ୍ଥାୟୀ ବାସସ୍ଥାନର ଠିକଣା ପଚରାଯିବ । ବର୍ତ୍ତମାନ ବିବାହିତ, ବିଧବା, ଛାଡ଼ପତ୍ରପ୍ରାପ୍ତ କିମ୍ବା ଅଲଗା ରହୁଥିବା ମହିଳାଙ୍କୁ ସନ୍ତାନ ସମ୍ପର୍କିତ ତଥ୍ୟ ମଧ୍ୟ ପଚରାଯିବ । ଜନଗଣନା-୨୦୨୭ର ପ୍ରଶ୍ନାବଳୀରେ ପରିଚୟ ଓ ଆର୍ଥିକ ସେବା ସମ୍ପର୍କିତ ତଥ୍ୟକୁ ମଧ୍ୟ ସାମିଲ କରାଯାଇଛି । କୋଭିଡ୍-୧୯ ଟିକାକରଣର ସ୍ଥାନ, ମୋଟ ବ୍ୟାଙ୍କ ଖାତା ସଂଖ୍ୟା, ମୋବାଇଲ ନମ୍ବର, ଆଧାର ନମ୍ବର, ଭୋଟର ଆଇଡି ନମ୍ବର, ଭାରତୀୟ ପାସପୋର୍ଟ ନମ୍ବର ଏବଂ ଡ୍ରାଇଭିଂ ଲାଇସେନ୍ସ ଅଛି କି ନାହିଁ—ଏସବୁ ତଥ୍ୟ ସଂଗ୍ରହ କରାଯିବ । ମୋବାଇଲ, ଆଧାର ଓ ଭୋଟର ଆଇଡି ପାଇଁ 'ଯଦି ଉପଲବ୍ଧ' ବୋଲି ଉଲ୍ଲେଖ ରହିଛି । ଜନଗଣନାର ଏହି ପର୍ଯ୍ୟାୟରେ ସମୁଦାୟ ୪୦ଟି ପ୍ରଶ୍ନ ରହିଛି । ଦେଶର ଅଧିକାଂଶ ଅଞ୍ଚଳରେ ଜନସଂଖ୍ୟା ଗଣନା ଆସନ୍ତାବର୍ଷ ହେବ । ତେବେ ଲଦାଖ ଓ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ବରଫାବୃତ ଅଞ୍ଚଳରେ ଏହି ପର୍ଯ୍ୟାୟ ସେପ୍ଟେମ୍ବର ୧ରୁ ୩୦ ମଧ୍ୟରେ ଅନୁଷ୍ଠିତ ହେବ । ଏହି ଅଞ୍ଚଳଗୁଡ଼ିକରେ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ସ୍ୱୟଂ ଗଣନାର ସୁଯୋଗ ମଧ୍ୟ ରହିବ । ଜାତିଗତ ତଥ୍ୟ ସଂଗ୍ରହ ଏଥର ଜନଗଣନାର ସବୁଠାରୁ ବଡ଼ ବିଶେଷତ୍ୱ ହୋଇଥିବାବେଳେ, କୋଭିଡ୍ ଟିକାକରଣ, ବ୍ୟାଙ୍କ ଖାତା ଓ ବିଭିନ୍ନ ପରିଚୟପତ୍ର ସମ୍ପର୍କିତ ତଥ୍ୟ ସାମିଲ ହେବା ଯୋଗୁଁ ଜନଗଣନା-୨୦୨୭ର ପରିସର ଆହୁରି ବ୍ୟାପକ ହୋଇଛି ।

# ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିବେ ଇରାନ ରାଷ୍ଟ୍ରପତି



**ନୂଆଦିଲ୍ଲୀ :** ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ବ୍ରିକ୍ସ ସମ୍ମିଳନୀରେ ଭାଗ ନେବାକୁ ଭାରତ ଗସ୍ତରେ ଆସିବେ ବୋଲି ଇରାନୀ ସୂତ୍ରରୁ ଶୁକ୍ରବାର ଜଣାପଡ଼ିଛି । ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ୧୮ଶ ତମ ବ୍ରିକ୍ସ ସମ୍ମିଳନୀ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି । ଏହି ଶିଖର ସମ୍ମିଳନୀ ଭାରତର 'ସ୍ଥାୟୀତା, ନବସୃଜନ, ସହଯୋଗ ଓ ସ୍ଥିରତା ପାଇଁ ନିର୍ମାଣ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ । ଭାରତ ୨୦୨୬ ଆରମ୍ଭରେ ବ୍ରାଜିଲଠାରୁ ବ୍ରିକ୍ସ ଅଧ୍ୟକ୍ଷତା ଗ୍ରହଣ କରିଥିଲା । ଅକ୍ଟୋବର ୨୦୨୪ ରେ ପେଜେସ୍କିଆନ ରୁଷର କାଜାନଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ, ଯେଉଁଠାରେ ଦୁଇ ନେତା ଦ୍ୱିପାକ୍ଷିକ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଇରାନ ୨୦୨୪ରେ ବ୍ରିକ୍ସର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିଲା । ସେହିବର୍ଷ ଇଜିପ୍ଟ, ଇଥୋପିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ବ୍ରିକ୍ସ ସଦସ୍ୟ ହୋଇଥିଲେ । ୨୦୨୫ରେ ଇଣ୍ଡୋନେସିଆ ବ୍ରିକ୍ସ ସଦସ୍ୟ ହେବାପରେ ଏହି ଗୋଷ୍ଠୀର ସଦସ୍ୟଙ୍କ ସଂଖ୍ୟା ୧୧ରେ ପହଞ୍ଚି ଥିଲା । ଜୁନ୍ ମାସର ପ୍ରାରମ୍ଭରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ବ୍ରିକ୍ସ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ପାଇଁ ଭାରତ ଆସିଥିଲେ ।

# ଦିଲ୍ଲୀ ଏମ୍ସରେ ଜେପି ନଡ୍ଡାଙ୍କ ଆଞ୍ଜିଓଗ୍ରାଫି



**ନୂଆଦିଲ୍ଲୀ:** କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଅସୁସ୍ଥତା ଅନୁଭବ କରିବାରୁ ଗୁରୁବାର ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା । ନଡ୍ଡାଙ୍କୁ ଗୁରୁବାର ସନ୍ଧ୍ୟାରେ ଏମ୍ସରେ ଭର୍ତ୍ତି କରାଯିବା ପରେ ତାଙ୍କର କରୋନାରୀ ଆଞ୍ଜିଓଗ୍ରାଫି କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଅଛି ଓ ନଡ୍ଡାଙ୍କୁ ଏମ୍ସର ହୃଦରୋଗ ବିଭାଗରେ ପର୍ଯ୍ୟବେକ୍ଷଣ ପାଇଁ ଭର୍ତ୍ତି କରାଯାଇଛି ବୋଲି ହସ୍ପିଟାଲ ପକ୍ଷରୁ ବିବୃତି ଜାରି କରାଯାଇଛି । ନଡ୍ଡା ହିମାଚଳ ପ୍ରଦେଶର ମୂଳ ବାସିନ୍ଦା । ସେ ଡିସେମ୍ବର ୧୯୬୦ରେ ପାଟନାରେ ଜନ୍ମଗ୍ରହଣ କରିଥିଲେ । ପାଟନା ବିଶ୍ୱବିଦ୍ୟାଳୟରେ ସ୍ନାତକ କରିବା ପରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟରେ ଏଲ୍‌ଏଲ୍‌ବି କରିଥିଲେ । ସେ ଯୁବ ବୟସରେ ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନରେ ଯୋଗ ଦେଇଥିଲେ । ନଡ୍ଡା ଏବିଭିପି ଓ ପରେ ତାଙ୍କୁ ୧୯୯୧ ମସିହାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ସଭାପତି କରାଯାଇଥିଲା । ୧୯୯୩ ମସିହାରେ ସେ ପ୍ରଥମ ଥର ପାଇଁ ହିମାଚଳ ପ୍ରଦେଶ ବିଧାନସଭାରେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ ଓ ବିରୋଧୀ ଦଳ ନେତା ହୋଇଥିଲେ । ୧୯୯୮ ମସିହାରେ ସେ ପୁନଃନିର୍ବାଚିତ ହୋଇଥିଲେ ଓ ବିଜେପି ରାଜ୍ୟ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ । ୨୦୧୦ ମସିହାରେ ନଡ୍ଡାଙ୍କୁ ଭାରତୀୟ ଜନତା ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ କରାଯାଇଥିଲା । ୨୦୧୨ ମସିହାରେ ସେ ପ୍ରଥମ ଥର ପାଇଁ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ନଡ୍ଡା ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଦାୟିତ୍ୱ ନେଇଥିଲେ । ଜୁନ୍ ୨୦୧୯ରେ ବିଜେପିର କାର୍ଯ୍ୟକାରୀ ଜାତୀୟ ସଭାପତି ହୋଇଥିଲେ । ୨୦୨୦ ଜାନୁଆରିରେ ବିଜେପି ଜାତୀୟ ସଭାପତି ହୋଇଥିଲେ ।

# ମଣିଷର ନିଃଶ୍ୱାସକୁ ଶୁଙ୍ଘି କ୍ୟାନସର ଚିହ୍ନଟ କରିବ କୁକୁର

**ନୂଆଦିଲ୍ଲୀ:** କୁକୁର ଚିହ୍ନିବ କ୍ୟାନସର । ମଣିଷ ଶରୀରରେ କ୍ୟାନସରକୁ ଚିହ୍ନଟ କରିବ କୁକୁର । ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀ ଡଗନୋସିସ୍, ତାଲିମପ୍ରାପ୍ତ କୁକୁର ଓ କୃତ୍ରିମ ବୁଦ୍ଧିମତ୍ତା-ଇଓର ବ୍ୟବହାର କରି କ୍ୟାନସର ବା କର୍କଟ ରୋଗକୁ ଶୀଘ୍ର ଚିହ୍ନଟ କରିବା ପାଇଁ ଶସ୍ତା ଓ ସହଜ ଉପାୟ ବାହାର କରିଛି । ଏହି ପଦ୍ଧତି ମଣିଷର ନିଃଶ୍ୱାସ ଶୁଙ୍ଘି ୯୦% ରୁ ଅଧିକ ସଠିକତା ସହ ରୋଗ ଚିହ୍ନଟ କରିପାରିବ । ଏହା ସାଧାରଣ ପରୀକ୍ଷା ତୁଳନାରେ ବହୁତ କମ୍ ଖର୍ଚ୍ଚ ସାପେକ୍ଷ ହେବ । ସୂଚନାନୁଯାୟୀ, ବେଙ୍ଗାଲୁରୁ ବାହାରେ ଥିବା ଦୁଇ ଏକର ଫାର୍ମରେ ଏହି କାମ ଚାଲିଛି । କୁକୁରଙ୍କର ଶୁଙ୍ଘିବା ବା ଘ୍ରାଣ ଶକ୍ତି ବହୁତ ଅଧିକ ରହିବ । ତେଣୁ ସେମାନେ ମଣିଷର ନିଶ୍ୱାସକୁ ଶୁଙ୍ଘି ଶରୀରରେ କ୍ୟାନ୍ସର ଅଛି କି ନାହିଁ ଜାଣିପାରୁଛନ୍ତି । ଏହା ସହିତ ଇଓ ଏବଂ




ବିଶେଷ ହେଡସେଟ୍ ବ୍ୟବହାର କରି କୁକୁରର ମନର କଥାକୁ କଂପ୍ୟୁଟର ସାହାଯ୍ୟରେ ସଠିକ୍ ଭାବେ ବୁଝାଯାଉଛି । ଜଣେ ବ୍ୟକ୍ତି ଏକ ବିଶେଷ କପଡ଼ା ମାସ୍କ ଭିତରେ ୧୦ ମିନିଟ୍ ପାଇଁ ନିଃଶ୍ୱାସ ନିଅନ୍ତି । ଏହା ଦ୍ୱାରା ନିଃଶ୍ୱାସର କେମିକାଲ୍ ମାସ୍କରେ ରହିଯାଏ । ସେହି ମାସ୍କକୁ ବନ୍ଦ କରି ସିଧାସଳଖ ଲ୍ୟାବକୁ ପଠାଯାଏ । ତାଲିମପ୍ରାପ୍ତ କୁକୁର ଯେପରିକି ଲାବ୍ରାଡର ଏବଂ ବିଗଲ ଏକ ସ୍ୱତନ୍ତ୍ର ରୁମ୍‌ରେ ଏହି ମାସ୍କକୁ ଶୁଙ୍ଘନ୍ତି । ହେଡସେଟ୍ ଦ୍ୱାରା କୁକୁରର brainwavesକୁ ମାପିଥାଏ ଇଓ । ସ୍ୱତନ୍ତ୍ର କମ୍ପ୍ୟୁଟର ସଫ୍ଟୱେର୍ ଏହି ସଙ୍କେତକୁ ବୁଝି କ୍ୟାନ୍ସର ହେବାର ସମ୍ଭାବନା କେତେ ଅଛି ତାହା ଜଣାଇଥାଏ । ଅନ୍ୟପଟେ ଏହି ପରୀକ୍ଷା ଏପର୍ଯ୍ୟନ୍ତ ପ୍ରାୟ ୯୦% ସଠିକ୍ ଫଳାଫଳ ଦେଇଛି । ଏହା ବ୍ରେଷ୍ଟ କ୍ୟାନ୍ସର ଏବଂ ଫୁସଫୁସ କ୍ୟାନ୍ସର ଭଳି ରୋଗକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିପାରୁଛି । ଏହି ପରୀକ୍ଷା ସାଧାରଣ ମେଡିକାଲ୍ ସ୍କାନଠାରୁ ୧୦ ଗୁଣ ଶସ୍ତା ହେବ । ଗାଁ ଗଣ୍ଡାରେ ଯେଉଁଠି ବଡ଼ ମେଡିକାଲ୍ ମେସିନ୍ ନାହିଁ, ସେଠାରେ ଲୋକେ କେବଳ ମାସ୍କରେ ନିଃଶ୍ୱାସ ଦେଇ ଏହି ପରୀକ୍ଷା କରିପାରିବେ । ବର୍ତ୍ତମାନ ୧୦ଟି ହସ୍ପିଟାଲରେ ୧୦,୦୦୦ ଲୋକଙ୍କ ଉପରେ ଏହାର ପରୀକ୍ଷା ଚାଲିଛି । ୨୦୨୭ ସୁଦ୍ଧା ଏହି ସେବା ବଜାରକୁ ଆସିବ ବୋଲି କମ୍ପାନୀ ଆଶା କରୁଛି ।

# ଭାରତରେ ପୁଣି ଭୂକମ୍ପ ଝଟ୍‌କା




**ନୂଆଦିଲ୍ଲୀ:** ଭାରତରେ ଆଜି, ଶୁକ୍ରବାର ପୁଣି ଭୂକମ୍ପର ଝଟକା ଅନୁଭୂତ ହୋଇଛି । ମହାରାଷ୍ଟ୍ରର ନାସିକରେ ଦୁଇଥର ଭୂକମ୍ପ ଘଟିଥିବା ଜଣାପଡ଼ିଛି । ପ୍ରଥମ ଭୂକମ୍ପ ମଧ୍ୟରାତ୍ରିରେ ଏବଂ ଦ୍ୱିତୀୟ ଭୂକମ୍ପ ଶୁକ୍ରବାର ସକାଳେ ଅନୁଭୂତ ହୋଇଥିଲା । ପ୍ରଥମ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୫ ଏବଂ ଦ୍ୱିତୀୟ ଭୂକମ୍ପର ତୀବ୍ରତା ୩.୪ ରେକର୍ଡ କରାଯାଇଛି । ତେବେ ଭୂକମ୍ପ ଯୋଗୁଁ ବର୍ତ୍ତମାନ ସୁଦ୍ଧା କୌଣସି ଜୀବନହାନି କିମ୍ବା ସମ୍ପତ୍ତି କ୍ଷୟକ୍ଷତିର ଖବର ମିଳିନାହିଁ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁସାରେ, ନାସିକରେ ପ୍ରଥମ ଭୂକମ୍ପ ରାତି ୧୨ଟା ୫ ମିନିଟରେ ଘଟିଥିଲା । ଏହାର ତୀବ୍ରତା ୩.୫ ଥିବା ବେଳେ ଭୂକମ୍ପର ଗଭୀରତା ଭୂପୃଷ୍ଠଠାରୁ ୩ କିଲୋମିଟର ତଳେ ଥିଲା । ସେହିପରି ଶୁକ୍ରବାର ସକାଳ ୫ଟା ୩୨ ମିନିଟରେ ଦ୍ୱିତୀୟ ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ୩.୪ ରେକର୍ଡ କରାଯାଇଛି । ଏହି ଦୁଇଟି ଭୂକମ୍ପ ଝଟକାରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି । ତେବେ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି ।

# ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ଅଭିଯୋଗ, ସମନ୍ ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସବରକରଙ୍କ ବିରୋଧରେ ଦେଇଥିବା ଟିପ୍ପଣୀ ପାଇଁ ତାଙ୍କ ବିରୋଧରେ ଯେଉଁ ଆପରାଧିକ ମାନହାନି ଅଭିଯୋଗ ହୋଇଥିଲା ଏବଂ ଟ୍ରାଏଲ କୋର୍ଟଙ୍କ ଦ୍ୱାରା ସମନ୍ ଜାରି କରାଯାଇଥିଲା ତାକୁ ଆଜି ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ଆବଶ୍ୟକ ଅନୁମୋଦନ ନିଆଯାଇନଥିଲା । ଖଣ୍ଡପୀଠ କହିଛନ୍ତି, ଅତିରିକ୍ତ ସଲିସିଟର ଜେନେରାଲ୍ ଏବଂ ଅଭିଯୋଗକାରୀଙ୍କ ଓକିଲ, ଉତ୍ତରପ୍ରଦେଶ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ଅନୁମୋଦନ ନିଆଯାଇଥିବାର କୌଣସି ଉଲ୍ଲେଖ ନାହିଁ ବୋଲି ଦର୍ଶାଇଛନ୍ତି । ଏହି ପରିସ୍ଥିତିରେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ଜାରି ହୋଇଥିବା ଅଭିଯୋଗ ଓ ଆଦେଶଗୁଡ଼ିକୁ ଖାରଜ କରାଯାଉଛି । ଉଲ୍ଲେଖଯୋଗ୍ୟ ୨୦୨୨ ନଭେମ୍ବର ୧୭ରେ ମହାରାଷ୍ଟ୍ରର



ଅକୋଲା ଜିଲ୍ଲାରେ ଭାରତ ଯୋଡ଼ୋ ଯାତ୍ରା ସମୟରେ ଏକ ସଭାରେ ରାହୁଲ ଗାନ୍ଧୀ ସବରକରଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ମାନହାନି ମକଦ୍ଦମା ଚାଲିଥିଲା । ୨୦୨୫ ଏପ୍ରିଲ୍ ୪ରେ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଥିଲେ ଯେ, ରାହୁଲ ଗାନ୍ଧୀ ସେସନ୍ସ କୋର୍ଟରେ ରିଭିଜନ୍ ପିଟିସନ୍ ଦାଖଲ କରିପାରିବେ । ତେଣୁ ଏହି ପର୍ଯ୍ୟାୟରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ନାହିଁ । ରାହୁଲ ଗାନ୍ଧୀ ତାଙ୍କୁ ଏହି ମାମଲାରେ ସମନ୍ କରିବା ସଂକ୍ରାନ୍ତ ତଳ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ । ଏଥିସହ ତାଙ୍କ ବିରୋଧରେ ଚାଲିଥିବା ମାମଲାର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ସେ ବିରୋଧ କରିଥିଲେ । ଉଲ୍ଲେଖଯୋଗ୍ୟ ଓକିଲ ନୃପେନ୍ଦ୍ର ପାଣ୍ଡେ ଏକ ଅଭିଯୋଗ ଦାଖଲ କରି କହିଥିଲେ ଯେ ସଭା ସମୟରେ ରାହୁଲ ଗାନ୍ଧୀ ଜାଣିଶୁଣି ସବରକରଙ୍କୁ ଅପମାନିତ କରିଥିଲେ । ଅଭିଯୋଗକାରୀଙ୍କ ଦାବି ଥିଲା ଯେ, ସାବରକରଙ୍କୁ ବଦନାମ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଏକ ସୁଚିନ୍ତିତ ଷଡ଼ଯନ୍ତ୍ରର ଅଂଶ ଥିଲା ।

# ଚାଟ୍ ଜିପିଟି ସହାୟତାରେ ମା' ଓ ସାନଭାଇକୁ ହତ୍ୟା

**ମାସାଚ୍ୟୁସେଟ୍ସ :** ଆମେରିକାର ମାସାଚ୍ୟୁସେଟ୍ସ ରାଜ୍ୟରେ ରହୁଥିବା ଜଣେ ୧୭ ବର୍ଷୀୟ ଭାରତୀୟ କିଶୋର ନିଜ ମା ଓ ସାନଭାଇଙ୍କୁ ହତ୍ୟା କରିଛି । ଗତ ମଙ୍ଗଳବାର ହତ୍ୟା ଘଟଣା ଘଟିଥିବା ବେଳେ ବୁଧବାର ସେ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ତାକୁ ଗିରଫ କରିଛି । ଅଭିଯୁକ୍ତ କିଶୋରର ନାମ ଅର୍ଜୁନ ଅରବିନ୍ଦ । ସେ ତାର ମା ସୁଧା ରେଙ୍ଗନାଥନ (୪୫) ଓ ସାନଭାଇ ସିଦ୍ଧାର୍ଥ ଅରବିନ୍ଦ (୨୪)ଙ୍କୁ ହତ୍ୟା କରିଛି । ସେ ଇଣ୍ଟରନେଟ୍ ଓ ଚାଟ୍ ଜିପିଟିରୁ ନିଜ ପରିବାର ସଦସ୍ୟଙ୍କୁ ହତ୍ୟା କରିବାକୁ ବିଭିନ୍ନ କାଳ୍ପନିକ କାହାଣୀ ଓ ବିଷୟବସ୍ତୁ ଖୋଜିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି । ମଙ୍ଗଳବାର ଘରୋଇ ଟ୍ୟୁସନ ସାନଭାଇ ସିଦ୍ଧାର୍ଥଙ୍କୁ ପଢାଇବା ଲାଗି ଆସିଥିବା ବେଳେ ଘର ଖୋଲିନଥିଲା । ସେ ସିଦ୍ଧାର୍ଥଙ୍କ ପିତାଙ୍କୁ ଫୋନ୍ କରିଥିଲେ । ପିତା ଫୋନ୍ କରି କୌଣସି ଉତ୍ତର ନ ପାଇବାରୁ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ପହଞ୍ଚି ଘର ଖୋଲିବା ପରେ ସେଠାରେ ସୁଧା ଓ ସିଦ୍ଧାର୍ଥଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା । କିନ୍ତୁ ଅର୍ଜୁନ କିମ୍ବା କାର୍ ଘରେ ନଥିଲା । କାର୍ ନେଇ ଅର୍ଜୁନ ଫେରାର ହୋଇଯାଇଥିଲା । ପୁଲିସ ଆଲର୍ଟ ଜାରି କରିବା ସହ ଅର୍ଜୁନଙ୍କୁ ଧରିବାକୁ ପ୍ରୟାସ କରିଥିଲା ।

# ଡ୍ରୋନ୍ ଉପରେ ୧୦୦% ଶୁଳ୍କ ଲଗାଇଲେ ଟ୍ରମ୍ପ

**ୱାଶିଂଟନ :** ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବଡ଼ ଡ୍ରୋନ୍ ଆମଦାନି ଉପରେ ୧୦୦ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି । ରାଷ୍ଟ୍ରୀୟ ସୁରକ୍ଷା ଓ ଚୀନ୍ କମ୍ପାନିଠାରୁ ଦୂରରେ ରହିବା ଏବଂ ବିଦେଶୀ ଦେଶ ଉପରେ ନିର୍ଭରଶୀଳତା କମ୍ କରିବା ଲକ୍ଷ୍ୟ ନେଇ ସେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି ଯେ ଏହି ନିଷ୍ପତ୍ତି ଦ୍ୱାରା ଦେଶରେ ଡ୍ରୋନ୍ ଓ ତାହା ତିଆରି କରିବା ପାଇଁ ଦରକାର ହେଉଥିବା ଉପକରଣର ଉତ୍ପାଦନ ବଢ଼ିବ । ଏଥି ସହିତ ବିଦେଶୀ ଯୋଗାଣ ଶୃଙ୍ଖଳା ଉପରେ ନିର୍ଭରଶୀଳତା କମ୍ ହୋଇପାରିବ । ଆମେରିକାର ବାଣିଜ୍ୟିକ ଡ୍ରୋନ୍ ବଜାରର ୭୦ ପ୍ରତିଶତ ଭାଗ ଚୀନ୍ କମ୍ପାନିଗୁଡ଼ିକ କବ୍‌ଜାରେ ରହିଛି । ଯେଉଁ ଡ୍ରୋନ୍‌ର ଭାର ବହନ କ୍ଷମତା ୨୫ କେଜିରୁ କମ୍ ସେଗୁଡ଼ିକ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଯାଇଛି । ୨୫ କେଜିରୁ ଅଧିକ ଭାରତ ବହନ କରୁଥିବା କିମ୍ବା ଥର୍ମାଲ ଇମେଜିଂ କ୍ଷମତା ଥିବା ଡ୍ରୋନ୍‌ଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯାଇଛି । ୟୁରୋପୀୟ ସଂଘ, ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନର ଡ୍ରୋନ୍ ଉପରେ ୧୫ ପ୍ରତିଶତ ଏବଂ ବ୍ରିଟେନ୍ ଡ୍ରୋନ୍ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଯାଇଛି । ଆଦେଶରେ ଟ୍ରମ୍ପ ସ୍ୱାକ୍ଷର କରିବାର ୨୧ ଦିନ ପରେ ନୂଆ ଶୁଳ୍କ ଲାଗୁ ହେବ । ତେବେ କେତେକ ସମ୍ବେଦନଶୀଳ ଉପାଦାନ ଉପରେ ଶୁଳ୍କକୁ ୧୮୦ ଦିନ ପରେ ଲାଗୁ କରାଯିବ । କୁହାଯାଉଛି ଯେ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଓ ହାଇବ୍ରିଡ୍ ଯୁଦ୍ଧର ଗୁରୁତ୍ୱ ବଢୁଥିବାରୁ ଆମେରିକା ଶୁଳ୍କ ଲଗାଇବା ଭଳି ନିଷ୍ପତ୍ତି ନେଇଛି । କିନ୍ତୁ ବିଶେଷଜ୍ଞମାନଙ୍କ ମତରେ ଚୀନ୍ କମ୍ପାନିଗୁଡ଼ିକ ଉପରେ ଲଗାମ କଷିବା ହେଉଛି ଏହି ଶୁଳ୍କର ମୁଖ୍ୟ ଉଦ୍ଦେଶ୍ୟ । ଏହି ଶୁଳ୍କ ଦ୍ୱାରା ବାଣିଜ୍ୟିକ ଡ୍ରୋନ୍ ବଜାର ସମ୍ପୂର୍ଣ୍ଣ ବଦଳିଯିବ ବୋଲି ସେମାନେ କହିଛନ୍ତି । ଚୀନ ବଜାର ଗୁରୁତର ପ୍ରଭାବିତ ହେବ ।



# ଭାରତ ଆସିଲା ୬ ହଜାର କୋଟି ଡ୍ରଗ୍ସ ମାମଲାର କିଙ୍ଗପିନ୍

**ନୂଆଦିଲ୍ଲୀ :** ଦୁବାଇରୁ ଡିପୋର୍ଟ ହେଲା ଡ୍ରଗ୍ସ ମାଫିଆ । ୬ ହଜାର କୋଟିର ଡ୍ରଗ୍ସ ସିଣ୍ଡିକେଟ୍ ର କିଙ୍ଗପିନ୍ ବୀରେନ୍ଦ୍ର ବୈସୋୟା ଭାରତ ପ୍ରତ୍ୟାବର୍ତ୍ତନ କରିଛି । ବୈସୋୟାକୁ ଦୁବାଇରେ ଗିରଫ କରିବା ପରେ ଏୟାର ଇଣ୍ଡିଆ ଫ୍ଲାଇଟ୍ ଯୋଗେ ଭାରତ ଅଣାଯାଇଛି । ବୀରେନ୍ଦ୍ର ଲଣ୍ଡନକୁ ପ୍ରାୟ ୯୭୦ କିଲୋଗ୍ରାମ ମେଫେଡ୍ରୋନ୍ ପଠାଇବା ଷଡ଼ଯନ୍ତ୍ରରେ ସାମିଲ ଥିଲା । ଏନସିବି ବୀରେନ୍ଦ୍ର ବିରୋଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିଥିଲା । ତଦନ୍ତରୁ ଜଣାପଡ଼ିଛି ଯେ, ବୀରେନ୍ଦ୍ର ସିଂହ ବୈସୋୟା ଅବୈଧ ନିଶା କାରବାର ନେଟୱାର୍କ ସହିତ ଜଡିତ ଥିଲା । ସେ ଡେଲ୍ଟା ଲଜିଷ୍ଟିକ୍ସ କମ୍ପାନୀ ଜରିଆରେ ଲଣ୍ଡନକୁ ମେଫେଡ୍ରୋନର ଏକ ବଡ଼ ମାଲ ପଠାଇବା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିଲା । ଏହି ମାମଲାରେ ପୁଣେ ପୁଲିସ ୨୦୨୪ ଫେବୃଆରୀ ୨୧ରେ ଦିଲ୍ଲୀରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଥିଲା । ତଦନ୍ତ



ସମୟରେ ଦିବେଶ ଚରଣଜିତ ଭୁଟାନି ଏବଂ ସନ୍ଦୀପକୁମାର ରାଜପାଲ ବୈସୋୟାଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନିକଟରୁ ପ୍ରାୟ ୯୭୦ କିଲୋଗ୍ରାମ ମେଫେଡ୍ରୋନ୍ ଜବତ କରାଯାଇଥିଲା । ଏହି ଦୁଇ ଜଣ ବୀରେନ୍ଦ୍ର ବୈସୋୟାର ନିର୍ଦ୍ଦେଶରେ କାମ କରୁଥିଲେ । ଏହି ମାମଲାରେ ପୁଲିସ ଡେଲ୍ଟା ଲଜିଷ୍ଟିକ୍ସ ମାଲିକ ସନ୍ଦୀପ ହନୁମାନସିଂହ ଯାଦବ ଏବଂ କମ୍ପାନୀର ମ୍ୟାନେଜର ଦେବେନ୍ଦ୍ର ରାମଫୁଲ ଯାଦବଙ୍କୁ ଗିରଫ କରିଥିଲା । ଡ୍ରଗ୍ସ ସିଣ୍ଡିକେଟର କିଙ୍ଗପିନ୍ ବୀରେନ୍ଦ୍ର ବୈସୋୟାକୁ ଏନସିବି ଦୀର୍ଘଦିନ ହେଲା ଖୋଜୁଥିଲା । ଦିଲ୍ଲୀର ୧୩ ହଜାର କୋଟି ଟଙ୍କାର ଡ୍ରଗ୍ସ ମାମଲାର ମୁଖ୍ୟ ଅଭିଯୁକ୍ତ ସନ୍ଦୀପ ଧୁନିଆ ସହ ମଧ୍ୟ ତାର କନେକ୍ସନ ଥିବା କୁହାଯାଉଛି । ଧୁନିଆ ଦୁବାଇରୁ ପାକିସ୍ତାନ ଫେରାର୍ ହୋଇଯାଇଛି । ଏପରି ସ୍ଥିତିରେ ବୀରେନ୍ଦ୍ର ଧରାପଡ଼ିବା ପରେ ଡ୍ରଗ୍ସ ମାମଲାରେ ଏନସିବିକୁ ବଡ଼ ସଫଳତା ମିଳିଛି । ବୀରେନ୍ଦ୍ରର ପରିବାର ଲୋକ ମଧ୍ୟ ଯାଞ୍ଚ ଏଜେନ୍ସିର ରାଡାରରେ ଅଛନ୍ତି । ବୀରେନ୍ଦ୍ରର ପୁଅ ଋଷଭ ବିରୋଧରେ ମଧ୍ୟ ରେଡ୍ କର୍ଣ୍ଣର ନୋଟିସ୍ ଜାରି ହୋଇଛି ।

# ପାକିସ୍ତାନ ଆମର ରକ୍ତ ଶୋଷିଛି' : ଓମାର ଅବଦୁଲ୍ଲା

**ନୂଆଦିଲ୍ଲୀ:** ସିନ୍ଧୁ ଜଳ ଚୁକ୍ତିନାମା ଉପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ବୟାନ ଉପରେ ଜମ୍ମୁ ଏବଂ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଓମାର ଅବଦୁଲ୍ଲା କହିଛନ୍ତି ଯେ, ପାକିସ୍ତାନ ଆମର ରକ୍ତ ଶୋଷିଛି । 'ଆମେ ସର୍ବଦା କହିଆସିଛୁ ଯେ ସିନ୍ଧୁ ଜଳ ଚୁକ୍ତିନାମା ମାଧ୍ୟମରେ ଆମ ରକ୍ତ ଶୋଷି ଦିଆଯାଇଛି । ଏଗୁଡ଼ିକ ଆମର ନଦୀ ଏବଂ ଏହା ଉପରେ ଆମର ପ୍ରଥମ ଅଧିକାର ଥିଲା ।' ସେ ଏହା ମଧ୍ୟ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରହିବା ଉଚିତ । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପାକିସ୍ତାନର ଦାବି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ପାକିସ୍ତାନ କାଶ୍ମୀରବାସୀଙ୍କ ସହିତ ଠିଆ ହେବାର ଦାବି କରେ, କିନ୍ତୁ ଯେତେବେଳେ ଜଳ ସମସ୍ୟାର କଥା ଆସେ, ଏହାର ସହାନୁଭୂତି ହଜିଯାଏ । ଆମର ନଦୀ ବ୍ୟବହାର କରିବାର ଅଧିକାର ଆସିଲେ ସେହି ସହାନୁଭୂତି କେଉଁଠି ରହୁଛି ? ଛଅଟି ନଦୀ ମଧ୍ୟରୁ, ଭାରତ ପଞ୍ଜାବ ଦେଇ ପ୍ରବାହିତ ତିନୋଟି ନଦୀକୁ ନିଜ ପାଖରେ ରଖିଥିଲା, ଯେତେବେଳେ ଆମର ଆଉ ତିନୋଟି ନଦୀ ପାକିସ୍ତାନକୁ ହସ୍ତାନ୍ତର କରାଯାଇଥିଲା । ଆମେ ସେବେ ଠାରୁ ସିନ୍ଧୁ ଜଳ ଚୁକ୍ତିନାମାର ମୂଲ୍ୟ ଦେଇ ଆସୁଛୁ । ଆମେ ଚେନାବରୁ ପାନୀୟ ଜଳ ପାଇପାରି ନାହୁଁ କିମ୍ବା ତୁଲବୁଲରେ ବ୍ୟାରେଜ ନିର୍ମାଣ କରିପାରି ନାହୁଁ । ତେଣୁ, 'ରକ୍ତର ପ୍ରତ୍ୟେକ ବୁନ୍ଦା' କଥାଟି ସତ୍ୟ ଥିଲା; ଆମର ରକ୍ତ ପ୍ରକୃତରେ ଶୋଷି ଦିଆଯାଇଛି । ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରାଯାଇଛି ଏବଂ ଏହାକୁ ବାତିଲ କରିଦିଆଯିବା ଉଚିତ । ଓମର ଅବଦୁଲ୍ଲା ଜମ୍ମୁ ଓ କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି ପୁନରାବୃତ୍ତି କରିଛନ୍ତି ଏବଂ କହିଛନ୍ତି ଯେ ସେ ଏଥିପାଇଁ ତାଙ୍କର ଲଢ଼େଇ ଜାରି ରଖିବେ । ଜନ୍ତର ମନ୍ତରରେ ସାମ୍ପ୍ରତିକ



କାଶ୍ମୀରର ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ନିଷ୍ପତ୍ତି ନେଇପାରିବେ । ପାକିସ୍ତାନର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଦ୍ୱାରା ଢ ରେ ଏକ ପୋଷ୍ଟରେ ଲେଖାଯାଇଥିଲା ଯେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ କହିଛନ୍ତି କି, ଭାରତ ଏକପାଖିଆ ଏବଂ ବେଆଇନ ଭାବରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରି ନିଜକୁ ଶାନ୍ତିର ଶତ୍ରୁ ପ୍ରମାଣିତ କରିଛି । ସେ ଘୋଷଣା କରିଥିଲେ ଯେ, ପାକିସ୍ତାନରେ

ପ୍ରତିବାଦ କେବଳ ଆରମ୍ଭ ଥିଲା; ଆହୁରି ଅନେକ କିଛି ଘଟିବ । ପୂର୍ବରୁ, ଓମର ଅବଦୁଲ୍ଲା କହିଥିଲେ ଯେ କେବଳ ପ୍ରଧାନମନ୍ତ୍ରୀ ମୋଦି ଏବଂ ଶାହ ଜମ୍ମୁ ଓ ପ୍ରତ୍ୟେକ ବୁନ୍ଦା ପାଣି ଆମର ଲାଲ ରେଖା । ଜଳ ପ୍ରସଙ୍ଗରେ କୌଣସି ସାଲିସ କରାଯିବ ନାହିଁ । ଯଦି ଭାରତ ଟ୍ରାକରେ ନ ଆସେ, ତେବେ ଆମେ ସିଧାସଳଖ ଏହାର ଜବାବ ଦେବୁ ।





## ସ୍ୱାଧୀନତା ଦିବସରେ କଟକର ଐତିହାସିକ ସ୍ଥଳୀଗୁଡ଼ିକରେ ବ୍ରାସ୍ ବ୍ୟାଣ୍ଡର ସଂଗୀତ ପରିବେଷଣ

**କଟକ (ବ୍ୟୁରୋ) :** ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମକୁ ସ୍ମରଣ କରିବା ସହ ଯୁବପିଢ଼ି ମଧ୍ୟରେ ଦେଶପ୍ରେମ, ଏକତା ଓ ଜାତୀୟ ଗର୍ବର ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ଆସନ୍ତା ସ୍ୱାଧୀନତା ଦିବସ ଅବସରରେ କଟକ ସହରର ତିନିଟି ପ୍ରମୁଖ ଐତିହାସିକ ସ୍ଥଳରେ CISF ବ୍ରାସ୍ ବ୍ୟାଣ୍ଡ ଟିମ୍ ପକ୍ଷରୁ ବିଶେଷ ସଙ୍ଗୀତ ପରିବେଷଣ କରାଯିବ। ୧୫ ଅଗଷ୍ଟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବାରବାଟୀ ଦୁର୍ଗଠାରେ ପୂର୍ବାହ୍ନ ୧୦.୩୦ ରୁ ୧୧.୦୦ଟା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ମୃତିସ୍ଥଳଠାରେ ପୂର୍ବାହ୍ନ ୧୧.୪୫ ରୁ ୧୨.୧୫, ସ୍ୱରାଜ ଆଶ୍ରମଠାରେ ଅପରାହ୍ନ ୧.୦୦ରୁ ୧.୩୦ ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରାଯିବ। ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ ଓ ବଳିଦାନ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନୂତନ ପିଢ଼ିକୁ ଦେଶର ଗୌରବମୟ ଇତିହାସ ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

## କଟକରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ
### ୨ ନାବାଳକଙ୍କୁ ଧରିଲା ପୋଲିସ

**କଟକ (ବ୍ୟୁରୋ) :** କଟକର ବାଦାମବାଡ଼ିରେ ଏକ ଲଜ୍ଜାଜନକ କାଣ୍ଡ ଘଟିଛି। ଜଣେ ନାବାଳିକାଙ୍କୁ ଦୁଇ ଜଣ ନାବାଳକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ କେନ୍ଦ୍ର କରି ବାଦାମବାଡ଼ି ଥାନାରେ ମାମଲା ରୁଜୁ ପରେ ପୁଲିସ ଦୁଇ ନାବାଳକଙ୍କୁ ଧରିବାରେ ସଫଳ ହୋଇଛି। କଟକରେ ଏକ କଲେଜ୍ ?ରେ ଜଣେ ୧୬ ବର୍ଷୀୟା ନାବାଳିକା ଯୁକ୍ତ ଦୁଇ ପ୍ରଥମ ବର୍ଷ ପଢ଼ନ୍ତି । ସେହି କଲେଜରେ ମର୍କତନଗର ଥାନା ସିଡିଏ ସେକ୍ଟର ୭ ବାଲିସାହିର ଜଣେ ୧୬ ବର୍ଷର ଯୁବକ ମଧ ପଢୁଥିଲା। ଉକ୍ତ ନାବାଳକଙ୍କ ସହିତ ନାବାଳିକାଙ୍କର କଲେଜରେ ବନ୍ଧୁତା ହୋଇଥିଲା। ଉଭୟଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ହୋଇଥିଲା। ଏହି ନାବାଳିକାଙ୍କୁ ଗଲା ମାସରେ ନାବାଳକ ଜଣକ ବାଦାମବାଡ଼ିରେ ଥିବା ଏକ ହୋଟେଲକୁ ଡାକିଥିଲା। ସେଠାରେ ପହଞ୍ଚିବା ପରେ ପୂର୍ବରୁ ସେଠାରେ ନାବାଳକଙ୍କର ଜଣେ ବନ୍ଧୁ ଦରଘାବଜାର ଥାନା ବାଉଁଶଗଳିର ୧୭ ବର୍ଷୀୟ ନାବାଳକ ପହଞ୍ଚିଯାଇଥିଲା। ଏହି ନାବାଳକ ଜଣକ ତିନିକୋଣିଆ ବଗିଚାରେ ଏକ ମୋମୋ ଦୋକାନ କରିଛି। ସେଦିନ ହୋଟେଲରେ ଦୁଇ ନାବାଳକ ବନ୍ଧୁ ପର୍ଯ୍ୟାୟକ୍ରମେ ନାବାଳିକାଙ୍କୁ ହୋଟେଲ ରୁମରେ ଗଣଦୁଷ୍କର୍ମ କରିଥିବା କୁହାଯାଉଛି। ବାଲିସାହିର ନାବାଳକ ଷଡ଼ଯନ୍ତ୍ର କରି ତା' ମୋମୋ ଦୋକାନ ସାଙ୍ଗକୁ ଡାକି ଏଭଳି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ପୀଡ଼ିତା ନାବାଳିକା ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ। ସେ ନିକଟରେ ଗଡ଼ଗଡ଼ିଆ ପଠାରେ ମହାନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ସୌଭାଗ୍ୟ ବଶତଃ ସେ ବର୍ତ୍ତିଯାଇଥିଲେ। ତାଙ୍କୁ ପୁଲିସ ଆତ୍ମହତ୍ୟା ସମ୍ପର୍କରେ ପଚରାଉଚରା କରିବା ପରେ ଏହି ଲଜ୍ଜାଜନକ ଘଟଣା ସାମନାକୁ ଆସିଥିଲା। ବାଦାମବାଡ଼ି ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଛି।

## ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା
### ଦୁଷ୍କର୍ମ ପରେ ଯୁବତୀଙ୍କୁ ଅପହରଣ ଉଦ୍ୟମ

**କଟକ (ବ୍ୟୁରୋ) :** କଟକ ଶୁକରପଡ଼ା ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ଘଟଣାରେ ସାମ୍ନାକୁ ଆସିଛି ନୂଆ ତଥ୍ୟ। ଗଣଦୁଷ୍କର୍ମ ପରେ ଯୁବତୀଙ୍କୁ ଅପହରଣ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ମଧ୍ୟ ଏବେ ଘଟଣାକୁ ଆହୁରି ଗମ୍ଭୀର କରିଛି। ସୂଚନା ଅନୁସାରେ, ଶୁକରପଡ଼ାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯୁବତୀ ଯେଉଁ ଗାଡ଼ିରେ ଯାଉଥିଲେ ସେହି ଗାଡ଼ିକୁ ଜଣେ ଅଭିଯୁକ୍ତ ଜୋର ଜବରଦସ୍ତ ଚଳାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗାଡ଼ିର ଷ୍ଟିୟରିଂକୁ ନେଇ ଯୁବତୀଙ୍କ ବନ୍ଧୁ ଓ ଅଭିଯୁକ୍ତଙ୍କ ମଧ୍ୟରେ ପେଲାଠେଲା ହୋଇଥିଲା । ଏହି ସମୟରେ ଯୁବତୀଙ୍କ ଚିତ୍କାର ଶୁଣିଥିଲେ କଟିକଟା ବଜାରର ଦୁଇଜଣ ବ୍ୟବସାୟୀ। ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ। ପରେ ଅଭିଯୁକ୍ତଙ୍କୁ ପୋଲିସ ର ଜିମା ଦିଆଯାଇଥିଲା। ଏବେ ଏହି ଘଟଣାର ପ୍ରତ୍ୟେକ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଗଣଦୁଷ୍କର୍ମ ଅଭିଯୋଗ ପରେ ଯୁବତୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗ ସାମ୍ନାକୁ ଆସିବା ଘଟଣାକୁ ଆହୁରି ରହସ୍ୟମୟ କରିଛି। ତେବେ ପୁଲିସର ତଦନ୍ତ ପରେ ହିଁ ପୂରା ଘଟଣାର ସତ୍ୟତା ସ୍ପଷ୍ଟ ହେବ।

## ଜିଲ୍ଲାସ୍ତରୀୟ ବେଟୀ ବଚାଓ ବେଟୀ ପଢାଓ କାର୍ଯ୍ୟକ୍ରମ

**ଖୋର୍ଦ୍ଧା (ଅମୃତ ମିଡିଆ) :** କଲେକ୍ଟ୍ରେଟ୍ କନଫରେନ୍ସ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ପୋଲିସ ସୁପରିଟେନଡ୍ଟେଣ୍ଟ, ଏଡିଏମ ଜେନେରାଲ ଖୋର୍ଦ୍ଧା, ସିଡମ, ପିଏଚ୍‌ଓ ଖୋର୍ଦ୍ଧା, ଏସ୍‌ଏସଏସଓ, ଡବ୍ଲୁଇଓ, ବିଡିଓ, ଏବିଡିଓ, ଜିପିଡିଓ, ସମସ୍ତ ସିଡିପିଓ, ସିଡବ୍ଲୁସି ମେମ୍ବର, ଡ଼ାଲ୍ସା ର ଅଫିସର ସମସ୍ତ ହବ ଷ୍ଟାଫ, ପ୍ରୋଗ୍ରାମ ଅଫିସର ଏବଂ ଶକ୍ତି ସଦନର ସୁପରିଟେଣ୍ଡେଣ୍ଟ ମାନେ ଯୋଗ ଦେଇଥିଲେ।

## ସଂଘବଦ୍ଧ ଗଣଦୁଷ୍କର୍ମ ଘଟଣା
### ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳର ଏସଡିପିଓଙ୍କ ସହ ଆଲୋଚନା




**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ଗତ ଦୁଇବର୍ଷ ହେବ ବିଜେପି ସରକାର ଆସିଲା ପରେ ପ୍ରତ୍ୟେକ ଦିନ ପ୍ରତ୍ୟେକ ଘଣ୍ଟାରେ ଯେଉଁଭଳି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ଯାହାଫଳରେ ଆମ ଅଞ୍ଚଳର ଝିଅ, ବୋହୂ, ଛାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି ଯାହାକୁ ବିଜେଡ଼ି ଦଳ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ସେହିପରି ଏକ ଘଟଣା ଘଟିଛି କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କଟକ-ଚାନ୍ଦବାଲି ରାସ୍ତାର ସୁକରପଡ଼ା ଠାରେ । ତା.୧୧ .୦୮. ୨୦୨୬ରିଖ ବିଳମ୍ବିତ ରାତିରେ ଏକ କାରରେ ଜଣେ ଯୁବକ ଯୁବତୀ ରାସ୍ତା ପାର୍ଶ୍ୱରେ ବିଶ୍ରାମ ନେଉଥିବା ସମୟରେ ସ୍ଥାନୀୟ ଅଞ୍ଚଳର ୫ରୁ ୬ଜଣ ଅସାମାଜିକ ଯୁବକ କାରରେ ଥିବା ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିବା ସହ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ଘଟଣାକୁ ନେଇ ବିରୋଧୀ ଦଳ ନେତା ବିଜୁ ଜନତା ଦଳ ରାଜ୍ୟ ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଗଣଦୁଷ୍କର୍ମ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଘଟଣା ଘଟିଥିବା ସ୍ଥାନକୁ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ବିଜେଡ଼ିର ଏକ ପ୍ରତିନିଧି ଦଳ ସାଲେପୁର ଏସଡ଼ିପିଓ ଓ ନିଶ୍ଚିନ୍ତକୋଇଲି ଥାନା ଆଇଆଇସିଙ୍କ ସହ ଆଲୋଚନା କରିବା ସହ ଘଟଣାର ତଦନ୍ତର ଅଗ୍ରଗତି ଓ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ ପଦକ୍ଷେପ ନେବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିସ୍ତୃତ ସୂଚନା ସଂଗ୍ରହ କରିଥିଲେ । ବିଜେଡ଼ି ଦଳ ପକ୍ଷରୁ ଘଟଣାର ନିରପେକ୍ଷ, ସ୍ୱଚ୍ଛ ଓ ଚାପର ବଶବର୍ତ୍ତୀ ନହୋଇ ଦୋଷୀମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ସେହିପରି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପ୍ରତ୍ୟକ୍ଷ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ପରିଦର୍ଶନରେ ଅନୁସନ୍ଧାନକାରୀ ଦଳ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି । ଏହି ପରିଦର୍ଶନରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ରାଜଶ୍ରୀ ମଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ପୂର୍ବତନ ରାଜ୍ୟ ମହିଳା କମିଶନର ଅଧକ୍ଷା ମିନତୀ ବେହେରା, ଚୌଦ୍ୱାର ପୌରପାଳିକା ଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଡ଼େପୁଟି ମେୟର ଦମୟନ୍ତୀ ମାଝୀ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ଜ୍ୟୋତିରେଖା ନାୟକ, କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ସିଂହ, କଟକ ଜିଲ୍ଲା ବିଜେଡ଼ି ମହିଳା କାର୍ଯ୍ୟକାରୀ ସଭାପତି ମିତାଲି ଭଞ୍ଜ, ସାଧାରଣ ସମ୍ପାଦକ ତାପସ ମହାନ୍ତି, ଯୁବବିଜେଡ଼ି ସଭାପତି ସ୍ମୃତିରଂଜନ ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ରୋଜି ସେଠୀ, ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ବରିଷ୍ଠ ବିଜେଡ଼ି ସଭାପତି ସୁସ୍ମିତା ଜେନା, ଜିଲ୍ଲାପରିଷଦ ସଭ୍ୟ ଆରକେ ବିପ୍ଳବକିଶୋର କାପ ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

## ପାଣିରେ ବୁଡ଼ି ବୃଦ୍ଧ ମୃତ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) :** ନିଶ୍ଚିନ୍ତକୋଇଲି ତହସିଲ ଅଧିନ ସାଲେପୁର ଥାନା ରାମକୃଷ୍ଣପୁର ଗ୍ରାମର ହରେକୃଷ୍ଣ ଲେଙ୍କା(୬୩)ବର୍ଷ ବୁଧବାର ପ୍ରାୟ ଦିବା ୧ଘଟିକା ସମୟରେ ବିଲକୁ ଧାନ ରୋଇବା ପାଇଁ ଯାଇ ସର୍ପଯୋଡ଼ି ମଠ ପାଖ ପାଟନାଳୀ ପୋଲ ପାଖରେ ସାଇକେଲ ରଖି ବିଲକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନଫେରିବାରୁ ପରିବାର ଲୋକେ ସ୍ଥାନୀୟ ଅଞ୍ଚଳ ଓ ବନ୍ଧୁବାନ୍ଧବ ଘର ଖୋଜାଖୋଜି କରି ତାଙ୍କୁ ପାଇନଥିଲେ । ତା.୧୩.୦୮.୨୦୨୬ରିଖ ଗୁରୁବାର ସ୍ଥାନୀୟ ଅଞ୍ଚଳ ପାଟନାଳୀର ତିନିମୁହାଣୀ ଠାରେ ଏକ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ହରେକୃଷ୍ଣଙ୍କ ପୁତ୍ର ପ୍ରକାଶ କୁମାର ଲେଙ୍କା ଓ ପରିବାର ସଦସ୍ୟ ଗ୍ରାମବାସୀଙ୍କ ସହଯୋଗରେ ଯାଇ ହରେକୃଷ୍ଣଙ୍କୁ ଚିହ୍ନଟ କରି ଦମକଳ ଗାଡ଼ି ସାହାଯ୍ୟରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହରେକୃଷ୍ଣ ପାଣିରେ ବୁଡ଼ି ମରିଥିବା ତାଙ୍କ ପୁତ୍ର ଅନୁଭବ କରି ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ମୃତକଙ୍କ ପୁତ୍ର ପ୍ରକାଶ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି ।

## ସଙ୍କଟରେ 'ପଲ୍ଲୀ କବି' ଉପାଧି
### ଜନ୍ମମାଟି କୁସୁପୁରରେ ତୀବ୍ର ପ୍ରତିବାଦ

**ମାହାଙ୍ଗା (ଅମୃତ ମିଡ଼ିଆ) :** ସାହିତ୍ୟରେ ହୀନମନ୍ୟତା ଓ ଚଞ୍ଚକତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ସରଳ ସାବଲୀଳ ଭାବରେ ପଲ୍ଲୀ ଜୀବନର ନିଚ୍ଛକ ଚିତ୍ରକୁ କବିତାରେ ରୂପଦେଇ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଥିବା ଯଶସ୍ୱୀ ସାରସ୍ୱତ ସାଧକ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଉପାଧି ଆଜି ସଂକଟରେ। କୃଷ୍ଣ ପ୍ରସାଦ ବେହେରାଙ୍କୁ ପଲ୍ଲୀ କବି ଭାବେ ଚିତ୍ରିତ କରି ଏକ ପୁସ୍ତକ ରଚନା ହୋଇଛି। ଯେଉଁ ପୁସ୍ତକର ଲେଖକ ଡକ୍ଟର ମନ୍ମଥ କୁମାର ପ୍ରଧାନ ଏବଂ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ଓଡ଼ିଆ ସାହିତ୍ୟ ଏକାଡେମୀ ଗ୍ରହଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଅଭିଯୋଗ ହୋଇଛି। ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସ୍ଥାନରେ କୃଷ୍ଣ ପ୍ରସାଦ ବେହେରା କିଭଳି ପଲ୍ଲୀକବିର ମାନ୍ୟତା ପାଇଲେ ତାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ଡକ୍ଟର ମନ୍ମଥ ପ୍ରଧାନଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକ ଲୋକଲୋଚନକୁ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଛି। ଏଭଳି ହୀନ ପ୍ରୟାସ ପ୍ରଥିତଯଶା ସାରସ୍ୱତ ସାଧକ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପ୍ରତି ଘୋର ଅପମାନ ବୋଲି ବହୁ ସାହିତ୍ୟିକ, ସାମ୍ବାଦିକ, ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟ ସାହିତ୍ୟ ଏକାଡେମୀ ଏବଂ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଷଡଯନ୍ତ୍ର ଓ ଚଞ୍ଚକତା ଯୋଗୁଁ ଲକ୍ଷ ଲକ୍ଷ ନନ୍ଦକିଶୋର ପ୍ରେମୀଙ୍କ ମନରେ ଗଭୀର ଆଘାତ ସୃଷ୍ଟି ହେବା ଚର୍ଚ୍ଚା ହେଉଛି। କୁସୁପୁର ସ୍ଥିତ ପଲ୍ଲୀକବି ଭବନରେ ଏହାକୁ ନେଇ ଏକ ପ୍ରତିବାଦ ସଭାରେ ବହୁ ସାହିତ୍ୟିକ, କବି, ଅଧ୍ୟାପକ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ଅଂଚଳର ସଚେତନ ନାଗରିକ ମାନେ ଯୋଗଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଅଖିଳେଶ ପଦ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ପ୍ରତିବାଦ ସଭାରେ ସାହିତ୍ୟିକ ପ୍ରସନ୍ନ ମିଶ୍ର, ଶିଶୁ ସାହିତ୍ୟିକ ଡକ୍ଟର ବସନ୍ତ କିଶୋର ସାହୁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ମାହାଙ୍ଗା ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି କବି ଭକ୍ତ ଚରଣ ସାହୁ, ସାହିତ୍ୟିକ ଡକ୍ଟର ଭାବଗ୍ରାହୀ ରାଉତ, ସାହିତ୍ୟିକ ଡକ୍ଟର ନିଖିଳେଶ ପଦ ମହାନ୍ତି, ମହିମା ଗବେଷକ ଡକ୍ଟର ଏକାଦଶୀ ପ୍ରଧାନ, ଡକ୍ଟର ଜନାର୍ଦ୍ଦନ ରାଉତ, ସମାଜସେବୀ ହିମାଂଶୁ ଶେଖର ଦାଶ, ସାମ୍ବାଦିକ ବିଳାସ ଚନ୍ଦ୍ର ବାରିକ, କୁସୁପୁର ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ରାଉତରାୟ, ସାରସ୍ୱତ ସଂଗଠକ ପ୍ରଶାନ୍ତ କୁମାର ପଟ୍ଟନାୟକ,କବି ପ୍ରଫୁଲ୍ଲ କୁମାର ସାହୁ, ସଂଜିତ କୁମାର ଦାସ, କବି ପ୍ରଫୁଲ୍ଲ କୁମାର ସିଂ, ସାମ୍ବାଦିକ ଏକାଦଶୀ ସେଠୀ, ରଣଜିତ ସାହୁ, ପ୍ରସନ୍ନ କୁମାର ବେହେରା, ସାମ୍ବାଦିକ ହରିହର ସାହୁ, ସାମ୍ବାଦିକ ବିଜୟ କୁଅଁର, ସାମ୍ବାଦିକ ଦାମୋଦର ପରିଡା,ସାମ୍ବାଦିକ ଅଶୋକ ଦାଶ, ସାମ୍ବାଦିକ ଅର୍ଜ୍ଜୁନି ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବାଦ ସଭାରେ ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ଏକାଡେମୀ ଏବଂ ରାଜ୍ୟ ସରକାର ଏହି ତ୍ରୁଟିର ତୁରନ୍ତ ସଂଶୋଧନ ଏବଂ ସ୍ପଷ୍ଟୀକରଣ ଦେବାକୁ ବୁଦ୍ଧିଜୀବୀ ମାନେ ଆହ୍ୱାନ ଦେଇଥିଲେ। ଏହା ବିବାଦୀୟ ଘଟଣାକୁ ନେଇ ଖୁବ ଶୀଘ୍ର ଥାନାରେ ଏତଲା ଦେବା ସହିତ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଲ୍ଲୀକବି ନନ୍ଦକିଶୋର ବଳ ସ୍ମୃତି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଆଦର୍ଶ ଶିକ୍ଷକ ବିଜୟ ମଲ୍ଲିକଙ୍କ ଏକାଦଶାହ ଅବସରରେ ତାଙ୍କ ବାଲିପାଟଣାସ୍ଥିତ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କେଦାରନାଥ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବୀତ ବଟକୃଷ୍ଣ ପାଢୀ, ମୁଖ୍ୟବକ୍ତା ଭାବେ ସମାଜସେବୀ ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରି କହିଲେ ସେ ବୃତ୍ତିରେ ଜଣେ ଶିକ୍ଷକ ଥିଲେ ହେଁ ତାଙ୍କର କର୍ତ୍ତବ୍ୟବୋଧ, ବିବେକ, ମାନବିକତା, ସାମାଜିକ ସଂସ୍କାର, ମୁଠାଏ ସ୍ନେହ ଓ ଆଞ୍ଜୁଳାଏ ମମତାର ପ୍ରତୀକ ଭାବେ ଲୋକଙ୍କ ମାନସପଟରେ ଚିରଦିନ ପାଇଁ ଅମର ହୋଇ ରହିଥିବେ। ଜଣେ ଆଦର୍ଶ ଶିକ୍ଷକ ଓ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶବିତ ଭାବରେ ଏଅଞ୍ଚଳରେ ପ୍ରତିଟି ଜନମାନସରେ ସବୁଦିନପାଇଁ ବଞ୍ଚି ରହିଥିବେ ସ୍ୱର୍ଗତ ମଲ୍ଲିକ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନଦେଇ ଅତିଥି ମାନେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁତ୍ର ମନୋରଞ୍ଜନ, ସ୍ମୃତିରଞ୍ଜନ, କନ୍ୟା ଜୟଶ୍ରୀ, ରାଜଶ୍ରୀ, ଜ୍ୱାଇଁ ପ୍ରଦୀପ୍ତ ନାୟକ, ସରୋଜ ଲେଙ୍କା, ନାତି, ନାତୁଣୀଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦର କଳାକାରମାନେ ଭଜନ ପରିବେଷଣ କରିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚୋରାମଦ ଜବତ, ୭ଗିରଫ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର, ତାଳଚୁଆ ସାମୁଦ୍ରିକ, କୁଦାନଗରୀ, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଗର୍ଜଙ୍ଗା ଗ୍ରାମର ଟୁକୁନା ମଳିକ(୫୦)ଙ୍କ ନିକଟରୁ ୧୬ ଲିଟର ଚୋରା ବିଦେଶୀ ମଦ, ପିକିରାଳି ଗ୍ରାମର ଦୟାନିଧି ସେଥି(୫୫)ଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ମଦ ଏବଂ ପ୍ରଶାନ୍ତ ପ୍ରଧାନ(୫୬)ଙ୍କ ନିକଟରୁ ୨୫ ଲିଟର ଚୋରା ବିଦେଶୀ ମଦ, ଟିକାୟତ ନଗର ଗ୍ରାମର ବିଜୟ ଗିରି(୪୮)ଙ୍କ ଠାରୁ ୧୭ ଲିଟର ଚୋରା ଦେଶୀ ମଦ, ରିଘାଗଡ ଗ୍ରାମର ସଞ୍ଜୟ ମାଝୀ(୫୦)ଙ୍କ ନିକଟରୁ ୨୯ ଲିଟର ଚୋରା ବିଦେଶୀ ମଦ, ଶ୍ୟାମଗୁଡ଼ିଆ ଗ୍ରାମର ରମାକାନ୍ତ ସାହୁ(୪୮)ଙ୍କ ନିକଟରୁ ୩୧ ଲିଟର ଚୋରା ଦେଶୀ ମଦ ଓ ବେଉଳ ଗ୍ରାମର ରଞ୍ଜିତା ମହାଲୀ(୩୪)ଙ୍କ ନିକଟରୁ ୩୮ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୧୭୬ ଲିଟର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇଥିବାବେଳେ ୭ ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ଦୀପକ କୁମାର ଜେନା, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଟିଙ୍ଗୁଡ଼ିଖୋଲରେ ବର୍ଷାର ତାଣ୍ଡବ
### ଜଗନ୍ନାଥ ମନ୍ଦିର ପରିସରରେ ଆଣ୍ଠୁଏପାଣି, ହନ୍ତସନ୍ତ ଗ୍ରାମବାସୀ



**ବେଗୁନିଆପଡ଼ା (ଅମୃତ ମିଡ଼ିଆ) :** ଲଗାଣ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଟିଙ୍ଗୁଡ଼ିଖୋଲ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ବର୍ଷା ଜଳ ନିଷ୍କାସନ ହୋଇନପାରିବାରୁ ଗାଁର ବିଭିନ୍ନ ସ୍ଥାନ ସହ ଜଗନ୍ନାଥ ମନ୍ଦିର ପରିସରରେ ଆଣ୍ଠୁଏ ପାଣି ଜମି ରହିଛି। ଏହାକୁ ନେଇ ଗ୍ରାମବାସୀ ଓ ଭକ୍ତମାନେ ହନ୍ତସନ୍ତ ହେଉଛନ୍ତି। ବର୍ଷା ଜଳ ଜମି ରହିବା ଯୋଗୁଁ ମନ୍ଦିରକୁ ଯିବା ପାଇଁ ଭକ୍ତମାନଙ୍କୁ ପାଣି ଭିତରେ ଯାତାୟାତ କରିବାକୁ ପଡୁଛି। ଅନ୍ୟପଟେ ଗାଁର ରାସ୍ତାଘାଟରେ ମଧ୍ୟ ପାଣି ଜମି ରହିଥିବାରୁ ଲୋକଙ୍କ ଦୈନନ୍ଦିନ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପ୍ରତିବର୍ଷ ବର୍ଷା ଋତୁରେ ଏହି ଅଞ୍ଚଳରେ ଜଳ ନିଷ୍କାସନ ଏକ ବଡ଼ ସମସ୍ୟା ହୋଇ ଦେଖାଦେଉଛି। ଠିକ୍ ଭାବରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ପାଣି ଜମି ରହୁଛି। ଫଳରେ ଗ୍ରାମବାସୀଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ବିଶେଷକରି ମନ୍ଦିର ପରିସରରେ ପାଣି ଜମି ରହିବା ଯୋଗୁଁ ଧାର୍ମିକ ଭାବନା ସହ ଜଡ଼ିତ ଏହି ସ୍ଥାନର ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ପାଣି ଜମି ରହିବା ଯୋଗୁଁ ମଶା ଓ ଅନ୍ୟାନ୍ୟ କୀଟପତଙ୍ଗ ବଢ଼ିବା ସହ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ରହିଛି। ଗ୍ରାମବାସୀ ତୁରନ୍ତ ପ୍ରଶାସନର ହସ୍ତକ୍ଷେପ ଦାବି କରିବା ସହ ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା ଏବଂ ବର୍ଷା ଜଳର ତୁରନ୍ତ ନିଷ୍କାସନ ପାଇଁ ଦାବି କରିଛନ୍ତି। ଏବେ ଦେଖିବାର କଥା, ପ୍ରଶାସନ କେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରୁଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏନେଇ ବାରମ୍ବାର ପ୍ରଶାସନ ଓ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇବା ସହ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ବର୍ଷା ଆସିଲେ ସମାନ ସମସ୍ୟା ଦେଖାଦେଉଥିବାରୁ ଏବେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବାରମ୍ବାର କହିବା ସତ୍ତ୍ୱେ କାହିଁକି ପ୍ରଶାସନ ନିରବ।

## ସିପିଆଇର ଜନସମ୍ପର୍କ ପଦଯାତ୍ରା ଓ ସରକାର ପରିବର୍ତ୍ତନ ମହାସମାବେଶ 'ଦିଲ୍ଲୀ ଚଲୋ'




**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) କେନ୍ଦ୍ରାପଡା ଓ ଡେରାବିଶ ଜୋନ କମିଟି ପକ୍ଷରୁ ସେପ୍ଟେମ୍ବର ୧ତାରିଖରେ ପରିବର୍ତ୍ତନ ଜରୁରୀ ମହା ସମାବେଶ ପାଇଁ ଅଗଷ୍ଟ ୬ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ଚାଲିଛି। ପ୍ରତିଗାଁକୁ ଗାଁ ଓ ସହର ମାନଙ୍କରେ ପଦଯାତ୍ରା ପରିପ୍ରେକ୍ଷୀରେ ଆଜି କେନ୍ଦ୍ରାପଡା ସହରର ତିନିମୁହାଣୀ ଠାରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରା ସକାଳ ୧୦ଟାରେ ତିନିମୁହାଣି ଛକରୁ ଆରମ୍ଭ ହୋଇଥିବା ବେଳେ ସାଥୀ ସୀତାକାନ୍ତ ନାୟକ, ସାଥୀ ବସନ୍ତ କୁମାର ସାହୁ, ସାଥୀ ସୁଶାନ୍ତ ବାରିକ, ସାଥୀ ଭଜହରି ପ୍ରଧାନ, ସାଥୀ ସଂଯୁକ୍ତା ରାଉତ ପ୍ରଭୃତି ଏହାର ନେତୃତ୍ୱ ନେଇଥିଲେ। ଦେଶର ସାଂପ୍ରତିକ ପରିସ୍ଥିତିରେ ପରିବର୍ତ୍ତନ ଜରୁରୀ ପାଇଁ ସିପିଆଇର ଡାକରାରେ ସମଗ୍ର ଦେଶରେ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଶ୍ରମିକ ଶୋଷଣ, ୪ଟି ଶ୍ରମ କୋର୍ଡକୁ ବାତିଲ, ଶିକ୍ଷା ବ୍ୟବସ୍ଥାଗତ ପରିବର୍ତ୍ତନ, ନିର୍ବାଚନରେ ଇ.ଭି.ଏମ. ପରିବର୍ତ୍ତନ କରି ବାଲାଟ ପେପର ବ୍ୟବହାର, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ସଂପ୍ରାଦାୟିକତାକୁ ସୁଧାରିବା, ତୁରନ୍ତ କନ୍ଧା ରକ୍ଷୀଙ୍କୁ ଜଙ୍ଗଲ ଜମିର ଅଧିକାର, କେଶ ଥିବା ଜମିର ତୁରନ୍ତ ଫଇସଲା, କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ହସପିଟାଲ ପ୍ରତିଷ୍ଠା, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, କେନ୍ଦ୍ରାପଡାରୁ ପାସେଞ୍ଜର ଟ୍ରେନ ପୁରୀକୁ ଚଳାଇବା, କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ, ଜମ୍ବୁ ଓ କେନ୍ଦ୍ରାପଡା କେନାଲର ପୁନଃରୁଦ୍ଧାର ଆଦି ଦାବିରେ ଶୋଭାଯାତ୍ରା ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିବା ପରେ ରାଜ୍ୟ ସଂପାଦକ ଡାକ୍ତର ପ୍ରଶାନ୍ତ ମିଶ୍ର, ରାଜ୍ୟ ସଂପାଦକ ମଣ୍ଡଳ ସଭ୍ୟ ସାଥୀ ରମଣୀରଞ୍ଜନ ରାଉତରାୟ, ରାଜ୍ୟ କମିଟି ସଦସ୍ୟ ସାଥୀ ବାବାଜୀ ଧଳ, ଜିଲ୍ଲା ସଂପାଦକ ସାଥୀ ବିକାଶ ଚନ୍ଦ୍ର ବେଉରା, ସହ ସଂପାଦକ ସାଥୀ ଆଦିକନ୍ଦ ରାଉଳ, ରାମଚଣ୍ଡୀ କୃଷକ ସଭା ସଭାପତି ସାଥୀ ପ୍ରଶାନ୍ତ ଚୌଧୁରୀ, ଜୋନ ସଂପାଦକ ନିରଞ୍ଜନ ଦାସ, ଜୋନ ସହ ସଂପାଦକ ରଞ୍ଜନ ମଲ୍ଲିକ, ଉପ-ସଭାପତି ସାଥୀ ଧୀରେନ ସାମଲ, ସାଧାରଣ ସମ୍ପାଦକ ସାଥୀ କୈଳାସ ଚନ୍ଦ୍ର ସାହୁ, ସଂଗଠନ ସଂପାଦକ ସାଥୀ ହରେକୃଷ୍ଣ ମାଝୀ, ମହିଳା ନେତ୍ରୀ ସୋହାନା ବେଗମ, ଶ୍ରମିକ ନେତା ସାଥୀ ଭଜହରି ପ୍ରଧାନ, ସହର କମିଟି ସଂପାଦକ ସାଥୀ ପ୍ରମୋଦ କୁମାର ରାଉତ ପ୍ରମୁଖ ଉଦବୋଧନ ଦେଇ ଆସନ୍ତା ସେପ୍ଟେମ୍ବର୧ ତାରିଖରେ ହେବାକୁ ଥିବା ଦିଲ୍ଲୀ ଚଲୋ ପରିବର୍ତ୍ତନ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ହୋଟେଲ ପ୍ରାଚୀରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ



**ଭୁବନେଶ୍ୱର (ବ୍ୟୁରୋ) :** ପାର୍ବଣ ଓ ବିବାହ ଋତୁକୁ ନଜରରେ ରଖି ଭୁବନେଶ୍ୱରରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ଲୋକଙ୍କ ଚାହିଦାକୁ ପୂରଣ କରିବା ପାଇଁ ନିଜର ଏଥ୍ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୧୪ – ୨୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀ ଓଡ଼ିଆ ଅଭିନେତ୍ରୀ ଜୟା ବିଶ୍ୱାସଙ୍କ ଦ୍ୱାରା ଉଦ୍ଘାଟିତ ହୋଇଛି। ସୂକ୍ଷ୍ମ ପାରମ୍ପରିକ ସିଲ୍କ, କଟନ ଓ ବୁଣାକାରମାନଙ୍କ ଉତ୍ପାଦଗୁଡିକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସମସାମୟିକ ଓ ଆର୍ଥିକ ଦୃଷ୍ଟିରୁ ପ୍ରାସଙ୍ଗିକ କରିବା ଲାଗି କାରିଗର, ଡିଜାଇନର, ସାମାଜିକ କାର୍ଯ୍ୟକର୍ତା, ଶିକ୍ଷାନୁଷ୍ଠାନ, ପରିବେଶବିତ୍ ଆଦିଙ୍କ ଏକ ଗୋଷ୍ଠୀ ଦ୍ୱାରା ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ରାଜ୍ୟର ବୁଣାକାରମାନେ ଚଳିତ ବର୍ଷର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି ଯେଉଁଥିରେ ଆକର୍ଷଣୀୟ ଉପ୍ପଦା, ବନାରସି ସିଲ୍କ, ଗଦ୍ୱାଲ, ଧରମାଭରମ୍, ଜାମ୍‌ଦାନି, ଜମାୱାର ଓ ସମ୍ବଲପୁରୀ ଆଦି ସାମିଲ ରହିଛି। ଏଠାରେ ଦେଶର ପ୍ରତ୍ୟେକ ଅଂଚଳରୁ ଶାଢୀଠାରୁ ଆରମ୍ଭ କରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢୀ, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲାରୀ,ହୋମ୍ ଫର୍ଣ୍ଣିସିଙ୍ଗ୍ ଡିଜାଇନର୍ ପୋଷାକ ଆଦି ସାମିଲ କରାଯାଇଛି। ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଭାରତର ରଙ୍ଗ, ବିବିଧତା ଓ ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯେପରିକି ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଓଡିଶା, ଛତିଶଗଡ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ ଏବଂ ବୁଣାକାରମାନଙ୍କ ସହ ସହଭାଗିତାରେ କାର୍ଯ୍ୟ କରୁଥିବା ମେଟ୍ରୋ ସହରଗୁଡିକର ଅନେକ ଡିଜାଇନର ଏଠାରେ ନିଜ କାର୍ଯ୍ୟର ୫୦,୦୦୦ରୁ ଅଧିକ ବିବିଧତା ପ୍ରଦର୍ଶନ କରିଛନ୍ତି। ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ, ମାନସ ଆଚାର୍ଯ୍ୟ କହିଛନ୍ତି ଯେ, "ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା। ଏହି ପ୍ରଦର୍ଶନୀଗୁଡିକ ମାଧ୍ୟମରେ ଆମେ ବୁଣାକାର ଓ ସେମାନଙ୍କୁ ହସ୍ତତନ୍ତ ବୁଣା ସାମଗ୍ରୀଗୁଡିକ ପାଇଁ ଯେଉଁଠାରେ ପ୍ରଦର୍ଶନୀ ସମ୍ଭବ ନୁହେଁ ସେଠାରେ ମଧ୍ୟ ଉନ୍ନତ ବଜାର ସୃଷ୍ଟି କରିବାକୁ ସକ୍ଷମ ହୋଇଛୁ। ପ୍ରଦର୍ଶନର ଉଦ୍ଦେଶ୍ୟ ହେଉଛି ବ୍ୟବସାୟୀଙ୍କ ବିନା ଗ୍ରାହକଙ୍କ ନିକଟରେ ସିଧାସଳାଖ ଶୁଦ୍ଧ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପହଂଚାଇବା। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡିକର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ସ୍ୱତନ୍ତ୍ର ହାତ ତିଆରି ଶାଢୀଗୁଡିକ ପାଇଁ ୧,୫୦,୦୦୦ ଟଙ୍କା ମଧ୍ୟରେ ରହିଛି। ଡୋକ୍ରା ଆଦିବାସୀ ଅଳଙ୍କାର ଓ ଛନ୍ନାପାଟ୍ନପା ଖେଳନାଗୁଡିକ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରୁଛି। କୋଏମ୍ବାଟୁର ସିଲ୍କ, ଆସାମର ମୁଗା ସିଲ୍କ, ବେଙ୍ଗାଲୁରୁ ସିଲ୍କ, କ୍ରେପ୍ ଓ ଜର୍ଜେଟ୍ ଶାଢୀ, କର୍ଣ୍ଣାଟକର ର' ସିଲ୍କ ମ୍ୟାଟେରିଆଲ, କଲମକାରି, ପୋଚମ୍ପାଲ୍ଲି, ମଙ୍ଗଳଗିରି ଡ୍ରେସ୍ ମ୍ୟାଟେରିଆଲ, ଉପଦା, ଗଦ୍ୱାଲ, ଧରମ୍‌ୱରମ୍, ଅର୍ଗାଞ୍ଜା ସିଲ୍କ ଶାଢୀ, ଆନ୍ଧ୍ରପ୍ରଦେଶର ଶୁଦ୍ଧ ସିଲ୍କ ଜରି ଶାଢୀ, ଟସର, କାନ୍ଥା, ବିହାରର ଭାଗଲପୁର ଡ୍ରେସ୍ ମ୍ୟାଟେରିଆଲ, କୋସା ସିଲ୍କ ଶାଢୀ,ଘିଚା ସିଲ୍କ ଶାଢୀ, ମଲ୍‌ବେରୀ ର' ସିଲ୍କ, ଛତିଶଗଡର ବ୍ଲକ୍ ପ୍ରିଂଟେଡ୍ ସିଲ୍କ ଶାଢୀ, ବାନ୍ଧନି, ପାଟୋଲା, କଚ୍ଛ୍ ଏମ୍ବ୍ରୋଏଡରୀ, ଗୁଜରାଟୀ ମିରର୍ ୱର୍କ ଓ ଗୁଜରାଟର ଡିଜାଇନର କୁର୍ତି, ତାବି ସିଲ୍କ ଶାଢୀ, ପଶ୍ମିନା ସାଲ୍, ଜମ୍ମୁ ଓ କଶ୍ମୀରର ଚିନାନ୍ ସିଲ୍କ ଶାଢୀ, ବମ୍କାଇ, ଓଡିଶାର ସମ୍ବଲପୁରୀ, ବନ୍ଦେଜ୍, ବାନ୍ଧନି ସିଲ୍କ ଶାଢୀ, ଜୟପୁର କୁର୍ତି, ବ୍ଲକ୍ ପ୍ରିଂଟ୍, ସାଙ୍ଗାନେରି ପ୍ରିଂଟ୍, ରାଜସ୍ଥାନର କୋଟା ଡୋରିଆ ଜୟପୁରୀ ରଜାଇ ଓ ବେଡ୍ସିଟ. ତାନଛୋଇ, ବନାରସି ଜାମ୍‌ଦାନି, ଜାମାବର, ଜାମ୍‌ଦାନି, ବ୍ରକେଟ୍ ଡ୍ରେସ୍ ମ୍ୟାଟେରିଆଲ, ଉତରପ୍ରଦେଶର ଲକ୍ଷ୍ନୌ ଚିକାନ, ଶାନ୍ତି ନିକେତନ, କାନ୍ଥା ଶାଢୀ, ଡିଜାଇନର ଶାଢୀ,ବାଲୁଚାରି, ନିମୁରି ଶାଢୀ, ପ୍ରିଂଟେଡ୍ ଶାଢୀ, ପଶ୍ଚିମବଙ୍ଗର ଢାକାଇ ଜାମ୍‌ଦାନି, ମହାରାଷ୍ଟ୍ରର ଜରି ପୈଠାନି ଶାଢୀ ଆଦି ଏହି ପ୍ରଦର୍ଶନୀରେ ଉପଲବ୍ଧ ରହିଛି।

# ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପ୍ରୋଶିଲ୍ଡ ଓ ଉନ୍ନତ ଭି-ପେ ୨.୦ ଶୁଭାରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବରୁ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଭାବେ ପରିଚିତ), ଆଜି ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ପରିକଳ୍ପିତ ଏକ ପ୍ୟାକେଜ୍ ହୋଇଥିବା ମୋଟର ଇନସ୍ୟୁରାନ୍ସ ସଲ୍ୟୁସନ ପ୍ରୋଶିଲ୍ଡର ଶୁଭାରମ୍ଭର ଘୋଷଣା କରିଛି। ଏହା ସହିତ ଆଜିର ସଂଯୁକ୍ତ ଯାନ ଏବଂ ବିକଶିତ ଗତିଶୀଳତା ବିପଦ ପାଇଁ ଏହାର ପରବର୍ତୀ ପିଢିର ମୋଟର ଇନସ୍ୟୁରାନ୍ସ ଅଫରିଙ୍ଗ, ଉନ୍ନତ ଭି-ପେ ୨.୦ ର ମଧ୍ୟ ଉପସ୍ଥାପନା କରାଯାଇଛି। ଆମର ପ୍ରତିରକ୍ଷା କର୍ମଚାରୀମାନେ ଦେଶର ସୀମା ଏବଂ ସୁରକ୍ଷାର ଧ୍ୟାନ ରଖୁଥିବା ବେଳେ, ସେମାନଙ୍କୁ ପ୍ରାୟତଃ ବାରମ୍ବାର ସ୍ଥାନାନ୍ତରଣ, କାର୍ଯ୍ୟକ୍ଷେତ୍ରର ଦାୟିତ୍ୱ ଏବଂ ପରିବାର ଠାରୁ ଦୀର୍ଘ ସମୟ ଧରି ଦୂରରେ ରହିବା ପରି ପରିସ୍ଥିତି ସହିତ ଜଡ଼ିତ ଜୀବନଶୈଳୀ ଅନୁସରଣ କରିବାକୁ ପଡ଼ିଥାଏ। ସେମାନଙ୍କ ସେବା ପ୍ରତି ଗଭୀର କୃତଜ୍ଞତା ସହିତ ପ୍ରସ୍ତୁତ ପ୍ରୋଶିଲ୍ଡ ହେଉଛି ଏକ ଉତ୍ସର୍ଗୀକୃତ ସମାଧାନ, ଯାହା ସାମରିକ ଜୀବନର ବିଶେଷ ସମସ୍ୟାଗୁଡ଼ିକର ସମାଧାନ କରିବା ସହିତ ସେମାନଙ୍କ କର୍ମ ସେମାନଙ୍କୁ ଯେଉଁଠାକୁ ନେଇଯାଏ, ସେଠାରେ ସୁରକ୍ଷା, ସୁବିଧା ଏବଂ ନିର୍ଭରଯୋଗ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଏହାର ଶୁଭାରମ୍ଭ ଅବସରରେ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଡ. ତପନ ସିଂଘେଲ କହିଛନ୍ତି, "ପାରମ୍ପରିକ ଭାବରେ ମୋଟର ଇନସ୍ୟୁରାନ୍ସ ମୁଖ୍ୟତଃ ଦୁର୍ଘଟଣା ପରେ ଯାନକୁ ସୁରକ୍ଷା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଆସିଛି। ଆଜି ମୋବିଲିଟି ବହୁତ ଅଧିକ ଗତିଶୀଳ ହୋଇଛି. ଯାନଗୁଡ଼ିକ ଦିନକୁ ଦିନ ଅଧିକ ସଂଯୋଜିତ ଏବଂ ପ୍ରଯୁକ୍ତି ଉପରେ ନିର୍ଭରଶୀଳ ହେଉଛନ୍ତି। ବିଭିନ୍ନ ଗ୍ରାହକ ବର୍ଗର ଆବଶ୍ୟକତା ମଧ୍ୟ ଭିନ୍ନ ରହିଛି। ସେମାନଙ୍କର କେବଳ ପାରମ୍ପରିକ ମୋଟର ଇନସ୍ୟୁରାନ୍ସ ନୁହେଁ, ବରଂ ଅଧିକ ଏବଂ ବିଶେଷ ସୁରକ୍ଷାର ଆବଶ୍ୟକତା ରହିଛି। ଏହି ବୁଝାମଣା ଉଭୟ ଏହି ଅଫରିଙ୍ଗକୁ ଆକାର ଦେଇଛି। ଆମ ପ୍ରତିରକ୍ଷା କର୍ମଚାରୀମାନେ ଯେଉଁଠାରେ ଦେଶର ଆବଶ୍ୟକତା ଥାଏ, ସେଠାରେ ସେବା ପ୍ରଦାନ କରନ୍ତି। ସେମାନଙ୍କର ଯାନଗୁଡ଼ିକ ମଧ୍ୟ ପ୍ରାୟତଃ ସେମାନଙ୍କ ପରି ଯାତ୍ରା କରେ। ବିଭିନ୍ନ ପୋଷ୍ଟିଙ୍ଗ ଏବଂ ଭୌଗୋଳିକ ଅଂଚଳ ମଧ୍ୟରେ ଯାନଗୁଡ଼ିକର ଯାତାୟାତ ହେଉଥିବାରୁ ଏପରି ଆବଶ୍ୟକତା ସୃଷ୍ଟି ହୁଏ, ଯାହା ଏକ ପାରମ୍ପରିକ ମୋଟର ପଲିସି ଠାରୁ ଅଧିକ ବ୍ୟାପକ ଅଟେ। ଏହି ବାସ୍ତବତାକୁ ଦୃଷ୍ଟିରେ ରଖି ପ୍ରୋଶିଲ୍ଡକୁ ପ୍ରସ୍ତୁତ କରାଯାଇଛି। ଏହା ପ୍ରତିରକ୍ଷା ଜୀବନର ବିଶେଷ ଆବଶ୍ୟକତାକୁ ପୂରଣ କରୁଥିବା ସୁରକ୍ଷା ପ୍ରଦାନ କରେ। ଅନ୍ୟ ପକ୍ଷରେ, ଭି-ପେ ୨.୦ ଆଧୁନିକ ଯାନଗୁଡ଼ିକର ପରିବର୍ତିତ ସ୍ୱରୂପକୁ ପ୍ରତିଫଳିତ କରେ। ଏହା ନୂଆ ବିପଦ, ବିକଶିତ ଟେକ୍ନୋଲୋଜି ଏବଂ ଏକକ ଅଫରିଙ୍ଗ ଅଧୀନରେ ବ୍ୟାପକ କଭରକୁ ଏକତ୍ର କରି, ଆଜିର ଯାନ ମାଲିକଙ୍କ ପାଇଁ ମୋଟର ଇନସ୍ୟୁରାନ୍ସକୁ ସରଳ ଏବଂ ଅଧିକ ପ୍ରାସଙ୍ଗିକ କରିଥାଏ।ଏହି ଦୁଇଟି ସ୍ୱତନ୍ତ୍ର ଅଫରିଙ୍ଗ ହୋଇଥିଲେ ମଧ୍ୟ, ଏହା ପଛରେ ଏକ ସମାନ ଚିନ୍ତାଧାରା ରହିଛି। ତାହା ହେଉଛି ମୋବିଲିଟି କିପରି ପରିବର୍ତିତ ହେଉଛି ତାହା ବୁଝିବା ଏବଂ ସେହି ପରିବର୍ତନ ଅନୁଯାୟୀ ଅଧିକ ପ୍ରାସଙ୍ଗିକ ଓ ଉଦ୍ଦେଶ୍ୟପୂର୍ଣ୍ଣ ପ୍ରୋଡକ୍ଟ ପ୍ରସ୍ତୁତ କରିବା।

# ପାଳନ ଦିବସ ତାଲିକାରୁ 'ଗୁରୁ ଦିବସ' ଓ 'ଶିଶୁ ଦିବସ' ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ : ଓଷ୍ଟା

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟସରକାର ଚଳିତ ଶିକ୍ଷାବର୍ଷରେ ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁଦିବସ ଓ ନଭେମ୍ବର ୧୪ ତାରିଖ ଶିଶୁ ଦିବସକୁ ପାଳନ ଦିବସ ତାଲିକାରୁ ବାଦ୍ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ପ୍ରକାଶଥାଉ କି, ବର୍ଷବର୍ଷ ଧରି ରାଜ୍ୟ ସରକାରମାନେ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ, ଜାନୁଆରୀ ୨୬ ତାରିଖ ସାଧାରଣ ତନ୍ତ୍ର ଦିବସ, ବସନ୍ତ ପଞ୍ଚମୀ ଓ ଗଣେଶ ପୂଜା ଭଳି ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁଦିବସ ଏବଂ ନଭେମ୍ବର ୧୪ ତାରିଖ ଶିଶୁ ଦିବସକୁ ମଧ୍ୟ ପାଳନ ଦିବସ ଭାବରେ ଶୈକ୍ଷିକ କ୍ୟାଲେଣ୍ଡରରେ ତାଲିକାଭୁକ୍ତ କରାଇଥାନ୍ତି। ମାତ୍ର ବ୍ୟତିକ୍ରମ ସ୍ୱରୂପ ଚଳିତ ବର୍ଷ ଏହି ଦୁଇ ଦିବସକୁ ଛୁଟି ତାଲିକାରେ ଥିବା ପାଳନ ଦିବସରୁ ବାଦ୍ ଦିଆଯାଇଛି। ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମତିଥିକୁ ଗୁରୁ ଦିବସ ଏବଂ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନକୁ ଜାତୀୟ ସ୍ତରରେ ଯଥାକ୍ରମେ ଗୁରୁଦିବସ ଓ ଶିଶୁଦିବସ ରୂପେ ପାଳନ କରାଯାଏ। ଏହି ଦିନ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ବିଭିନ୍ନ ସଭାସମିତି ହେବା ସହ ବିଭିନ୍ନ ପ୍ରତିଯୋଗୀତା ଯଥା- ତର୍କ, ଚିତ୍ରାଙ୍କନ ଇତ୍ୟାଦି ହୋଇ ଛାତ୍ରଛାତ୍ରୀମାନଙ୍କୁ ଗୁରୁଶିଷ୍ୟ ପରମ୍ପରା ଉପରେ ଶିକ୍ଷା ଦିଆଯାଇଥାଏ। ଛୁଟି ତାଲିକାରୁ ଏହି ଦୁଇ ଦିବସକୁ ବାଦ୍ ଦେଲେ ଅଧିକାଂଶ ବିଦ୍ୟାଳୟ ଦୈନନ୍ଦିନ କାର୍ଯ୍ୟଭଳି ଶିକ୍ଷାଦାନ କାର୍ଯ୍ୟ ଚାଲୁ ରଖିବେ ଯାହା ଫଳରେ ଗୁରୁଶିଷ୍ୟ ସମ୍ପର୍କ ଜନିତ ଶିକ୍ଷାଦାନ ଲୋପ ପାଇବ ଯାହା ଭବିଷ୍ୟତ ବଂଶଧରଙ୍କ ପାଇଁ ଅନୁଚିତ ହେବ। ଏହା ମଧ୍ୟ ସମଗ୍ର ଗୁରୁ ସମାଜ ପ୍ରତି ଅସମ୍ମାନ ଭାବ ସୃଷ୍ଟି କରିବା ସହିତ ଗୁରୁଶିଷ୍ୟ ପରମ୍ପରାରେ ବାଧା ଉପୁଜାଇବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ରାଜ୍ୟର ଜନପ୍ରିୟ ସରକାର ଏହାକୁ ବିଚାରକୁ ନେଇ ସେପ୍ଟେମ୍ବର ୫ ତାରିଖ, ପବିତ୍ର 'ଗୁରୁଦିବସ' ଏବଂ ନଭେମ୍ବର ୧୪ ତାରିଖ 'ଶିଶୁ ଦିବସକୁ' ପାଳନ ତାଲିକାରେ ସାମିଲ କରି ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଗୁରୁଜନ ମାନଙ୍କର ସମ୍ମାନ ରକ୍ଷା କରନ୍ତୁ ବୋଲି ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ପ୍ରଥମଥର ପାଇଁ ଅନ୍ତର୍ଜାତୀୟସ୍ତରର ବ୍ୟୁଟି ଓ ଲାଇଫ୍‌ଷ୍ଟାଇଲ୍ ପ୍ରଦର୍ଶନୀ



**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶାର ବ୍ୟୁଟି ଓ ଲାଇଫ୍‌ଷ୍ଟାଇଲ୍ ଶିଳ୍ପ ପାଇଁ ଏକ ନୂଆ ଅଧ୍ୟାୟର ଆରମ୍ଭ କରିବାକୁ ଯାଉଛି ବିବିଡ଼ି ପ୍ରୋ ବିୟୁଟି ୱାର୍ଲଡ। ଇଣ୍ଡିଆନ ବିୟୁଟି କାଉନସିଲ ଓ ଆରିଷ୍ଟି ଡଟ ୟୁକେଙ୍କ ମିଳିତ ଉଦ୍ୟମରେ ପ୍ରଥମଥର ପାଇଁ ଓଡ଼ିଶାରେ ଏକ ବୃହତ୍ ଆନ୍ତର୍ଜାତୀୟ ସ୍ତରର ବ୍ୟୁଟି ଓ ଲାଇଫ୍‌ଷ୍ଟାଇଲ୍ ଶୋକେସ୍ ଆୟୋଜିତ ହେବ। ଏହି ଦୁଇଦିନିଆ ମେଗା ଇଭେଣ୍ଟରେ ୧୫୦ରୁ ଅଧିକ କସ୍‌ମେଟିକ୍ସ, ବ୍ୟୁଟି, ସାଲନ୍ ଓ ମେକଅପ୍ ବ୍ରାଣ୍ଡ ଗୋଟିଏ ଛାତ ତଳେ ଏକାଠି ହେବେ। ଏହା କେବଳ ଏକ ପ୍ରଦର୍ଶନୀ ନୁହେଁ; ବରଂ ବ୍ୟୁଟି ପ୍ରଫେସନାଲ୍, ଇଣ୍ଡଷ୍ଟ୍ରି ଏକ୍ସପର୍ଟ, କଣ୍ଟେଣ୍ଟ କ୍ରିଏଟର, ଇନ୍‌ଫ୍ଲୁଏନ୍ସର୍ ଓ ଟ୍ରେଣ୍ଡସେଟରମାନଙ୍କୁ ଏକ ମଞ୍ଚରେ ଆଣିବାର ଏକ ବିଶେଷ ପ୍ରୟାସ। ନୂଆ ବ୍ରାଣ୍ଡ, ନୂଆ ପ୍ରଡକ୍ଟ ଲଞ୍ଚ, ଆଧୁନିକ ବ୍ୟୁଟି ଟ୍ରେଣ୍ଡ ଏବଂ ଇଣ୍ଡଷ୍ଟ୍ରିର ନୂଆ ସୁଯୋଗ ସମ୍ପର୍କରେ ଜାଣିବା ସହ ପ୍ରଫେସନାଲ୍‌ମାନଙ୍କ ପାଇଁ ନେଟୱର୍କିଂ ଓ ବ୍ୟବସାୟିକ ସମ୍ଭାବନା ସୃଷ୍ଟି କରିବ ଏହି ମେଗା ଇଭେଣ୍ଟ। ଓଡ଼ିଶାର ବ୍ୟୁଟି ଇଣ୍ଡଷ୍ଟ୍ରିକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ବଡ଼ ମଞ୍ଚ ଦେବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ। ଏହି ଐତିହାସିକ ଯାତ୍ରାରେ ଅଞ୍ଚଳର ପ୍ରମୁଖ ବିୟୁଟି ଏବଂ ୱେଲନେସ ବିଶେଷଜ୍ଞ, ମେକଅପ ଆର୍ଟିଷ୍ଟ, ହେୟାର ଷ୍ଟାଇଲିଷ୍ଟ, ଏଇସ୍ଥେଟିସିଆନ, ଇନ୍‌ଫ୍ଲୁଏନ୍ସର୍ ଓ କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ସାମିଲ ହୋଇ ଏହି ଅଭିଯାନକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ କରାଯାଇଛି। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ଯୁବ ପ୍ରତିଭା ଓ ଉଦୀୟମାନ ବ୍ୟୁଟି ପ୍ରଫେସନାଲ୍ ?ମାନେ ଜାତୀୟ ଏବଂ ଆନ୍ତର୍ଜାତୀୟ ବ୍ରାଣ୍ଡ ସହ ଯୋଡ଼ି ହେବାର ସୁଯୋଗ ପାଇବେ। ବ୍ୟୁଟି, ୱେଲନେସ୍ ଓ ଲାଇଫ୍‌ଷ୍ଟାଇଲ୍ କ୍ଷେତ୍ରରେ ନୂତନ ବ୍ୟବସାୟିକ ଧାରଣା, ଦକ୍ଷତା ବିକାଶ ଓ ରୋଜଗାରର ସମ୍ଭାବନାକୁ ମଧ୍ୟ ଏହି ଆୟୋଜନ ଉତ୍ସାହିତ କରିବ। ସ୍ଥାନୀୟ ବ୍ୟବସାୟୀ, ସାଲନ୍ ମାଲିକ, ମେକଅପ୍ ଆର୍ଟିଷ୍ଟ ଓ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ବଜାର ଓ ସହଯୋଗର ଦ୍ୱାର ଖୋଲିବା ଏହାର ଅନ୍ୟତମ ଲକ୍ଷ୍ୟ ବୋଲି ଉଦ୍ୟୋକ୍ତାଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଶାର ବ୍ୟୁଟି ଇଣ୍ଡଷ୍ଟ୍ରି ଏବେ ଏକ ବଡ଼ ମଞ୍ଚରେ ପାଦ ରଖୁଛି। ଆପଣ ବି ଏହି ଐତିହାସିକ ଯାତ୍ରାର ଅଂଶ ହୁଅନ୍ତୁ ବୋଲି ଆୟୋଜକଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶିଳା ଆୟାର, ମିନତୀ ସାହୁ, ଉମାକାନ୍ତ ସାହୁ, ବବିତା ମହାନ୍ତି, ସୁନିତା ପଟ୍ଟନାୟକ ଏବଂ ଶୁଚିସ୍ମିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଷ୍କର୍ମ ପୀଡିତା ପ୍ରସଙ୍ଗରେ ଏସ୍‌ପିଙ୍କୁ ଭେଟିବେ ପିସିସି ତଥ୍ୟ ଅନୁସନ୍ଧାନକାରୀ କମିଟି

**ଭୁବନେଶ୍ୱର (ବ୍ୟୁରୋ) :** କଟକ ଜିଲ୍ଲା ନିଶ୍ଚିତ କୋଇଲର ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା ଏବଂ ଏହା ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଅନୁସନ୍ଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ପ୍ରଦେଶ କଂଗ୍ରେସର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି। ଆସନ୍ତାକାଲି ଏହି ଅନୁସନ୍ଧାନକାରୀ ଦଳ କଟକ ଜିଲ୍ଲା ପୁଲିସ ସୁପରିଟେଣ୍ଡଙ୍କୁ ସାକ୍ଷାତ କରିବେ ଏବଂ ପରବର୍ତ୍ତି ପର୍ଯ୍ୟାୟରେ ପୀଡିତା ଏବଂ ତାଙ୍କ ପରିବାରକୁ ସାକ୍ଷାତ କରିବେ। ଏହି ତଥ୍ୟ ଅନୁସନ୍ଧାନ କମିଟିରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଶିବାନନ୍ଦ ରାୟ ଅଧ୍ୟକ୍ଷ ରହିଥିବାବେଳେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି ସଭ୍ୟା ଭାବରେ ରହିଛନ୍ତି। ସେହିଭଳି ଅନ୍ୟ ସଭ୍ୟାମାନେ ହେଲେ ସିପ୍ରା ମଲ୍ଲିକ, ଲଲାଟେନ୍ଦୁ ଦାସ, ପ୍ରଦିପ୍ତ ଦାସ, ଡା. ଦେବସ୍ମିତା ଶର୍ମା, ଅମିତା ବିଶ୍ୱାଳ, ମଧୁସ୍ମିତା ସେଠୀ, ଜୟଶ୍ରୀ ପାତ୍ର, ଡ. ମନୀଷାଦାସ ପଟ୍ଟନାୟକ, କରୁଣାକର ରଥ, ଆଲୋକ ନନ୍ଦ, ବିଶ୍ୱକଲ୍ୟାଣୀ କର ଓ ପ୍ରତିଛନ୍ଦା କୈବଲ୍ୟ ନାୟକ।

# ସଂଚୟ କରିବାର ଆଉ ଏକ ସୁଯୋଗ ଦେଉଛି ଆମାଜନ ମେଗା ଡିଲ୍ ଡେଜ୍

**ଭୁବନେଶ୍ୱର (ବ୍ୟୁରୋ) :** ଆମାଜନ ଡଟ୍ ଇନ ପକ୍ଷରୁ ମେଗା ଡିଲ୍ ଡେଜ୍‌ର ଘୋଷଣା କରାଯାଇଛି ଯାହା ଗ୍ରାହକଙ୍କୁ ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ, ବଡ ଆପ୍ଲାଏନ୍ସ, ହୋମ୍ ଏଂଟରଟେନ୍‌ମେଣ୍ଟ, ହୋମ୍, କିଚେନ, ସ୍ପୋର୍ଟସ, ଫିଟ୍‌ନେସ୍ ଓ ଦୈନନ୍ଦିନ ସାମଗ୍ରୀ ବର୍ଗରେ ଏକ ବିସ୍ତୃତ ଶୃଙ୍ଖଳାର ଉତ୍ପାଦଗୁଡିକରେ ଉତ୍ସାହଜନକ ଡିଲ ଓ ସଂଚୟ ପ୍ରଦାନ କରୁଛି। ଗ୍ରାହକମାନେ ଏହି ସମୟରେ ୱାନପ୍ଲସ, ବୋଟ୍, ଭୋଲ୍‌ଟାସ, ସାମସଙ୍ଗ, ଆକ୍ୱାଗାଡ, ହିମାଳୟା ଭଳି ଶୀର୍ଷ ବ୍ରାଣ୍ଡଗୁଡିକରେ ଲିମିଟେଡ-ଟାଇମ ଡିଲ୍ ପାଇପାରିବେ। ଏହାବ୍ୟତୀତ ସେମାନେ ଆଇସିଆଇସିଆଇ ବ୍ୟାଙ୍କ, ଇଣ୍ଡସଇଣ୍ଡ ବ୍ୟାଙ୍କ ଓ ଆକ୍ସିସ ବ୍ୟାଙ୍କ କାର୍ଡ ଟ୍ରାଞ୍ଜାକ୍ସନ ଉପରେ ୧୦%ର ଇନ୍‌ଷ୍ଟାଂଟ ରିହାତି ଏବଂ କିଛି ନିର୍ଦ୍ଦିଷ୍ଟ କ୍ରେଡିଟ ଓ ଡେବିଟ କାର୍ଡରେ ନୋ କଷ୍ଟ୍ ଇଏମଆଇ ସୁବିଧା ପାଇପାରିବେ। ପ୍ରାଇମ ସମସ୍ୟମାନେ ଦୁଇ ଲକ୍ଷରର ଅଧିକ ଉତ୍ପାଦ ଉପରେ ଅତିରିକ୍ତ ୫% ରିହାତି ସହ ଅଧିକ ମୂଲ୍ୟ ପାଇବେ। ଗ୍ରାହକମାନେ ଆମାଜନ ନାଓରେ 'ମାତ୍ର କିଛି ମିନିଟ୍‌ରେ ଡେଲିଭରି' ଭଳି ଡିଲ୍ ମଧ୍ୟ ପାଇପାରିବେ ଯାହା ଅନେକ ସହରରେ ଗ୍ରୋସରୀଠାରୁ ଆରମ୍ଭ କରି ପର୍ସନାଲ କେୟାର, ଫ୍ୟାଶନ ଓ ବିୟୁଟି ପ୍ରଡକ୍ଟ, ଛୋଟ ଆପ୍ଲାଏନ୍ସ, ହୋମ୍ ଓ କିଚେନ ପ୍ରଡକ୍ଟ ଆଦି ହଜାର ହଜାର ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ଗ୍ରାହକଙ୍କ ଡୋରଷ୍ଟେପରେ ଉପଲବ୍ଧ କରିଥାଏ। ଆମାଜନ ମେଗା ଡିଲ୍ ଡେଜ୍ ସମୟରେ ସ୍ମାର୍ଟଫୋନ, ହୋମ, କିଚେନ, ଦୈନନ୍ଦିନ ସାମଗ୍ରୀ, ଫ୍ୟାଶନ, ବିୟୁଟି ଆଦି ବର୍ଗରେ ଶୀର୍ଷ ବ୍ରାଣ୍ଡଗୁଡିକ ଉପରେ ୮୦% ପର୍ଯ୍ୟନ୍ତ ରିହାତି ମିଳିବ। ଏହି ସମୟରେ ରୁଫସ୍, ଲେନ୍ସ ଏଆଇ, ରିଭ୍ୟୁ ହାଇଲାଇଟ, ପ୍ରାଇସ ହିଷ୍ଟ୍ରୀ, କ୍ୱିକ ଲର୍ଣ୍ଣ, ବାୟିଙ୍ଗ ଗାଇଡସ୍ ଭଳି ଏଆଇ-ପରିଚାଳିତ ଟୁଲଗୁଡିକ ଗ୍ରାହକଙ୍କୁ ସଠିକ୍ ଉତ୍ପାଦ ଓ ଡିଲ ଖୋଜିବାରେ ସାହାଯ୍ୟ କରିବେ। ଆମାଜନ ମେଗା ଡିଲ୍ ଡେଜ୍‌ରେ ଗ୍ରାହକମାନେ ୱାନପ୍ଲସ, ସାମସଙ୍ଗ ଓ ରିଅଲ୍‌ମି ଭଳି ଟପ୍ ବ୍ରାଣ୍ଡର ମୋବାଇଲ ଓ ଆକ୍‌ସେସରିଜ ଉପରେ ୪୦% ପର୍ଯ୍ୟନ୍ତ ରିହାତି ଏବଂ ୬ ମାସ ପର୍ଯ୍ୟନ୍ତ ନୋ କଷ୍ଟ୍ ଇଏମଆଇ ପାଇପାରିବେ। ଏହି ସମୟରେ ବୋଟ୍, ଗୋବୋଲ୍ଟ, ଜେବ୍ରୋନିକ୍ସ, ନଏଜ୍ ଭଳି ଶୀର୍ଷ ବ୍ରାଣ୍ଡର ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଓ ଆକ୍‌ସେସରି ଉପରେ ୫୦ରୁ ୮୦% ପର୍ଯ୍ୟନ୍ତ ରିହାତି ମିଳିବ। ରାକ୍ଷୀ ଗିଫ୍ଟିଂ, ଡେକୋର ଓ କ୍ଲିନିଙ୍ଗ ସପ୍ଲାଇ ଉପରେ ୮୦% ପର୍ଯ୍ୟନ୍ତ ରିହାତି, ଗେମ୍ ଓ ଖେଳନା ଉପରେ ୭୦% ପର୍ଯ୍ୟନ୍ତ ରିହାତି, ହୋମ୍ ଓ କିଚେନ ଆପ୍ଲାଏନ୍ସ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ୯୯ ଟଙ୍କାରୁ ଆରମ୍ଭ ହେଉଥିବା ସ୍ପୋର୍ଟସ ଓ ଫିଟ୍‌ନେସ୍ ପ୍ରଡକ୍ଟ ଉପଲବ୍ଧ ହେଉଛି। ଆମାଜନ ବଜାରରେ ଗ୍ରାହକମାନେ ବିୟୁଟି, ଫ୍ୟାଶନ, ହୋମ୍ ଓ ଇଲେକ୍‌ଟ୍ରୋନିକ୍ସ ବର୍ଗରେ ୭୦% ପର୍ଯ୍ୟନ୍ତ ରିହାତି ସହ ଆକର୍ଷଣୀୟ ଡିଲ୍ ପାଇପାରିବେ। ଅନ୍ୟପକ୍ଷରେ ଆମାଜନ ପେ ମାଧ୍ୟମରେ ଗ୍ରାହକମାନେ ଫ୍ଲାଇଟ ବୁକିଂ ଉପରେ ୧୧% ପର୍ଯ୍ୟନ୍ତ ରିହାତି, ବସ୍ ବୁକିଂ ଉପରେ ୧୭% ପର୍ଯ୍ୟନ୍ତ ରିହାତି ଓ ହୋଟେଲ ବୁକିଂ ଉପରେ ୫୦% ପର୍ଯ୍ୟନ୍ତ ରିହାତି ପାଇବେ।

# 'ହାଇରେସ୍ ଅଡିଓ ବାଇ କାର୍ ପାଭିଲିୟନ' ଉଦ୍‌ଘାଟିତ

ଭୁବନେଶ୍ୱର (ବ୍ୟୁରୋ) : ଭୁବନେଶ୍ୱରରେ 'ହାଇ ରେସ୍ ଅଡିଓ ବାଇ କାର୍ ପାଭିଲିୟନ' ନାମକ ସ୍ୱତନ୍ତ୍ର କାର୍ ଅଡିଓ ଷ୍ଟୋର ଅଗଷ୍ଟ ୧୪ ତାରିଖରେ ଉଦ୍‌ଘାଟିତ ହୋଇଛି। ସଂସ୍ଥା ପକ୍ଷରୁ ଏହା ଓଡ଼ିଶାର ଏକମାତ୍ର ସ୍ୱତନ୍ତ୍ର କାର୍ ଅଡିଓ ଷ୍ଟୋର ବୋଲି ଦାବି କରାଯାଇଛି। ୩୦୦ ବର୍ଗଫୁଟ୍ ପରିମିତ ଏହି ଷ୍ଟୋରରେ ବିଭିନ୍ନ କାର୍ ମଡେଲ୍ ପାଇଁ ପେସାଦାର ଫିଟିଂ ଓ କଷ୍ଟମାଇଜ୍‌ଡ ଅଡିଓ ସମାଧାନ ଯୋଗାଇ ଦିଆଯିବ। ଉଦ୍‌ଘାଟନୀ ସମାରୋହରେ ଜକ୍ଟଇବକ୍ଷ ରଭଲସରକ୍ଷୟ ଓ ଣବଙ୍କବକ୍ଷବର ଡିଷ୍ଟ୍ରିବ୍ୟୁଟର ତଥା ବିଶିଷ୍ଟ ବ୍ୟବସାୟୀ ପୱନ ଅଗ୍ରୱାଲ ଉପସ୍ଥିତ ଥିଲେ। ଷ୍ଟୋରର ମାଲିକ ଶ୍ରୀ ଦୀପକ ବଜୋରିଆ କହିଛନ୍ତି ଯେ, କାର୍ ପ୍ରେମୀମାନଙ୍କୁ ସେମାନଙ୍କ ପସନ୍ଦ ଓ ଆବଶ୍ୟକତା ଅନୁଯାୟୀ ଉଚ୍ଚମାନର ଅଡିଓ ସିଷ୍ଟମ୍, ପ୍ରଫେସନାଲ୍ ଇନ୍‌ଷ୍ଟଲେସନ୍ ଓ କଷ୍ଟମାଇଜ୍‌ଡ ସମାଧାନ ଏକ ଛାତ ତଳେ ଯୋଗାଇବା ଷ୍ଟୋରର ମୁଖ୍ୟ ଲକ୍ଷ୍ୟ। ଉତ୍ତମ ସାଉଣ୍ଡ କ୍ୱାଲିଟି ସହ ଗ୍ରାହକଙ୍କୁ ବିଶ୍ୱସନୀୟ ଓ ବିଶେଷଜ୍ଞ ସେବା ଦେବା ଉପରେ ଗୁରୁତ୍ୱ ଦିଆଯିବ।

# ଗଲ୍ଫ ଓଡ଼ିଆ ଆସୋସିଏସନ୍‌ର ନବମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର (ବ୍ୟୁରୋ) :** ଗଲ୍ଫ ଓଡ଼ିଆ ଆସୋସିଏସନର ନବମ ବାର୍ଷିକ ଉତ୍ସବ ଭୁବନେଶ୍ୱରଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମଧ୍ୟପ୍ରାଚ୍ୟସ୍ଥିତ ସାଉଦି ଆରବ, କାତାର, ଓମାନ, କୁଏତ, ବାହାରିନ, ୟୁଏଇ ଏବଂ ଆବୁଧାବିରେ ବସବାସ କରୁଥିବା ଶତାଧିକ ଓଡ଼ିଆ ସେମାନଙ୍କର ପରିବାରବର୍ଗ ଓ ସମ୍ପର୍କୀୟମାନଙ୍କ ସହିତ ଆସି ଉତ୍ସବରେ ସାମିଲ ହୋଇଥିବା ଦେଖାଯାଇଥିଲା। ସମାରୋହ ଅବସରରେ ଗଲ୍ଫରେ ଅବସ୍ଥାପିତ ଏହି ପ୍ରବାସୀ ଓଡ଼ିଆ ମାନଙ୍କର ନିଜର ମାତୃଭୂମି ଓ ମାତୃଭାଷା ପ୍ରତି ଥିବା ପ୍ରଗାଢ ମମତା ଏବଂ ଅତୁଟ ଆତ୍ମୀୟତାର ଭବ୍ୟ ଏବଂ ଦିବ୍ୟ ନିଦର୍ଶନ ଘଟିଥିଲା। ନିଜର ମହାନ କଳା, ସଂସ୍କୃତି ,ଭାଷା, ସାହିତ୍ୟ ଏବଂ ପରମ୍ପରାକୁ ନେଇ ଗର୍ବିତ ହେବା ସାଙ୍ଗକୁ ପରସ୍ପର ମଧ୍ୟରେ ଥିବା ଭାତୃତ୍ୱର ନିବିଡ ବନ୍ଧନକୁ ଏକଜୁଟ ହୋଇ ପ୍ରଦର୍ଶନ କରିବାର ଏହା ପ୍ରକୃଷ୍ଟ କ୍ଷେତ୍ର ଥିଲା। ସମାବେଶକୁ ସମ୍ବୋଧନ କରି 'ଗଓଆ' ର ଅଧ୍ୟକ୍ଷ ଅଜୟ କୁମାର ଦାସ, ଗଲ୍ଫ ଓଡ଼ିଆ ଆସୋସିଏସନର ସର୍ବୋଚ୍ଚ ଲକ୍ଷ୍ୟ 'ସେବା ହିଁ ସର୍ବୋପରି' ବୋଲି ଦର୍ଶାଇଥିଲେ। ନିଜର ମାତୃପ୍ରଦେଶ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସ୍ୱଚ୍ଛତା ର ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ 'ଗ ଓ ଆ' ବଦ୍ଧପରିକର ବୋଲି ଶ୍ରୀ ଦାସ ସୂଚାଇଥିଲେ। ସଭାରେ ଭାଷଣ ଦେଇ 'ଗ ଓ ଆ' ର ବରିଷ୍ଠ ସଦସ୍ୟ ଯଥା:- ସଂଯୁକ୍ତା ପାଢ଼ୀ, ସୁସ୍ମିତା ପଟ୍ଟନାୟକ, କୁନ୍ କୁନ୍ ଦାସ, ଉମାକାନ୍ତ ପାଢ଼ୀ, ଦୀନବନ୍ଧୁ ସାମଲ, ଅମରେଶ ପଣ୍ଡା, ସୁଧୀର ସେନାପତି, ଗୋବିନ୍ଦ ପଣ୍ଡା, ସରୋଜ ଦାସ, ସୁଜିତ ପଟ୍ଟନାୟକ ଏବଂ ଅଭିଜିତ ତ୍ରିପାଠୀ ପ୍ରମୁଖ ଓଡ଼ିଶା ସହିତ ଭାବର ଆଦାନପ୍ରଦାନ ତଥା ରାଜ୍ୟର ସର୍ବାଙ୍ଗୀନ ଉନ୍ନୟନ ଦିଗରେ ଭାଗୀଦାର ବନିବା ନେଇ 'ଗ ଓ ଆ' ର ସିଦ୍ଧାନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ପଦ୍ମଶ୍ରୀ ଶରତ କୁମାର ପାତ୍ର ଓଡ଼ିଶା ହସ୍ତତନ୍ତ୍ରର ସ୍ୱତନ୍ତ୍ରତା ଓ ସୃଜନଶୀଳତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କ ଦ୍ୱାରା ବୁଣାଯାଇଥିବା କିଛି ଅନନ୍ୟ କଳାକୃତି ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି 'ୱାର୍ଲ୍ଡ ଓଡ଼ିଶା ସୋସାଇଟି'ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଗଲ୍ଫ ଦେଶମାନଙ୍କରେ 'ଗଓଆ' ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଚାର ପ୍ରସାର ଓ ଲୋକପ୍ରିୟ କରିବା ପାଇଁ ଯେଉଁ ଅଭିଯାନ ଚଳାଇଆସିଛି, ତାହାର ଭୂୟସୀ ପ୍ରଶଂସା କରିଥିଲେ। ସମାରୋହରେ ଉପସ୍ଥିତ ଥିବା ମାନ୍ୟଗନ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଓଡ଼ିଶା ସରକାରଙ୍କ ପ୍ରତିନିଧି ପ୍ରୀତିଶ ପଣ୍ଡା ଓ ନୃସିଂହ ସାହୁ, ବିଶାଖାପାଟଣାସ୍ଥିତ ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଜଗଦୀଶ କୁମାର ନାୟକ, ଜଗା-କାଳିଆ ଫାଉଣ୍ଡେସନ୍ ?ର ଅଧ୍ୟକ୍ଷ ଉମାକାନ୍ତ ଜେନା, ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଦୁଇ ସାଧାରଣ ସମ୍ପାଦକ ରାମକୃଷ୍ଣ ଦାଶ ଓ କାବେରୀ ବେହେରା, ଡବ୍ଲ୍ୟୁ.ଓ.ଏସ୍. ଓଡ଼ିଶା ଶାଖାର ଯୁଗ୍ମ ସାଧାରଣ ସମ୍ପାଦକ ରାଜକୁମାର ଜେନା, ଖୋର୍ଦ୍ଧା ୟୁନିଟ୍‌ର ସାଧାରଣ ସମ୍ପାଦକ ସୁଜାତା ଚୌଧୁରୀ ଏବଂ ସମାଜସେବୀ ଶାରଦା ମହାପାତ୍ର ପ୍ରମୁଖ ସାମିଲ ଥିଲେ। ନବମ ବାର୍ଷିକ ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଥିଲା। ଶିଶୁ ପ୍ରତିଭା ଆଦ୍ୟାଶା ପାଣିଗ୍ରାହୀ ତାଙ୍କର ଅପୂର୍ବ କଳା ଚାତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ମାତୃଶକ୍ତି ନୃତ୍ୟ ଏକାଡେମୀ ଏବଂ ବିଶ୍ୱରାଜ କୃଷ୍ଣ କଲ୍ପରାଲ ଟିମ୍ ?ର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟ ଏବଂ ସଙ୍ଗୀତ ବେଶ୍ ଉଚ୍ଚକୋଟୀର ଥିଲା।ଏହି ଉତ୍ସବର ପ୍ରାୟୋଜକ ଆଇସିଆଇସିଆଇ ଏବଂ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଥିଲେ।

# ଭୁବନେଶ୍ୱର ବିମାନ ବନ୍ଦରରେ ହଙ୍ଗାମା
## ଫ୍ଲାଇଟ୍ ବାତିଲ ହେବାରୁ ଭଙ୍ଗାରୁଜା କଲେ ମହିଳା



**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱରରେ ଏୟାରପୋର୍ଟରେ ହଙ୍ଗାମା । ବିମାନ ବିଳମ୍ବ ପରେ ବାତିଲକୁ ନେଇ ତାତିଲେ ମହିଳା, ଏୟାରପୋର୍ଟରେ କଲେ ଭଙ୍ଗାରୁଜା । ଯାନ୍ତ୍ରିକ ତ୍ରୁଟି ଯୋଗୁ ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଥମେ ବିଳମ୍ବ ପରେ ବାତିଲ ହୋଇଥିଲା । ଯାହାକୁ ନେଇ ମହିଳା ଯାତ୍ରୀ ଜଣଙ୍କ ଉତକ୍ଷିପ୍ତ ହୋଇ ବିମାନ ବନ୍ଦରରେ କମ୍ପ୍ୟୁଟର ଭଙ୍ଗାରୁଜା କରିଥିଲେ । ସୂଚନା ଅନୁଯାୟୀ, ପୁଅର ଚିକିତ୍ସା ପାଇଁ କୋଲକାତା ଯାଉଥିଲେ ମହିଳା। ବିମାନ ବାତିଲ ହେବାରୁ ପାଟିତୁଣ୍ଡ କରିବା ସହ ଭଙ୍ଗାରୁଜା କରିଥିଲେ । ମହିଳାଙ୍କ ହାଇଡ୍ରାମା ଭିଜୁଆଲ ସୋସିଆଲ ମିଡ଼ିଆରେ ଭାଇରଲ ହେଉଛି । ତେବେ ଇଣ୍ଡିଗୋ ବିମାନ ବାତିଲ ପରେ ଅନ୍ୟ କନେକଟିଂ ବିମାନରେ ମହିଳା ଯାତ୍ରୀ ଜଣଙ୍କ ଯାଇଥିଲେ । ସେପଟେ ଘଟଣା ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ଏୟାରପୋର୍ଟ ଥାନାରେ ଏତଲା ଦେଇଛନ୍ତି ।

# ଗଙ୍ଗୁଆ, ଦୟା ୱେଷ୍ଟ କେନାଲ୍: ଜବରଦଖଲ ଯୋଗୁଁ ନିଷ୍କାସନ ହେଉପାରୁନି ପାଣି, ବଢୁଛି ଚିନ୍ତା

**ଭୁବନେଶ୍ୱର(ବ୍ୟୁରୋ):** ଦୟା ୱେଷ୍ଟ କେନାଲ ଓ ଗଙ୍ଗୁଆ ନାଳ ଦେଇ ବର୍ଷା ଜଳ ଓ ଆବର୍ଜନା ଜଳ ନିଷ୍କାସିତ ହେଉଛି। କିନ୍ତୁ ଚଳିତ ବର୍ଷାରେ ଦୟା ୱେଷ୍ଟ କେନାଲ ଓ ଗଙ୍ଗୁଆର ଦେଇ ରାଜଧାନୀର ବର୍ଷା ଓ ବର୍ଜ୍ୟଜଳ ନିଷ୍କାସିତ ହୋଇ ନପାରି ବହୁ ୱାର୍ଡକୁ ଜଳବନ୍ଦି କରୁଛି। ଏହାର ପ୍ରମୁଖ କାରଣ କୁଢ଼ କୁଢ଼ ଆବର୍ଜନା ଓ ଜବରଦଖଲ। ଜଳସଂପଦ ବିଭାଗ ଅଧୀନରେ ଆସୁଥିବା ଉଭୟ ଦୟା ୱେଷ୍ଟ କେନାଲ ଓ ଗଙ୍ଗୁଆ ଜବରଦଖଲରେ ଅଣନିଃଶ୍ୱାସୀ। ତଥାପି ଜଳସଂପଦ ବିଭାଗର ନିଦ ଭାଙ୍ଗୁନି। ପ୍ରତିବର୍ଷ ବର୍ଷା ପୂର୍ବରୁ ଜଳସଂପଦ ବିଭାଗର ଜରୁରି ବୈଠକ ବସେ। ଏପ୍ରିଲରେ ନଦୀନାଳ, କେନାଲ ଆଦିକୁ ଅବରୋଧମୁକ୍ତ କରାଯାଏ। ଗଛ ଡାଳ, ଆବର୍ଜନା ଆଦି ହଟାଯାଏ। କିନ୍ତୁ ଦୟା ୱେଷ୍ଟ କେନାଲ ଓ ଗଙ୍ଗୁଆ କ୍ଷେତ୍ରରେ ଜଳସଂପଦ ବିଭାଗ ଆଖି ବୁଜିଦେଇଛି। ଗଙ୍ଗୁଆ ନାଳର ଲମ୍ବ ୩୫.୭ କିଲୋମିଟର, ଓସାର ପ୍ରାୟ ୩୦ ମିଟର ଓ ଗଭୀରତା ପ୍ରାୟ ୨.୬୨ ମିଟର। ଏହା ଗାଡ଼କଣରୁ ବାହାରି ବିଏମ୍‌ସି ଦେଇ ପିପିଲି କଣ୍ଟିଠାରେ ଦୟା ନଦୀରେ ମିଶିଛି। ବିଏମ୍‌ସିରୁ ଦୈନିକ ୧୦୭ ଏମ୍‌ଏଲ୍‌ଡି ବର୍ଜ୍ୟଜଳ ବାହାରୁଛି। ଦୟାୱେଷ୍ଟ କେନାଲ୍ ସହ ଏକାଧିକ ପ୍ରାକୃତିକ ନାଳ ଓ ଅନ୍ୟପଥ ଦେଇ ଏହି ବର୍ଜ୍ୟଜଳ ଗଙ୍ଗୁଆ ଦେଇ ଦୟାକୁ ଯାଉଛି। ଦୟା ୱେଷ୍ଟ କେନାଲର ଉଭୟ ପାର୍ଶ୍ୱ ବନ୍ଧର ଲମ୍ବ ୩୪.୮୭୯ କିଲୋମିଟର ଓ ଏଥିରେ ଭୁବନେଶ୍ୱରର ୧୪ଟି ନାଳ ମିଶିଛି। କଳାରାହାଙ୍ଗ ୱାର୍ଡ ନମ୍ବର-୨, ମଞ୍ଚେଶ୍ୱର ସେକ୍ଟର-ଏ, ପଳାଶୁଣୀ ଜାତୀୟ ରାଜପଥ, ଜିଜିପି କଲୋନି, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀ, ଲକ୍ଷ୍ମୀସାଗର ୧୦ ନମ୍ବର ନାଳ, କଂସେଇଖାନା ପୋଲ, ବଡ଼ଗଡ଼, ମହିଷାଖାଲ, ବିଜେବିନଗର, ଟଙ୍କପାଣି, କପିଳେଶ୍ୱର, କୁମାରସାହି, ରାଧାରମଣ କଲୋନି, ସୁନ୍ଦରପଦା କଲେଜ ଛକରେ





ଭୁବନେଶ୍ୱର ସହରର ବର୍ଜ୍ୟଜଳ ଦୟା ୱେଷ୍ଟ କେନାଲରେ ମିଶୁଛି। କିନ୍ତୁ ଉଭୟ ଦୟା ୱେଷ୍ଟ କେନାଲ୍ ଓ ଗଙ୍ଗୁଆର ତଣ୍ଟି ଚିପି ସାରିଲେଣି ଅମାନିଆ ଲୋକେ। ସିଧାସଳଖ ଏହା ଭିତରେ ଆବର୍ଜନା ଫିଙ୍ଗୁଛନ୍ତି। କେଉଁଠି ମାଟିରେ ମିଶୁ ନଥିବା ଜରି, ଥର୍ମୋକୁଲ୍‌ରେ ଏହା ଭରିଗଲାଣି ତ' କେଉଁଠି ନିର୍ମାଣ ବର୍ଜ୍ୟ ନିଷ୍କାସନ ପଥ ଅଟକାଇ ରଖିଛି। ବିଲାତି ଦଳ, ଅନାବନା ଗଛ ନାଳ ଭିତରେ ଚରିଗଲାଣି। କେବଳ ସେତିକି ନୁହେଁ, ଜବରଦଖଲ ନାଳକୁ ସଂକୁଚିତ କରିଦେଲାଣି। ଚଳିତ ବର୍ଷ ଏହା ସହରବାସୀଙ୍କୁ ଅସୁବିଧାରେ ପକାଇଛି ଓ ଜଳବନ୍ଦି କରିଛି। ଗଙ୍ଗୁଆର ପୁନରୁଦ୍ଧାର ଓ ଜବରଦଖଲମୁକ୍ତ କରିବାକୁ ରାଜ୍ୟ ସରକାର ଏକ ୧୦ଜଣିଆ ଗଙ୍ଗୁଆ ସମନ୍ୱୟ କମିଟି ଗଠନ କରିଥିଲେ। କମିଟିରେ ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଅଧ୍ୟକ୍ଷ, ବିଡିଏ, ବିଏମ୍‌ସି, ଜଳନିଗମ, ସ୍ୱେରେଜ ବୋର୍ଡ, ବନ ବିଭାଗ, ପର୍ଯ୍ୟଟନ ବିଭାଗ, ଶକ୍ତି ବିଭାଗ ନୋଡାଲ୍ ଅଧିକାରୀ, କଟକ ଡ୍ରେନେଜ୍ ମୁଖ୍ୟଯନ୍ତ୍ରୀ ସଦସ୍ୟ ରହିଛନ୍ତି। କମିଟି ଗଠନକୁ ୨ ବର୍ଷ ବିତିଲାଣି, ଗଙ୍ଗୁଆ ସ୍ଥିତି ବଦଳିନି। ସମାନ ସ୍ଥିତି ଦୟା ୱେଷ୍ଟ କେନାଲ୍‌ର। ସେପଟେ ଉଭୟ ଗଙ୍ଗୁଆ ଓ ଦୟା ୱେଷ୍ଟ କେନାଲ୍ ପୁନରୁଦ୍ଧାର ହେବ ବୋଲି ସାଂସଦ ଓ ଅନ୍ୟ ନେତାମାନେ କେବଳ ସ୍ୱପ୍ନ ଦେଖାଉଛନ୍ତି।

# ବଢୁଛି ନଦୀର ଜଳସ୍ତର, ୩ ଜିଲ୍ଲାରେ ବନ୍ୟା ସ୍ଥିତି

**ଭୁବନେଶ୍ୱର(ବ୍ୟୁରୋ) :** ଯାଜପୁର,ଭଦ୍ରକ ବାଲେଶ୍ୱର ଜିଲ୍ଲାରେ ପୁଣି ବନ୍ୟା ସ୍ଥିତି । ବୈତରଣୀରେ ପୁଣି ବନ୍ୟା ଜଳ ବଢ଼ିଛି । ସିନିୟର ଅଫିସର ନିୟୋଜିତ ଅଛନ୍ତି । ବୁଢାବଳଙ୍ଗରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି । ସେ କହିଛନ୍ତି ବନ୍ୟା ସ୍ଥିତି ଉପରେ ନଜର ରହିଛି । ଗ୍ରାଉଣ୍ଡରେ ଅଧିକାରୀ ରହିଛନ୍ତି । ସୁବର୍ଣ୍ଣରେଖାରେ ମଧ୍ୟ ବନ୍ୟା ସୃଷ୍ଟି ହୋଇଛି । ବୁଢାବଳଙ୍ଗରେ ବର୍ଷା ଯୋଗୁଁ ବିପଦ ସଂକେତ ଅତିକ୍ରମ କରିଛି । ଯାହାର ପ୍ରଭାବ ବାଲେଶ୍ୱରରେ ଦେଖିବାକୁ ମିଳିବ । ପୂର୍ବରୁ ଜିଲ୍ଲାରେ ପ୍ରଶାସନ ଆଲର୍ଟ କରାଯାଇଥିଲା । ଲୋକ ମାନଙ୍କୁ ସ୍ଥାନାନ୍ତରିତ ଆରମ୍ଭ ହୋଇଛି । ୧୦ ଓଡ୍ରାଫ ଏବଂ ୭ ଏନଡିଆରଏଫ ଟିମ୍ ମୁତୟନ ହୋଇଥିବା ବେଳେ ୪ ଟିମ୍ ପ୍ରସ୍ତୁତ ରହିଛନ୍ତି । ବାଲେଶ୍ୱର ସଦର, ରେମୁଣାର ୧୫ ପଞ୍ଚାୟତରେ ପ୍ରଭାବ ରହିଛି । ଭୋଗରାଇ ବସ୍ତା ବ୍ଲକକୁ ସତର୍କ କରାଯାଇଛି । ଝାଡ଼ଖଣ୍ଡରେ ଅଧିକ ବର୍ଷା ହୋଇଛି । ସେଥିପାଇଁ ଜଳସ୍ତର ଅଧିକ ରହିଛି । ରିଲିଫ ସେଣ୍ଟର ଖୋଲାଯାଇଛି । ୩ହଜାର ଲୋକଙ୍କୁ ଗତକାଲି ସ୍ଥାନାନ୍ତରିତ କରାଯାଇଛି । ଯେଉଁଠି ପାଣି ପ୍ରବେଶ କରୁଛି ସେଠି ଲୋକଙ୍କୁ ସ୍ଥାନାନ୍ତରିତ କରାଯାଉଛି। ସେପଟେ ବାଲେଶ୍ୱରରେ ୮ଟି ଟିମ୍, ଯାଜପୁରରେ ୨ ଓଡ୍ରାଫ ଓ ଗୋଟିଏ ଏନଡିଆରଏଫ, ଭଦ୍ରକରେ ୨ଟି ଟିମ୍ ଯାଜପୁରରେ ୨, କେନ୍ଦୁଝର ଗୋଟିଏ ଟିମ୍ ମୁତୟନ ଅଛନ୍ତି । ମଧ୍ୟମ ଧାରଣର ବନ୍ୟା ଆଶଙ୍କା ରହିଛି । ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଏସଆରସି କହିଛନ୍ତି । ଆଗକୁ ନଦୀର ଜଳସ୍ତର ବଢ଼ିବ। ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗରେ ଅଛୁ। ୪୫ ପଞ୍ଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି।



# ରାଜଧାନୀରେ ଭୟ ବଢ଼ାଇଲେଣି ପୋଷା କୁକୁର

**ଭୁବନେଶ୍ୱର(ବ୍ୟୁରୋ):** ଫରେଷ୍ଟ ପାର୍କରେ ଜଣେ ବ୍ୟକ୍ତି ନିଜ ପୋଷା କୁକୁର ଧରି ବୁଲିଲେ । କୁକୁର ଅନ୍ୟଙ୍କୁ କାମୁଡ଼ିବାକୁ ଗୋଡ଼ାଇ ଆସିଲା । ଏମିତି ସର୍ବସାଧାରଣ ସ୍ଥାନ, ଖେଳପଡ଼ିଆରେ ପୋଷା କୁକୁର ହାଉଯାଉ । ବିଏମ୍‌ସି ପକ୍ଷରୁ ପୋଷା କୁକୁର ବାରଣ କରାଯାଇଥିବା ବେଳେ ଏହି ନିୟମକୁ ଫୁ'ରେ ଉଡ଼ାଉଛନ୍ତି ମାଲିକ । ସେପଟେ ୩ ବର୍ଷ ପରେ ବି ବିଏମ୍‌ସି ବାଇ-ଲ' ଆସି ପାରିଲା ନାହିଁ । ନିକଟରେ ପଞ୍ଜାବରେ ଜଣେ ମହିଳାଙ୍କୁ ପୋଷା କୁକୁର ଆକ୍ରମଣ କରିବା ଘଟଣାରେ ସାମ୍ନାକୁ ଆସିଛି । ଭୁବନେଶ୍ୱରରେ ମଧ୍ୟ ପୋଷା କୁକୁର ସଂଖ୍ୟା ବଢ଼ି ଚାଲିଛି । ମନଇଚ୍ଛା କୁକୁର ରଖିବା ଦ୍ୱାରା ସାଧାରଣ ଲୋକ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି । ଏପରି କି କୁକୁର କାମୁଡ଼ା ଘଟଣା ମଧ୍ୟ ସାମ୍ନାକୁ ଆସିଛି । ବିଏମ୍‌ସି ପକ୍ଷରୁ କୁକୁର ରଖିବା ପୂର୍ବରୁ ବିଏମ୍‌ସିରେ ପଞ୍ଜୀକରଣ ବାଧ୍ୟତାମୂଳକ । ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପଡ଼ିବ । ଏଥିପାଇଁ ମାଲିକଙ୍କୁ ୫୦୦ ଟଙ୍କା ଦେବାକୁ ପଡ଼ିବ । ଏହା ପରେ ବିଏମ୍‌ସି ପକ୍ଷରୁ ଏକ ଟ୍ୟାଗ୍ ମିଳିବ । ଏଥିରେ ମାଲିକଙ୍କ ନାମ ସହିତ ସମ୍ପୂର୍ଣ୍ଣ ତଥ୍ୟ ରହିବ । ସେହିପରି ପ୍ରତିବର୍ଷ ଏପ୍ରିଲ ୧ ପୂର୍ବରୁ କୁକୁର ରି-ପଞ୍ଜୀକରଣ କରିବାକୁ ପଡ଼ିବ । ଏଥିପାଇଁ ଅତିରିକ୍ତ ୨୫୦ ଟଙ୍କା ଦେବାକୁ ପଡ଼ିବ । ଏହି ନିୟମକୁ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ୧୦ ହଜାର ଟଙ୍କା ଜରିମାନା କରାଯିବ ବୋଲି କୁହାଯାଇଥିଲା । ଯଦି ମାଲିକ କୁକୁରକୁ ବାହାରକୁ ବୁଲାଇ ନେବେ ତାହାଲେ ଚେନ୍‌ରେ ବାନ୍ଧିବା ବାଧ୍ୟତା ମୂଳକ। ସେହିପରି ପାର୍କ, ରେଷ୍ଟୁରାଣ୍ଟ, ଜିମ୍, ମଲକୁ କୁକୁର ନେବା ଉପରେ ବାରଣ କରାଯାଇଛି ।

# ଏ ବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ



**ଭୁବନେଶ୍ୱର(ବ୍ୟୁରୋ):** ଏ ବର୍ଷ ମଧ୍ୟ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ। ଲଗାତାର ୯ମ ବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିବାକୁ ଯାଉଛି। ତେବେ ଏନେଇ ଏପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷରେ ୟୁଜି ଓ ପିଜି ପାଠ୍ୟକ୍ରମରେ ନାମଲେଖା ବିଳମ୍ବ, କ୍ୟାମ୍ପସରେ ଛାତ୍ର ଅଶାନ୍ତି ଏବଂ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାକୁ ନେଇ ଚାଲିଥିବା ପ୍ରକ୍ରିୟା ଯୋଗୁଁ ଚଳିତ ଶିକ୍ଷାବର୍ଷରେ ନିର୍ବାଚନ ନ କରିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଛାତ୍ର ସଂସଦ ନିର୍ବାଚନକୁ ନେଇ ଉଚ୍ଚଶିକ୍ଷା ବିଭାଗର ଅଧିକାରୀସ୍ତରରେ ବ୍ୟାପକ ଆଲୋଚନା ହୋଇଥିବା ସୂଚନା ମିଳିଛି। ବିଭିନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟ ଏଥର ନିର୍ବାଚନ ସପକ୍ଷରେ ନଥିବା ନେଇ ବିଭାଗକୁ ଜଣାଇଥିବା କୁହାଯାଉଛି। ଅନ୍ୟପଟେ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାରେ ୟୁଜି ଓ ପିଜି ସ୍ତରରେ ମାଗଣା ଶିକ୍ଷାଦାନ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ନେଇ ବିବାଦ ଏପର୍ଯ୍ୟନ୍ତ ତୁଟିନାହିଁ। ଅନୁଦାନପ୍ରାପ୍ତ କଲେଜଗୁଡ଼ିକ ମଧ୍ୟ ଏହି ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଚଳିତ ଶିକ୍ଷାବର୍ଷରେ ୟୁଜି ଓ ପିଜି ନାମଲେଖା ପ୍ରକ୍ରିୟା ବିଳମ୍ବିତ ହୋଇଛି। ଅଗଷ୍ଟ ୧୦ ସୁଦ୍ଧା ପାଠପଢ଼ା ଆରମ୍ଭ କରିବାକୁ ଯୋଜନା ଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଏବେ ଅଗଷ୍ଟ ୨୧ରୁ ପାଠପଢ଼ା ଆରମ୍ଭ ହେବା ନେଇ ସୂଚନା ମିଳିଛି। ନାମଲେଖା ପ୍ରକ୍ରିୟା ଶେଷ ହୋଇନଥିବାରୁ କ୍ୟାମ୍ପସରେ ଶିକ୍ଷାଦାନ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଛାତ୍ର ସଂସଦ ନିର୍ବାଚନ କରାଗଲେ ପାଠପଢ଼ା ଆହୁରି ପ୍ରଭାବିତ ହୋଇପାରେ ବୋଲି ବିଭାଗୀୟ ସ୍ତରରେ ମତ ପ୍ରକାଶ ପାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଏପର୍ଯ୍ୟନ୍ତ ଚଳିତ ଶିକ୍ଷାବର୍ଷର ଶିକ୍ଷା କ୍ୟାଲେଣ୍ଡର ପ୍ରକାଶ କରିନାହିଁ। ୟୁଜି ଦ୍ୱିତୀୟ ଓ ତୃତୀୟ ବର୍ଷ ଏବଂ ପିଜି ଦ୍ୱିତୀୟ ବର୍ଷର ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ନୂତନ ନାମଲେଖା କରିଥିବା ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି। ଶିକ୍ଷା କ୍ୟାଲେଣ୍ଡର ପ୍ରକାଶ ପାଇନଥିବାରୁ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି। ସେମାନେ ନିଜସ୍ୱ ଶିକ୍ଷା କ୍ୟାଲେଣ୍ଡର ପ୍ରସ୍ତୁତ କରିବେ ନା ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ଅପେକ୍ଷା କରିବେ, ତାହା ସ୍ପଷ୍ଟ ହୋଇନାହିଁ। ଶିକ୍ଷା କ୍ୟାଲେଣ୍ଡରରେ ପାଠପଢ଼ା ଦିନ, ଛୁଟି, ଦଶହରା ଛୁଟି ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଓ ନିର୍ବାଚନ ସମ୍ପର୍କିତ ସୂଚନା ରହିଥାଏ।

# ଆୟୁଷ୍ମାନ ଭାରତ ତାଲିକାଭୁକ୍ତ ହସ୍ପିଟାଲକୁ ନିର୍ଦ୍ଦେଶ, ୨୪ ଘଣ୍ଟିଆ ହେଲ୍‌ପ ଡେସ୍କ ବାଧ୍ୟତାମୂଳକ

**ଭୁବନେଶ୍ୱର(ବ୍ୟୁରୋ):** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ତାଲିକାଭୁକ୍ତ ହସ୍ପିଟାଲମାନେ କାର୍ଡଧାରୀମାନଙ୍କ ସହାୟତା ପାଇଁ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ସ୍ଥାପନ କରିବା ବାଧ୍ୟତାମୂଳକ । ହସ୍ପିଟାଲ ଗୁଡ଼ିକ ପିଏମ୍-ରାହତରେ ମାଗଣା ଜରୁରୀକାଳୀନ ଚିକିତ୍ସା ଯୋଗାଇବେ । ଆୟୁଷ୍ମାନ ଡିଜିଟାଲ ମିଶନ ଅନୁପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି(ସାସ୍) ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି । ଘରୋଇ ହସ୍ପିଟାଲରେ ଏସବୁ ଯୋଜନାର ଅନୁପାଳନ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତର ବୃନ୍ଦା ସ୍ପଷ୍ଟ କରିଛନ୍ତି ଯେ ଆସନ୍ତା ୩୧ ସୁଦ୍ଧା ପଞ୍ଜିକୃତ ହସ୍ପିଟାଲଗୁଡ଼ିକ ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ପ୍ରଦାନ କରିବେ । ଆୟୁଷ୍ମାନ ଡିଜିଟାଲ ମିଶନ ଦ୍ୱାରା ନିର୍ଦ୍ଧାରିତ ହସ୍ପିଟାଲ ପରିଚାଳନା ସୂଚନା ବ୍ୟବସ୍ଥା, ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଣ୍ଟ ଆଧାରିତ ରୋଗୀଙ୍କ ମେଡିକାଲ ରେକର୍ଡ, ହସ୍ପିଟାଲରେ ସେବା ସୁବିଧା ରେଜିଷ୍ଟର୍ ଓ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର, ନର୍ସଙ୍କ ରେଜିଷ୍ଟର୍ ଆଦିକୁ ଏବିଡିଏମ୍ ସଫ୍ଟୱେୟାର ସହ ସଂଯୁକ୍ତ କରିବେ । ଅନ୍ୟଥା ଆୟୁଷ୍ମାନ ଯୋଜନାରେ ସମ୍ପୃକ୍ତ ହସ୍ପିଟାଲ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶି ବନ୍ଦ ହୋଇଯିବ ଏବଂ ଏପରି ଅବସ୍ଥା ଜାରି ରଖିଲେ ପରବର୍ତ୍ତୀ ସମୟରେ ହସ୍ପିଟାଲକୁ ତାଲିକା ବହିର୍ଭୂତ କରାଯାଇପାରେ । ପ୍ରଧାନମନ୍ତ୍ରୀ ରାହତ ଯୋଜନାକୁ ସଠିକ୍ ଭାବେ ପ୍ରତି ହସ୍ପିଟାଲ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ହସ୍ପିଟାଲ ସାମ୍ନାରେ ଏନେଇ ବିଜ୍ଞାପନ ବୋର୍ଡ ପ୍ରଦର୍ଶନ କରିବେ । ସଡ଼କ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଦୁର୍ଘଟଣାର ୨୪ ଘଣ୍ଟା ମଧ୍ୟରେ ନିଶୁଳ୍କ ଜରୁରୀକାଳୀନ ଚିକିତ୍ସା ୭ ଦିନ ପର୍ଯ୍ୟନ୍ତ ଯୋଗାଇବେ ।

# ସହରାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପାଳନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ବୈଜ୍ଞାନିକ ଓ ଉତ୍ତରଦାୟୀ କରିବା ଉପରେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ପୌରାଞ୍ଚଳ (ୟୁଏଲ୍‌ବି)ରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୨୬କୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ, ସ୍ୱଚ୍ଛ ଭାରତ ମିଶନ-ଅର୍ବାନର ସ୍ୱତନ୍ତ୍ର ସଚିବ ତଥା ମିଶନ ଡାଇରେକ୍ଟର, ଭୁବନେଶ୍ୱର ମହାନଗର ନିଗମର ସହକାରୀ କମିଶନର, ଏସପିସିବିର ବରିଷ୍ଠ ଅଧିକାରୀ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପରିମଳ ଟିମ୍‌ର ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଆବର୍ଜନାରୁ ବର୍ଜ୍ୟ ପୃଥକୀକରଣ, ବୈଜ୍ଞାନିକ ପ୍ରକ୍ରିୟାକରଣ, ବହୁଳ ବର୍ଜ୍ୟ ଉତ୍ପାଦନକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରିବାକୁ ଏବଂ ଅଣଆନୁଷ୍ଠାନିକ ବର୍ଜ୍ୟ ସଂଗ୍ରହକାରୀଙ୍କୁ ଆନୁଷ୍ଠାନିକ ବ୍ୟବସ୍ଥାରେ ସାମିଲ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଉତ୍ସରୁ ବାଧ୍ୟତାମୂଳକ ଚାରି-ସ୍ତରୀୟ ବର୍ଜ୍ୟ ପୃଥକୀକରଣ ଓ ପୃଥକ ସଂଗ୍ରହ ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ୭୩ଟି ୟୁଏଲବିରେ ସାନିଟାରୀ ଏବଂ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ବର୍ଜ୍ୟ ପାଇଁ ପୃଥକ ସଂଗ୍ରହ ବ୍ୟବସ୍ଥା ସଂଯୋଜିତ ହୋଇଥିବା ବେଳେ ଅବଶିଷ୍ଟ ୟୁଏଲବିଗୁଡ଼ିକୁ ମଧ୍ୟ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରି ପୃଥକୀକୃତ ବର୍ଜ୍ୟର ଉପଯୁକ୍ତ ସଂଗ୍ରହ ଓ ପରିଚାଳନା ସୁନିଶ୍ଚିତ କରିବାକୁ କୁହାଯାଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପୋର୍ଟାଲରେ ବହୁଳ ବର୍ଜ୍ୟ ଉତ୍ପାଦନକାରୀ (ବଲ୍କ ୱେଷ୍ଟ ଜେନେରେଟର)ମାନଙ୍କର ବ୍ୟବସ୍ଥିତ ଗଣନା, ବର୍ଗୀକରଣ ଓ ପଞ୍ଜୀକରଣ କରାଯିବ । ନିୟମ ଅନୁଯାୟୀ ସେମାନେ ନିଜ ସ୍ତରରେ ବର୍ଜ୍ୟ ପ୍ରକ୍ରିୟାକରଣ କରିବାକୁ ପଡ଼ିବ । ଯେଉଁମାନେ ନିଜ ସ୍ତରରେ ବର୍ଜ୍ୟ ପ୍ରକ୍ରିୟାକରଣ କରିବାରେ ଅସମର୍ଥ, ସେମାନଙ୍କୁ ସ୍ଥାନୀୟ ପ୍ରଶାସନକୁ ବର୍ଜ୍ୟ ହସ୍ତାନ୍ତର ପୂର୍ବରୁ ସମ୍ପୃକ୍ତ ୟୁଏଲବି ଠାରୁ 'ଏକ୍ସଟେଣ୍ଡେଡ୍ ବଲ୍କ ୱେଷ୍ଟ ଜେନେରେଟର୍ସ ରେସପନସିବିଲିଟି' ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ । ଏହି ବ୍ୟବସ୍ଥାର ବୈଷୟିକ ମାର୍ଗଦର୍ଶନ ପାଇଁ ୟୁଏଲବିଗୁଡ଼ିକ ସହ ଏକ ସମନ୍ୱୟ ବୈଠକ ଆୟୋଜନ କରିବାକୁ ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକଙ୍କୁ ଅନୁରୋଧ କରାଯାଇଛି । ନିୟମାବଳୀର ତଦାରଖ ଓ ପ୍ରବର୍ତ୍ତନକୁ ଅଧିକ ସୁଦୃଢ଼ କରିବା ପାଇଁ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁଯାୟୀ ଜିଲ୍ଲାପାଳମାନଙ୍କୁ ସକ୍ରିୟ ଭୂମିକା ନେବାକୁ କୁହାଯାଇଛି । ନିୟମ ଉଲ୍ଲଂଘନକାରୀ ବଲ୍କ ୱେଷ୍ଟ ଜେନେରେଟରମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ନିୟମିତ ତଦାରଖ ପାଇଁ ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର 'ସ୍ପେଶାଲ ସେଲ୍' ଗଠନ କରିବାକୁ ପରାମର୍ଶ ଦିଆଯାଇଛି । ଆବଶ୍ୟକତା ଅନୁଯାୟୀ ଭର୍ଚୁଆଲ ଯାଞ୍ଚ କରିବା ସହ ପାକ୍ଷିକ ଅନୁପାଳନ ରିପୋର୍ଟ ନିର୍ଦ୍ଧାରିତ ରାଜ୍ୟ ସଚିବମାନଙ୍କ ନିକଟରେ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ଭୁବନେଶ୍ୱରରେ ବର୍ଜ୍ୟ ପରିଚାଳନାକୁ ଅଧିକ ପ୍ରଭାବୀ କରିବା ଉପରେ ମଧ୍ୟ ବୈଠକରେ ସ୍ୱତନ୍ତ୍ର ଭାବେ ଆଲୋଚନା ହୋଇଥିଲା । ବିଏମସି ଅଧୀନସ୍ଥ ସମସ୍ତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମସିସି)ର କ୍ଷମତାର ସର୍ବାଧିକ ଉପଯୋଗ ସୁନିଶ୍ଚିତ କରିବା ପାଇଁ ବର୍ଜ୍ୟର ସମାନ ବଣ୍ଟନ ଉପରେ ଗୁରୁତ୍ୱ ଦିଆଯାଇଛି। ସହରର ବର୍ଜ୍ୟର ବୈଜ୍ଞାନିକ ପରିଚାଳନା ସହ ସୈନିକ ସ୍କୁଲ ଟିଟିଏସ୍‌ରେ ସଂଗୃହୀତ ବର୍ଜ୍ୟର ସମାଧାନ ପାଇଁ ଏକ ସ୍ପଷ୍ଟ ଓ ସମୟବଦ୍ଧ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ବିଏମସିକୁ ନିର୍ଦ୍ଦେଶ ଦିଆଯାଇଛି ।



# ଜାତୀୟ ପତାକାକୁ ଅବମାନନା; ବଜାରରେ ମିଳୁଛି ପ୍ଲାଷ୍ଟିକ୍ ତ୍ରିରଙ୍ଗା

**ଭୁବନେଶ୍ୱର(ବ୍ୟୁରୋ):** ବଜାରରେ ମିଳୁଛି ପ୍ଲାଷ୍ଟିକ୍ ଜାତୀୟ ପତାକା । ପ୍ଲାଷ୍ଟିକ୍ରେ ତିଆରି ଜାତୀୟ ପତାକା ତିଆରି, ବିକ୍ରି ଓ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯିବାକୁ ନିର୍ଦ୍ଦେଶନାମା ରହିଛି । ମାତ୍ର ବାସ୍ତବ ଚିତ୍ର ଏକଦମ୍ ଓଲଟା । ଏବେ ବଜାର ଖୋଲାଖୋଲି ଭାବେ ପ୍ଲାଷ୍ଟିକ ପତାକା ବିକ୍ରି ହେଉଛି । କଟକଣା ଏବଂ ଜରିମାନାକୁ କାହାରି ଖାତିର ନାହିଁ । ଭାରତୀୟ ଜାତୀୟ ପତାକା ପାଇଁ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଏବଂ କଡା ନିର୍ଦ୍ଦେଶାବଳୀ ମୁଖ୍ୟତଃ 'ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆ ୨୦୦୨' ଏବଂ 'ଜାତୀୟ ସମ୍ମାନ ଅବମାନନା ନିବାରଣ ଆଇନ, ୧୯୭୧' ଅନ୍ତର୍ଗତ କାର୍ଯ୍ୟକାରୀ ହୋଇଆସୁଛି । ନିୟମ ଅନୁଯାୟୀ ଜାତୀୟ ପତାକା କେବଳ ହାତବୁଣା ଖଦି, କଟନ, ସିଲ୍କ କପଡ଼ାରେ ତିଆରି ହେବାର ନିୟମ ରହିଛି । ଏଥିରେ କୌଣସି ପ୍ରକାର ପ୍ଲାଷ୍ଟିକ୍ ବ୍ୟବହାର ପାଇଁ ଅନୁମତି ନାହିଁ । ପ୍ଲାଷ୍ଟିକ୍ ପରିବେଶ ଅନୁକୂଳ ନୁହେଁ । ସ୍ୱାଧୀନତା ଦିବସ କିମ୍ବା ଗଣତନ୍ତ୍ର ଦିବସ ପରେ ପ୍ଲାଷ୍ଟିକ ପତାକା ରାସ୍ତାକଡ଼ରେ, ନାଳରେ, ଆବର୍ଜନା କୁଣ୍ଡରେ ଏଣେ ତେଣେ ପଡ଼ିଥିବା ଦେଖିବାକୁ ମିଳେ । ତ୍ରିରଙ୍ଗାକୁ ଏଣେତେଣେ ପକାଯିବା ଏବଂ ଏହାକୁ କେହି ପାଦରେ ମାଡ଼ିବା ଏବଂ ଏହା ଉପରେ ଗାଡ଼ି ଚଢ଼ାଇବା ଏକ ବଡ଼ଧରଣ ଅବମାନନା ଅଟେ । ତେଣୁ ପ୍ଲାଷ୍ଟିକ୍ ପତାକା ଉପରେ କଟକଣା କରାଯାଇଥିଲା । ପ୍ଲାଷ୍ଟିକ ପତାକା ଶସ୍ତାରେ ରାସ୍ତା କଡ଼ ଅସ୍ଥାୟୀ ଦୋକାନରେ ମିଳିଯାଉଛି । ଗ୍ରାହକମାନେ ବିନା ଦ୍ୱିଧାରେ ଏହାକୁ ଆଣୁଛନ୍ତି । ପ୍ରଶାସନିକ ସ୍ତରରେ ନିୟମିତ ଚଢ଼ଉ କିମ୍ବା କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏହା ବେଆଇନ କାରବାରକୁ ପ୍ରୋତ୍ସାହନ କରୁଛି । ବଜାରରେ ପ୍ଲାଷ୍ଟିକ ପତାକା ବିକ୍ରି ବୃଦ୍ଧି ପାଉଥିବାରୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ୨୦୧୮ରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତକୁ କଠୋର ଆଭିମୁଖ୍ୟ ଲାଗି ନିର୍ଦ୍ଦେଶ ଦେଇଥିଲା । ଯାହାକୁ କେହି ବି ମାନୁ ନାହାଁନ୍ତି । ଯେତେବେଳେ ଏହାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି, ତଥାପି ଉତ୍ପାଦନ ବନ୍ଦ ହେଉନାହିଁ । ଏହାର ମୂଳ ଉତ୍ସକୁ ଖୋଜି ଉତ୍ପାଦନକାରୀଙ୍କ ଉପରେ କାର୍ଯ୍ୟନୁଷ୍ଠାନ କରାଗଲେ ଏହା ବନ୍ଦ ହେବ । ଉଲ୍ଲଘଂନକାରୀଙ୍କ ବିରୋଧରେ ଫୌଜଦାରୀ ଆଇନ୍ ଅନୁଯାୟୀ ପଦକ୍ଷେପ ନିଆଗଲେ ଏହି କାରବାରରେ ବ୍ରେକ୍ ଲାଗିପାରିବ । ଖଦି ଦର ଅଧିକ ହେଉଥିବାରୁ ସବୁବର୍ଗର ଲୋକମାନେ ଏହାକୁ କିଣି ପାରୁ ନାହାଁନ୍ତି । ପତାକା ୧୧୬୬ ଟଙ୍କାରୁ ଆରମ୍ଭ କରି ୩୨୮୩ ଟଙ୍କା ରହୁଛି । ପ୍ରାୟତଃ ଖଦି ପତାକା କର୍ଣ୍ଣାଟକରୁ ଆସୁଛି ।







# ବିଭାଜନ ବିଭୀଷିକା ସ୍ମୃତିଦିବସ ପାଳନ ଅବସରରେ ତ୍ରିରଙ୍ଗା ଶୋଭାଯାତ୍ରା





**ଫୁଲବାଣୀ (ଅମୃତ ମିଡିଆ) :** ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ କ୍ରମେ ଦେଶ ବ୍ୟାପୀ ଚାଲିଥିବା 'ହର ଘର ତିରଙ୍ଗା-୨୦୨୬' ଅଭିଯାନ ଉପଲକ୍ଷେ ଆଜି ତା ୧୪/୮/୨୦୨୬ ରିଖ ଦିନ ଦୀର୍ଘ ୧୦୦ ମିଟର ତ୍ରିରଙ୍ଗା ପତାକା ଶୋଭାଯାତ୍ରା ଫୁଲବାଣୀ କରେନେଶନ ପଡ଼ିଆ ଠାରୁ ବହୁ ପଦାଧିକାରୀ ଙ୍କ ଉପସ୍ଥିତ ରେ ଆରମ୍ଭ ହୋଇଥିଲା । ଆଜିର ବିଭାଜନ ବିଭୀଷିକା ସ୍ମୃତି ଦିବସରେ ଭାରତ ବିଭାଜନ ସମୟରେ ଯନ୍ତ୍ରଣା,ବଳିଦାନ ଓ ବିସ୍ଥାପନ ର ସ୍ମୃତିଚାରଣ ବିଧାୟକ ଉମା ଚରଣ ମଲ୍ଲିକ,ଜିଲ୍ଲାପାଳ ବେଦ ଭୂଷଣ,ଯୋଜନା ବୋର୍ଡ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ, କନ୍ଧମାଳ ଏସ୍ ପି ରାମେନ୍ଦ୍ର ପ୍ରସାଦ ସହିଦ ମାନଙ୍କ ସମ୍ପର୍କରେ ସ୍ମୃତି ଚରଣ କରିଥିଲେ । ତତ୍ ସହ ତ୍ରିରଙ୍ଗା ପତାକା ଶୋଭାଯାତ୍ରା ରେ ଯୋଗ ଦେଇଥିବା ଛାତ୍ର ଛାତ୍ରୀ ଙ୍କୁ ସାଇବର ଠକେଇ ଠାରୁ ଦୂରେଇ ରୁହନ୍ତୁ । ଏବଂ ନିଶା କାରବାର ଠାରୁ ଦୂରେଇ ରୁହନ୍ତୁ । ନାବାଳିକା ଦୁଷ୍କର୍ମ ଘଟଣା , ପୋକ୍ସ ଘଟଣା ପ୍ରତ୍ୟେକ ଦିନ ଘଟି ଚାଲିଛି । ଏହି ଘଟଣା ଠାରୁ ନିଜକୁ ସତର୍କ ରହିବାକୁ ବାର୍ତ୍ତା ଦେଇ ସଚେତନତା କରାଇଥିଲେ । ସେହି ସମୟରେ ପ୍ରାଣ ହରାଇଥିବା ସହିଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଜିଲ୍ଲା ସ୍ତରୀୟ ଭବ୍ୟ ବିଶାଳ ତିରଙ୍ଗା ଶୋଭାଯାତ୍ରା କୁ ବ୍ୟାପକ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା । ଏହା କାର୍ଯ୍ୟକ୍ରମ ରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ,କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ,ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜନାର୍ଦ୍ଦନ ଦଳେଇ,କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ,ପ୍ରବେଶନାରି ଆଇ ଏ ଏସ୍ ୟାସ୍ କରିଣ ସିଂ, ଉପ ଜିଲ୍ଲାପାଳ ଭିକାରୀ ଚରଣ ସାହୁ,ଜିଲ୍ଲା ପରିଷଦ ଅଧିକାରୀ ଡୁଡା ପ୍ରବୀଣ କୁମାର ବଣୁଆ,ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ,ଜିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ନାୟକ ଯୋଜନା ବୋର୍ଡ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ,ଯୋଗ ଦେଇଥିଲେ । ଦୀର୍ଘ ୧୦୦ ମିଟର ଲମ୍ଵ ଜାତୀୟ ତ୍ରିରଙ୍ଗା ପତାକା ଶୋଭାଯାତ୍ରା ଫୁଲବାଣୀର କୋରୋନେସନ ପଡ଼ିଆରୁ ବାହାରି ଫୁଲବାଣୀ ସହର ପରିକ୍ରମା କରି ସ୍ଥାନୀୟ ମାଦିକୁନ୍ଦା ରିଜର୍ଭ ପୋଲିସ ପଡ଼ିଆ ଠାରେ ଶେଷ ହୋଇଥିଲା । ଏହି ତ୍ରିରଙ୍ଗା ପତାକା ଶୋଭାଯାତ୍ରା ପ୍ରାରମ୍ଭରେ ଦେଶଭକ୍ତି ଓ ଜାତୀୟ ଏକତାର ଭାବନା ଜାଗ୍ରତ କରିବା ପାଇଁ ସମବେତ କଣ୍ଠରେ ସମସ୍ତ ପଦାଧିକାରୀ , ବୁଦ୍ଧିଜିବୀ ଛାତ୍ରଛାତ୍ରୀ ବନ୍ଦେ ମାତରମ୍' ଗାନ କରିଥିଲେ । ଏହି ତ୍ରିରଙ୍ଗା ପତାକା ଶୋଭାଯାତ୍ରା କୁ ବିଧାୟକ ଉମା ଚରଣ ମଲ୍ଲିକ,ଓ ଜିଲ୍ଲାପାଳ ବେଦ ଭୂଷଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ତ୍ରିରଙ୍ଗା ପତାକା ଶୋଭାଯାତ୍ରା ରେ ପୋଲିସ କର୍ମଚାରୀ ,ବିଦ୍ୟାଳୟ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ,ସାଧାରଣ ନାଗରିକ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସହସ୍ରାଧିକ ଭାବେ ସାମିଲ ହୋଇ ଫୁଲବାଣୀ ସହର ପରିକ୍ରମା କରି ପୋଲିସ ରିଜର୍ଭ ପଡ଼ିଆ ପହଞ୍ଚି ଥିଲେ ।

# ବୈତରଣୀ ନଦୀରେ ବିପଦ ସଙ୍କେତ ଟପିଲା, ସ୍ଥିତି ପରଖିଲେ ଜିଲ୍ଲାପାଳ



**ଯାଜପୁର (ଅମୃତ ମିଡିଆ) :** ବୈତରଣୀ ନଦୀର ଉପରମୁଣ୍ଡରେ ସୃଷ୍ଟ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲାରେ ପୁନର୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ସକାଳ ୮ଟା ସୁଦ୍ଧା ଜଳସ୍ତର ୧୯.୩୭ ମିଟରରେ ପ୍ରବାହିତ ହେଉଛି । ଫଳରେ ଜିଲ୍ଲାର ଯାଜପୁର, କୋରେଇ ଓ ଦଶରଥପୁର ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି । ଏହି ବନ୍ୟାରେ ୩ଟି ବ୍ଲକର ୧୦ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୨୧ଟି ଗ୍ରାମ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି । ବନ୍ୟା ଜଳ ମାଡ଼ିଯିବା ଫଳରେ ମୋଟ ୩୧,୮୭୧ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଏହାସହ ବନ୍ୟା ଜଳ ଯୋଗୁଁ ୫ଟି ମୁଖ୍ୟ ସଡ଼କ ପଥରେ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ବନ୍ୟାଜଳ ଗ୍ରାମ ମଧ୍ୟକୁ ପ୍ରବେଶ କରୁଛି । ଜନସାଧାରଣଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଦଶରଥପୁର ବ୍ଲକରେ ଓଡ୍ରାଫ ୧ଟି ୟୁନିଟ୍ ନିୟୋଜିତ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୯,୧୮୯ ଜଣ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ୧୯ଟି ଆଶ୍ରୟସ୍ଥଳୀ ଓ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଚାଲୁ କରାଯାଇଛି । ବନ୍ୟା ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି । ସେ ନିଜେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିବା ସହ ପ୍ରଭାବିତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କାଲିଠାରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ।

# ଷଣ୍ଢ ଆକ୍ରମଣରେ ବରିଷ୍ଠ ନାଗରୀକଙ୍କ ମୃତ୍ୟୁ

**ବାଲିଅନ୍ତା (ଅମୃତ ମିଡିଆ) :** ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ପ୍ରାତଃଭ୍ରମଣ କରିବା ସମୟରେ ଏକ ଷଣ୍ଢ ଆକ୍ରମଣରେ ଜଣେ ବରିଷ୍ଠ ନାଗରୀକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଧଉଳି ଥାନା ଇନ୍ଦିରାକଲୋନୀର ବିପିନ ବିହାରୀ ମହାପାତ୍ର । ସେ ବିଏସଏନଏଲରେ ଚାକିରୀ କରିଥିଲେ । ଗତ କିଛି ବର୍ଷ ତଳେ ସେ ଅବସର ନେଇଥିଲେ । ଖବରନେବାରେ ଜଣାପଡିଛି ସବୁଦିନ ଭଳି ଆଜି ସ୍ୱର୍ଗତଃ ମହାପାତ୍ର ତାଙ୍କର ଅନ୍ୟ ବରିଷ୍ଠ ନାଗରୀକ ବନ୍ଧୁ ମାନଙ୍କ ସହିତ ଜାତୀୟ ରାଜପଥରେ ପ୍ରାତଃ ଭ୍ରମଣରେ ଯାଉଥିଲେ । ସକାଳ ପ୍ରାୟ ୭ ଟାରେ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ଏକ ଷଣ୍ଢ ଗଳିରୁ ବାହାରି ହଠାତ ତା ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଆହତ ଅବସ୍ଥାରେ ଅନ୍ୟ ସହକର୍ମୀ ମାନେ ତାଙ୍କୁ ଚିକିତ୍ସା ନିମନ୍ତେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବରପାଇ ଧଉଳି ଥାନା ପୁଲିସ ଚିକିତ୍ସାଳୟରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ମୃତ୍ୟୁରେ ବରିଷ୍ଠ ନାଗରୀକ ମଞ୍ଚ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପ୍ରକାଶଥାଉକି ନୂଆଗାଁ, ଇନ୍ଦିରାକଲୋନୀ, ବିଜୟବିହାର, ମୃତ୍ୟୁଞ୍ଜୟ ବିହାର ଆଦି କଲୋନୀରେ ଦିନକୁ ଦିନ ଷଣ୍ଢ, ଗାଇଗୋରୁ ଏବଂ କୁକୁର ମାନଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । ଚଳିତ ମାସ ୯ ତାରିଖରେ ନୂଆଗାଁ ଅଞ୍ଚଳରେ ପାଗଳ କୁକୁରଙ୍କ ଆକ୍ରମଣରେ ନାବାଳକ ସମେତ ୧୨ ଜଣ ଆହତ ହୋଇଥିଲେ । ଗତ ଦୁଇବର୍ଷ ତଳେ ବିଜୟ ବିହାରରେ ମଧ୍ୟ ଅନୁରୂପ ଭାବେ ଷଣ୍ଢ ଆକ୍ରମଣରେ ଜଣେ ପ୍ରାଣ ହରାଇଥିଲେ । ଏହାକୁ ନେଇ ନିଳକଣ୍ଠେଶ୍ୱର ବରିଷ୍ଠ ନାଗରୀକ ମଞ୍ଚ ପକ୍ଷରୁ ବହୁବାର ବିଏମସି ,ଲୋକ ପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ଫଳରେ ପ୍ରତିବର୍ଷ ଏହି ପଶୁଙ୍କ ଆକ୍ରମଣରେ ଅଧିକାଂଶ ଲୋକେ ମୃତାହତ ହେଉଛନ୍ତି । ବିଏମସି କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ କରି ବୁଲା ଷଣ୍ଢ, ଗାଈ ଓ କୁକୁର ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହେଉଛି । ଆଗାମୀ ଏହି ସମସ୍ୟା ସମାଧାନ ନ ହେଲେ ଜନଅସନ୍ତୋଷ ଦେଖାଯିବ ବୋଲି କହିଛନ୍ତି ନାଗରୀକ ମଞ୍ଚର ସମ୍ପାଦକ ରମା ଶଙ୍କର ପଟ୍ଟନାୟକ ।

# ମଦ ବିରୋଧରେ ଓଡ଼ିଶା ଛାତ୍ର ସଂଗଠନ ପକ୍ଷରୁ ଏସ୍‌ଜି କଲେଜ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

## ମଦକୁ ବିରୋଧ, ଶିକ୍ଷାକୁ ହଁ"ର ଦୃଢ଼ ବାର୍ତ୍ତା




**ଦଶରଥପୁର (ଅମୃତ ମିଡିଆ) :** ଦଶରଥପୁର ବ୍ଲକ ଅଧିନସ୍ଥ କନିକାପଡ଼ା ସ୍ଥିତ ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ବିଶାଳ ମଦ ବନ୍ଦ ଏକ ଆନ୍ଦୋଳନ ହୋଇଛି କ୍ଷ ଏହି କାର୍ଯ୍ୟ କ୍ରମକୁ ଓଡ଼ିଶା ଛାତ୍ର ସଂଗଠନ ଓ ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ମଦ ବିରୋଧୀ ସଚେତନତା କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରୁ ବାହାରି ମୁଖ୍ୟ ଗେଟ୍ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ସାମିଲ ହୋଇ ମଦ ଓ ମାଦକ ଦ୍ରବ୍ୟ ବିରୋଧରେ ସଚେତନତାର ବାର୍ତ୍ତା ଦେଇଥିଲେ । ଛାତ୍ରଛାତ୍ରୀମାନେ ନିଶା ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ "ମଦକୁ ବିରୋଧ, ଶିକ୍ଷାକୁ ହଁ" ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମଟି ଓଡ଼ିଶା ଛାତ୍ର ସଂଗଠନର ରାଜ୍ୟ ସଭାପତି ଅଭିଷେକ ଦାଶ ଏବଂ ଏସ୍ ?ଜି କଲେଜର ଅଧକ୍ଷ ଜିତେନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ସଭାପତି ସରୋଜ ମଲ୍ଲିକ, ଦଶରଥପୁର ବ୍ଲକ ସଭାପତି ଶିବକାନ୍ତ ମଲ୍ଲିକଙ୍କ ସମେତ ଚନ୍ଦନ ମଲ୍ଲିକ, ସତ୍ୟଜିତ୍ ସେଠୀ, ଜିତେନ୍ଦ୍ର ସାହୁ, ସୌରଭ ମଲ୍ଲିକ, ପବିତ୍ର ମଲ୍ଲିକ, ଦେବାଶିଷ ଦାସ, ଯଜ୍ଞସେନୀ କୁଣ୍ଡୁ ଓ ପ୍ରଣିତା ଦାସ ପ୍ରମୁଖ ଉପସ୍ଥିତ ରହି ମାର୍ଚ୍ଚରେ ସାମିଲ ହୋଇଥିଲେ । ଏହି ଅବସରରେ ଛାତ୍ରନେତାମାନେ କହିଥିଲେ ଯେ, ଶିକ୍ଷାନୁଷ୍ଠାନ ହେଉଛି ଜ୍ଞାନ ଓ ଚରିତ୍ର ଗଠନର ସ୍ଥାନ । ତେଣୁ ଶିକ୍ଷାନୁଷ୍ଠାନର ଆଖପାଖରେ ମଦ ଓ ମାଦକ ଦ୍ରବ୍ୟର ପ୍ରଭାବ ରହିବା ଉଚିତ ନୁହେଁ । ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖି ଶିକ୍ଷା, ଦକ୍ଷତା ଓ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେବା ହିଁ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।ମଦକୁ ବିରୋଧ – ଶିକ୍ଷାକୁ ହଁ" ନାରାରେ ମୁଖରିତ ଏହି ମାର୍ଚ୍ଚ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ସହ ଏକ ସୁସ୍ଥ, ଶୃଙ୍ଖଳିତ ଓ ନିଶାମୁକ୍ତ ଶିକ୍ଷା ପରିବେଶ ପାଇଁ ଦୃଢ଼ ବାର୍ତ୍ତା ପ୍ରଦାନ କରିବା ସହ ସରାକରଙ୍କ ନିକଟରେ ଛାତ୍ର ଛାତ୍ରୀ ମାନେ ନିବେଦନ କରିଥିଲେ ।

# ବୋଲବମ୍ ଭକ୍ତଙ୍କ ଭିଡ଼ରେ ଉତ୍ସବମୁଖର ପୂର୍ଣ୍ୟତୋୟା ବୈତରଣୀ ତୀର୍ଥଘାଟ



**ବାରିପଦା (ଅମୃତ ମିଡିଆ) :** ଶ୍ରାବଣ ମାସର ପବିତ୍ର ସୋମବାର ଅବସରରେ କେନ୍ଦୁଝର ଜିଲ୍ଲା ପାଟଣା ନିକଟରେ ଥିବା ପବିତ୍ର ପୂର୍ଣ୍ଣତୋୟା ବୈତରଣୀ ତୀର୍ଥ ଘାଟରେ ଭକ୍ତଙ୍କ ଅପାର ସମାଗମ ପରିଲକ୍ଷିତ ହୋଇଥିଲା । ଭୋରରୁ ହିଁ ହଜାର ହଜାର ବୋଲବମ୍ ଭକ୍ତ ଓ ଶ୍ରଦ୍ଧାଳୁ ଘାଟରେ ପହଞ୍ଚି ପବିତ୍ର ବୈତରଣୀ ନଦୀରେ ପୁଣ୍ୟସ୍ନାନ କରିଥିଲେ । ଏହାପରେ ସେମାନେ କଳସୀରେ ପବିତ୍ର ଜଳ ସଂଗ୍ରହ କରି ନିକଟସ୍ଥ ଶିବ ମନ୍ଦିରକୁ ଯାଇ ଭଗବାନ ଭୋଳାନାଥଙ୍କ ଉପରେ ଜଳାଭିଷେକ କରି ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରିଥିଲେ । ସକାଳୁ ତୀର୍ଥଘାଟ ଓ ମନ୍ଦିର ପରିସରରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗି ରହିଥିବା ବେଳେ "ହର ହର ମହାଦେବ", "ବୋଲ ବମ୍" ଏବଂ "ଓଁ ନମଃ ଶିବାୟ" ଧ୍ୱନିରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ପରିଣତ ହୋଇଥିଲା । କାଉଡ଼ିଆ ଭକ୍ତମାନଙ୍କ ଶୃଙ୍ଖଳିତ ପଦଯାତ୍ରା ଓ ଭକ୍ତିରସ ପୂର୍ଣ୍ଣ ଜୟଘୋଷ ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା । ଭକ୍ତଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଓ ସ୍ୱେଚ୍ଛା ସେବକଙ୍କ ନିୟୋଜନ କରାଯାଇଥିଲା । ଫଳରେ ଭକ୍ତମାନେ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପୂଜାର୍ଚ୍ଚନା ସମ୍ପନ୍ନ କରି ପାରିଥିଲେ । ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ ପୂର୍ଣ୍ଣତୋୟା ବୈତରଣୀ ତୀର୍ଥ ଘାଟରେ ଏଭଳି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ଧାର୍ମିକ ଆସ୍ଥା, ପରମ୍ପରା ଓ ଭକ୍ତି ଭାବର ଏକ ଅନନ୍ୟ କେନ୍ଦ୍ର ଭାବେ ଏହି ତୀର୍ଥସ୍ଥଳୀ ସମଗ୍ର ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ବହନ କରୁଛି ।

# ଷ୍ଟୋରରୁମ୍ ତାଲାଭାଙ୍ଗି ଚୋରି ଘଟଣାରେ ଆଉ ଜଣେ ଗିରଫ




**ବାଲିଅନ୍ତା (ଅମୃତ ମିଡିଆ) :** ସ୍ୱଶକ୍ତି ରେଫ୍ରିଜେରେସନ୍ ରେ ହୋଇଥିବା ଚୋରି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଗିରଫ । ପ୍ରକାଶ ଥାଉକି ଅଭିଯୋଗକାରୀ ଶ୍ରୀ ରଶ୍ମି ରଞ୍ଜନ ଜେନାଙ୍କ ଲିଖିତ ଏତଲା ଆଧାରରେ ଧଉଳି ଥାନାରେ ଚୋରି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା ।ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୨/୦୩.୦୮.୨୦୨୬ ତାରିଖ ମଧ୍ୟରାତ୍ରିରେ ଅଭିଯୋଗକାରୀଙ୍କ ଅଫିସର ଷ୍ଟୋରରୁମ୍ ତାଲା ଭାଙ୍ଗି ଏସି ମରାମତି ପାଇଁ ଉଦ୍ଦିଷ୍ଟ ଥିବା ଦୁଇ କଏଲ୍ ତମ୍ବା ପାଇପ୍ ଏବଂ ଗୋଟିଏ ବାକ୍ସ ଏଲବୋ ସକେଟ୍ ଚୋରି ହୋଇଯାଇଥିଲା, ଯାହାର ଆନୁମାନିକ ମୂଲ୍ୟ ୮୦,୦୦୦/-ଟଙ୍କା । ଏଥିସହ ଅଫିସ୍ ପରିସରରେ ରଖାଯାଇଥିବା ଅଭିଯୋଗକାରୀଙ୍କ ହିରୋ ପ୍ୟାସନ୍ ମୋଟରସାଇକେଲ୍ ମଧ୍ୟ ସେଠାରୁ ଚୋରୀ ହୋଇଯାଇଥିଲା । ସିସିଟିଭି ଫୁଟେଜ୍ ଯାଞ୍ଚରୁ ଜଣାପଡିଥିଲା ଯେ, ସେଠାରେ ରହି କାମ କରୁଥିବା ଦୁଇ ଜଣ କର୍ମଚାରୀ ପପୁ ଏବଂ ଆଦି ରାତି ଅଧରେ ଚୋରି ସାମଗ୍ରୀଗୁଡ଼ିକୁ ଏକ ବ୍ୟାଗରେ ପୂରାଇ ଉକ୍ତ ମୋଟରସାଇକେଲ ଧରି ଫେରାର ହୋଇଯାଇଥିଲେ ।ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଆଦିତ୍ୟ ନାରାୟଣ ପତି ଓରଫ ଆଦିକୁ କାବୁ କରି ଗତ ୦୬.୦୮.୨୦୨୬ ରେ କୋର୍ଟ ଚାଲାଣ କରିଥିବା ବେଳେ, ତା' ନିକଟରୁ ଚୋରି ହୋଇଥିବା ହିରୋ ପ୍ୟାସନ୍ ମୋଟରସାଇକେଲ୍ ଜବତ କରିଥିଲେ । ଏହି ମାମଲାର ଅଧିକ ତଦନ୍ତ କାଳରେ ଅନ୍ୟ ଜଣେ ଅଭିଯୁକ୍ତ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବାଲିଆପଡ଼ା ଗ୍ରାମ ଖଣ୍ଡା ସାହିର ପପୁ(୨୦) ଓରଫ କିରଣ କୁମାର ବେହେରାଙ୍କୁ ପୁଲିସ ଆଜି ଗିରଫ କରିବାରେ ସକ୍ଷମ ହୋଇଥିଲେ ।

# ଶାଳଗାଁ ସରପଞ୍ଚଙ୍କ ଆବେଦନ କୋର୍ଟରେ ଖାରଜ



**ଟାଙ୍ଗୀ -ଚୌଦ୍ୱାର (ଅମୃତ ମିଡ଼ିଆ) :** ମୌଜା-ବାମ୍ଭୁରୀର ରକ୍ଷିତ ଖାତା ନମ୍ବର ୫୫୧ ଅନ୍ତର୍ଗତ ପ୍ଲଟ୍ ନମ୍ବର ୧୨୭୨ରେ ଥିବା ସରକାରୀ ଗୋଚର ଜମିରେ ରାସ୍ତା ନିର୍ମାଣକୁ ନେଇ ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ପିଟିସନ୍ ?କୁ କୋର୍ଟ ଖାରଜ କରିଛନ୍ତି । ୨୦୨୬ ମସିହାର ଫୌଜଦାରୀ ବିବିଧ ମାମଲା ନମ୍ବର ୫୯ରେ କଟକ ଉପଜିଲ୍ଲାପାଳ-କମ୍-ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶକୁ ରଦ୍ଦ କରିବା ପାଇଁ ଏହି ରିଟ୍ ? ପିଟିସନ୍ ଦାୟର ହୋଇଥିଲା । ବିବାଦୀୟ ଜମିରେ ଆଉ କୌଣସି ନିର୍ମାଣ କାର୍ଯ୍ୟ ନକରିବାକୁ ବିପକ୍ଷ ପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଆବେଦନକାରୀ ଅନୁରୋଧ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଥିଲା ଯେ ଜମିଟି ସରକାରୀ ଗୋଚର ଭାବେ ରେକର୍ଡଭୁକ୍ତ ଥିବା ସତ୍ତ୍ୱେ ଏକ ଉନ୍ନୟନ ଯୋଜନା ଅଧୀନରେ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । କିସମ ପରିବର୍ତ୍ତନ ନକରି ଏଭଳି ନିର୍ମାଣକୁ ଅନୁମତି ଦିଆଯିବା ଉଚିତ୍ ନଥିଲା ବୋଲି ସେ ଯୁକ୍ତି ଦେଇଥିଲେ ।ତେବେ କୋର୍ଟ ମତ ଦେଇଛନ୍ତି ଯେ ଗ୍ରାମଟି ଗତ ୫୦ ବର୍ଷ ଧରି ପକ୍କା ରାସ୍ତାରୁ ବଞ୍ଚିତ ଥିବାରୁ ଗ୍ରାମକୁ ରାସ୍ତା ଯୋଗାଇବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ବେଆଇନ କୁହାଯାଇପାରିବ ନାହିଁ ।ରାସ୍ତା ନିର୍ମାଣ ସାଧାରଣ ଉଦ୍ଦେଶ୍ୟରେ ହେଉଥିବା ସହ ଆବେଦନକାରୀ ମଧ୍ୟ ଏହି ରାସ୍ତାର ବ୍ୟବହାରକାରୀ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି । ତେଣୁ ସହ-ଗ୍ରାମବାସୀଙ୍କ ଲାଭ ପାଇଁ ହେଉଥିବା ଏପରି ବିକାଶମୂଳକ କାର୍ଯ୍ୟ ବିରୋଧରେ ରିଟ୍ ? ପିଟିସନ୍ ? ଦାୟର କରି କୋର୍ଟଙ୍କ ସମୟ ଅଯଥା ନଷ୍ଟ କରାଯିବା ଉଚିତ୍ ନୁହେଁ ବୋଲି କୋର୍ଟ କହିଛନ୍ତି । ଏହାପରେ ରିଟ୍ ପିଟିସନ୍‌କୁ ଖାରଜ କରାଯାଇଛି । ଏଥିସହ କେବଳ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ପ୍ରଚାର ପାଇଁ ଏଭଳି ଉଦ୍ଦେଶ୍ୟପ୍ରଣୋଦିତ ଆବେଦନ ଦାୟର ନକରିବାକୁ ଆବେଦନକାରୀମାନଙ୍କୁ କୋର୍ଟ ସତର୍କ କରାଇଛନ୍ତି । ଏ ନେଇ ଶାଳଗାଁ ସରପଞ୍ଚଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଅଣକା ପଂଚାୟତସ୍ଥିତ ମହାଦେଇପୁର ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷକ ବିଧୁଭୂଷଣ ମହାପାତ୍ରଙ୍କ ଅବସରକାଳିନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାହଳ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ମହାଦେଇପୁର ଉପ୍ରା ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ବାନାମ୍ବର ଲେଙ୍କା ଅନ୍ୟତମ ଅତିଥି ଭାବେ ସି.ଆର.ସି.ସି ରାଜେନ୍ଦ୍ର କୁମାର ସାହୁ ଖଡ଼ିଅଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଖିଲାର, ଦିବ୍ୟଜ୍ୟୋତି ଉପ୍ରା ବିଦ୍ୟାଳୟ, ବିରିଜଙ୍ଗା ର ପ୍ରଧାନ ଶିକ୍ଷକ ନନ୍ଦ କିଶୋର ପରିଡ଼ା, ଶିକ୍ଷକ ଗୟାଧର ସାହୁ, ସତ୍ୟାନନ୍ଦ ମହାପାତ୍ର, ଶ୍ରୀପତି ମହାନ୍ତି ପ୍ରମୁଖ ଯୋଗଦେଇ ବିଧୁଭୂଷଣ ସାରଙ୍କ ଦୀର୍ଘ ୩୪ ବର୍ଷର କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କୃଷ୍ଣପୁରଶାସନ କ୍ଲଷ୍ଟର ର ଶିକ୍ଷକ/ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠିର ସଭ୍ୟା ମାନେ, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଆଂଚଳିକ ବ୍ୟକ୍ତି ବିଶେଷ ମାନେ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ମାନପତ୍ର, ଉ ରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନ ସହକାରେ ତାଙ୍କ ଘରକୁ ନେଇଥିଲେ । ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ବିଦାୟୀ ଶିକ୍ଷକଙ୍କ ମଧ୍ୟରେ ଏକ ଭାବବିହ୍ୱଳ ପରିସ୍ଥିତି ଦେଖାଯାଇଥିଲା । ସହାକାରୀ ଶିକ୍ଷକ ରଞ୍ଜିତ କୁମାର ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ସିଦ୍ଧମହାବୀର ପର୍ଯ୍ୟନ୍ତ ସାଂସଦ ସମ୍ବିତ ପାତ୍ର ତ୍ରିରଙ୍ଗା ଶୋଭାଯାତ୍ରା କରୁଛନ୍ତି






## ବଚପନ ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଉପଲକ୍ଷେ ସଜ୍ଜିତ ହେଉଛନ୍ତି କୁନି କୁନି ପିଲା













# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.117, Saturday, 15 August 2026, Puri, Pages - 25, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୭, ଶନିବାର, ୧୫ ଅଗଷ୍ଟ ୨୦୨୬, ପୁରୀ, ୨୫ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



